

ଚାଉଳ ଉତ୍ପାଦନ ଲକ୍ଷ୍ୟ ବୃଦ୍ଧି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



୪୩ ବର୍ଷରେ ପାଦ ଥାପିଲେ ପ୍ରିୟଙ୍କା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦୯ Vol. 22 No-109 19 JULY 2025 SATURDAY, BHUBANESWAR ଶନିବାର, ୧୯ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୯ କୋଟିର ଗଞ୍ଜେଇ ଜବତ

ସୋନପୁର, ୧୮।୭ (ଭାସ୍କର ନ୍ୟୁଜ୍): ସୁବର୍ଣ୍ଣପୁର ଜିଲ୍ଲା ତରଭା ପୋଲିସକୁ ବଡ଼ ସଫଳତା। ଗଞ୍ଜେଇ ଭର୍ତ୍ତି ଗାଡିକୁ ଜବତ କଲା ପୋଲିସ୍। ରାଣୀସର୍ଡା ଛକ ନିକଟରେ ଏକ ଗଞ୍ଜେଇ ଭର୍ତ୍ତି ଗାଡି ଜବତ ହୋଇଛି। ଜବତ ହୋଇଥିବା ଗଞ୍ଜେଇର ମୂଲ୍ୟ ୯ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

### ୪୦ ସ୍କୁଲକୁ ବୋମା ଧମକ

ବେଙ୍ଗାଲୁରୁ, ୧୮।୭: ରାଜଧାନୀ ଦିଲ୍ଲୀ ପରେ ଏବେ ବେଙ୍ଗାଲୁରୁର ୪୦ ସ୍କୁଲକୁ ବୋମା ଧମକ ମିଳିଛି। ଖବର ମିଳିବା ପରେ ବେଙ୍ଗାଲୁରୁ ପ୍ରଶାସନ ସତର୍କ ହେବା ସହ ଘଟଣାର ଘମାଘୋଟ ତଦନ୍ତ ଆରମ୍ଭ କରିଛି। ବେଙ୍ଗାଲୁରୁ ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବେଙ୍ଗାଲୁରୁ ସହରର ୪୦ଟି ଘରୋଇ ସ୍କୁଲକୁ ଇ-ମେଲ ଯୋଗେ ଧମକ ମିଳିବା ପରେ ସମସ୍ତ ସ୍କୁଲରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜା ରାଜେଶ୍ୱରୀନଗର ଏବଂ କେଙ୍ଗେରୀ ସମେତ ବିଭିନ୍ନ ଅଞ୍ଚଳର ସ୍କୁଲଗୁଡ଼ିକୁ କେହି ଅଜ୍ଞାତ ବ୍ୟକ୍ତି ଇ-ମେଲ ଯୋଗେ ଏହି ବାର୍ତ୍ତା ଦେଇଥିଲେ। ସୂଚନା ମିଳିବା ପରେ ବେଙ୍ଗାଲୁରୁ ସହର ପୋଲିସ ପ୍ରତିଷ୍ଠାନଗୁଡ଼ିକରେ ଅନେକ ଟିମ୍‌ଙ୍କୁ ନିୟୋଜିତ କରାଯାଇଥିଲା। ଛାତ୍ର ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍କୁଲ ପରିସରରେ ବ୍ୟାପକ ଯାଞ୍ଚ ସହ ବୋମା ନିଷ୍କ୍ରିୟକାରୀ ● ପୃଷ୍ଠା ୫ ଦେଖନ୍ତୁ

## ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସାଂଘାତିକ

# ବଢୁଛି ଦୁର୍ଦ୍ଦଶା





- ଫୁଲୁଛି ବ୍ରାହ୍ମଣୀ, ଖରସ୍ରୋତା
- ସୁବର୍ଣ୍ଣରେଖା ବନ୍ୟାଜଳ ସ୍ଥିର
- ୧୦୦ରୁ ଊର୍ଦ୍ଧ୍ୱ ଗାଁ ଜଳବନ୍ଦୀ
- ରାସ୍ତା ଉପରେ ୭ ଫୁଟର ପାଣି
- ସଞ୍ଜହେଲେ ଲାଗୁଛି କୁମ୍ଭୀର ଭୟ
- ଖରିଫ ଚାଷ, ପନିପରିବା ନଷ୍ଟ

ବାଲେଶ୍ୱର/କେନ୍ଦ୍ରାପଡ଼ା/ଯାଜପୁର, ୧୮।୭ (ଭାସ୍କର ନ୍ୟୁଜ): ମାତ୍ର ଅଳ୍ପ କିଛିଦିନ ବ୍ୟବଧାନରେ ପୁଣିଥରେ ସୁବର୍ଣ୍ଣରେଖାରେ ବନ୍ୟା ଆସିଛି। ଫଳରେ ଉତ୍ତର ବାଲେଶ୍ୱରର ୨୦ ପଞ୍ଚାୟତର ୮୦ରୁ ଊର୍ଦ୍ଧ୍ୱ ଗାଁ ଜଳମଗ୍ନ ହୋଇପଡ଼ିଛି। ସୁବର୍ଣ୍ଣରେଖାର ନିମ୍ନ ଅବବାହିକାରେ ଥିବା ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଏବଂ ବସ୍ତା ବ୍ଲକର ବିଭିନ୍ନ ଅଞ୍ଚଳ ବନ୍ୟାଦ୍ୱାରା ବାରମ୍ବାର ପ୍ରଭାବିତ ହେଉଥିବାରୁ ଲୋକଙ୍କ ଅବସ୍ଥା ଦୟନୀୟ ହୋଇପଡ଼ିଛି। ଗୁରୁବାର ମଧ୍ୟରାତ୍ରିରେ ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ୧୦.୩୨ ମିଟର ରହିଥିଲା। ତେବେ ଶୁକ୍ରବାର ଭୋର ସମୟରେ ଏହା ସାମାନ୍ୟ ହ୍ରାସ ପାଇ ୧୦.୩୦ ମିଟରରେ ପହଞ୍ଚିଥିଲା। ଶୁକ୍ରବାର ଅପରାହ୍ନ ୪ଟା ସୁଦ୍ଧା ରାଜଘାଟରେ ପ୍ରତି ସେକେଣ୍ଡକୁ ୩୫୪୮.୪୬ କ୍ୟୁସେକ ପାଣି ନିଷ୍କାସିତ ହେଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଜୁନ୍ ୨୦ ତାରିଖରୁ ବର୍ତ୍ତମାନ ପର୍ଯ୍ୟନ୍ତ ସୁବର୍ଣ୍ଣରେଖାରେ ୪ଥର ବନ୍ୟା ଆସିଲାଣି। ଫଳରେ ଭୋଗରାଇ ବ୍ଲକର ନାଚିଣ୍ଡା, ଖରିଦପିପଳ, ଆରୁହାବୃତ୍ତି, କୁମ୍ଭୀରଗଡ଼ି, ଗବଗାଁ, ରସୁଲପୁର ପ୍ରଭାବିତ ହୋଇଥିବାବେଳେ ବାଲିଆପାଳ ବ୍ଲକର ଅସ୍ତି, ବିଷ୍ଣୁପୁର, ମଧୁପୁରା, ଜାମକୁଣ୍ଡା, ବାଲିଆପାଳ ଓ ଜଳେଶ୍ୱର ବ୍ଲକର ପଶ୍ଚିମବାଡ଼, ବାଇଗଣବାଡ଼ିଆ, ଝାଡ଼ପିପଳ, ପାଇକସିଧା, ଗଡ଼ସାହି ଆଦି ପଞ୍ଚାୟତର ୮୦ରୁ ଊର୍ଦ୍ଧ୍ୱ ଗାଁରୁ ବନ୍ୟାଜଳ ନିଷ୍କାସନ ହୋଇପାରି ନାହିଁ। ବନ୍ୟା ଯୋଗୁ ଏକର ଏକର ପନିପରିବା ଫସଲ ନଷ୍ଟ ହୋଇଛି। ଖରିଫ ଧାନଚାଷ ମଧ୍ୟ ଠପ୍ ହୋଇପଡ଼ିଛି। ଧାନତଳି ପଚିଯିବା ସହ ଲୋକେ ରୁଆପୋତା କରିପାରୁ ନାହାନ୍ତି। ପାଣି କମୁ ନଥିବାରୁ ଗୃହପାଳିତ ପଶୁ ପଦାକୁ ବାହାରି ପାରୁନାହାନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ାର ଆଳିରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଉଛି। ଏଥିସହ ଖରସ୍ରୋତା ଓ କାଣୀ ନଦୀରେ ମଧ୍ୟ ବନ୍ୟା ଆସିଛି। ● ପୃଷ୍ଠା ୫ ଦେଖନ୍ତୁ

## ବିହାରକୁ ୭୨୧୭ କୋଟିର ପ୍ରକଳ୍ପ ଭେଟି ଦେଲେ ମୋଦୀ

# ପୂର୍ବ ଭାରତର ବିକାଶ ହେବ ତ୍ୱରାନ୍ୱିତ




ନୂଆଦିଲ୍ଲୀ/ପାଟନା, ୧୮।୭: ପୂର୍ବ ଭାରତର ବିକାଶକୁ ତ୍ୱରାନ୍ୱିତ କରାଯିବ। ଏ କ୍ଷେତ୍ରରେ ବିହାରର ଏକ ସ୍ୱତନ୍ତ୍ର ଭୂମିକା ରହିଛି। ପୂର୍ବ ଭାରତକୁ ଆଗକୁ ନେବାକୁ ହେଲେ ଆମକୁ ବିହାରକୁ ଏକ ବିକଶିତ ବିହାର କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଶୁକ୍ରବାର ବିହାରର ଗାନ୍ଧୀ ମଇଦାନରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରି ମୋଦୀ କହିଥିଲେ ଯେ ଆପଣମାନେ ଏହି ମାଟିକୁ ଆରଜେଡି ଏବଂ କଂଗ୍ରେସର ଶିକୁଳିରୁ ମୁକ୍ତ କରିଛନ୍ତି। ଅସମ୍ଭବକୁ ସମ୍ଭବକରି ଦେଖାଇଛନ୍ତି। ଫଳରେ ଆଜି ବିହାରରେ ଗରିବ କଲ୍ୟାଣ ପାଇଁ ଯୋଜନାଗୁଡ଼ିକ ସିଧାସଳଖ ଗରିବମାନଙ୍କ ନିକଟରେ ପହଞ୍ଚିପାରୁଛି। ଗତ ୧୧ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦେଶର ଗରିବଙ୍କ ପାଇଁ ୪ କୋଟିରୁ ଅଧିକ ଘର ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ପ୍ରାୟ ୬୦ଲକ୍ଷ କେବଳ ବିହାରରେ ନିର୍ମିତ ହୋଇଛି। ବିହାରର ମୋତିହାରୀ ଜିଲ୍ଲାରେ ୩ ଲକ୍ଷ ଗରିବଙ୍କୁ ପକ୍କାଘର ମିଳିଛି। ସୂଚନାଯୋଗ୍ୟ ଯେ ଆଗକୁ ଆସୁଛି ବିହାର ବିଧାନସଭା ନିର୍ବାଚନ। ଏହାପୂର୍ବରୁ ବିଭିନ୍ନ ରାଜନୈତିକ ଦଳର ନେତାମାନେ ବିହାର ଯାଇ ପ୍ରଚାର କାର୍ଯ୍ୟରେ ନିଜକୁ ସାମିଲ କରୁଛନ୍ତି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଶୁକ୍ରବାର ବିହାର ଗସ୍ତରେ ଯାଇ ୭୨୧୭ କୋଟିର ପ୍ରକଳ୍ପ ଉପହାର ଦେଇଛନ୍ତି। ମୋଦୀ କହିଥିଲେ, ଆରଜେଡି ଓ କଂଗ୍ରେସ ଶାସନ ● ପୃଷ୍ଠା ୫ ଦେଖନ୍ତୁ




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬

ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା. ୦୧-୧୧-୨୦୨୫ ରିଖ ରୁ ତା. ୩୧-୦୩-୨୦୨୬ ରିଖ ମଧ୍ୟରେ ପରିଚାଳିତ ହେବ। ଏହି ଅବଧି ମଧ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଫସଲ ଅମଳର ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରାଯିବ। ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (PACS/ LAMPCS), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ।



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ପଞ୍ଜିକରଣ ପ୍ରକ୍ରିୟା

ଚାଷୀ ପଞ୍ଜିକରଣ ତା. ୧୯-୦୭-୨୦୨୫ ରିଖ ରୁ ଆରମ୍ଭ ହେଉଛି। ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା. ୧୯-୦୭-୨୦୨୫ ରିଖ ରୁ ତା. ୨୦-୦୮-୨୦୨୫ ରିଖ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ। ଏହା ବିଭାଗର ୱେବସାଇଟ **www.foododisha.in** ରେ ମଧ୍ୟ ଉପଲବ୍ଧ। ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ।

### ଆବଶ୍ୟକୀୟ କାଗଜପତ୍ର

ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜପତ୍ର / ତଥ୍ୟର ନକଲ ଦାଖଲ କରିବା ଆବଶ୍ୟକ।

୧. ଆଧାର କାର୍ଡ଼
୨. ମୋବାଇଲ ନମ୍ବର
୩. ଅଧିକାର ଅଭିଲେଖ/ ଖତିୟାନ/ ସ୍ୱତ୍ୱଲିପି (ଆର.ଓ.ଆର)
୪. ଜମି ମାଲିକଙ୍କ ସହମତି ପତ୍ର (ଭାଗଚାଷୀଙ୍କ ପାଇଁ)
୫. ରେକର୍ଡ଼ଧାରୀଙ୍କ ଠାରୁ ସହମତି ପତ୍ର (ନିଜ ବ୍ୟତୀତ)

### ଚାଷୀ ପଞ୍ଜିକରଣ ସମୟରେ ଆଧାର ଭିତ୍ତିକ E-KYC ଜରୁରୀ ଅଟେ

### ପଞ୍ଜିକରଣ ଅବଧି

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. ୧୯-୦୭-୨୦୨୫ ରିଖ ରୁ ଦାଖଲ କରିବେ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନେ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ।
- ଏହିଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ, ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ।

### ଭାଗ ଚାଷୀ

ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଅଂଶଗ୍ରହଣ କରିପାରିବେ।

### କ୍ଷୁଦ୍ର ଓ ନାମମାତ୍ର ଚାଷୀ

ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ।

### ସମିତିର ଦାୟିତ୍ୱ

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା. ୧୯-୦୭-୨୦୨୫ ରିଖ ରୁ ତା. ୨୫-୦୮-୨୦୨୫ ରିଖ ମଧ୍ୟରେ ତାଙ୍କର LOGIN ରେ ଡିଜିଟାଇଜ କରିବେ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ।
- ଅଣ-ଚାଷୀ ଓ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ଯଥାଶୀଘ୍ର ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ। ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ।

### ହେଲ୍ପ ଡେସ୍କ

ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ। ଏଥିନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ।

### ହେଲ୍ପ ଲାଇନ

ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ନମ୍ବର ୧୯୬୭ରେ ସରକାରୀ କାର୍ଯ୍ୟ ସମୟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର | ସମବାୟ ବିଭାଗ, ଓଡ଼ିଶା ସରକାର

FoodOdisha @Food_Odisha www.foododisha.in

DSPL - 179

OIPR 07002/13/0044/2526



ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ କୁରାଙ୍ଗ ସ୍ଥିତ ସ୍ୱାମୀ ଅରୁପାନନ୍ଦ ଡିଗ୍ରୀ କଲେଜର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଦୟାନିଧି ରାଉତରାୟ ଆୟୋଜିତ ସଭାରେ ଅଧ୍ୟକ୍ଷତା କରି ଉତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ପଣ୍ଡିତ ସରୋଜ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଓ ସ୍ପଷ୍ଟବାଦିତା ହେବା ପାଇଁ ପରାମର୍ଶ ରଖିଥିଲେ। ଏଥିସହ ଜୀବନରେ ମାତାପିତା ଓ ଶିକ୍ଷାଗୁରୁଙ୍କୁ ସର୍ବଦା ସମ୍ମାନ ଦେବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଭଗବାନ ଦାସ, ଅଧ୍ୟାପିକା ଦିପ୍ତିମୟୀ ଜେନା ଓ ରଞ୍ଜିତା ମହାନ୍ତି ବହୁମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ଚମ୍ପିଆନ ହୋଇଥିବା ସରୋଜିନୀ ଦାସ ଓ ମହମ୍ମଦ ନାସିରୁଦ୍ଦିନଙ୍କୁ ଟ୍ରଫି ସହ ମାନପତ୍ର ଦିଆଯାଇଥିଲା। ସେହିପରି ସଫଳ କୃତୀ ପ୍ରତିଯୋଗୀ ଆଶୀର୍ବାଦ ମହାପାତ୍ର ଓ ଦୀପ୍ତି ମହାନ୍ତିଙ୍କ ସମେତ ୧ମ, ୨ୟ ଓ ୩ୟ ସ୍ଥାନ ହାସଲ କରିଥିବା ୫୨ ଜଣ ପ୍ରତିଯୋଗୀଙ୍କୁ ମାନପତ୍ର ସହ ମେଡାଲ ପ୍ରଦାନ କରାଯାଇଥିଲା। ଶିକ୍ଷା କର୍ମଚାରୀ ଦୈତାରି ଜେନା, ରବିନ୍ଦ୍ର ଦାସ, ମନୋରଞ୍ଜନ ସ୍ୱାଇଁ, ଅଜୟ ବେହେରା ଓ ଅରୁଣ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଓଡ଼ିଶା ବନ୍ଦର ସଫଳ ପ୍ରଭାବ



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କଂଗ୍ରେସ ସମେତ ମିଳିତ ବିରୋଧୀ ଦଳ ପକ୍ଷରୁ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଜଗତସିଂହପୁର ସଦର ମହକୁମା ଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ଓଡ଼ିଶା ବନ୍ଦ ସଂପୂର୍ଣ୍ଣ ସଫଳ ହୋଇଛି। ଏହି ବନ୍ଦ କାର୍ଯ୍ୟକ୍ରମରେ ସିପିଏମ ରାଜ୍ୟ କମିଟି ସଦସ୍ୟ ଲୋକନାଥ ସ୍ୱାଇଁ, ଏସୟୁସିଆଇ ନେତା ପ୍ରଦୀପ୍ତ ରାମ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ସରପଞ୍ଚ ପ୍ରମୋଦ କୁମାର ସାହୁ, ସରପଞ୍ଚ ଦିଲ୍ଲିପ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ବିଶ୍ୱଜିତ ପୋଖାଳ, ପୂର୍ବତନ ସରପଞ୍ଚ କାହ୍ନୁଚରଣ ରାଉତ, ଜିଲ୍ଲା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡ଼ ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ସେଖ୍ ଅମିନୁସ ସାଜେଦିନ, ଅନ୍ୟାନ୍ୟ କଂଗ୍ରେସ ନେତା ଯୋଗଦେଇ ଓଡ଼ିଆ ବନ୍ଦରେ ସାମିଲ ହୋଇଥିଲେ। ଜଗତସିଂହପୁର ସହରର ଡ଼ାକବଙ୍ଗଳା, ଗାନ୍ଧୀ ଛକ, ଚର୍ଚ୍ଚିକା ବଜାର, ହାଟ ବଜାର, ଆଳିପିଙ୍ଗଳ ବଜାର, ତିହଟାହି ବଜାର ଆଦି ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଜିଲ୍ଲାର ସମସ୍ତ ଅଫିସ, ବ୍ୟାଙ୍କ, କଲେଜ, ସ୍କୁଲ, ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ରହିବା ସହ ବନ୍ଦକୁ ସଫଳ କରିବାକୁ ସ୍ୱତଃ ପ୍ରବୃତ୍ତ ଭାବେ ସହଯୋଗ କରିଥିବାରୁ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଓଡ଼ିଶା ବନ୍ଦ ସଂପୂର୍ଣ୍ଣ ସଫଳ ହୋଇଛି।



ଜଲେଶ୍ୱର, (ଭାସ୍କର ନ୍ୟୁଜ) : ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ଦାବିରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), କଂଗ୍ରେସ ଓ ଅନ୍ୟାନ୍ୟ ବାମପନ୍ଥୀ ଦଳର ମିଳିତ ଆହ୍ୱାନ କ୍ରମେ ଦିଆ ଯାଇଥିବା ଓଡ଼ିଶା ବନ୍ଦର ଡାକରା ଯୋଗୁଁ ଜଳେଶ୍ୱରରେ ଦୋକାନ, ବଜାର, ଅଫିସ, ଦପ୍ତର, ସ୍କୁଲ କଲେଜ, କୋର୍ଟ କଚେରୀ, ବ୍ୟାଙ୍କ ବୀମା, ଗାଡ଼ି ମଟର, ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ଜଳେଶ୍ୱରବାସୀଙ୍କ ସମର୍ଥନ ଓ ସହଯୋଗ ଯୋଗୁଁ ଏହି ବନ୍ଦ ସଫଳ ହୋଇଛି ବୋଲି ସିପିଏମ ଓ କଂଗ୍ରେସ ତରଫରୁ କୁହାଯାଇଛି ଏବଂ ଏଥିପାଇଁ ଜଳେଶ୍ୱରବାସୀଙ୍କୁ ଧନ୍ୟବାଦ ଦିଆଯାଇଛି। ଏହି ବନ୍ଦ କାର୍ଯ୍ୟକ୍ରମରେ ସିପିଏମ, କଂଗ୍ରେସ ସହିତ ଗଣତାନ୍ତ୍ରିକ ମହିଳା ସମିତି, ଭାରତୀୟ ଛାତ୍ର ଫେଡ଼େରେସନ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ବନ୍ଦ୍ ବଜାର ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିବାଦ ସଭାରେ ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ, ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ କଂଗ୍ରେସ ନେତା, ସିପିଏମ ନେତାଗଣ, ଏସ୍‌ଏଫ୍‌ଆଇ ନେତା ସୌରଭ ସାର୍ଥକ ସାହୁ, ଚନ୍ଦନ ପ୍ରାମାଣିକ ପ୍ରମୁଖ ବକ୍ତବ୍ୟ ରଖି ଘଟଣାର ନ୍ୟାୟିକ ତଦନ୍ତ ଦାବି କରିବା ସହିତ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବାଲେଶ୍ୱର ସାଂସଦଙ୍କ ଇସ୍ତଫା ଦାବି କରିଥିଲେ। ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ଯାହା ଫଳରେ ନାରୀ ନିର୍ଯାତନା ବଢ଼ିଛି। ସରକାର କେବଳ ଭାଷଣ ବାଜି ଓ ବିରୋଧୀ ଦଳମାନଙ୍କୁ ସମାଲୋଚନା କରିବାରେ ବ୍ୟସ୍ତ ନ ରହି କାମ କରନ୍ତୁ ନ ହେଲେ ଆଗାମୀ ଦିନରେ ଓଡ଼ିଶାର ଜନସାଧାରଣ ଏହାର ଉଚିତ୍ ଜବାବ ଦେବେ ବୋଲି ବକ୍ତାମାନେ ସତର୍କ କରାଇ ଦେଇଥିଲେ।



ଧର୍ମଶାଳା,(ଭାସ୍କର ନ୍ୟୁଜ୍) : ପ୍ରଦେଶ କଂଗ୍ରେସ କମିଟି ଓ ଅନ୍ୟ ଚାରି ବାମଦଳର ଆହ୍ୱାନକ୍ରମେ ଓଡ଼ିଶା ବନ୍ଦ ସଫଳ ହୋଇଛି। ବାଲେଶ୍ୱରର ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଙ୍କ ଆତ୍ମହତ୍ୟା, ନାରୀ ନିର୍ଯାତନା ଓ ରାଜ୍ୟରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରସଙ୍ଗକୁ ନେଇ ଆଜିର ବନ୍ଦ ଡ଼ାକରା ସକାଳ୬ଟା ଠାରୁ ସନ୍ଧ୍ୟା ୬ଟା ଯାଏ ସଫଳତାର ସହ ବନ୍ଦ ପାଳନ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ପ୍ରାର୍ଥୀ କିଶାନ ପଣ୍ଡାଙ୍କ ନେତୃତ୍ୱରେ ଗୁରୁବାର ଦିନ କଂଗ୍ରେସ କର୍ମୀମାନେ ୧୬ ନମ୍ବର ଜାତୀୟ ରାଜପଥର ଜାକେଇ ଛକ ଠାରେ ଅବରୋଧ କରିବା ଫଳରେ ଶହଶହ ଗାଡ଼ି ଅଟକି ରହିଥିଲା।ବୁଧବାର ସଂଧ୍ୟାରେ କଂଗ୍ରେସ ଦଳ ପକ୍ଷରୁ ବଜାର ଓ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ ଡ଼ାକବାଜି ଯନ୍ତ୍ର ଦ୍ୱାରା ନିବେଦନ କରାଯାଇଥିଲା। ଫଳରେ ଆଜି ଜାକେଇର ସମସ୍ତ ଦୋକାନ ବଜାର ଓ ସ୍କୁଲ କଲେଜ ସ୍ୱାଭାବିକ ଭାବେ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଜାତୀୟ ରାଜପଥ ରାସ୍ତା ଅବରୋଧରେ ଜିଲ୍ଲା କୃଷକ ସେଲ୍ ସଭାପତି କବଳ କୁମାର ପରିଡ଼ାଙ୍କ ସହିତ ଅନ୍ୟ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ରାସ୍ତା ଅବରୋଧରେ ସାମିଲ ହୋଇ ରାଜ୍ୟରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ଯୋଗୁଁ ରାଜ୍ୟ ସରକାର ଇସ୍ତଫା ଦେବାକୁ ଦାବି କରିଥିଲେ। ସେହିପରି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଧର୍ମଶାଳା ଶାଖା ପକ୍ଷରୁ କନ୍ଦେଶ୍ ମଧୁସ୍ମିତା ସାହୁଙ୍କ ନେତୃତ୍ୱରେ ଏସ୍‌ୟୁସିଆଇ କର୍ମୀମାନେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ବନ୍ଦ ସଫଳ କରିବା ପାଇଁ ସ୍ଲୋଗାନ ଧରି ବଜାର ପରିକ୍ରମା କରି ନିବେଦନ କରିବା ସହ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ।



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ) : ରାଜ୍ୟରେ ମହିଳା ମାନଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ନିର୍ଯାତନାର ପ୍ରତିବାଦରେ ତଥା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଙ୍କ ଆତ୍ମାହୁତି ଘଟଣାରେ ସଂଶ୍ଲିଷ୍ଟ ସମସ୍ତ ଦୋଷୀମାନଙ୍କୁ କଠୋର ଦଣ୍ଡବିଧାନ ଦାବିରେ ଭାରତୀୟ ଜାତୀୟ କଂଗ୍ରେସ ଓ ସମଭାବାପନ୍ନ ରାଜନୈତିକ ଦଳ ଡ଼ାକରାରେ ବାଲିଚନ୍ଦ୍ରପୁର, ବାଲିକୁଦା, କଟିକଟା, ଚାରିଜଙ୍ଗଲ ପ୍ରଭୃତି ବଜାର ମାନଙ୍କରେ ବନ୍ଦର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଥିଲା। ବାଲିଚନ୍ଦ୍ରପୁର ଠାରେ କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ବନ୍ଦ ପାଳିତ ହୋଇଥିଲା। କଂଗ୍ରେସ ତଥା କମ୍ୟୁନିଷ୍ଟ ଦଳର କର୍ମୀମାନେ ଉପରୋକ୍ତ ବଜାର ମାନଙ୍କରେ ପିକେଟିଂ କରି ବିଭିନ୍ନ ସ୍ଲୋଗାନ ଦେଇ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ବିଭିନ୍ନ ଅଞ୍ଚଳରେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ, ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବଜାର ଗୁଡ଼ିକ ଶୂନ ଶାନ ଜଣାପଡ଼ୁ ଥିଲା। କଂଗ୍ରେସ କର୍ମୀମାନେ ବିଭିନ୍ନ ବଜାର ସହିତ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଦୋକାନ ବଜାର ଓ ବିଦ୍ୟାଳୟ ଗୁଡ଼ିକୁ ବନ୍ଦ କରିବା ପାଇଁ ନିବେଦନ ରଖିଥିଲେ। ପ୍ରାୟତଃ ସ୍ୱତଃପ୍ରବୃତ୍ତ ଭାବରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ଥିଲା। କଂଗ୍ରେସ ଦଳର ଶତାଧିକ କର୍ମୀ ଏହି ବନ୍ଦରେ ସାମିଲ ହୋଇଥିଲେ।



ଗୋପ, (ଭାସ୍କର ନ୍ୟୁଜ) : କଂଗ୍ରେସ ଏବଂ ସିପିଆଇ ଦଳ ପକ୍ଷରୁ ଦିଆଯାଇଥିବା ୧୨ଘଣ୍ଟିଆ ଓଡ଼ିଶା ବନ୍ଦ ଡ଼ାକରା ଶାନ୍ତିପୂର୍ଣ୍ଣ ଭାବରେ ଗୋପ ଅଞ୍ଚଳରେ ଶେଷ ହୋଇଛି। ବାଲେଶ୍ୱର ଏଫ୍.ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଓ ରାଜ୍ୟରେ ନାରୀମାନେ ସୁରକ୍ଷିତ ନୁହଁନ୍ତି ଡ଼ାକରାରେ ଓଡ଼ିଶା ବନ୍ଦ ଡ଼ାକରା ଦିଆଯାଇଥିଲା। ଗୋପ ବ୍ଲକର ମୁଖ୍ୟ ବଜାର ସହିତ ବେଗୁନିଆ, ନାଗପୁର ଇତ୍ୟାଦି ସ୍ଥାନରେ କଂଗ୍ରେସ ଓ କମ୍ୟୁନିଷ୍ଟ ଦଳର କର୍ମୀମାନେ ଆନ୍ଦୋଳନ କରିବା ସହିତ ରାସ୍ତାରେ ନିଆଁ ଜାଳି ଅବରୋଧ କରିଥିଲେ। ଗୋପରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ବେଳେ ସରକାରୀ ଅଫିସ ଗୁଡ଼ିକରେ କିଛି ବାବୁ ଓ କର୍ମଚାରୀମାନେ ବାହାରୁ ବନ୍ଦକରି ଭିତରେ କାର୍ଯ୍ୟକରୁଥିବା ଦେଖିବାକୁ ମିଳିଥିଲା। ବ୍ୟାଙ୍କ, ପୋଷ୍ଟ ଅଫିସ ଗୁଡ଼ିକ ବନ୍ଦ ରହିଥିଲା। ପେଟ୍ରୋଲ ଟାଙ୍କି ଗୁଡ଼ିକ ବନ୍ଦ ଥିବା ବେଳେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। ବ୍ୟବସାୟୀ ମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଏହି ବନ୍ଦକୁ ସମର୍ଥନ କରି ଦୋକାନ ବନ୍ଦ ରଖିଥିଲେ। କଂଗ୍ରେସ ଦଳର ଜିଲ୍ଲା ସଭାପତି ଭାସ୍କର ସେଠ, ଉପ ସଭାପତି ଲକ୍ଷ୍ମୀଧର ପ୍ରଧାନ, ସାଧାରଣ ସଂପାଦକ ରମେଶ ବେହେରା, ସମିତି ସଭ୍ୟ ପଞ୍ଚାନନ ପରିଡ଼ା, ଯୁବନେତାମାନେ ଭଗବାନ ପାତ୍ର, ସିପିଆଇ ନେତା ପ୍ରସନ୍ନ ନାୟକଙ୍କ ସମେତ ଶତାଧିକ କର୍ମୀ ଆନ୍ଦୋଳନର ନେତୃତ୍ୱ ନେଇ ରାସ୍ତା ଅବରୋଧ କରିବା ସହିତ ମୋହନ ସରକାରଙ୍କ ଇସ୍ତଫା ଦାବି କରିଥିଲେ।

# ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଅତ୍ୟାଧୁନିକ ବ୍ରେଲ୍ ଶିକ୍ଷଣ ଉପକରଣ ପ୍ରଦାନ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସିଦ୍ଧମଠ ସ୍ଥିତ ମନୋଜ ମଞ୍ଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ଦୃଷ୍ଟିହୀନ ବିଦ୍ୟାଳୟର ତିନି ଜଣ ଛାତ୍ରଛାତ୍ରୀଙ୍କୁ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଅତ୍ୟାଧୁନିକ ବ୍ରେଲ୍ ଶିକ୍ଷଣ ଉପକରଣ ପ୍ରଦାନ କରିଛନ୍ତି। ସେମାନେ ହେଲେ ମାନସ ପ୍ରଧାନ, ଲିପ୍ସା ସେଠୀ ଓ ହେମନ୍ତ ଜୁଆଙ୍ଗ। ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ ବେଲ୍ ଶିକ୍ଷା କ୍ଷେତ୍ରରେ ଏହା ଅତ୍ୟନ୍ତ ସହାୟକ ହୋଇପାରିବ। ଏହି ଅବସରରେ କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ ଓ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ରଥ ଉପସ୍ଥିତ ଥିଲେ ।




# ମାଙ୍କଡ ପାଇଁ ଦୁଇ ଗ୍ରାମବାସୀ ଆତଙ୍କିତ

- ଦିନରେ ଖୋଲୁନି ତାଟିକବାଟ
- ମାଙ୍କଡ଼ ଆକ୍ରମଣରେ ୨୫ରୁ ଊର୍ଦ୍ଧ୍ୱ ଆହତ
- ବାଦ୍ ପଡିନାହାଁନ୍ତି ବନ କର୍ମଚାରୀ



ଗୋପ (ଭାସ୍କର ନ୍ୟୁଜ୍) : ଗୋପ ବ୍ଲକ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତ ଦିହୁଡା ଓ ପୋଇତରା ଗ୍ରାମର ପାଖାପାଖି ୩୦୦ ପରିବାର ଏବେ ପାଗଳ ମାଙ୍କଡ ଆତଙ୍କରେ ଆତଙ୍କିତ। ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ କାମୁଡିବା ପରେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଏବେ କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ଭାବେ ଚିକିତ୍ସିତ ହେଉଛନ୍ତି। ମାଙ୍କଡକୁ ଧରିବାକୁ ଯାଇ ଦୁଇ ଜଣ ବନ କର୍ମଚାରୀ ମଧ୍ୟ ଗୁରୁତର ଭାବେ ଆହତ ହୋଇ ଗୋପ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଗ୍ରାମରେ ଏକ ପ୍ରକାର ଆତଙ୍କର ମାହୋଲ। ଗ୍ରାମରେ ଏବେ ସମସ୍ତ ଲୋକ ମାନେ ଠେଙ୍ଗା ଧରି ନିଜ ଘର ଜଗୁଛନ୍ତି । ମାତ୍ର ଉକ୍ତ ମାଙ୍କଡଟି କେଉଁଠାରେ ଲୁଚି ରହି ହଠାତ୍ ଆକ୍ରମଣ କରି ଗାଏବ ହୋଇଯାଉଛି । ଗ୍ରାମରେ ଏବେ ବି ଫରେଷ୍ଟର ବିଜୟଲକ୍ଷ୍ମୀ ବଳଙ୍କ ନେତୃତ୍ୱରେ ୧୫ଜଣ ବନକର୍ମଚାରୀ ଜଗି ରହିଛନ୍ତି। ରାତିରେ ମଧ୍ୟ ଏବେବି ହଠାତ୍ ଆସି ମାଙ୍କଡଟି କାମୁଡି ଦେଉଛି । ରାତିରେ ଏକ ଟେଣ୍ଟରେ ଗ୍ରାମର ଲୋକମାନଙ୍କ ସହିତ ବନକର୍ମଚାରୀ ମାନେ ଜଗି ରହିଛନ୍ତି। ଆସନ୍ତା କାଲି ଟ୍ରାଙ୍କୁଲାଇଜର କରାଯିବା ନିମନ୍ତେ ଫରେଷ୍ଟର ବିଜୟଲକ୍ଷ୍ମୀ ବଳ କହିଛନ୍ତି। ଏ ନେଇ ଜିଲ୍ଲା ସହକାରୀ ବନ ସଂରକ୍ଷକ ସମ୍ବିତ ପଣ୍ଡା କହିଛନ୍ତି ଯେ ଖୁବ୍‌ଶୀଘ୍ର ଉକ୍ତ ପାଗଳ ମାଙ୍କଡଟିକୁ ଧରାଯିବ।

# ବିରାମୁଣ୍ଡା ମନ୍ଦିରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି



କଣ୍ଟାମାଳ (ଭାସ୍କର ନ୍ୟୁଜ୍): ସରକାର ମଠ, ମନ୍ଦିରମାନଙ୍କ ବିକାଶ କରୁଥିବା କଥା କହୁଥିବା ବେଳେ ବିକାଶର ବହୁ ଦୂରରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ବାବା ବିଶେଶ୍ୱର ମନ୍ଦିର । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରି ପଞ୍ଚାୟତ ଅନ୍ତର୍ଗତ ବିରାମୁଣ୍ଡା ଗ୍ରାମର ଅନତି ଦୂରରେ ଥିବା ବିନ୍ଧ୍ୟଗିରି ପାହାଡ଼ର ମଧ୍ୟ ଭାଗରେ ଅବସ୍ଥିତ ଏହି ମନ୍ଦିର। କଣ୍ଟାମାଳ ଠାରୁ ମାତ୍ର ୫କିଲୋମିଟର ଦୂରରେ ଅବସ୍ଥିତ ଏହି ବଣ ପାହାଡ ଘେରା ଅତି ମନୋରମ ତଥା ବହୁ ପୁରାତନ ଏହି ଶୈବପୀଠ। ପ୍ରାପ୍ତ ସୂଚନା ମତେ ଅଞ୍ଚଳବାସୀଙ୍କ କହିବା ଅନୁସାରେ, ତିରିଶ ବର୍ଷପୂର୍ବରୁ ଏକ ବାବାଙ୍କୁ ସ୍ୱପ୍ନ ହୋଇଥିଲା। ଯାହା ଫଳରେ ବାବା ସେଠାକୁ ଯାଇଦେଖିଲା ବେଳକୁ ସେଠାରେ ଏକ ଶିବ ଲିଙ୍ଗ ଉଭାନ ହୋଇଥିଲେ। ଏହା ଲୋକେ ଜାଣିବା ପରେ ସେଠାରେ ପୂଜା କରିବାକୁ ଲାଗିଲେ। ଆସ୍ତେ ଆସ୍ତେ ବିଶେଶ୍ୱର ବାବା ମନ୍ଦିର ନାମରେ ବିଖ୍ୟାତ ହୋଇଗଲା। ପରେ ଏକ ଭବ୍ୟ ମନ୍ଦିର ନିର୍ମାଣ ହେଲା। ଏପଟେ ଏହି ଶୈବପୀଠରେ ଭକ୍ତ ଯାହା ଗୁହାରି କରନ୍ତି ତାହା ମିଳେ ବୋଲି ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି। ତେବେ ମନ୍ଦିର ଆଗରେ ପର୍ବତ ଉପରୁ ବହି ଯାଇଛି ଛୋଟ ଝରଣା ଯାହା କି ଖରା ବର୍ଷା ଶୀତ ସବୁ ବେଳେ ଏହି ଝରଣାରୁ ପାଣି ବାହାରୁଥାଏ। ଘଞ୍ଚ ପାହାଡ଼ର ମଧ୍ୟଭାଗରେ ମନ୍ଦିରଟି ଥିବାରୁ ଭକ୍ତମାନେ ଉପରକୁ ଆସି ବିଶେଶ୍ୱର ବାବାଙ୍କୁ ଦର୍ଶନ କରିସାରିବା ପରେ ପାହାଡ଼ ଉପରେ କିଛି ସମୟ ବସି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେଇଥାନ୍ତି। ଏହି ମନ୍ଦିରକୁ ଆସିବା ପାଇଁ ଭଲ ରାସ୍ତାଟିଏ ନାହିଁ ମନ୍ଦିରକୁ ଆସିବାକୁ ହେଲେ ବିପଦ ସଙ୍କୁଳ ରାସ୍ତାରେ ପ୍ରାୟ ୩ଶହ ମିଟର ପଥର ପାହାଡ ଘେରା ରାସ୍ତାରେ ଆସିବାକୁ ପଡିଥାଏ। ଏହି ମନ୍ଦିରଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଯାହାଫଳରେ ଭକ୍ତ ବହୁ ହଇରାଣ ହରକତ ହୋଇଥାନ୍ତି ଓ ମନ୍ଦିରରେ ପିଇବା ପାଣି କି ବିଜୁଳି ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ ରାତି ସମୟରେ ଏଠାରେ ସବୁ ଶୁନଶାନ୍ ହୋଇପଡେ। ଭଲ ରାସ୍ତା, ପାନୀୟଜଳ ଓ ବିଜୁଳିର ବ୍ୟବସ୍ଥା କରିବା ସହ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରି ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ଦିଗରେ ସ୍ଥାନୀୟ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ ଏହି ମନ୍ଦିରର ଉନ୍ନତି ଦାୟିତ୍ୱ ନେବା ସହ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଉତ୍କଳ ବ୍ରାହ୍ମଣ ପୂଜକ ସଂଘର ମାସିକ ବୈଠକ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗତକାଲି ଗୁରୁବାର ଦିବା ୧ଘ ସମୟରେ କେନ୍ଦୁଝର ମଣ୍ଡୁଆସ୍ଥିତ ତାରିଣୀ ମନ୍ଦିର ପରିସର ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ଅର୍ଦ୍ଧ ଶତକ ବ୍ରାହ୍ମଣ ପରିବାର ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଭାପତି ପଣ୍ଡିତ ମଧୁସୂଦନ ମିଶ୍ର ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ଗୀତା ଯଜ୍ଞ ଓ ବାର୍ଷିକ ଉତ୍ସବ ଏକକାଳୀନ ଆୟୋଜନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନୁଷ୍ଠାନର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଜାଗା ଓ ଆର୍ଥିକ ଅନୁଦାନ ପାଇଁ ଅନୁରୋଧ କଲେ ମଧ୍ୟ କେହି ଶୁଣୁ ନଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ମତପ୍ରକାଶ ପାଇଛି। ଆଗାମୀ ଦିନରେ ଅନୁଷ୍ଠାନ ଦ୍ୱାରା ରକ୍ତଦାନ ଶିବିର, କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା, ବୃକ୍ଷ ରୋପଣ, ଆଦି ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ ଆୟୋଜନ କରିବାକୁ ଶପଥ ପାଠ କରାଯାଇଛି। କାର୍ଯ୍ୟକ୍ରମରେ ସଙ୍ଘର ସଂପାଦକ ଶ୍ରୀକାନ୍ତ କୁମାର ପଣ୍ଡା, ସଭାପତି ବ୍ରଜକିଶୋର ମହାପାତ୍ର ଓ କୋଷାଧ୍ୟକ୍ଷ ଅମୀୟ କୁମାର ହୋତା ପୂର୍ଣ୍ଣ ସାହାଯ୍ୟ କରିଥିଲେ।

# ୨ ମାସ ହେଲା ଏସ୍‌ବିଆଇ ଏଟିଏମ୍ ଅଚଳ




ବଡ଼ଚଣା (ଭାସ୍କର ନ୍ୟୁଜ୍) : ସମଗ୍ର ରାଜ୍ୟରେ ବ୍ୟାଙ୍କରେ ଟଙ୍କା ଉଠାଣ ନେଇ ହିତାଧିକାରୀଙ୍କୁ ଏଟିଏମ୍ ଯୋଗାଇ ଦିଆଯାଇଛି। ହେଲେ ବଡ଼ଚଣା ବଜାରରେ ଥିବା ଏସ୍‌ବିଆଇ ଏଟିଏମ୍‌ଟି ଦୁଇ ମାସ ହେବ ଅଚଳ ହୋଇପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କୌଣସି ସମାଧାନ କରିବାରେ ବିଫଳ ହୋଇଛି। ବଡ଼ଚଣା ବଜାରରେ ସ୍ଥାପିତ ଏହି ଏଟିଏମ୍‌ରେ ଟଙ୍କା ନଥିବାରୁ ହିତାଧିକାରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ବ୍ଲକ, ତହସିଲ, ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୃଷିବିଜ୍ଞାନ କେନ୍ଦ୍ର, ମହିଳା ମହାବିଦ୍ୟାଳୟ, ବ୍ଲକ ଶିକ୍ଷାଧିକାରି କାର୍ଯ୍ୟାଳୟ ସହିତ ଅନେକ ମୁଖ୍ୟ କାର୍ଯ୍ୟାଳୟ ରହିଛି । ଯଦି କୌଣସି ବ୍ୟକ୍ତି ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଆସୁଛନ୍ତି ତେବେ ଏଟିଏମ୍‌ରେ ଟଙ୍କା ନଥିବା କୁହାଯାଉଛି । ଯାହାଫଳରେ ସାଧାରଣ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ କିଛିଦିନ ହେବ ଏଟିଏମ୍ କାଉଣ୍ଟରରେ ସଟର ପଡ଼ିଥିବା ଦେଖିବାକୁ ମିଳିଛି। ତେଣୁ ତୁରନ୍ତ ଉକ୍ତ ଏଟିଏମ୍‌କୁ କାର୍ଯ୍ୟକ୍ଷମ କରିବାକୁ ବଡ଼ଚଣାର ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ପୋଲିସ କବ୍‌ଜାରେ ପେଷାଦାର ସୁନାଚେନ୍ ଲୁଟେରା

ରାଉରକେଲା (ଭାସ୍କର ନ୍ୟୁଜ୍) : ଗତ ମାସ ୨୯ ତାରିଖରେ ଝିରପାଣି ଥାନା ଅନ୍ତର୍ଗତ କୋଏଲ ନଗର ସି/୯୧ର ବାସିନ୍ଦା ମନୋରମା ମଲ୍ଲିକ (୭୫) ଥାନାରେ ଆସି ଅଭିଯୋଗ କରିଥିଲେ ଯେ ଗତ ୨୮ ତାରିଖ ସନ୍ଧ୍ୟା ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ସେ ଗୁଣ୍ଡିଚା ମନ୍ଦିରରୁ ଘରକୁ ଫେରିବା ସମୟରେ ଘର ଠାରୁ ମାତ୍ର ୨୦୦ ମିଟର ଦୂରରୁ କେହି ଜଣେ ଦୁର୍ବୃତ୍ତ ପଛ ପାଖରୁ ଆସି ବେକକୁ ମାଡ଼ିବସି ମୋ ବେକରେ ଥିବା ୧୭ ଗ୍ରାମର ସୁନାଚେନ୍ ଝାମ୍ପି ନେଇ କିଛି ଦୂରରେ ଥିବା ତାର ସହଯୋଗୀ ସହ ମୋଟରସାଇକେଲରେ ବସି ଫେରାଇ ହୋଇଯାଇଥିଲା। ଅନୁରୂପ ଭାବେ ଥାନା ଅଧୀନରେ ଜଗଦା ଅଞ୍ଚଳରୁ ମେ ମାସ ୨ ତାରିଖ ଦିନ ଜଗଦା ନିବାସୀ ବେବିନା କାନ୍ଦିର ଓ କୋଏଲ ନଗର ବି/୧୬୩ ନିବାସୀ ଆଶା ଲାଠଙ୍କ ଠାରୁ ଗତ ୨୩.୧୦.୨୦୨୪ରେ ଅନୁରୂପ ଭାବେ ସୁନା ଚେନ ଲୁଟ୍ ହୋଇଥିଲା। ଏ ସମସ୍ତ ଘଟଣାର ତଦନ୍ତ କରି ସିସି ଟିଭି ଫୁଟେଜ ଓ ବୈଷୟିକ ପ୍ରମାଣ ଆଧାରରେ ମୁଖ୍ୟ ଅଭିଯୁକ୍ତ ବିରମିତ୍ରପୁର ଅଞ୍ଚଳର ରାଜେଶ ସାହୁ ଓରଫ୍ ହାଣ୍ଡି (୩୩)ଙ୍କୁ ଗିରଫ କରିଥିଲା। ତାର ସୂଚନା ଆଧାରରେ ଏହି ଚୋରି ସାମଗ୍ରୀ କିଣିଥିବା ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଶିବ ମନ୍ଦିର ଅଞ୍ଚଳର ସତୀଶ କୁମାର ବର୍ମାଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ଦୁଇଟି ସୁନା ଚେନ, ଦୁଇଟି ମୋବାଇଲ, ଗୋଟିଏ ଟିଭିଏସ ଆପାଚି ମୋଟରସାଇକେଲ (ବିଆର୍୦୨ ବିଏନ୍-୮୩୦୧)ଓ ଓଡି ୧୪ଏମ୍ ୫୯୩୮ ବାଜାଜ ଅଟୋ ସାମିଲ ଅଛି। ଆଜି ଝିରପାଣି ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜୋନାଲ ଡିଏସ୍‌ପି ଯୋଗେଶ୍ୱର ପଣ୍ଡା ସବିଶେଷ ସୂଚନା ପ୍ରଦାନ କରିଥିଲେ। ଗିରଫ ଅଭିଯୁକ୍ତ ନାମରେ ରାଉରକେଲା ପୋଲିସ ଜିଲ୍ଲାର ବିଭିନ୍ନ ଥାନାରେ ପୂର୍ବରୁ ୧୬ଟି ମାମଲା ରହିଥିବାବେଳେ ଚୋରି ସାମଗ୍ରୀ କିଣିଥିବା ଅକ୍ଷୟ ଓରଫ୍ ସତୀଶ କୁମାର ବର୍ମା ନାମରେ ଉଦିତନଗର ଥାନାରେ ତିନୋଟି ମାମଲା ରହିଛି। ଅଭିଯୁକ୍ତ ରାଜେଶ ସାହୁ ଓରଫ୍ ହାଣ୍ଡିର ଆଉ ଏକ ସହଯୋଗୀକୁ ଧରିବା ପାଇଁ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି ଓ ଖୁବ୍‌ଶୀଘ୍ର ସେ ଧରାପଡିବ। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ପ୍ରଦୀପ ନାୟକଙ୍କ ସମେତ ଅନ୍ୟାନ୍ୟ ଷ୍ଟାଫ୍ ଉପସ୍ଥିତ ଥିଲେ। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମହିଳା ମହାବିଦ୍ୟାଳୟରେ ଯୌନ ଉତ୍ପୀଡନ ସମ୍ପର୍କରେ ସଚେତନତା




କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆସ୍ଥିତ ପାଞ୍ଚପୀଢ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପତ୍ରସଂଖ୍ୟା ୩୭୦୩୨/ଏଚ, ଇ/୧୪/୭ ଅନୁଯାଇ ମହାବିଦ୍ୟାଳୟ ରେ ମହିଳାଙ୍କୁ ଯୌନ ଉତ୍ପୀଡନ ସମ୍ପର୍କିତ ଗଠିତ ଆନ୍ତଃ ଅଭିଯୋଗ ସମିତି(ଆଇସିସି) ପକ୍ଷରୁ ଆଜି ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇସିସିର ଆବାହକ ତଥା ମହାବିଦ୍ୟାଳୟର ଅଧକ୍ଷା ପ୍ରଣତି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ, ଆଇସିସି ସଭ୍ୟା ଭାରତୀ ରାଜ, ସଭ୍ୟା ତଥା ଜାତୀୟ ସେବା ଯୋଜନାର ସଂଯୋଜିକା ଅଧ୍ୟାପିକା ମିଲାମଣି ମହାନ୍ତ, ସଭ୍ୟା ଅନିତା ମୁଣ୍ଡା ସଭ୍ୟା ଓ ଅଧ୍ୟାପିକା ଏନ୍‌ଏସ୍‌ଜି ପାୟଲ, ଅର୍ଚ୍ଚିତା ବାରିକ, ରଶ୍ମି ଖଣ୍ଡେତ୍ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ପ୍ରାରମ୍ଭରେ ଶ୍ରୀମତୀ ପାୟଲ ଅତିଥି ସ୍ୱାଗତ ଭାଷଣ ପ୍ରଦାନ କରିବାପରେ ସଭାପତି ସେବତୀ ପୃଷ୍ଟି ଆଇସିସି ଗଠନ ହେବାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ୨୦୧୨ ମସିହାରେ ନିର୍ଭୟା କାଣ୍ଡ ଘଟିବା ପରେ ୨୦୧୩ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ କେନ୍ଦ୍ର ସରକାର ମହିଳାଙ୍କ ସୁରକ୍ଷା ପାଇଁ ପ୍ରିଭେନସନ, ପ୍ରୋହିବିସନ ଆଣ୍ଡ ରିଡ୍ରେସାଲ ଆକ୍ଟ ୨୦୧୩କୁ ଲାଗୁ କରିଥିଲେ। ଆଇନର ପ୍ରାବଧାନ ଅନୁଯାୟୀ ଯେକୌଣସି ସରକାରୀ ଅଥବା ବେସରକାରୀ ଅନୁଷ୍ଠାନରେ ୧୦ରୁ ଅଧିକ ମହିଳା ଥିବେ ସେଠାରେ ଆନ୍ତଃ ଅଭିଯୋଗ ସମିତି ଗଠନ ପାଇଁ ସରକାରୀ ନିର୍ଦ୍ଦେଶନାମା ଥିଲା। ଯୌନ ଉତ୍ପୀଡନ କ୍ଷେତ୍ରର ପରିସୀମା, ଆପତ୍ତି ଅଭିଯୋଗର ପଦ୍ଧତି, ପ୍ରକାର ଭେଦ, ଦଣ୍ଡବିଧାନ ଓ ଶୂନ୍ୟ ସହନଶୀଳତା ସମ୍ପର୍କରେ ବକ୍ତା ମାନେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କ୍ଷଣପ୍ରଭା, ମମତା ମହାନ୍ତ, ସରୋଜିନୀ ବାରିକ, ଗୋରିଶଙ୍କର ମହାନ୍ତ ଓ ଝାନ୍ସୀରାଣୀ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ୩ ଛାତ୍ରୀଗଣ ଓ ମହାବିଦ୍ୟାଳୟର ଅଧ୍ୟାପନାମଣ୍ଡଳୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ଏନ୍‌ଏସ୍ ପାୟଲ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ

କଣାସ (ଭାସ୍କର ନ୍ୟୁଜ୍): କଣାସ ବ୍ଲକ୍ ଶୀରେଇ ଗ୍ରାମପଞ୍ଚାୟତର ଶୀରେଇ ଗ୍ରାମରେ ପ୍ରତିଷ୍ଠିତ ଶୀରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ, ଡେଲାଙ୍ଗ କଣାସ ବନବିଭାଗ ରେଞ୍ଜର ଜୟକୃଷ୍ଣ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଶିରେଇ ସରପଞ୍ଚ ପ୍ରତିନିଧି ଦେବଦତ୍ତ ପରିଡ଼ାଙ୍କ ସମେତ ଆହୁରି ଅନେକ ଅତିଥି ଯୋଗଦେଇ ଅଧୁନିକ ସମାଜ ଧ୍ୱଂସାଭିମୁଖୀ ଆଡେ ଯାଉଥିବା ବେଳେ ପ୍ରତ୍ୟେକ ଛାତ୍ରଛାତ୍ରୀ ପ୍ରତ୍ୟେକ ବର୍ଷ ଗୋଟିଏ ଗୋଟିଏ ଗଛ ଲଗାଇ ତା'ର ଯତ୍ନ ନେଲେ ଧ୍ୱଂସାଭିମୁଖୀ ପରିବେଶ ବଦଳିଯାଇପରିବ ବୋଲି ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଅତିଥିମାନେ ବିଦ୍ୟାଳୟ ପରିସରରେ କେତୋଟି ବୃକ୍ଷଚାରା ଲଗାଇ ତା'ର ନିୟମିତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।






କଟକ(ଭାସ୍କର ନ୍ୟୁଜ୍): ମହାନ ବିପ୍ଳବୀ ରଘୁନାଥ ମହାନ୍ତିଙ୍କ ୧୧୫ତମ ଜୟନ୍ତୀ ମାଛୁଆବଜାରସ୍ଥ ସହିଦ୍ ପାର୍କଠାରେ କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନ ସଂପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବ୍ରିଟିଶ ସରକାରଙ୍କ ପଲଟିକାଲ ଏଜେ ଆର୍.ଏଲ୍ ବେଜେନ୍‌ଗେଟଙ୍କୁ ଉତ୍ତେଜିତ ଲୋକେ ହତ୍ୟା କରିଥିଲେ । ତେଣୁ ବ୍ରିଟିଶ ସରକାର ପ୍ରତିଶୋଧ ପରାୟଣ ହୋଇ ରଘୁନାଥ ମହାନ୍ତି ଓ ତାଙ୍କ ବନ୍ଧୁ ଦିବାକର ପରିଡ଼ାଙ୍କୁ ଫାଶୀ ଦେଇଥିଲେ । ସେମାନଙ୍କ ଆତ୍ମ ବଳିଦାନର କାହାଣୀ, ଅନ୍ୟାୟ ବିରୋଧରେ ସଂଘର୍ଷ କରିବାକୁ ଯୁଗେ ଯୁଗେ ଅନୁପ୍ରାଣିତ କରିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ସଂପାଦକ ଶ୍ୟାମସୁନ୍ଦର ସାହୁ, ଭୁବନାନନ୍ଦ ମହାନ୍ତି, ଶରତ ଚନ୍ଦ୍ର ଦାଶ, ସ୍ୱାଧୀନତା ସଂଗ୍ରାମୀ ଫୋରମ ସଭାପତି ପ୍ରଶାନ୍ତ ଦାସ ଦୂରଭାଷ ଯୋଗେ ଜର୍ମାନୀରୁ ସ୍ମୃତିଚାରଣ କରିଥିଲେ । ମୈତ୍ରୀଭୂଷଣ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।



### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କଟକ ସାଂସଦ

# ‘କଟକ ହେବ ସମୃଦ୍ଧ ମଡେଲ ସହର’

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର କଟକ ସାଂସଦ ଭର୍ତ୍ତୃହରି ମହତାବ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କଟକ ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି । ବୈଠକରେ କଟକ ସହରର ଓଏମପି ଅଞ୍ଚଳରେ ଭେଣ୍ଡିଂ ଜୋନ, ଏକ ବୃହତ୍ କନ୍‌ଭେନସନ ସେଣ୍ଟର ସ୍ଥାପନ, ରାଣୀହାଟ ଅଞ୍ଚଳର ଉନ୍ନତିକରଣ, ପ୍ରେସ ଛକ ଅଞ୍ଚଳରେ ଏକ ପାର୍କ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏତଦବ୍ୟତୀତ, ଉତ୍କଳ ଗୌରବ



ମଧୁସୂଦନ ଦାସଙ୍କ ଜନ୍ମଭୂମି ସତ୍ୟଭାମାପୁରର ସମନ୍ୱିତ ବିକାଶ, ସିଏମସି ଏବଂ ସିଡିଏ ଅଞ୍ଚଳ ପାଇଁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍, ମହାନଦୀରେ ବ୍ୟାରେଜ୍ ଯୋଜନା, ବଡମ୍ବା ସୁଗାର ମିଲ ଓ ଭଗତପୁର କଟନ ମିଲର ପୁନଃ କାର୍ଯ୍ୟକାରିତା, ଓ ଉପଖଣ୍ଡ ସ୍ତରୀୟ କୋଲ୍ଡ ଷ୍ଟୋରେଜ ନିର୍ମାଣ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ବୈଠକରୁ ଜଣା ପଡିଛି ଯେ, ମୁଖ୍ୟମନ୍ତ୍ରୀ ଏହି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଏବଂ ପ୍ରଶାସନିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସଚିବଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହି ଆଲୋଚନାରେ, ଅଧିକ ସଂଯୁକ୍ତ ପ୍ରୟାସ ଦ୍ୱାରା କଟକ ଜିଲ୍ଲା ଏବଂ ତାହାର ଉପଖଣ୍ଡ ଅଞ୍ଚଳକୁ ଏକ ଆଧୁନିକ ଓ ସମୃଦ୍ଧ ମଡେଲ୍ କ୍ଷେତ୍ର ବନେଇବା ପାଇଁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ ।

### ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣାରେ ବିଜେଡିର ମୌନବ୍ରତ

# ମୁହଁରେ କଳାପଟି ବାନ୍ଧି ପ୍ରତିବାଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱରର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ପ୍ରତିବାଦରେ ଆଜି ଜନତା ମଇଦାନ ନିକଟସ୍ଥ ଗାନ୍ଧି ପାର୍କ ସ୍ଥିତ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ଜନତା ଦଳର ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ ମୁହଁରେ କଳା ପଟି ବାନ୍ଧି ନିରବ ପ୍ରତିବାଦ କରାଯାଇଥିଲା । ସରକାରଙ୍କ ନିଷ୍କ୍ରିୟତା ଓ ଦାୟିତ୍ୱହୀନତା ଲାଗି ଗୋଟିଏ ନିରୀହ ଝିଅର ଜୀବନ ଦୀପ ଅକାଳରେ ଲିଭିଗଲା । ଏହାର



ପ୍ରତିବାଦ କରିବା ବେଳେ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ବିଜେଡି ନେତା ଓ କର୍ମୀଙ୍କୁ ବର୍ବରୋଚିତ ଆକ୍ରମଣ କଲେ । ଶୁକ୍ରବାର ଭୁବନେଶ୍ୱର ବିଜୁ ଜନତା ଦଳ ତରଫରୁ ସରକାରଙ୍କୁ ସଦ୍ବୁଦ୍ଧି ମିଳିବା ଉଦ୍ଦେଶ୍ୟରେ ଏହି ଅଭିନବ ପ୍ରତିବାଦ କରାଯାଇଥିଲା । ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ଡ. ଅମର ପଟ୍ଟନାୟକ, ଟୁକୁନି ସାହୁ, ପ୍ରଦୀପ ଅମାତ, ପ୍ରଣବ ବଳବନ୍ତରାୟ, ପ୍ରଦୀପ ମାଝୀ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମିଡିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, ଡ଼ ଲେଖାଶ୍ରୀ ସାମନ୍ତସିଂହାର, ରାଜଶ୍ରୀ ମଲ୍ଲିକ, ଧୃତିରଞ୍ଜନ ମାର୍ଥା, ରଶ୍ମୀ ରଞ୍ଜନ ଦାସ, ଇପ୍ସୀତା ସାହୁ ପ୍ରମୁଖ ଥିଲେ ।

## କ୍ୟାମ୍ପସରେ ମହିଳାଙ୍କ ରହିବା ପ୍ରତିବନ୍ଧକ ପ୍ରତ୍ୟାହୃତ କଲା ରେଭେନ୍ସା ୟୁନିଭର୍ସିଟି

କଟକ(ଭାସ୍କର ନ୍ୟୁଜ): ରେଭେନ୍ସା ୟୁନିଭର୍ସିଟି ମହିଳା ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରୀମାନଙ୍କୁ ସନ୍ଧ୍ୟା ୫:୩୦ଟା ପରେ କ୍ୟାମ୍ପସରେ ରହିବାକୁ ନିଷେଧ କରିଥିବା ଆଦେଶକୁ ପ୍ରତ୍ୟାହୃତ କରିଛି । ଏହି ବିବାଦସ୍ପଦ ଆଦେଶ ୧୭ ଜୁଲାଇ ତାରିଖରେ ଜାରି କରାଯାଇଥିଲା ଓ ପ୍ରବଳ ବିରୋଧ ପରେ ପରବର୍ତ୍ତୀ ଦିନ ଏହାକୁ ବାତିଲ କରାଯାଇଛି । ଏହି ଆଦେଶ ବିଶ୍ୱବିଦ୍ୟାଳୟର କୁଳସଚିବ ଦ୍ୱାରା କୁଳପତିଙ୍କ ପକ୍ଷରୁ ଜାରି କରାଯାଇଥିଲା, ଯେଉଁଥିରେ ସୁରକ୍ଷା କାରଣ ଦେଖାଇ ଲେଖାଯାଇଥିଲା ଯେ, କୌଣସି ମହିଳା ଶିକ୍ଷୟିତ୍ରୀ, କର୍ମଚାରୀ କିମ୍ବା ଛାତ୍ରୀ ସନ୍ଧ୍ୟା ୫:୩୦ ପରେ କାର୍ଯ୍ୟସ୍ଥଳ କିମ୍ବା କ୍ୟାମ୍ପସରେ ରହିପାରିବେ ନାହିଁ । ଏହି ନିଷ୍ପତ୍ତି ପରବର୍ତ୍ତୀ ଔପଚାରିକ ‘ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର’ ଜାରିନହେବା ଯାଏ ବଳବତର ରହିବ , ଯାହା କାର୍ଯ୍ୟ ସମୟ ଓ ସୁରକ୍ଷା ବ୍ୟବସ୍ଥା ସହିତ ସମ୍ବନ୍ଧିତ ନିର୍ଦ୍ଦେଶନାମାକୁ ସ୍ପଷ୍ଟ କରିବ । ଆଦେଶ ଜାରି ହେବା ରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ସାମାଜିକ ସଂଗଠନ ପକ୍ଷରୁ ତୀବ୍ର କରାଯାଇଥିଲା । ଏହାର ପରିଣାମ ସ୍ୱରୂ ବିଶ୍ୱବିଦ୍ୟାଳୟ ପ୍ରଶାସନ ଏହି ଆଦେଶକୁ ତୁରନ୍ତ ପ୍ରଭାବରେ ବାତିଲ କରିଦେଇଛି । ବିଶ୍ୱବିଦ୍ୟାଳୟ ସୂତ୍ର ଅନୁଯାୟୀ, ବର୍ତ୍ତମାନ ଏକ ନୂଆ ଓ ଲିଙ୍ଗଗତ ଭାବେ ନିରପେକ୍ଷ ‘ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର’ ପ୍ରସ୍ତୁତ କରାଯାଉଛି, ଯାହା ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବ ।

## ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଦ୍ୱନ୍ଦ୍ୱ ଦୂର ପାଇଁ କୋର୍ଟ ମନିଟର ତଦନ୍ତ ହେଉ: ବିଜୟ ମହାପାତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମହତ୍ୟା ମାମଲାରେ ବରିଷ୍ଠ ନେତା ବିଜୟ ମହାପାତ୍ର ଦ୍ୱନ୍ଦ ଦୂର ପାଇଁ କୋର୍ଟ ମନିଟର ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି । ସେ କହିଛନ୍ତି ଯେ, ଆରମ୍ଭରୁ ଏହି ଘଟଣା ହାଲୁକା ଭାବରେ ନେବା ଉଚିତ ନ ଥିଲା । ଗୁଇନ୍ଦା କେମିତି ଏ ଘଟଣା ଜାଣିପାରିଲା ନାହିଁ । ସରକାର ଯେତେ ଗୁରୁତର ସହ ନେବା କଥା ନେଇନାହାନ୍ତି । ନେଇଥିଲେ ଏଭଳି ଘଟଣା ଘଟି ନଥାନ୍ତା । ଏ ଅପବାଦ ସରକାରଙ୍କ ମୁଣ୍ଡ ଉପରେ ଝୁଲି କି ରହିବ । ନିରପେକ୍ଷ ତଦନ୍ତ ହେଉ ବୋଲି ସମସ୍ତେ ଆଶା କରିଛନ୍ତି । ଜିଲ୍ଲା ପ୍ରଶାସନଠୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଛାତ୍ରୀ ଜଣେଇଛି । ହେଲେ କଣ ହେବ କେହି ଆକଳନ କରି ପାରିଲେନି । ବାଲେଶ୍ୱର ଘଟଣା ସୁଶାସନ କୁଶାସନ ନା ଦୁଃଶାସନ କ୍ଷେତ୍ରରେ ଯିବ ? ସରକାର ଚାହିଁଲେ କୋର୍ଟ ମନିଟର ତଦନ୍ତ ହୋଇପାରିବ । ରାଜ୍ୟପାଳ ଆଇସିସି ନେଇ ତଦନ୍ତ କରିଛନ୍ତି ବୋଲି କାଲି ଭୁବନେଶ୍ୱର ସାଂସଦ କହିଲେ । ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ଏହି ଘଟଣାକୁ ଟଣାଯିବା ପରେ ରାଜ୍ୟପାଳ ଏ ନେଇ ମତାମତ ରଖିବା କଥା । ସରକାରଙ୍କ ଆହ୍ୱାନ କଣ ଯଥେଷ୍ଟ କି ବୋଲି ପ୍ରଶ୍ନ ଉଠାଇଛନ୍ତି ବିଜୟ । ଇତିଶ୍ରୀ ଠୁ ବେବିନା ପର୍ଯ୍ୟନ୍ତ ବହୁ ଘଟଣା ହେଇଛି ହେଲେ ଏଭଳି ଘଟଣା କେବେ ଘଟିନଥିଲା । ଅତୀତର ଘଟଣା ଓ ବାଲେଶ୍ୱର ଘଟଣା ଭିତରେ ଥିବା ଫରକକୁ ସରକାର ଯେଉଁ ପର୍ଯ୍ୟନ୍ତ ବୁଝିବେ ନାହିଁ ତଦନ୍ତ ଠିକ ଭାବେ ଚଳିବ ନାହିଁ ବୋଲି ସେ କହିଛନ୍ତି ।

## ଗିରଫ ଛାତ୍ର କଂଗ୍ରେସ ନେତାଙ୍କୁ ଜେଲରେ ଭେଟିଲେ ପିସିସି ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ କଲେଜର ଆତ୍ମହୃତି ଦେଇ ମୃତ୍ୟୁ ବରଣ କରିଥିବା ଛାତ୍ରୀଙ୍କୁ ନ୍ୟାୟ ଦେବା ଦାବିରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଗତ ୧୬ ତାରିଖ ଦିନ ଛାତ୍ର କଂଗ୍ରେସ କର୍ମୀମାନେ ଘେରାଉ କରିଥିବାବେଳେ ତାଙ୍କ ବାସଭବନକୁ ଅଣ୍ଡାମାଡ ହୋଇଥିଲା । ପୂର୍ବତନ ଛାତ୍ର କଂଗ୍ରେସ ଉପସଭାପତି ଆଦିତ୍ୟ ପ୍ରିତମ ଦାସ,



ଛାତ୍ର କଂଗ୍ରେସ ଉପସଭାପତି ସୌମ୍ୟରଞ୍ଜନ ଜେନା, ସାଧାରଣ ସମ୍ପାଦକ ସୁଭଙ୍କର ସେଠୀ, ଛାତ୍ର ନେତା ବଳରାମ ସାହୁ ପ୍ରମୁଖଙ୍କୁ ପୁଲିସ ଅଗଣତାନ୍ତ୍ରିକ ଉପାୟରେ ଜେଲ ପଠାଇଥିଲା । ଶୁକ୍ରବାର ପିସିସି ସଭାପତି ଭକ୍ତ ଚରଣ ଦାସ ଝାରପଡା ସ୍ୱତନ୍ତ୍ର କାରଗାରାକୁ ଯାଇ ସେମାନଙ୍କୁ ଭେଟିବା ସହ ଭଲମନ୍ଦ ବୁଝିଥିଲେ । ଗିରଫ ଛାତ୍ରଙ୍କୁ ଭେଟିବା ପରେ ଶ୍ରୀ ଦାସ କହିଛନ୍ତି, ଅଣ୍ଡାମାଡ ମନ୍ତ୍ରୀଙ୍କ ଦେହରେ ବାଜି ନାହିଁ କି ତାଙ୍କ ଘର ଭିତରେ ପଡ଼ିନାହିଁ । କେବଳ ପାଚେରୀ ପାଖରେ ପଡ଼ିଛି । ଏହା କ’ଣ ଗୁରୁତର ଅପରାଧ ବୋଲି ପ୍ରଶ୍ନ କରିଥିଲେ । ଶ୍ରୀ ଦାସ ଆହୁରି କହିଥିଲେ ଯେ, ଯଦି ଏହା ଅପରାଧ, ଫକୀର ମୋହନ କଲେଜ ଶିକ୍ଷା ବିଭାଗର ମୁଖ୍ୟ, ଅଧକ୍ଷଙ୍କ ସହ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ମଧ ମୃତା ଛାତ୍ରୀ ଜଣଙ୍କ ଗୁହାରି କରିଥିଲେ କିନ୍ତୁ ତାଙ୍କ ଏଫ.ଆଇ.ଆର ହେଲା ନାହିଁ । ତାହା କ’ଣ ଅପରାଧ ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି । ବିଜେପି ଶାସନ ଆସିବା ପୂର୍ବରୁ ଉଚ୍ଚ ଶିକ୍ଷାମନ୍ତ୍ରୀ କେତେ ନାଚିଛନ୍ତି କେତେ ବିରୋଧ କରିଛନ୍ତି ତାହା କ’ଣ ଅପରାଧ ନ ଥିଲା ? ପୋଲିସ ଅପରାଧ କରିପାରିବେ, ମନ୍ତ୍ରୀ ଅପରାଧ କରିପାରିବେ କିନ୍ତୁ ଛାତ୍ର କଂଗ୍ରେସ ଦୁଇଟା ଅଣ୍ଡ ଫିଙ୍ଗି ଜେଲ ଯିବେ ଏହା କି ପ୍ରକାର ନିୟମ । କଂଗ୍ରେସ ଦଳ ଆଇନକୁ ସମ୍ମାନ ଦେଉଛି । ଯଦି ଆମେ ଆଇନ ହାତକୁ ନେବୁ ତେବେ ବିଜେପି ନେତା ଓ ମନ୍ତ୍ରୀ ରାଜରାସ୍ତାରେ ଚାଲିପାରିବେ କି ବୋଲି କହିଛନ୍ତି ଶ୍ରୀଯୁକ୍ତ ଦାସ । ପିସିସି ସଭାପତି ଶ୍ରୀ ଦାସଙ୍କ ସହ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଂଯୋଜକ ରାଜୀବ ପଟ୍ଟନାୟକ, କଂଗ୍ରେସ ପାର୍ଥୀ ନିରଞ୍ଜନ ନାୟକ, ସୁଧାଂଶୁ ଦେଓ ଓ ଦୀପକ କୁମାର ମହାପାତ୍ର ପ୍ରମୁଖ ସହ ଉପସ୍ଥିତ ଥିଲେ ।

## ପ୍ରକାଶ ପାଇଲା ଯୁକ୍ତଦୁଇ ଇନ୍‌ଷ୍ଟାଣ୍ଟ ରେଜଲ୍ଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୨୦୨୫-୨୬ଶିକ୍ଷାବର୍ଷର ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି । ସେଥିରୁ କଳାରେ ମୋଟ୍ ୪୯୫ଜଣ ପରୀକ୍ଷା ଦେଇଥିବା ବେଳେ ୪୪୯ଜଣ ପାସ୍ କରିଛନ୍ତି । ପାସ୍‌ହାର ୯୦.୫୦% ରହିଛି । ତେବେ ୨୨୪ଜଣ ଛାତ୍ରଙ୍କ ମଧ୍ୟରୁ ୧୯୩ଜଣ ପାସ୍ କରିଥିବା ବେଳେ କେବଳ ଛାତ୍ରଙ୍କ ପାସହାର ୮୬.୧୬% ରହିଛି । ସେହିପରି ୨୭୧ଜଣ ଛାତ୍ରୀଙ୍କ ମଧ୍ୟରୁ ୨୫୬ଜଣ ପାସ୍ କରିଥିବା ବେଳେ ଝିଅଙ୍କ ପାସ୍‌ହାର ୯୪.୯୦% ରହିଛି । କାଳାରେ ୬୦ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୧୬୬ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୨୨୩ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି । ବିଜ୍ଞାନରେ ମୋଟ୍ ୩୪୮ଜଣ ପରୀକ୍ଷା ଦେଇଥିବା ବେଳେ ୩୧୧ଜଣ ପାସ୍ କରିଛନ୍ତି । ପାସ୍‌ହାର ୮୯.୩୬% ରହିଛି । ତେବେ ୨୦୬ଜଣ ଛାତ୍ରଙ୍କ ମଧ୍ୟରୁ ୧୮୨ଜଣ ପାସ୍ କରିଥିବା ବେଳେ କେବଳ ଛାତ୍ରଙ୍କ ପାସହାର ୮୮.୩୪% ରହିଛି । ସେହିପରି ୧୪୨ଜଣ ଛାତ୍ରୀଙ୍କ ମଧ୍ୟରୁ ୧୨୯ଜଣ ପାସ୍ କରିଥିବା ବେଳେ ଝିଅଙ୍କ ପାସ୍‌ହାର ୯୦.୮୪% ରହିଛି । ବିଜ୍ଞାନରେ ୧୧୪ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୧୮୧ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୧୫ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି । ବାଣିଜ୍ୟରେ ମୋଟ୍ ୧୩୩ଜଣ ପରୀକ୍ଷା ଦେଇଥିବା ବେଳେ ୧୨୭ଜଣ ପାସ୍ କରିଛନ୍ତି । ପାସ୍‌ହାର ୯୩.୯୮% ରହିଛି । ତେବେ ୮୦ଜଣ ଛାତ୍ରଙ୍କ ମଧ୍ୟରୁ ୭୬ଜଣ ପାସ୍ କରିଥିବା ବେଳେ କେବଳ ଛାତ୍ରଙ୍କ ପାସହାର ୯୫% ରହିଛି । ସେହିପରି ୫୩ଜଣ ଛାତ୍ରୀଙ୍କ ମଧ୍ୟରୁ ୪୯ଜଣ ପାସ୍ କରିଥିବା ବେଳେ ଝିଅଙ୍କ ପାସ୍‌ହାର ୯୨.୪୫% ରହିଛି । ୨୧ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୪୨ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୬୨ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି । ଧନ୍ଦାମୂଳକଶିକ୍ଷାରେ ମୋଟ୍ ୩୨ଜଣ ପରୀକ୍ଷା ଦେଇଥିବା ବେଳେ ୨୯ଜଣ ପାସ୍ କରିଛନ୍ତି । ପାସ୍‌ହାର ୯୦.୬୨% ରହିଛି । ତେବେ ୧୨ଜଣ ଛାତ୍ରଙ୍କ ମଧ୍ୟରୁ ୧୧ଜଣ ପାସ୍ କରିଥିବା ବେଳେ କେବଳ ୨୦ଜଣ ଛାତ୍ରୀଙ୍କ ମଧ୍ୟରୁ ୧୮ଜଣ ପାସ୍ କରିଛନ୍ତି । ୪ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୨୪ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ଜଣେ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି । ରାଜ୍ୟରେ ଜଗତସିଂପୁର ଜିଲ୍ଲାରେ ପାସହାର ସର୍ବାଧିକ ଶତପ୍ରତିଶତ ରହିଥିବା ବେଳେ ନୂଆପଡାରେ ସର୍ବନିମ୍ନ ୩୩.୩୩% ରହିଛି ।

## ବଢ଼ି ବଢ଼ି ଚାଲିଛି ପରିବା ଦର

କଟକ(ଭାସ୍କର ନ୍ୟୁଜ): ମୌସୁମୀ ଓ ଲଗାଣ ଲଘୁଚାପ ବର୍ଷା କାରଣରୁ ଏବେ ପରିବା ଚାଷ ବହୁଳ ଭାବେ ପ୍ରଭାବିତ ହୋଇଛି । ଫଳରେ ପନି ପରିବା ହୁ ହୁ ହୋଇ ବଢ଼ି ଚାଲିଛି । କୌଣସି ପରିବା ଦରଆଉ ୬୦ -୭୦ ଟଙ୍କା ତଳକୁ ନାହିଁ ବର୍ଷା ଆଳ ଦେଖାଇ ଅସାଧୁ ବ୍ୟବସାୟୀମାନେ ମୁନାଫା କମାଉଥିବାବେଳେ ଚାଷୀକୂଳ କିନ୍ତୁ ଲାଭବାନ ହେଉନାହିଁ । ଯେଉଁ ପରିବା ଦର କିଛିଦିନ ପୂର୍ବେ କେଜି ପ୍ରତି ୨୦, ୩୦ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ ୬୦ରୁ ୭୦ ଟଙ୍କାରେ ବିକ୍ରୀ ହେଉଛି । ଛତ୍ର ବଜାରରେ ବାଇଗଣ କେ.ଜି ପିଛା ୭୦ରୁ ୮୦ ଟଙ୍କାରେ ବିକ୍ରୀ ହେଉଥିବାବେଳେ ଖୁଚୁରା ବଜାରରେ ଏହା ଶହେ ଟଙ୍କାରେ ବିକ୍ରୀ ହେଉଛି । ସେହିପରି ଛତ୍ର ବଜାରରେ ଭଲ ଝୁଡ଼ୁଙ୍ଗ ୬୦, କଲରା ୮୦ ଟଙ୍କା, ଭେଣ୍ଡି ୭୦ ଟଙ୍କା, କାକୁଡ଼ି ୭୦ ଟଙ୍କା, କାଙ୍କଡ ୧୪୦ ଟଙ୍କା, ଜହ୍ନି ୮୦ ଟଙ୍କା, ଛଚିନ୍ଦ୍ରା ୬୦ ଟଙ୍କା, ପୋଟଳ ୮୦ ଟଙ୍କାରେ ବିକ୍ରୀ ହେଉଛି ।

## ୨୧ରେ କଟକ, ସମ୍ବଲପୁର ଓ ବ୍ରହ୍ମପୁର ଆର୍‌ଡିସି ଅଫିସରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୌମ୍ୟାଶ୍ରୀ ଆତ୍ମାହୃତି ଘଟଣାରେ ତାଙ୍କ ମୃତ୍ୟୁ ପାଇଁ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରି ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ତରଫରୁ ଆସନ୍ତା ଜୁଲାଇ ୨୧ ତାରିଖରେ ଦଳ ତରଫରୁ ରାଜ୍ୟର ସମସ୍ତ ଆରଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ହେବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି । ଶଙ୍ଖଭବନ ଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଆରଡିସି ଅଫିସ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି । ସେ କହିଥିଲେ, ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ, ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ପ୍ରତିବାଦ କାର୍ଯ୍ୟକ୍ରମ କରିଆସୁଛି । ୧୪ ତାରିଖ



ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘୋଷଣା କରାଯାଇଥିଲା ବେଳେ ତା ପରଦିନ ସକାଳୁ ଅର୍ଥାତ ଜୁଲାଇ ୧୫ ତାରିଖ ଦିନ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା । ୧୬ ତାରିଖ ଦିନ ବିଜୁ ଜନତା ଦଳ ତରଫରୁ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଥିଲେ । ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଓ ସମ୍ବେଦନହୀନତା ଲାଗି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ଏହାର ତଦନ୍ତ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବା ଯାଏଁ ବିଜୁ ଜନତା ଦଳ ଏହି ଆନେ୍ଦାଳନକୁ ତୀବ୍ରତର କରିବ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଉପସ୍ଥିତ ଥିଲେ ।

## ଅଗଷ୍ଟ ୪ରୁ ନବ ନିର୍ମାଣ ଛାତ୍ର ସଂଗଠନର ପଦଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଛାତ୍ରୀ ମୃତ୍ୟୁ ମାମଲା ଘଟଣାରେ ପ୍ରତିବାଦ କରିବ ନବ ନିର୍ମାଣ କୃଷକ ସଙ୍ଗଠନ । ଆସନ୍ତା ୪ ଅଗଷ୍ଟରୁ ୧୮ ଅଗଷ୍ଟ ପର୍ଯ୍ୟନ୍ତ ବାଲେଶ୍ୱରରୁ ଭୁବନେଶ୍ୱର ଯାଏଁ ନବ ନିର୍ମାଣ ଛାତ୍ର ସଂଗଠନର ପଦଯାତ୍ରା ଓ ସତ୍ୟାଗ୍ରହ ହେବ । ବାଲେଶ୍ୱର ଛାତ୍ରୀ କେବଳ ଜଣେ ସାଧାରଣ ଛାତ୍ରୀ ନୁହେଁ ବରଂ ତାଙ୍କ ଆତ୍ମାହୁତି ଜଣେ ବିପ୍ଳବୀ ଝିଅ ତଥା ଝାଂସି ରାଣୀର ପରିଚୟ ଦେଇଛି । ତାଙ୍କ ମୃତ୍ୟୁ ସମସ୍ତଙ୍କ ପାଇଁ ଦୁଃଖଦ । ସୌମ୍ୟଶ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବ୍ୟବସ୍ଥା ପରିବର୍ତ୍ତନ କରିବାର ଏକ ନୂଆ ମାର୍ଗ ଖୋଜିବାର ଆ୍ୱଶ୍ୟକତା ରହିଛି । ତେଣୁ ଆଗାମୀ ୪ ଅଗଷ୍ଟରୁ ବାଲେଶ୍ୱରରୁ ଏକ ପଦଯାତ୍ରା ବାହାରି ଆଗାମୀ ଅଗଷ୍ଟ ୧୮ ତାରିଖରେ ଭୁବନେଶ୍ୱର ପହଁଚି ଏକ ବିଶାଳ ଛାତ୍ର ସମାବେଶ ଅନୁଷ୍ଠିତ ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି ।

## ଓ୍ୱାପ୍‌କସ୍‌ର ନୀତିନ ରାଠୋରଙ୍କ ସହ କେଭି ସିଂହଦେଓ ଆଲୋଚନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓ୍ୱାପକସର ନୀତିନ ରାଠୋର-କେଭି ସିଂହଦେଓଙ୍କ ମଧ୍ୟରେ ଆଲୋଚନା ହୋଇଛି । ଶୁକ୍ରବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହିତ ଓ୍ୱାପକସର ନିତିନ ରାଠୋର ସହିତ ଏକ ଫଳପ୍ରଦ ଆଲୋଚନା ହୋଇଛି । ଆଲୋଚନାର କେନ୍ଦ୍ରବିନ୍ଦୁ ହେଉଛି ଓଡିଶାର ବିକାଶ ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରିବା ପାଇଁ ଜଳ, ପାଇପାଇନ୍, ଓ ପରାମର୍ଶ ସମାଧାନରେ ଓ୍ୱାପକସର ପ୍ରାଜ୍ଞିକ ଦକ୍ଷତାକୁ କିପରି ବ୍ୟବହାର କରାଯାଇପାରିବ । ସ୍ମାର୍ଟ ଜଳସେଚନ ପ୍ରଣାଳୀରୁ ଆରମ୍ଭ କରି ସୁଦୃଢ଼ ସହର ଯୋଜନା ପର୍ଯ୍ୟନ୍ତ, ଏପରି ଭାଗିଦାରି ଗୁଡ଼ିକର ସ୍ଥାୟୀ ଉନ୍ନତି ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିଛି । ସହଯୋଗମୂଳକ ଉତ୍କୃଷ୍ଟତା ମାଧ୍ୟମରେ ଓଡିଶାର ଭବିଷ୍ୟତକୁ ଦୃଢ଼ କରିବା ପାଇଁ ଏହା ଏକ ଦୃଢ଼ ପଦକ୍ଷେପ ବୋଲି କେଭି ସିଂହଦେଓ କହିଛନ୍ତି ।

## ବିଧାୟକ ଓ ସାଂସଦଙ୍କ ମାରାଥନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର ଦିନ ଖୋର୍ଦ୍ଧା ବିଧାୟକ କାର୍ଯ୍ୟାଳୟ ଠାରେ ୫୦୦ରୁ ଊର୍ଦ୍ଧ୍ୱ ଅଭିଯୋଗକୁ ନେଇ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ପ୍ରଶାନ୍ତ ଜଗଦେବ,




ଅଭିଯୋଗ ଗୁଡ଼ିକର ଯଥାଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଯାହାକୁ ନେଇ ଅଭିଯୋଗକାରୀ ମାନେ ବେଶ୍ ଆଶ୍ୱସ୍ତ ହୋଇଥିଲେ । ଏଥିସହିତ ଖୋର୍ଦ୍ଧା ଟାଉନ୍ ହଲ୍‌ରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ସ୍ଥାନୀୟ ଉପ ଜିଲ୍ଲାପାଳ, ପୌର ନିର୍ବାହୀ ଅଧିକାରୀ, ବିଡ଼ିଓ, ତହସିଲଦାର, ରେଭେନ୍ୟୁ ଇନ୍‌ସପେକ୍ଟର ଓ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିବା ବେଳେ ଅନ୍‌ସ୍ପଟ୍ ଶତାଧିକ ଅଭିଯୋଗର ସମାଧାନ ହୋଇଥିଲା । ସାଧୁ ସନ୍ଥ, କ୍ରୀଡାବିତ୍‌ଙ୍କ ସମେତ ବିଭିନ୍ନ ବର୍ଗର ଲୋକ ମାନଙ୍କ ଅଭିଯୋଗ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଖୋର୍ଦ୍ଧା ଗଡଦ୍ୱାର ସାହି ପାଇଁ ମଶାଣି, ବିଭିନ୍ନ ଜମି ଚିହ୍ନଟ ବ୍ୟତୀତ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଡ୍ରେନ, ଲାଇଟ୍, ପାଣି ଆଦି ମୌଳିକ ସମସ୍ୟାମାନଙ୍କୁ ନେଇ ଅଭିଯୋଗ ଓ ଦାବି ରହିଥିବା ବେଳେ ଲିମିଟେଡ଼ କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ଆଧାରରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗ ଦେଇ ୯୯ ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଗାଡି ଓ ୧୭ ଜଣଙ୍କୁ ଆଶାବାଡ଼ି ପ୍ରଦାନ କରିଥିଲେ । ଆଇଓସିଏଲ୍‌ର ଡିଜିଏମ୍‌ସି ଏସ୍‌ଆର ପି.କେ.ପଣ୍ଡାଙ୍କ ଉପସ୍ଥିତିରେ ଖୋର୍ଦ୍ଧା ଅଞ୍ଚଳର ୧୧୬ ଜଣ ଦିବ୍ୟାଙ୍ଗଙ୍କୁ ୫୦ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଏହି ସେବା ଯୋଗାଇ ଦିଆଯାଇଥିବା ବେଳେ ଆଗାମୀ ଦିନରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ଏହିଭଳି କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି ସାଂସଦ ଓ ବିଧାୟକ ।

# ନିର୍ଯାତିତ ମହିଳାଙ୍କ ଲାଗି ସ୍ୱତନ୍ତ୍ର ସେଲ ଖୋଲିବ କଂଗ୍ରେସ

### ବିଧାନସଭାରେ ଉଠିବ ପ୍ରସଙ୍ଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ୨୪ ତାରିଖ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରର ପୀଡ଼ିତା ସୌମ୍ୟାଶ୍ରୀଙ୍କ ଏକାଦଶାହ ଦିନକୁ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରିବ ଇଣ୍ଡିଆ ମେଣ୍ଟର କଂଗ୍ରେସ ସମେତ ୮ଟି ଦଳ । ସାରା ରାଜ୍ୟରେ ମହିଳା କଂଗ୍ରେସ ସହିତ ଆଠଟି ଦଳର ମହିଳା ସେଲ ଏହାକୁ ମଧ ପାଳନ କରିବେ । କେବଳ ବାଲେଶ୍ୱର ପୀଡ଼ିତା ନୁହନ୍ତି ବାକି ଯେଉଁ ମହିଳା ଓ ଝିଅଙ୍କ ପ୍ରତି ଅଘଟଣ ହୋଇଛି ତାଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଦିଆଯିବ । ସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ୨ ମିନିଟ ନୀରବ ପ୍ରାର୍ଥନା ପାଇଁ ନିବେଦନ କରିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । କଂଗ୍ରେସ ସମେତ ଆଠଟି ଦଳ ପକ୍ଷରୁ



ମିଳିତ ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଥିଲେ, ସରକାରୀ ସମେତ ସବୁ ବେସରକାରୀ ଅନୁଷ୍ଠାନ ମଧ ୧ ମିନିଟ ନୀରବ ପ୍ରାର୍ଥନା ଲାଗି ଅନୁରୋଧ କରିଛନ୍ତି । ରାଜ୍ୟରେ ନିର୍ଯାତିତ ମହିଳାଙ୍କ ଲାଗି ମହିଳା ସେଲ ଖୋଲିବ ପିସିସି । ସେମାନେ ଆପ ମାଧ୍ୟମରେ ଅଭିଯୋଗ କରିବା ପରେ ପିସିସି ଅନୁଧ୍ୟାନ କରି ତଦନ୍ତରେ ସହଯୋଗ କରିବ । ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ବଡ ନିଷ୍ପତି ହୋଇଥିବା ଭକ୍ତ କହିଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଲେ, ସୌମ୍ୟଶ୍ରୀଙ୍କ ପ୍ରସଙ୍ଗ ଆଗାମୀ ଦିନରେ ବିଧାନସଭାରେ ଉଠିବ । ଆଗରୁ ନାରୀ ସୁରକ୍ଷା ପ୍ରସଙ୍ଗ କଂଗ୍ରେସ ଗୃହରେ ଉଠାଇଥିଲା । ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଆସନ୍ତାକାଲି ଦିଲ୍ଲୀରେ ବସିବ ଇଣ୍ଡିଆ ବ୍ଲକ ବୈଠକ । ଏହି ବୈଠକରେ ଉଠିବ ବାଲେଶ୍ୱର ପୀଡ଼ିତା ପ୍ରସଙ୍ଗ । ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସଂସଦରେ ଉଠାଇବେ । ତୁରନ୍ତ ରାଜ୍ୟ ସରକାର ମହିଳା କମିଶନ ନିଯୁକ୍ତି କରନ୍ତୁ ବୋଲି କଂଗ୍ରେସ ପ୍ରଭାରୀ ଶ୍ରୀ ଲଲ୍ଲୁ କହିଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ, ଭାରତ ଇତିହାସରେ ଏଭଳି ଶାନ୍ତିପୂର୍ଣ୍ଣ ବନ୍ଦ ପ୍ରଥମ । ଆଗାମୀ ଦିନରେ ସମସ୍ତେ ମହିଳା ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରଖିବେ । ସିପିଆଇଏମ ନେତା ସୁରେଶ ପାଣିଗ୍ରାହୀ କହିଲେ, ଏଭଳି ବନ୍ଦ ପରେ ରାଜ୍ୟ ସରକାରଙ୍କ ନିଜ ପଦରେ ନରହି ତୁରନ୍ତ ଇସ୍ତଫା ଦେବା ଉଚିତ । କ୍ରାଇମ ବ୍ରାଞ୍ଚ ତଦନ୍ତ ନକରି, ନ୍ୟାୟିକ ତଦନ୍ତ ହେଉ । ଫରଓ୍ୱାର୍ଡ ବ୍ଲକର ଜ୍ୟୋତି ରଞ୍ଜନ ମହାପାତ୍ର କହିଥିଲେ, ବିଜେପି କର୍ମୀ ମଧ ରାସ୍ତାକୁ ଆସିନଥିଲେ । ସେମାନେ ମଧ ନିଜ ସରକାରକୁ ନୀରବ ଭାବେ ବିରୋଧ କରିଛନ୍ତି । ସମାଜବାଦୀ ପାର୍ଟିର ପ୍ରତାପ ବାରିକ, ବିକ୍ରମ ସ୍ୱାଇଁ ପ୍ରମୁଖ ଦଳ ପକ୍ଷରୁ କୃତଜ୍ଞତା ଜଣାଇଥିଲେ ଥିବାବେଳେ ପ୍ରଦେଶ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ (ଏମ୍‌ଏଲ)-ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ସମେତ ଦୁଷ୍ମନ୍ତ କୁମାର ଦାଶ, ଡ଼ଃ ପ୍ରଶାନ୍ତ ମିଶ୍ର, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଏନ ନାରାୟଣ ରେଡ୍ଡୀ, ଶିଶିର ହୁଇ, ଜୟନ୍ତ ଦାସ ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଏହି ସାମ୍ବାଦିକ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ଛାତ୍ରୀଙ୍କ ମୃତ୍ୟୁ ପରେ ଚେତିଲା ପ୍ରଶାସନ

# ଏକାଧିକ ସୌମ୍ୟାଶ୍ରୀଙ୍କ ଆର୍ତ୍ତନାଦ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୂତିଜନିତ ଦୁଃଖଦ ମୃତ୍ୟୁ ପରେ ସାରା ରାଜ୍ୟରେ ଶୋକ ଓ ଅନୁକମ୍ପାର ଲହରୀ ସୃଷ୍ଟି ହୋଇଥିବା ବେଳେ ପ୍ରଶାସନିକ ସ୍ତରରେ ମଧ୍ୟ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଏହି ପ୍ରସଙ୍ଗକୁ ନେଇ ରାଜନୀତି ଜୋର ଧରିବା ସହିତ ବିରୋଧୀ ଦଳଗୁଡ଼ିକ ଏହାକୁ ସରକାରଙ୍କ ବିରୋଧରେ ଏକ ଅସ୍ତ୍ର ରୂପେ ବ୍ୟବହାର କରିବାକୁ ପ୍ରୟାସ ଜାରି ରଖିଛନ୍ତି। ମୁଖ୍ୟ ବିରୋଧୀ ଦଳ ବିଜେଡି ବୁଧବାର ପ୍ରଶାସନର ପ୍ରାଣକେନ୍ଦ୍ର ଭୁବନେଶ୍ୱରରେ ଏକ ବିକ୍ଷୋଭ ସମାବେଶର ଆୟୋଜନ କରିଥିଲା, ଯାହା ପରବର୍ତ୍ତୀ ସମୟରେ ହିଂସାର ରୂପ ନେବାରୁ ଅନେକ ଦଳୀୟ ନେତା ଓ କର୍ମୀଙ୍କ ସମେତ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହାର ଠିକ୍ ପରଦିନ ଗୁରୁବାର କଂଗ୍ରେସ ସମେତ ଆଠଟି ଦଳର ମିଳିତ ଆହ୍ୱାନରେ ରାଜ୍ୟବ୍ୟାପୀ ବନ୍ଦ ପାଳନ କରାଯିବାରୁ ସ୍ୱାଭାବିକ ଜୀବନଯାତ୍ରା ଗୁରୁତର ଭାବରେ ପ୍ରଭାବିତ ହୋଇଥିଲା। ମୋଟାମୋଟି ଭାବରେ ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ ରହିବା ସଙ୍ଗେ ସଙ୍ଗେ ଏଥିପ୍ରତି କିଛିଟା ସ୍ୱତଃସ୍ଫୂର୍ତ୍ତ ଜନସମର୍ଥନ ଲକ୍ଷ୍ୟ କରାଗଲା। ତେବେ ବନ୍ଦର ଏହି ସଫଳତା ପାଇଁ ଦିବଂଗତ ପୀଡିତା ଛାତ୍ରୀଙ୍କ ପ୍ରତି ସମ୍ମାନ, ସହାନୁଭୂତି ଓ ଶ୍ରଦ୍ଧାଞ୍ଜଳି ମୁଖ୍ୟ କାରଣ ହୋଇଥାଇପାରେ। ଏହାରି ଭିତରେ ରାଜ୍ୟ ସରକାର ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଉପରେ ନ୍ୟସ୍ତ କରିଥିବା ବେଳେ ଉଚ୍ଚଶିକ୍ଷା ବିଭାଗର ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଘଟଣାର ପୃଷ୍ଠଭୂମି ନେଇ ତଦନ୍ତ ଆରମ୍ଭ କରିଛି। ଦୁଇଟି ଯାକ ତଦନ୍ତ ସଂସ୍ଥାର ଅଧିକାରୀମାନେ ବାଲେଶ୍ୱରେ ଉପସ୍ଥିତ ରହି ସଂପୃକ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ପଚରାଉଚରା ଚଳାଇଛନ୍ତି। ଫକୀରମୋହନ କଲେଜର ଦୁଃଖଦ ଘଟଣା ପରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରି ସମସ୍ତ ସରକାରୀ ବିଭାଗ ଓ କାର୍ଯ୍ୟାଳୟରେ ଯୌନ ଉତ୍ପୀଡନ ନିରୋଧ ଆଇନ (ପୋଶ ଆକ୍ଟ)କୁ କଡ଼ାକଡ଼ି ଭାବରେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନରେ ଆଭ୍ୟନ୍ତରୀଣ କମିଟି (ଆଇ.ସି.) ଏଣିକି ସକ୍ରିୟ ଭାବେ କାର୍ଯ୍ୟ କରିବ। କୌଣସି ଯୌନ ନିର୍ଯାତନା ଅଭିଯୋଗ ଆସିବା କ୍ଷଣି ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏଥିରେ ଅବହେଳା ପ୍ରଦର୍ଶନ କରାଗଲେ ବିଭାଗୀୟ ମୁଖ୍ୟ ଦାୟୀ ରହିବେ ବୋଲି ମୁଖ୍ୟ ଶାସନ ସଚିବ ସ୍ପଷ୍ଟ କରିଦେଇଛନ୍ତି। ସାରୁ ଖୋଳୁଖୋଳୁ ମହାଦେବ ବାହାରିଲା ଭଳି ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରେ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ସମାନ ଧରଣର ନିର୍ଯାତନାର ବିକଟ ଚିତ୍ର ନଜରକୁ ଆସିଛି। ବାଲେଶ୍ୱର ଘଟଣାର ଦୁଇଦିନ ନ ପୂରୁଣୁ ସମ୍ବଲପୁରରେ ଜଣେ ଛାତ୍ରୀ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ଚହଳ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁଯାୟୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ବିବାହର ପ୍ରଲୋଭନ ଦେଖାଇ ଜଣେ ଛାତ୍ରୀଙ୍କୁ ଯୌନ ଶୋଷଣ ଚଳାଇଥିଲେ। ପୋଲିସ ଥାନାରେ ଏଥିନେଇ ମାମଲା ରୁଜୁ ହେବା ପରେ ସଂପୃକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇ ତଦନ୍ତ ଚାଲୁ ରହିଛି। ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ରୂପେ କାର୍ଯ୍ୟରତ ଏହି ଅଧ୍ୟାପକଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଲମ୍ବନ କରିଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ କଲେଜର ଜଣେ ଯୁକ୍ତ ୨ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକ ଅସଦାଚରଣର ଶିକାର ହୋଇ ଆତ୍ମହତ୍ୟା କରିଥିଲେ ହେଁ ଏହାର ପର୍ଦ୍ଦାଫାଶ ଏଯାବତ୍ ହୋଇନଥିବାରୁ ଜନଅସନ୍ତୋଷ ମୁଣ୍ଡ ଟେକିଛି। ଆତ୍ମହତ୍ୟାର ତଦନ୍ତ ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସ୍ଥଳେ ମାମଲା ନ କରିବାକୁ ପୋଲିସ ଚାପ ପକାଉଥିବାର ଅଭିଯୋଗ ହୋଇଛି। କେବଳ ବାଲେଶ୍ୱର, ସମ୍ବଲପୁର ବା ପଟ୍ଟାମୁଣ୍ଡାଇ ନୁହେଁ ରାଜ୍ୟର ପୁରପଲ୍ଲୀରେ ଅନେକ ସୌମ୍ୟାଶ୍ରୀ ଆଜି ନ୍ୟାୟ ପାଇବାକୁ ଆକୁଳ ଆବେଦନ କରିଚାଲିଛନ୍ତି, କିନ୍ତୁ ସେମାନଙ୍କ ଆଖିରୁ ଲୁହ ପୋଛିବାକୁ କେହି ଆଗେଇ ଆସୁ ନାହାନ୍ତି। ଏହି ସମ୍ବେଦନଶୀଳ ମାନବିକ ପ୍ରସଙ୍ଗକୁ ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରଖି ଯୌନ ପିପାସୁ ନରରାକ୍ଷସଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏକାନ୍ତ ଜରୁରି।

## ନୀତିବାଣୀ



କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଋଣ ଜାଲରେ ଫସୁଛନ୍ତି ମଧ୍ୟମ ବର୍ଗ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ନିକଟରେ ରିଜର୍ଭବ୍ୟାଙ୍କ ରେପୋ ହାରହ୍ରାସ କରିଛନ୍ତି। ରିଜର୍ଭ ବ୍ୟାଙ୍କଙ୍କ ଏହି ନିଷ୍ପତ୍ତି ପରେ ଘରୋଇ ଏବଂ ସରକାରୀ ବ୍ୟାଙ୍କମାନେ ଏପରିକି କ୍ରେଡିଟକାର୍ଡ ପ୍ରଦାନକାରୀ କମ୍ପାନୀମାନଙ୍କ ସମେତ ଅନ୍ୟ ବିତ୍ତିୟ ସଂସ୍ଥାନ ମାନେ ସେମାନଙ୍କ ଗ୍ରାହକ ମାନଙ୍କୁ ଦେଉଥିବା ଋଣ ଉପରେ ଲାଗୁ କରିଥିବା ସୁଧ ହାର ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳତଃ ଋଣ ଗ୍ରହିତା ମାନେ ଏହାର ଫାଇଦା ଉଠାଇ ପାରିବେ ଏବଂ ଦେଶର ଅର୍ଥବ୍ୟବସ୍ଥା ଅଧିକ ଗତିଶୀଳ ହୋଇ ପାରିବ। ଭାରତରେ ଯେହେତୁ ଏବେ ମୁଦ୍ରାସ୍ଫୀତି ହାରକୁ ନିୟନ୍ତ୍ରଣ କରାଯାଇ ପାରିଛି ଏଣୁ ଆଗାମୀ ଦିନରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋଦରକୁ ଆହୁରି କମାଇବାର ଆଶଙ୍କା ମଧ୍ୟ ରହିଛି। ଆଶା କରାଯାଉଛି ଋଣ ଉପରେ ସୁଧହାର ହ୍ରାସ କାରଣରୁ ଯେଉଁମାନେ ପୂର୍ବରୁ କେବେ ବ୍ୟାଙ୍କରୁ ଋଣ ନେଇଥିବେ ସେମାନେ ଏବେ ଋଣ ନେବା ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଋଣଦେବା ବେଳେ ଧ୍ୟାନ ରଖିବା ଆବଶ୍ୟକ ଯେ ଋଣ ଯାହାକୁ ଦିଆଯିବ ତାଙ୍କର ଋଣ ପରିଶୋଧ କରିବାର କ୍ଷମତା ଅଛି ନା ନାହିଁ? ଅର୍ଥାତ୍ ଋଣଗ୍ରହୀତାଙ୍କର ପର୍ଯ୍ୟାପ୍ତ ମାସିକ ଆୟଥିବା ଦରକାର ଏପରିକି ସୁଧ ପୈଠ ନିର୍ଦ୍ଧାରିତ ସମୟରେ ଋଣ ଗ୍ରହୀତା କରିବା ଆବଶ୍ୟକ। ଏ ସନ୍ଦର୍ଭରେ ବିଶେଷ ଭାବେ ଯୁବ ଋଣ ଗ୍ରହୀତାଙ୍କ ଦ୍ୱାରା ପର୍ଯ୍ୟାପ୍ତ ମାସିକ ଆୟଥିବା ଦରକାର ବିଶେଷ ଭାବେ ଯୁବ ଋଣ ଗ୍ରହୀତାଙ୍କ ଦ୍ୱାରା କ୍ରେଡିଟ କାର୍ଡର ଉପଯୋଗ ପରେ ସମ୍ବନ୍ଧିତ ରାଶିକୁ ଧାର୍ଯ୍ୟ ସମୟରେ ପରିଶୋଧ କରିବା ଆବଶ୍ୟକ କାରଣ ଠିକ୍ ସମୟରେ ପରିଶୋଧ ନକଲେ ଋଣରାଶି ଉପରେ ଅଧିକ ମାତ୍ରାରେ ସୁଧ ଆଦାୟ କରାଯାଇଥାଏ। ଏହା ଋଣଗ୍ରହୀତାଙ୍କୁ ଋଣ ଜାଲରେ ଫସାଇ ଦେଇଥାଏ।

ବ୍ୟାଙ୍କ ମାନେ ଦେଉଥିବା ଋଣ ବାବଦର ମାସିକ କିସ୍ତି ଯଦି ଋଣଗ୍ରହୀତା ମାନେ ଠିକ୍ ସମୟରେ ପୈଠ ନ କରନ୍ତି ତେବେ ବ୍ୟାଙ୍କମାନେ ଋଣ ଗ୍ରହୀତାଙ୍କଠାରୁ ଦଣ୍ଡାତ୍ମକ ସୁଧ ମଧ୍ୟ ଅସୁଲ କରିଥାନ୍ତି। ଏହିଭଳି ଅନେକ କ୍ରେଡିଟ କାର୍ଡଧାରୀ କ୍ରେଡିଟ କାର୍ଡ ଜରିଆରେ ଉପଯୋଗ କରୁଥିବା ଅର୍ଥକୁ ଯଦି ଧାର୍ଯ୍ୟ ସମୟରେ ପରିଶୋଧ ନ କରନ୍ତି ତେବେ କ୍ରେଡିଟ କାର୍ଡ ଧାରକଙ୍କ ଠାରୁ ଋଣରାଶି ଉପରେ ଅଧିକା ସୁଧ ଆଦାୟ କରାଯାଇଥାଏ। ଅନେକ ସମୟରେ ଏଭଳି ଋଣ ଉପରେ ୧୮ ପ୍ରତିଶତରୁ ୨୪ ପ୍ରତିଶତ ସୁଧ ଆଦାୟ ମଧ୍ୟ କରାଯାଇଥାଏ। କ୍ରେଡିଟ କାର୍ଡ ବ୍ୟବହାର କରୁଥିବା ଅନେକ ବ୍ୟବହାରକାରୀ ମଧ୍ୟ ଆଦାୟ କରାଯାଉଥିବା ସୁଧହାର ଉପରେ ଅନଭିଜ୍ଞ ଥାଆନ୍ତି । ଏଣୁ ବ୍ୟାଙ୍କରୁ ନିଆଯାଉଥିବା ଋଣ ଏବଂ କ୍ରେଡିଟ କାର୍ଡ ମାଧ୍ୟମରେ ଉପଯୋଗ କରାଯାଉଥିବା ରାଶିର ଧାର୍ଯ୍ୟ ସମୟରେ ପୈଠ କରିବା ଦିଗର ଋଣଗ୍ରହୀତାମାନ ସତର୍କ ରହିବା ଜରୁରି। ମୋଟାମୋଟି ଭାବେ ଋଣରାଶି ତଥା ସୁଧ ବାବଦକୁ ସଠିକ୍ ସମୟରେ ପରିଶୋଧ କରିବାର ଆବଶ୍ୟକତା ରହିଛି। ନହେଲେ ଋଣ ଗ୍ରହୀତାଙ୍କ କ୍ରେଡ଼ିଟ ରେଟିଙ୍ଗ୍ ଉପରେ ବିପରିତ ପ୍ରଭାବ ପଡିଥାଏ। ଏପରିକି ପରବର୍ତ୍ତୀ ସମୟରେ ତାଙ୍କୁ କୌଣସି ବିତ୍ତିୟ ସଂସ୍ଥାନ ଋଣ ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କରିନଥାନ୍ତି।

ଋଣ ଗ୍ରହୀତା ଯଦି କୌଣସି ପ୍ରାମାଣିକ କାରଣ ବଶତଃ ନିଜର କିସ୍ତି ଏବଂ ସୁଧ ବ୍ୟାଙ୍କ ଅଥବା କ୍ରେଡିଟ କାର୍ଡ କମ୍ପାନୀଙ୍କୁ ଠିକ୍ ସମୟରେ ପ୍ରଦାନ କରିନପାରନ୍ତି ଏବଂ ତାଙ୍କ ଋଣ ଖାତା ଯଦି ଅନାଦେୟ ଋଣ ଖାତାରେ ପରିବର୍ତ୍ତିତ ହୋଇଯାଏ ତେବେ ବ୍ୟାଙ୍କ ବା ବିତ୍ତିୟ ସଂସ୍ଥାନ ଦ୍ୱାରା ଋଣ ଗ୍ରହୀତାଙ୍କୁ ଅଥବା ଅନେକ ସମୟରେ ବ୍ୟାଙ୍କ/ ବିତ୍ତିୟ ସଂସ୍ଥାନଙ୍କୁ ଋଣଗ୍ରହୀତାଙ୍କ ଦ୍ୱାରା ବୁଝାମଣା ପାଇଁ ପ୍ରସ୍ତାବ ଦିଆଯାଇଥାଏ। ଏଭଳି ପ୍ରାବଧାନ ମଧ୍ୟ ରହିଛି। ଏହି ବୁଝାମଣା ପ୍ରସ୍ତାବ ମାଧ୍ୟମରେ ମାସିକ କିସ୍ତି ଓ ସୁଧକୁ ପୁନଃ ନିର୍ଦ୍ଧାରଣ କରାଯାଏ। ପରନ୍ତୁ ଯଦି ଋଣଗ୍ରହୀତା ଋଣ ରାଶିକୁ ସୁଧ ସମେତ ପରିଶୋଧ କରିବାରେ ଅକ୍ଷମ ହୋଇଥାନ୍ତି ତେବେ ତାଙ୍କୁ କିଛି ରିହାତି ବା ଛାଡ କରାଯାଇ ବଳକା ଅର୍ଥକୁ ଏକକାଳୀନ ଅଥବା କିସ୍ତି ସୂତ୍ରରେ ପ୍ରଦାନ କରିବା ପାଇଁ ବୁଝାମଣା କରାଯାଇଥାଏ। କିନ୍ତୁ ଏଭଳି ହେଲେ ଋଣ ଗ୍ରହୀତା ପରବର୍ତ୍ତୀ ସମୟରେ କୌଣସି ବ୍ୟାଙ୍କ ବା ବିତ୍ତିୟ ସଂସ୍ଥାନରୁ ଋଣ ପାଇବା ପାଇଁ ଅକ୍ଷମ ହୋଇଥାନ୍ତି। ଏଣୁ ଋଣଗ୍ରହୀତାମାନେ ଏଭଳି ବୁଝାମଣା ପ୍ରସ୍ତାବରୁ ଦୂରେଇ ରହିବା ଉଚିତ୍। ସବୁଠାରୁ ଉତ୍ତମ ବିକଳ୍ପ ବା ରାସ୍ତା ହେଉଛି ଋଣ ବାବଦ କିସ୍ତିକୁ ଧାର୍ଯ୍ୟ ସମୟରେ ପୈଠ କରିବା।

ଭାରତରେ ଏବେ ଆର୍ଥିକ ପ୍ରଗତି ଜୋର ଧରିଛି ବା ଗତିଶୀଳ ହେଉଛି। ଏହି କାରଣରୁ ଦେଶରେ ମଧ୍ୟମବର୍ଗଙ୍କ ସଂଖ୍ୟା ମଧ୍ୟ ବଢୁଛି। ମଧ୍ୟମ ବର୍ଗର ଲୋକେ ୪ଚକିଆ ଯାନ, ସ୍କୁଟର ବା ବାଇକ୍, ଫ୍ରିଜ, ଟିଭି, ୱାଶିଂମେସିନ ଏବଂ ଘର ଆଦି କିଣିବା ପାଇଁ ବ୍ୟାଙ୍କ ଅଥବା ଅନ୍ୟ ବିତ୍ତିୟ ସଂସ୍ଥାନ ମାନଙ୍କରୁ ଋଣ ଆଣୁଛନ୍ତି। ଅନେକ ସମୟରେ ମଧ୍ୟମବର୍ଗୀୟ ପରିବାର ଜଣେ ଅନ୍ୟ ଜଣକୁ ଦେଖି ଅନେକ ଜିନିଷ କିଣିବାର ପ୍ରୟାସ କରିଥାନ୍ତି। ଆବଶ୍ୟକତା ନଥିଲେ ମଧ୍ୟ ଜିନିଷ କିଣିବାର ଆଗ୍ରହ ସେମାନଙ୍କୁ ଋଣ ଜାଲରେ ଛନ୍ଦି ଦେଇଥାଏ। ଲୋକକଥା ଅଛି ଯେ 'ଯେତିକିର ଲୋକ ସେତିକିରେ ରହିବା ଉଚିତ୍'। ଏଣୁ ଋଣ ନେବା ବେଳେ ଦେଖିବା ଆବଶ୍ୟକ ଯେ ଋଣ ବାବଦ କିସ୍ତି ପରିଶୋଧ କରି ହେବ କି ନାହିଁ? ଅନ୍ୟଥା ଋଣ ଗ୍ରହୀତାଙ୍କ କ୍ରେଡିଟରେଟିଙ୍ଗ୍ ଖରାପ ହେବା ସହ ତାଙ୍କୁ ଅନେକ ଅଶ୍ୱସ୍ତିକର ସମସ୍ୟାର ସାମନା କରିବାକୁ ପଡିବ।

# ପୁଣି ବିତର୍କରେ ଆଦିକବି ସାରଳା ଦାସଙ୍କ ତିଥି ଓ ଜନ୍ମତାରିଖ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଆଦିକବି ସାରଳା ଦାସ। ସେପୁଣି ଓଡ଼ିଆ ଭାଷା ସାହିତ୍ୟର ଜନକ। ଆଉ କେହି ତାଙ୍କୁ ଉତ୍କଳବ୍ୟାସ ଓ ମାଟିର ମହାକବି ବୋଲି କହିଥାନ୍ତି। ମା' ସାରଳାଙ୍କ କୃପା ଓ କରୁଣା ଲାଭକରି ସେ ସିଦ୍ଧେଶ୍ୱର ପରିଡାରୁ ସାରଳା ଦାସ ରୂପେ ସୁପରିଚିତ ହୋଇଥିଲେ। ରାମାୟଣ, ମହାଭାରତ ଓ ଭାଗବତ ଭଳି ମହାଗ୍ରନ୍ଥ ଲେଖି ଯାଇଛନ୍ତି। ନିଜକୁ ମୁର୍ଖ ବୋଲି ପ୍ରମାଣ କରିବାକୁ ଯାଇ ସେ ଲେଖିଛନ୍ତି – ଶ୍ରୀ ସାରଳାଚଣ୍ଡୀ ଯାହା ଆଜ୍ଞା ଦିଏ ନିତ୍ୟେ, ମୁହିଁ ତାହା ଲେଖିଯାଏ ଜଗଜନ ହିତେ। କିନ୍ତୁ ତାଙ୍କ ଜନ୍ମତିଥିକୁ ନେଇ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କାରଣ ସାରଳା ଦାସ ଜନ୍ମଦିନ କେବେ ତାହା ତାଙ୍କ ରଚନା ବଳୀରେ ଉଲ୍ଲେଖ କରିନାହାନ୍ତି କେବଳ ମାଘସପ୍ତମୀରେ ତାଙ୍କ ତିରୋଧାନ ଦିବସ ପାଳନ କରାଯାଏ। ତେବେ ମାଟିର ଏହି ବିସ୍ମୟ ପ୍ରତିଭା ସାରଳା ଦାସ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ମହାରାଜା କପିଳେନ୍ଦ୍ର ଦେବ (୧୪୩୫-୬୮) ସମସାମୟିକ ଥିଲେ ବୋଲି ଅନୁମାନ କରାଯାଏ। ପ୍ରଚଳିତ ଜନଶ୍ରୁତି ଓ ତାଙ୍କ ରଚନା ସମୂହରେ ବିକ୍ଷିପ୍ତ ଭାବେ ରହିଥିବା କେତେକ ପଂକ୍ତିକୁ ବିଚାରକୁ ନେଲେ ଝଙ୍କଡ ପ୍ରଗଣାସ୍ଥିତ ସାରୋଳ ଗ୍ରାମ ଅନ୍ତର୍ଗତ କାଳିନାଗ ଗ୍ରାମରେ କବି ଜନ୍ମଗ୍ରହଣ କରିଥିଲେ।

ଉତ୍କଳର ବରପୁତ୍ର ଏହି ମହାନ କବିଙ୍କ ଜୀବନୀ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ଉପଲବ୍ଧ ହୁଏନାହିଁ। କାରଣ ନିଜ ଗ୍ରନ୍ଥମାନଙ୍କରେ ନିଜ ପରିଚୟ ସେ ସ୍ପଷ୍ଟ ଭାବରେ ଦେଇନାହାନ୍ତି। ସମସାମୟିକ ସମାଜରେ ସଂସ୍କୃତ ଭାଷାର ଥିଲା ନିରଙ୍କୁଶ ରାଜତ୍ୱ। ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଜନତାର ଭାଷାରେ ଗ୍ରନ୍ଥ ରଚନା କରିବାରେ ସେ ଥିଲେ ପ୍ରଥମ କବି। ଏପରି ଏକ ବୈପ୍ଳବିକ ପଦକ୍ଷେପ ନେଇ ଉଭୟ ବାଲ୍ମିକୀ ଓ ବ୍ୟାସଙ୍କୁ ନୂତନ ଭଙ୍ଗୀରେ ରୂପାନ୍ତର କରି ତତ୍କାଳୀନ ନିଷ୍ପ୍ରଭ ବାଣୀଭଣ୍ଡାରକୁ ଜନଜୀବନ ସହିତ ଜଡିତ କରି ନିଜର ପାରଦର୍ଶିତା ପ୍ରମାଣ କରିଥିଲେ । ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ ସେଥିରେ ଥିଲା – ରାମାୟଣ, ମହାଭାରତ ଓ ଭାଗବତ। ସେ ଲେଖିଛନ୍ତି –ଏଠାରେ ରାମାୟଣ ହେଉଛି 'ବିଲଙ୍କା ରାମାୟଣ', ଭାରତ ହେଉଛି 'ମହାଭାରତ' ଓ ଶିରୀ ଭାଗବତ ହେଉଛି 'ଦେବୀ ଭାଗବତ' ବା 'ଚଣ୍ଡୀପୁରାଣ'। ଏଥିସହିତ ବାଲ୍ମିକୀ ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ 'ସପ୍ତକାଣ୍ଡ ରାମାୟଣ' ପ୍ରଭୃତି ମଧ୍ୟ ତାଙ୍କ ଲେଖନୀରୁ ନିଃସୃତ ହୋଇଅଛି।

ସାରଳା ଦାସ ମହାଭାରତ ଓଡ଼ିଆ ଜାତିର ଜୀବନ ବେଦ କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ମୂଳ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ। ମୂଳ ଗ୍ରନ୍ଥଟିର କଙ୍କାଳକୁ ମାତ୍ର ଗ୍ରହଣ କରି ସାରଳା ଦାସ ସେଥିଲେ ସ୍ୱ-କଳ୍ପନା ଶକ୍ତି ବଳରେ ରକ୍ତମାଂସ ସଂଯୋଗ କରିଛନ୍ତି। ସାରଳା ମହାଭାରତର ଏପରି କୌଣସି ଦିଗ ନାହିଁ, ଯେଉଁଥିଲେ ସାରଳା ଦାସଙ୍କ ଜାତୀୟତାର ଛାପ ଦେଖିବାକୁ ମିଳେନାହିଁ। ତାଙ୍କ ବିରଚିତ ମହାଭାରତରେ ଓଡ଼ିଶାର ମଠମନ୍ଦିର, ଧର୍ମପୀଠ, ଭୂଗୋଳ, ଜନପଦ, ପର୍ବତ, ନଦ ନଦୀ, ଅରଣ୍ୟ, କିମ୍ବଦନ୍ତୀ, ଲୋକକଥା ଓ ଲୋକ ବିଶ୍ୱାସକୁ ଜୀବନ୍ତ ରୂପରେ ରୂପାୟିତ କରିଛନ୍ତି ତାହା ତାଙ୍କ ଅସାମାନ୍ୟ ବୌଦ୍ଧିକ ଚେତନାର କଥା କହେ । ମହାଭାରତରେ ସାରଳା ଦାସ ୧୮ଟି ପର୍ବ ରଖିଛନ୍ତି ଯେଉଁଥିରେ ଆଦିପର୍ବ, ମଧ୍ୟପର୍ବ, ସଭାପର୍ବ, ବନପର୍ବ, ବିରାଟ ପର୍ବ, ଉଦ୍ୟୋଗ ପର୍ବ, ଭୀଷ୍ମପର୍ବ, ଦ୍ରୋଣପର୍ବ, କର୍ଣ୍ଣପର୍ବ, ଶଲ୍ୟପର୍ବ, ଗଦାପର୍ବ, କାଇଁଶିକା ପର୍ବ, ନାରୀପର୍ବ, ଶାନ୍ତିପର୍ବ, ଅଶ୍ୱମେଧ ପର୍ବ, ଆଶ୍ରମିକା ପର୍ବ, ମୂଷଳୀ ପର୍ବ ଓ ସ୍ୱର୍ଗାରୋହଣ ପର୍ବ ରହିଛି । ସାରଳ ମହାଭାରତ ପ୍ରବଚନ, ନୀତିକଥା ଓ ଲୋକକଥାର ଖଣି ।

ଆଦିକବି ସାରଳା ଦାସ ନିଜେ ତାଙ୍କ ଜନ୍ମଦିନ କେବେ କେଉଁଠି ତାଙ୍କ ରଚନା ବଳୀରେ ଉଲ୍ଲେଖ କରିନାହାନ୍ତି। କେବଳ ମାଘସପ୍ତମୀରେ ତାଙ୍କ ତିରୋଧାନ ଦିବସ ପାଳନ କରାଯାଏ। ଏପରି ସ୍ଥଳେ ଗତ ବର୍ଷ ୧୬.୧୧.୨୦୨୪ରେ ସାରଳା ଦାସ ପ୍ରତିମୂର୍ତ୍ତି ନିର୍ମାଣ କମିଟି ତରଫରୁ ତାଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ସାରଳା ଦାସ ସ୍ମୃତି ସଂସଦ ଓଡ଼ିଶା ଭୁବନେଶ୍ୱର ଓ ସାରଳା ଦାସ ପ୍ରତିମୂର୍ତ୍ତି ନିର୍ମାଣ କମିଟି, ତେନ୍ତୁଳିପଦା ମିଳିତ ଆନୁକୂଲ୍ୟରେ ଆଖଣ୍ଡଳେଶ୍ୱର ମନ୍ଦିର, ତେନ୍ତୁଳିପଦା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏବେ ପୁଣି ୧୫.୦୭.୨୦୨୫ରେ କଟକରେ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ପାଳିତ ହୋଇଅଛି। ଯେଉଁଥିରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଓ ମାନ୍ୟବର କେନ୍ଦ୍ରଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଯୋଗଦେଇ ଥିଲେ। ଆୟୋଜକମାନେ ଖୁସି କାରଣ ମହାମହିମ ରାଷ୍ଟ୍ରପତିଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ। ଏଠାରେ ପ୍ରଶ୍ନ ଉଠେ କେଉଁ ତଥ୍ୟ ଆଧାରରେ ଚଳିତ ବର୍ଷ ଉକ୍ତ ତାରିଖକୁ ତାଙ୍କର ୬୦୦ତମ ଜନ୍ମଦିନ ବୋଲି ସ୍ଥିର କରାଗଲା। ଦ୍ୱିତୀୟ କଥା ହେଲା ସାରଳା ଦାସଙ୍କ ରଚିତ କେଉଁ ପୁସ୍ତକ ବା ଅନ୍ୟାନ୍ୟ ସାରସ୍ୱତ ସାଧକ, ସାହିତ୍ୟିକ ବା ଗବେଷକଙ୍କ ଲେଖାକୁ ଭିତ୍ତିକରି ଏହି ତାରିଖ ଗ୍ରହଣ କରାଗଲା। ଗତବର୍ଷ କେତେକ ପଞ୍ଜିକାରେ ତୁଳା ଦିନ ୨୧ନଭେମ୍ବର ୬ତାରିଖ ଛାଡଖାଇ, ମାର୍ଗଶିର ଗୁରୁବାର ସାରଳା ଦାସଙ୍କ ଜୟନ୍ତୀ ବୋଲି ଉଲ୍ଲେଖ କରାଯାଇଥିଲା। ଏ ତଥ୍ୟ କେଉଁଠୁ ଆସିଲା ଏବଂ ପଞ୍ଜିକାରେ ଉଲ୍ଲେଖ କରାଯାଇଥିଲା। ବିନା ତଥ୍ୟରେ ଆଦିକବିଙ୍କ ଜୟନ୍ତୀ ଏମିତି ପାଳନ କରାଯିବା କେତେଦୂର ଯଥାର୍ଥ। ରାଜ୍ୟର ସମସ୍ତ ସାହିତ୍ୟିକ ବୁଦ୍ଧିଜୀବୀ, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏ ଦିଗରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ବା ସେମାନଙ୍କ ମତାମତକୁ ନେଇ ପ୍ରକୃତ ସତ୍ୟକୁ ଉନ୍ମୋଚନ କରାଯିବା ଯୁକ୍ତିଯୁକ୍ତ ମନେହୁଏ। ତାହା ହିଁ ହେବ ମାଟି ମହାକବି, ଉତ୍କଳ ବ୍ୟାସ ସାରଳା ଦାସଙ୍କ ପ୍ରତି ସମୁଚିତ ସମ୍ମାନ ଓ ଶ୍ରଦ୍ଧାର ନିଦ୍ଦର୍ଶନ।

# ସମୟର ଆହ୍ୱାନ



ଅକ୍ଷୟ କୁମାର ସାହୁ
ବଡଗଡ ବ୍ରିଟ କଲୋନୀ, ଭୁବନେଶ୍ୱର
ମୋ: ୯୪୩୭୨୯୮୧୧୨

ସଂପ୍ରତି ପୃଥିବୀରେ ଜନସଂଖ୍ୟାର ଦ୍ରୁତ ବିସ୍ଫୋରଣ କାରଣରୁ ମାନବଗଣ ନିଃଶ୍ୱାସରେ ଛାଡୁଥିବା ବିଷାକ୍ତ ଅଙ୍ଗାରକାମ୍ଳର ପରିମାଣ ବାୟୁମଣ୍ଡଳରେ ଅହେତୁକ ଭାବରେ ବୃଦ୍ଧି ପାଉଛି। ଏହି ଅଙ୍ଗାରକାମ୍ଳକୁ ଶୋଷିନେଇ ସେଥିରେ ସୂର୍ଯ୍ୟାଲୋକ ସାହାଯ୍ୟରେ, ପତ୍ର ହରିତକଣାରେ ବୃକ୍ଷମାନେ ଖାଦ୍ୟ ପ୍ରସ୍ତୁତ କରି ଆମମାନଙ୍କ ପାଇଁ ଆବଶ୍ୟକ ଫୁଲ, ଫଳମୂଳ, ଶସ୍ୟ ଇତ୍ୟାଦି ଯୋଗାଇ ଥାଆନ୍ତି। ସେଥିପାଇଁ କବି ଲେଖିଛନ୍ତି –

'ବିଧାତାଙ୍କ ବଡ଼ ବରଦାନ ବୃକ୍ଷ
ପହଞ୍ଚାଇ ବର୍ଷା ଯୋଗାଉଛି ଜଳ,
ଯା ଯୋଗୁଁ ଧରାରେ ବିବିଧ ଫସଲ
ସଭିଙ୍କୁ ମିଳଇ ଶସ୍ୟ ଫଳମୂଳ ॥'

ତତ୍ ସଙ୍ଗେ ସଙ୍ଗେ କଳକାରଖାନା, ଗାଡିମଟର ଇତ୍ୟାଦିରୁ ନିର୍ଗତ କାର୍ବନ ମନୋକ୍ସାଇଡ ଓ ଅନ୍ୟାନ୍ୟ ବିଷାକ୍ତ ଗ୍ୟାସ୍‌କୁ ଗଛମାନେ ଅନେକ ପରିମାଣରେ ଶୋଷି ନେଇଥାଆନ୍ତି। ଏହା ସହିତ ବାୟୁମଣ୍ଡଳକୁ ପର୍ଯ୍ୟାପ୍ତ ପରିମାଣରେ ଉପକାରୀ ଅମ୍ଳଜାନ ଛାଡିଥାଆନ୍ତି, ଯାହାଦ୍ୱାରା ମଣିଷ ଓ ଅନ୍ୟ ଜୀବଜନ୍ତୁଙ୍କ ପ୍ରଶ୍ୱାସରେ ଗ୍ରହଣ କରୁଥିବା ଅମ୍ଳଜାନ ପରିମାଣ ବୃଦ୍ଧି ଘଟି ତାହା ସମସ୍ତଙ୍କ ପାଇଁ ସୁଲଭ୍ୟ ହୋଇଥାଏ। କିନ୍ତୁ ସଂପ୍ରତି ରାସ୍ତା ପ୍ରଶସ୍ତିକରଣ, ଜାଲେଣୀ, ଗୃହ ନିର୍ମାଣ, ଜଙ୍ଗଲ ଜମିରେ କଳକାରଖାନା ପ୍ରତିଷ୍ଠା ଇତ୍ୟାଦି କାରଣରୁ ଗଛ କଟା ଯାଉଥିଲେ ମଧ୍ୟ ସମାନ ସଂଖ୍ୟକ ବୃକ୍ଷ ଚାରା ଅନ୍ୟତ୍ର ଖାଲି ସ୍ଥାନ ଚିହ୍ନଟ କରି ରୋପଣ ନ ହେବା ଫଳରେ ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍‌ର ପରିମାଣ ବୃଦ୍ଧି ସହ ଆବଶ୍ୟକ ଅମ୍ଳଜାନ ପରିମାଣ ହ୍ରାସ ଘଟି ପୃଥିବୀର ବାୟୁମଣ୍ଡଳ ଉତ୍ତପ୍ତ ଓ ପରିବେଶ କ୍ରମେ ଦୂଷିତ ହେବାରେ ଲାଗିଛି। ଏହା ସମସ୍ତଙ୍କ ପାଇଁ ଜଟିଳ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି କରିବା ସହ ଲୋକମାନେ ଅନେକ ପ୍ରକାର ଦୂରାରୋଗ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜଳବାୟୁରେ ପରିବର୍ତ୍ତନ ଆସି ମରୁଡି, ବନ୍ୟା, ବାତ୍ୟା ଭଳି ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ସମୟ ସମୟରେ ସଂଘଟିତ ହୋଇ ଅନେକ ଧନ ଜୀବନ ହାନିର କାରଣ ସାଜିଛି। ବାୟୁମଣ୍ଡଳର ତାପମାତ୍ରା ବଢିବା ଯୋଗୁଁ ଉଚ୍ଚତମ ପର୍ବତ ଶିଖରରେ ଜମାଟବାନ୍ଧି ରହିଥିବା ବରଫମାନ ତରଳିବା ଆରମ୍ଭ କଲାଣି। ଏହା ଭବିଷ୍ୟତରେ ସମୁଦ୍ର ଜଳସ୍ତରର ପତନ ବଢାଇ ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ସୁନାମୀ ଭଳି ବିଭୀଷିକା ଯେ ସୃଷ୍ଟି ନ କରିବ, ଏହା ଅସମ୍ଭବ ନୁହେଁ। ନିଦାଘ କାଳରେ କ୍ଳାନ୍ତ ପଥିକମାନଙ୍କୁ ବୃକ୍ଷଗଣ ଛାୟା ପ୍ରଦାନ ସହ ବାୟୁମଣ୍ଡଳର ତାପମାତ୍ରା ନିୟନ୍ତ୍ରଣରେ ସାହାଯ୍ୟ କରିଥାଆନ୍ତି। ସେଥିପାଇଁ ଶାସ୍ତ୍ରରେ ଉଲ୍ଲେଖ ଅଛି,

'ସେବିତବ୍ୟୋ ମହାବୃକ୍ଷଃ ଫଳ ଛାୟା ସମନ୍ୱିତଃ,
ଯଦି ଦୈବାତ୍ ଫଳମ୍ ନାସ୍ତି ଛାୟା କେନ ନିବାର୍ଯ୍ୟତେ।'

ପୁନଶ୍ଚ ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ବୃକ୍ଷ ସମ୍ପଦ ପୃଥିବୀ ପୃଷ୍ଠରେ ବର୍ଷା ଆଣି ପହଞ୍ଚାଇଥାନ୍ତି। ଏହାର ପ୍ରକୃଷ୍ଟ ଉଦାହରଣ ଆସାମର ଚେରାପୁଞ୍ଜି ଅଞ୍ଚଳ। ସେଠାକାର ଘଞ୍ଚ ଅରଣ୍ୟାନୀ ଯୋଗୁଁ ଏହା ଆମ ଦେଶର ସବୁଠାରୁ ବୃଷ୍ଟି ବହୁଳ ଅଞ୍ଚଳ ଭାବେ ସର୍ବଜନ ବିଦିତ। ଏହା ବାଦ୍ ଔଷଧୀୟ ବୃକ୍ଷଗୁଡିକରୁ ବିଭିନ୍ନ ପ୍ରକାର ରୋଗର ଔଷଧ ପ୍ରସ୍ତୁତି ହୋଇପାରୁଛି। ବୃକ୍ଷମାନେ ମଧ୍ୟ ବହୁ ପଶୁ ପକ୍ଷୀ, କୀଟ ପତଙ୍ଗ ତଥା ମହୁମାଛି ମାନଙ୍କ ପାଇଁ ଖାଦ୍ୟ ଓ ଆଶ୍ରୟସ୍ଥଳୀ ପାଲଟି ଥାଆନ୍ତି। ସେଥିପାଇଁ ଶାସ୍ତ୍ରରେ ଉଲ୍ଲେଖ ଅଛି,

'ପରୋପକାରାୟ ଫଳନ୍ତି ବୃକ୍ଷା ପରୋପକାରାୟ ବହନ୍ତି ନଦ୍ୟାଃ,
ପରୋପକାରାୟ ଦୁହ୍ୟନ୍ତି ଗାବଃ ପରୋପକାରାର୍ଥମ୍ ଇଦଂ ଶରୀରମ୍।'

ବର୍ତ୍ତମାନ ତଥା ଭବିଷ୍ୟତରେ ଆସିବାକୁ ଥିବା ଏହି ସଙ୍କଟ ଜନକ ପରିସ୍ଥିତିର ମୁକାବିଲା ପାଇଁ ଖାଲି ସ୍ଥାନ ନିରୂପଣ ପୂର୍ବକ ବ୍ୟାପକ ବୃକ୍ଷ ରୋପଣ ଓ ଆମ ରାଜ୍ୟ ତଥା ଦେଶର ଜଙ୍ଗଲ ସମ୍ପଦର ଅଭିବୃଦ୍ଧି କରିବା ହିଁ ସର୍ବଶ୍ରେଷ୍ଠ ବିକଳ୍ପ ଭାବରେ ଉଭା ହୋଇଛି, ଯାହାକି ସମଗ୍ର ମାନବ ସମାଜ ପାଇଁ ସମୟର ଆହ୍ୱାନ। ଏହି ଆହ୍ୱାନରେ ଅନୁପ୍ରାଣିତ ହୋଇ ବହୁ ସରକାରୀ, ବେସରକାରୀ ସଂସ୍ଥା ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନେଇ କାର୍ଯ୍ୟ କରିଚାଲିଛନ୍ତି। ତନ୍ମଧ୍ୟରେ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ସନ୍ଦେଶରେ ପ୍ରେରିତ ହୋଇ ତାଙ୍କ ଦ୍ୱାରା ସୃଷ୍ଟ ଶ୍ରୀ ସତ୍ୟସାଇ ସେବା ସଂଗଠନ ମଧ୍ୟ ସମଗ୍ର ଦେଶରେ ଜୁଲାଇ ୨୦୨୩ ମସିହା ପବିତ୍ର ଗୁରୁ ପୂର୍ଣ୍ଣିମା ଦିବସରୁ ଏହି ଦିବ୍ୟ କାର୍ଯ୍ୟକ୍ରମକୁ 'ଶ୍ରୀସତ୍ୟସାଇ ପ୍ରେମ ତରୁ ଅଭିଯାନ' ନାମରେ ହାତକୁ ନେଇ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ ଜାରି ରଖିଛି। ଆସନ୍ତା ନଭେମ୍ବର ୨୩, ୨୦୨୫ ଭଗବାନ ବାବାଙ୍କର ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ତାଙ୍କ ଶ୍ରୀପାଦପଦ୍ମରେ ଏହାକୁ ନୈବେଦ୍ୟ ରୂପରେ ସମର୍ପଣ କରିବାକୁ ସର୍ବଭାରତୀୟ ସ୍ତରରେ ସ୍ଥିରୀକୃତ ହୋଇଛି। ଏଥିପାଇଁ ସାରା ଦେଶରେ ଏକ କୋଟି ଓ ଆମ ରାଜ୍ୟ ଓଡ଼ିଶାରେ ଦଶ ଲକ୍ଷ ପ୍ରେମ ତରୁ ଚାରା ରୋପଣ, ପ୍ରେମର ସହ ଯତ୍ନ, ସୁରକ୍ଷିତ କରି ରଖିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଚାରାଗୁଡ଼ିକ ମଧ୍ୟରେ ବିଭିନ୍ନ ଫଳଗଛ, ଔଷଧୀୟ ବୃକ୍ଷ, ଜଙ୍ଗଲ ଗଛ ମଧ୍ୟ ରହିଛନ୍ତି। ଏଥିପାଇଁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ବଗିଚା, ବିଭିନ୍ନ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ମନ୍ଦିର ଇତ୍ୟାଦିରେ ଥିବା ଖାଲି ସ୍ଥାନ ଚିହ୍ନଟ କରି ଚାରା ରୋପଣ କରାଯାଉଛି। ରାଜ୍ୟ ସରକାରଙ୍କର ଜଙ୍ଗଲ, ଉଦ୍ୟାନ କୃଷି ବିଭାଗ ମଧ୍ୟ ଆବଶ୍ୟକ ଚାରା ଯୋଗାଣର ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏତଦ୍ ବ୍ୟତୀତ ଉଚ୍ଚସ୍ତରରେ ନିଷ୍ପତ୍ତି ମୁତାବକ ସମଗ୍ର ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍) ୟୁନିଟର ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଆସୁଛନ୍ତି। ସଂଗଠନ ତରଫରୁ ସମଗ୍ର ରାଜ୍ୟରେ ସବୁ ଜିଲ୍ଲାରେ ଗତ ଜୁଲାଇ ୧୩ ତାରିଖ ୨୦୨୫ ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ବ୍ୟାପକ ଚାରା ରୋପଣ କରାଯାଇ 'ପ୍ରେମତରୁ ଦିବସ' ଭାବରେ ପାଳନ କରାଯାଇଛି।

ଆସନ୍ତୁ ସମସ୍ତେ ଜାତି ଧର୍ମ ଗୋଷ୍ଠୀ ନିର୍ବିଶେଷରେ ପରସ୍ପର ସହ ସହଯୋଗର ହାତ ମିଳାଇ ଏହି ପବିତ୍ର କାର୍ଯ୍ୟକ୍ରମକୁ ଆଗେଇ ନେଇ ଆମ ରାଜ୍ୟକୁ ସବୁଜିମାରେ ସମୃଦ୍ଧ କରି ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ସଙ୍ଗେ ସଙ୍ଗେ ସୁଖୀ ନିରାମୟ ଜୀବନ ଯାପନ କରିବା।

ସମସ୍ତା ଲୋକାଃ ସୁଖିନ ଭବନ୍ତୁ।

# ଝିଅମାନେ ଲଢ଼ିବା ଶିଖ, ହାରିଯିବା ବିକଳ୍ପ ନୁହଁ

ମସିର୍ ଆଲାମ୍
ବଡ଼ଚଣା, ମୋ : ୯୮୫୩୭୧୧୯୮୮

ଆମ ଭାରତୀୟ ସଂସ୍କୃତିରେ ଝିଅମାନଙ୍କୁ ଶାନ୍ତଶିଷ୍ଟ, ଦୟାଳୁ ଓ ସହନଶୀଳ ହେବାକୁ ଶିକ୍ଷା ଦିଆ ଯାଇଥାଏ। କିନ୍ତୁ ଏହି ସମସ୍ତ ଗୁଣ ଆଜିର କଳୁଷିତ ସମାଜରେ ଶୋଷଣ, ଉପେକ୍ଷା, ଅନ୍ୟାୟ ଓ ମନୋବଳ ଧ୍ୱଂସର ଦୁର୍ଭାଗ୍ୟଜନକ ଆବାହକ ସାଜିଛି। ଏହି ପାରମ୍ପରିକ ଚିନ୍ତାଧାରାକୁ ଦୂରେଇ ସ୍ୱାଭିମାନର ସହିତ ଅନ୍ତଃଶକ୍ତି ପରିଚୟ ଦେବାର ସମୟ ଉପନୀତ। ନମ୍ର ଅଥଚ ଦୃଢ଼ ରହି ସ୍ୱାଭିମାନର ସହିତ ବଞ୍ଚିବା ଶିଖିବା ଜରୁରି ହୋଇପଡ଼ିଛି।

'ନା'- କହି ଶିଖିବାର କଳା ଓ କୌଶଳ ଶିକ୍ଷା କରି ବିବେକ ସହିତ ସାଲିସ ନ କରି ଆତ୍ମସମ୍ମାନ ସହ ମୁଣ୍ଡ ଟେକି ଚାଲିବାର ସମୟ ଆସିଛି।

ଯେଉଁଠି ପୂର୍ବରୁ ଝିଅମାନେ ଘରର ଚାରିକାନ୍ଥ ଭିତରେ ବନ୍ଦ ରହି ନିଜର ଦାୟିତ୍ୱ ପାଳନ କରୁଥିଲେ, ଏବେ ସେମାନେ ସମାଜରେ ନେତୃତ୍ୱ ନେଉଛନ୍ତି, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ନିଜ ପାଇଁ ନିଜେ ଲଢ଼ିବା ଶିଖୁଛନ୍ତି।

ଝିଅମାନେ ଅନୁକମ୍ପା ଓ ଦୟାର ମୂର୍ତ୍ତି ହେଲେ ମଧ୍ୟ, ଯେତେବେଳେ ଅନ୍ୟାୟ ସହିପାରିବା ସୀମା ଅତିକ୍ରମ କରିଯାଏ, ସେମାନେ ବି କାଳୀ ରୂପ ଧାରଣ କରନ୍ତି। ଦୁର୍ବଳତା କୌଣସି ଜନ୍ମଗତ ଗୁଣ ନୁହେଁ, ଏହା ଏକ ଶିକ୍ଷିତ ଅଭ୍ୟାସ ବା ସଂସ୍କାର ଯାହା ଆମ ପରିବାର ଓ ସମାଜ ଝିଅମାନଙ୍କୁ ଶିଖାଇଛି। କିନ୍ତୁ ଏବେ ସମୟ ହେଉଛି ଏହି ଅଭ୍ୟାସକୁ ଭାଙ୍ଗି ଦେବାର। ଝିଅମାନେ ଯଦି ଆତ୍ମବଳ ଓ ସ୍ୱାଭିମାନର ସହ ସେମାନଙ୍କ ଅଧିକାର ଓ ଅସ୍ମିତା ପାଇଁ ଲଢ଼ିବେ, ତେବେ କୌଣସି ପ୍ରତିବନ୍ଧକ ସେମାନଙ୍କୁ ରୋକିପାରିବେ ନାହିଁ।

ଝିଅମାନେ ଲଢ଼ିବା ଶିଖନ୍ତୁ: କୌଣସି ପରିସ୍ଥିତିରେ ହାରିବା ଉଚିତ୍ ନୁହେଁ। ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଠାରୁ ଆରମ୍ଭ କରି ଇତିହାସର ଅନେକ ବୀରାଙ୍ଗନା ଆମକୁ ଅନେକ କିଛି ଶିକ୍ଷା ଦେଇଛନ୍ତି। ଅନେକ ଝିଅଙ୍କ ଉଦାହରଣ ସ୍ୱରୂପରେ ନିଆଯାଇପାରେ- ମେରି କୋମ, ଯିଏ କି ସନ୍ତାନ ଜନ୍ମଦେବା ପରେ ମଧ୍ୟ ଅଲମ୍ପିକ୍ ମେଡାଲ୍ ଜିତିଲେ। ମାଲାଲା ୟୁସୁଫ ଗୁଳିମାଡ଼ ଖାଇ ମଧ୍ୟ ଶିକ୍ଷା ପାଇଁ ଲଢ଼ିଲେ। କ୍ୟାପଟେନ ସୋଫିଆ କୁରେସି, ଯିଏ ସିନ୍ଦୂର ମିଶନର ନେତୃତ୍ୱ ନେଲେ। ଏହିପରି ଝିଅମାନେ ଆମ ପାଇଁ ପ୍ରେରଣା ଓ ଆଶାର ପ୍ରଦୀପ। ଏମାନେ ସମସ୍ତେ ଅନେକ ଚ୍ୟାଲେଞ୍ଜ ଦେଖିଛନ୍ତି, ତଥାପି ହାରି ନାହାନ୍ତି। ସେମାନେ ନିଜେ ଲଢ଼ିଛନ୍ତି, ସ୍ୱପ୍ନ ଦେଖିଛନ୍ତି ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିଛନ୍ତି। ସେମାନଙ୍କୁ ଦେଖି ଆମ ଝିଅମାନେ ମଧ୍ୟ ଶିଖନ୍ତୁ, ଜୀବନ ମାନେ କେବଳ ଶାନ୍ତିର ଗଳ୍ପ ନୁହେଁ, ଏହା ସଂଘର୍ଷର ପଥ ମଧ୍ୟ।

ଆତ୍ମସମ୍ମାନ ଓ ନ୍ୟାୟ ପାଇଁ ଲଢ଼ନ୍ତୁ। ଲଢ଼ିବାମାନେ କେବଳ ମୁକାବିଲା ନୁହେଁ। ଲଢ଼ିବା କହିଲେ ବହୁ ଲୋକ ଶାରୀରିକ ସାମର୍ଥ୍ୟ ବୁଝନ୍ତି, କିନ୍ତୁ ଏଠାରେ ଲଢେଇ ହେଉଛି ମନର, ମନୋବଳର, ଚେତନାର ଓ ଆତ୍ମବିଶ୍ୱାସର। ଯଦି ଜଣେ ଝିଅ ଥରେ ମନରେ ନିଶ୍ଚୟ କରିନିଏ ଯେ "ମୁଁ ହାରିବି ନାହିଁ" ସେଇଠୁ ଆରମ୍ଭ ହୁଏ ଲଢେଇ।

ଅନ୍ୟାୟ ରୋକିବା, ଶିକ୍ଷା ଗ୍ରହଣ କରିବା, ସ୍ୱାବଲମ୍ବୀ ହେବା, ବିରୋଧ କରିବା, ନିଜ ସ୍ୱର ଉଠାଇବା, ମନୋବଳ ନ ହାରିବା ଭଳି ଏ ସମସ୍ତ ଲଢେଇର ଅଂଶ। ଏଠି ନିଜର ଅସ୍ତିତ୍ୱ ଓ ଆତ୍ମସମ୍ମାନ ପାଇଁ ଯୁଦ୍ଧ ଚାଲିଛି। ଆଜି ବି ଅନେକ ଝିଅ ନିଜ ଘରେ, ନିଜ ସ୍କୁଲରେ, କାର୍ଯ୍ୟାଳୟରେ ଉପେକ୍ଷା, ଦୁର୍ବ୍ୟବହାର, ଶୋଷଣ ଓ ଅନ୍ୟାୟର ସମ୍ମୁଖୀନ ହେଉଛନ୍ତି। ସେମାନେ ଭୟରେ ଚୁପ୍ ରୁହନ୍ତି, କିନ୍ତୁ ଏହି ଚୁପ୍ ଅନ୍ୟାୟକୁ ଅଧିକ ପ୍ରୋତ୍ସାହିତ କରିଥାଏ। ଏମିତି ଅବସ୍ଥାରେ ଝିଅମାନେ ଶିଖିବା ଉଚିତ୍, କେବଳ ପ୍ରତିକ୍ରିୟା ନୁହେଁ, ସଠିକ୍ ପଦକ୍ଷେପ ନେବା। ଆତ୍ମସମ୍ମାନ ହେଉଛି ଜୀବନର ସବୁଠୁ ବଡ଼ ଧନ, ଯଦି ଏହାକୁ କେହି କ୍ଷତି ପହଞ୍ଚାଏ ତେବେ ଲଢ଼ିବା ଦରକାର। ଜଣେ ଝିଅ ପାଇଁ ସବୁଠାରୁ ବଡ଼ ଶକ୍ତି ହେଉଛି ଶିକ୍ଷା ଓ ଆର୍ଥିକ ସ୍ୱାଧୀନତା। ଯଦି ସେ ଶିକ୍ଷିତ ଓ ସ୍ୱାବଲମ୍ବୀ ହେବେ, ତେବେ ଜୀବନର କୌଣସି ଆଘାତ ତାଙ୍କୁ ହତାଶ କରିପାରିବ ନାହିଁ। ଶିକ୍ଷା ହେଉଛି ଅନ୍ଧକାରକୁ ଆଲୋକ ଦେଇଥିବା ଅସ୍ତ୍ର ଓ ଆର୍ଥିକ ସ୍ୱାଧୀନତା ହେଉଛି ନିଜେ ନିଷ୍ପତ୍ତି ନେବାର ଶକ୍ତି। ଝିଅମାନେ ମାନସିକ ସ୍ତରରେ ଦୃଢ଼ ହେବା ପାଇଁ ପିତାମାତାଙ୍କ ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିଜ ସ୍ୱର ଉପରେ ବିଶ୍ୱାସ ରଖ।

ସମୟ ଆସିଛି, ଝିଅମାନେ ନିଜ ସ୍ୱରକୁ ଦୃଢ଼ ଶାଣିତ କରନ୍ତୁ ଓ ସ୍ୱପ୍ନକୁ ଦୃଢ଼ କରନ୍ତୁ। ମନେ ରଖନ୍ତୁ, ବିପଦ ଆସିବ, ଅସୁବିଧା ହେବ, ଲୋକେ ନିନ୍ଦା କରିବେ କିନ୍ତୁ ଏହିସବୁକୁ ଆଡେଇ ଆଗେଇ ଯିବାର ଶକ୍ତି ଓ ସାହସ ରଖିଲେ ବିଜୟ ସୁନିଶ୍ଚିତ। ମନେରଖ, ତୁମେମାନେ ହେଲ ଶକ୍ତି, ସମ୍ଭାବନା, ଭବିଷ୍ୟତର ଆଶା ଓ ଅଦମ୍ୟ ଇଚ୍ଛାଶକ୍ତିର ପ୍ରତୀକ। ଏହି ନୂଆ ଯୁଗରେ ତୁମେମାନେ ଜଣେ ଜଣେ ଯୋଦ୍ଧା ଭଳି ଲଢ଼ିବ ଓ କୌଣସି ପରିସ୍ଥିତିରେ ହାରିବ ନାହିଁ। କାରଣ ତୁମେମାନେ ହୃଦୟଙ୍ଗମ କରିବା ଉଚିତ୍ ଯେ ଏହି ଜୀବନ ଏକ ଲଢେଇ ଓ ତୁମେମାନେ ଜଣେ ଜଣେ ଯୋଦ୍ଧା। ଝିଅମାନେ ଲଢ଼ିବା ଶିଖନ୍ତୁ, ହାରିବା ନୁହେଁ। ଏହି ଲଢେଇ ହେଉଛି ନିଜ ମୂଲ୍ୟ, ଅସ୍ତିତ୍ୱ ଓ ସ୍ୱାଭିମାନ ପାଇଁ, ଯାହାର କୌଣସି ହାର ନାହିଁ।




ଆସିକା, (ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ନଗର ଉନ୍ନୟନ ଓ ଗୃହ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ (୨୦୨୪-୨୦୨୫) ଅଧୀନରେ ସ୍ୱଚ୍ଛ ସର୍ବେକ୍ଷଣରେ ସୁପର ସ୍ୱଚ୍ଛ ଲିଗ୍ ସହର ରୂପେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଏହି ଅବସରରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏକ ୧୦ଜଣିଆ ଟିମ ଦିଲ୍ଲୀ ଗସ୍ତ କରିଛି। ବିଜ୍ଞାନ ଭବନ ନୂଆ ଦିଲ୍ଲୀ ଠାରେ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଅଧ୍ୟକ୍ଷା ବିନେତା ସ୍ୱାଇଁ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ଗ୍ରହଣ ଅବସରରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ବିନେତା ସ୍ୱାଇଁ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର, ସାନିଟେସନ ନିରୀକ୍ଷକ ଅଜିତ କୁମାର ପଟ୍ଟନାୟକ, ସାନିଟାରୀ ଏକ୍ସପାର୍ଟ ଦୀପ୍ତିମୟ ସାହୁ, ଅଣୁ ଜୈବକେନ୍ଦ୍ର କର୍ମୀ ଏନ ରେଣୁବାଳା ରେଡ୍ଡୀ, ସ୍ୱଚ୍ଛ ସାଥୀ ଯାଜ୍ଞସେନୀ ପୋଲାଇ, ୱାର୍ଡ ମେମ୍ବର କାଳିଆ ବେହେରା, ୧୮ୱାର୍ଡ ମେମ୍ବର ପ୍ରତିନିଧି ସିମାଞ୍ଚଳ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସିକା ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି ପୁରସ୍କାରର ଶ୍ରେୟ ଏହି କର୍ମଚାରୀଙ୍କ ଓ ଆସିକାବାସୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଅଧ୍ୟକ୍ଷା ବିନେତା ସ୍ୱାଇଁ ପ୍ରକାଶ କରିଛନ୍ତି।



# ପିଆଇସିଟିରେ ପାରାଦୀପ ପୋର୍ଟ ମଜଦୁର ସଂଘର ଐତିହାସିକ ବିଜୟ





ପାରାଦୀପ, (ଭାସ୍କର ନ୍ୟୁଜ୍): ଦୀର୍ଘଦିନ ପରେ ପାରାଦୀପ ଇଣ୍ଟରନ୍ୟାସନାଲ୍ କାର୍ଗୋ ଟର୍ମିନାଲ (ପିଆଇସିଟି) କମ୍ପାନୀ ଜାହାଜରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ୧୯ ଦିନର ନିର୍ଭରୋକ୍ତି ବା ନିଶ୍ଚିତ ମଜୁରୀ ନିମନ୍ତେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ବ୍ୟତୀତ ଆଇନ ଅନୁଯାୟୀ ଶ୍ରମିକମାନେ ଅନ୍ୟାନ୍ୟ ସୁବିଧା ପାଇବେ ବୋଲି ସଂଘର ସଭାପତି ପ୍ରକାଶ ତ୍ରିପାଠୀ ସ୍ପଷ୍ଟ କରିଛନ୍ତି। ଚର୍ଚ୍ଚିତ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଂଘରେ ସଦସ୍ୟ ଥିବା ଏହି ଶ୍ରମିକମାନଙ୍କ ହକ ହାସଲ ପାଇଁ ସଂଘର ନେତୃମଣ୍ଡଳୀ ସଂଘର୍ଷ କରି ଏହି ଐତିହାସିକ ବିଜୟ ହାସଲ କରିବା ପରେ ଶ୍ରମିକ ମାନଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ଏହି ସଫଳତା ପାଇଁ ଶ୍ରମିକମାନେ ସଭାପତି ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ, ଉପସଭାପତି ସୁବ୍ରତ ପ୍ରଧାନ, ଯୁଗ୍ମ ସମ୍ପାଦକ ଦିଲୀପ ବଳିୟାରସିଂହ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆତସବାଜ ଓ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ। ତେବେ ଏ ସମସ୍ତ ଶ୍ରେୟ ପାଇଁ ଶ୍ରମିକ ନେତା ତ୍ରିପାଠୀ ଶ୍ରମିକମାନଙ୍କ ଏକତା, ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହଯୋଗ ଏବଂ ସଂଘର ନେତୃମଣ୍ଡଳୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ପାରାଦୀପର ସମସ୍ତ ଶ୍ରମିକ ଯଦି ନିଜ ମଧ୍ୟରେ ଭାଗ ଭାଗ ନହୋଇ ଏକତା ରକ୍ଷା କରନ୍ତି ଏବଂ ସଠିକ ଓ ଦୃଢ଼ ନେତୃତ୍ୱ ପାଖରେ ରହନ୍ତି ତାହେଲେ ଏହିଭଳି ସଫଳତା ସମସ୍ତେ ପାଇପାରିବେ ବୋଲି ସଂଘର ସଭାପତି ପ୍ରକାଶ ଦୃଢତାର ସହ କହିଛନ୍ତି। ଅନ୍ୟପକ୍ଷରେ ଶିଳ୍ପ ଓ ବନ୍ଦର ସହର ପାରାଦୀପରେ ଦୀର୍ଘଦିନ ହେବ କିଛି ତଥାକଥିତ ଛଦ୍ମବେଶି ଶ୍ରମିକ ନେତା ନିଜ ସ୍ୱାର୍ଥ ହାସଲ ପାଇଁ ଶ୍ରମିକମାନଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରିବା ଦ୍ୱାରା ଶ୍ରମିକ ମାନେ ଘୋର ଆର୍ଥିକ ଅନାଟନ ଓ ଦୁର୍ଦ୍ଦିନ ଦେଇ ଗତି କରୁଥିଲେ। ତେବେ ସ୍ଥାନୀୟ ନେତା ପ୍ରକାଶ ତ୍ରିପାଠୀଙ୍କ ଆବିର୍ଭାବ ପରେ ଏସବୁ ଦଲାଲ ନେତା ପାରାଦୀପରୁ ପ୍ରାୟ ଉଭାନ ହୋଇଯିବା ସହ ଶ୍ରମିକମାନଙ୍କ ହକ ଏବେ ମିଳିବାରେ ଲାଗିଛି, ଯାହାଦ୍ୱାରା ଶ୍ରମିକ ସମାଜ ମଧ୍ୟରେ ଏବେ ଆଶ୍ୱସ୍ତି ପ୍ରକାଶ ପାଇଛି।

## ଦୁଇଟି ନାଳବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା

# ଦୁର୍ଦ୍ଦିନରେ ଦୁର୍ଘଟଣାରେ ଯାଉଛି ଜୀବନ



ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ନାଳବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା । ଏହି ରାସ୍ତାରେ ଯାତାୟତ କରୁଥିବା ପଥଚାରୀ ମାନେ ଖାଲରେ ପଡ଼ି ଗୋଡ଼ ହାତ ହରାଉ ଥିବା ବେଳେ କେତେଜଣ ବ୍ୟକ୍ତିଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଠିକାଦାର ନାଳବନ୍ଧ ରାସ୍ତାକୁ ଠାକୁ ଠା କାଟି ଦେଇଥିବାରୁ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଅଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲି ଥିବାରୁ ଜନସାଧାରଣଙ୍କ ପାଇଁ ରାସ୍ତା କାଳ ପାଲଟିଛି। ଏପରି ଘଟଣା ଉପରେ ଦୀର୍ଘଦିନ ହେବ କାର୍ଯ୍ୟାନୁଷ୍ଠାନ ଦାବୀ ହୋଇଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ଅଭିଯୋଗ ପ୍ରତି ଦୃଷ୍ଟି ନ ଦେଇ ମନମୁଖୀ କାର୍ଯ୍ୟ କରିବା ହେତୁ ଲୋକମାନେ ଜୀବନ ହରାଉଛନ୍ତି । ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏପରି କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଗଡ଼ଅଣ୍ଡିଆଠାରୁ ପାଟପୁର ମୁସଲିମ୍ ବସ୍ତି ପର୍ଯ୍ୟନ୍ତ ନିମାପଡ଼ା ପଶ୍ଚିମ ପଟ ନାଳବନ୍ଧ ରାସ୍ତା ଦୀର୍ଘଦିନ ହେବ ମରଣଯନ୍ତା ପାଲଟିଥିବା ବେଳେ ଜଣେ ଠିକାଦାରର ୱାଲ କାମ କରୁଥିବା ବେଳେ କାର୍ଯ୍ୟ ସରୁନାହିଁ। ତାହା ସହିତ କେନାଲ ବନ୍ଧ ୱାଲ କାମ ନିମ୍ନମାନର କରାଯାଉଛି। କାଦୁଅ ଉପରେ କଂକ୍ରିଟ୍ ଢଳା ଯାଇ କାର୍ଯ୍ୟ କରାଯାଉଥିବାରୁ ତାହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାଟି ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ ପାଟପୁରକୁ ସଂଯୋଗ କରାଯାଇଥିବା ବେଳେ ନିମାପଡ଼ା-ବଳଙ୍ଗାକୁ ଯିବା ପାଇଁ ମୁଖ୍ୟ ରାସ୍ତା। ବର୍ଷବର୍ଷ ଧରି ରାସ୍ତା ଏପରି ପାଲଟିଥିବା ବେଳେ ସେଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। କୋର୍ଟକୁ ଯିବା ପାଇଁ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପୂର୍ବପଟ ନାଳବନ୍ଧ ରାସ୍ତା ଅନେକ ସ୍ଥାନରେ ଠିକାଦାର ପୋଲ କରିବା ପାଇଁ କାଟି ଦେଇଥିବାରୁ ଖାଲଖମା ସୃଷ୍ଟି ହୋଇଛି। ଜନସାଧାରଣ ସମେତ କଲେଜର ଛାତ୍ରଛାତ୍ରୀମାନେ ଯାତାୟତ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଢଳେଇ ରାସ୍ତାରୁ ଗୋଡ଼ି ବାହାରି ଗର୍ତ୍ତ ସୃଷ୍ଟି ହୋଇଛି। ଦୀର୍ଘଦିନ ହେବ ପ୍ରତିକାର ଦାବି ହେଉଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ଜଳ ସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନିଜ ମନଇଚ୍ଛାରେ କାର୍ଯ୍ୟ କରୁଥିବା ବେଳେ ଜନସାଧାରଣଙ୍କ ସମସ୍ୟା ଉପରେ ଗୁରୁତ୍ୱ ନ ଦେବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ନୂତନ ରାସ୍ତାର ଶିଳାନ୍ୟାସ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଲେବର ଟେନାମେଣ୍ଟରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ରାସ୍ତାର ଶୁଭ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୦ନଂ. ୱାର୍ଡ଼ କାଉନ୍‌ସିଲ ବିଜୟ କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଯୋଗ ଦେଇ ରାସ୍ତାର ଶୁଭଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲେବର ଟେନାମେଣ୍ଟ ଉନ୍ନୟନ ପରିଷଦର ବରିଷ୍ଠ ମୁରବୀ ବିଜୟକେତନ ସ୍ୱାଇଁ, ପ୍ରଶାନ୍ତ କୁମାର ରାଉତରାୟ, ଅଲେଖ ସାହୁ, ଲଳିତ ମହାପାତ୍ର, ଅକ୍ଷୟ କୁମାର ମିଶ୍ର, ରାଜନ୍ ନାମ୍ବିଆର, ସଂଗ୍ରାମ ବିଶ୍ୱାଳ, ଅର୍ଚ୍ଚନା ମହାନ୍ତି, ସୁରେଖା ସାହୁ, ବୀଣାପାଣି ଦାସ, ମମତା ରାଉତରାୟ, ସୁପ୍ରଭା ମହାନ୍ତି, ଅଜିତ୍ କୁମାର ମହାନ୍ତି, କାଜଲ ଭଟ୍ଟ, ବିମ୍ବାଧର ମହାନ୍ତି, ନରେନ୍ଦ୍ର ନାଥ ସ୍ୱାଇଁ, ଅମରେନ୍ଦ୍ର ପରିଡ଼ା, ଅମରେଶ ପାଳ, ଉମାକାନ୍ତ ଦାସ, ପୂଜକ ବ୍ରହ୍ମାନନ୍ଦ ଦୀକ୍ଷିତ, ପ୍ରତାପ କିଶୋର ସାମଲ, ସୁଶାନ୍ତ କୁମାର ସାହୁ, ଦୀପକ ପୃଷ୍ଟି, ସନ୍ତୋଷ ଦାସ, ମହେଶ୍ୱର ରାଓ, ପ୍ରମୋଦ ବେହେରା, ରଂଜନ କୁମାରସାହୁ, ବିରଜା ଦାସ, ନାରାୟଣ ଚନ୍ଦ୍ର ଜେନା, ଶ୍ରୀନିବାସ ସାହୁ, ରାକେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଛତ୍ରପୁର ଅଞ୍ଚଳରେ ଦୁଇଟି ମନ୍ଦିରରୁ ଚୋରି

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ଅଞ୍ଚଳରେ ଥିବା ଦୁଇଟି ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ରାତ୍ରରେ ଛତ୍ରପୁର ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଉଜଳେଶ୍ୱରି ମନ୍ଦିରରେ ବିଳମ୍ବିତ ରାତିରେ ପଶି ଦୁର୍ବୃର୍ତ୍ତମାନେ ୩ଟି ମୁକୁଟ ସହ ହୁଣ୍ଡିରୁ ନଗଦ ଟଙ୍କା ଚୋରି କରିନେଇଛନ୍ତି। ଏପରିକି ପୂଜକଙ୍କୁ ମଧ୍ୟ ଦୁର୍ବୃତ୍ତ ମାନେ ଏକ ଖୁଣ୍ଟରେ ବାନ୍ଧି ଆକ୍ରମଣ କରିଥିବା ଜଣାପଡିଛି। ସେହିପରି ଚମାଖଣ୍ଡି ଥାନା ଅନ୍ତ ଅନ୍ତର୍ଗତ ଟାକିରିଆ ବ୍ରହ୍ମପୁର ସ୍ଥିତ କନକଦୁର୍ଗା ମନ୍ଦିରରୁ ମଧ୍ୟ କିଛି ଦୁର୍ବୃତ୍ତ ମନ୍ଦିର ହୁଣ୍ଡୀ ଭାଙ୍ଗି ନଗଦ ୧୨ ହଜାର ଟଙ୍କା ଚୋରି କରିବା ସହ ମାଙ୍କ ରୁପା ମୁକୁଟ ଓ ଅଳଙ୍କାର ଚୋରି କରି ନେଇଛନ୍ତି। କନକ ଦୁର୍ଗା ମନ୍ଦିରରୁ ରୂପା ଓ ଟଙ୍କା ମୋଟ ଆନୁମାନିକ ୭୦ ହଜାରରୁ ଅଧିକ ଟଙ୍କା ଚୋରି ହୋଇଛି ବୋଲି ଅଭିଯୋଗ ହୋଇଛି। ଖବର ପାଇ ଛତ୍ରପୁର ଓ ଚମାଖଣ୍ଡି ଥାନା ପୁଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛନ୍ତି ବୋଲି ପୋଲିସ ସୂଚନା ଦେଇଛନ୍ତି।

## ବାଇକ୍ ଧକ୍କାରେ ଯୁବକ ମୃତ, ଥାନାରେ ମାମଲା

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପଛପଟୁ ବାଇକ୍ ଧକ୍କା ଦେବାରୁ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଯୁବକଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ସମ୍ପୃକ୍ତ ବାଇକ୍‌କୁ ଧରିବା ପାଇଁ ଚଢ଼ଉ ଜାରିରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ରାତ୍ର ଆନୁମାନିକ ୧୧ଟା ସମୟରେ ନିମାପଡ଼ା-ପିପିଲି ରାସ୍ତା ନିମାପଡ଼ା ଉପକଣ୍ଠରେ ଥିବା ଏକ ମଣ୍ଡପରେ କ୍ୟାଟରିଂ କାମ ସାରି ପାଟପୁର ନାୟକ ସାହିର ଚନ୍ଦନ ନାୟକ(୨୪) ବାଇକ୍ ଯୋଗେ ଆସୁଥିବା ବେଳେ ଗଡ଼ଅଣ୍ଡିଆ ନିକଟସ୍ଥ ନାଳବନ୍ଧ ପୂର୍ବପଟ ରାସ୍ତାରେ ପଛପଟୁ ଆସୁଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଚନ୍ଦନ ଚିତ୍କାର କରି ନାଳବନ୍ଧ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌କୁ ନେଉଥିବା ବେଳେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଛି। ଚନ୍ଦନଙ୍କ ମୁଣ୍ଡଟି ଦୁର୍ଘଟଣାରେ ଦୁଇଫାଳ ହୋଇଯାଇଥିବା ବେଳେ ମୁହଁରେ ଗୁରୁତର ଆଘାତ ଲାଗିଛି । ଚନ୍ଦନଙ୍କର ବାପା ଏ ସମ୍ପର୍କରେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପରିବାର ଲୋକେ ଚନ୍ଦନଙ୍କ ଶବ ବ୍ୟବଚ୍ଛେଦ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ କରିଥିବା ବେଳେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ପରିବର୍ତ୍ତିତ ଆଖୁ ଚାଷ ଉନ୍ନୟନ କମିଟି ବୈଠକ



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ସମବାୟ ଚିନିଶିଳ୍ପର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପରିଚାଳନା ନିର୍ଦ୍ଦେଶକ ଡ.ସୁଶାନ୍ତ କୁମାର ପଣ୍ଡା, ପରିଚାଳନା ପରିଷଦର ସଦସ୍ୟ ରତ୍ନାକର ସାହୁ, ବସନ୍ତ କୁମାର ଦଳେଇ, ଧର୍ମୁ ପ୍ରଧାନ, ସଜ୍ଜିତ ପ୍ରଧାନ, ନିରଞ୍ଜନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବରାଡ, ଗୀତା ପାତ୍ର, ବିଭାଗୀୟ ମୁଖ୍ୟ ପ୍ରଶାନ୍ତ କୁମାର ପାଢୀ, ଚିତ ଚିନ୍ମୟ ରଞ୍ଜନ ନାୟକ, ଶ୍ରୀନିବାସ ମହାପାତ୍ର, କେଦାରନାଥ ସାହୁ, ଆଖୁ ଉନ୍ନୟନ ପର୍ଯବେକ୍ଷକ, ଆଖୁ ଉନ୍ନୟନ ସହାୟକ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସହ ଅନ୍ୟାନ ଅଧିକାରୀ ଯୋଗ ଦେଇଥିଲେ। ଏହା ସହିତ ଗଞ୍ଜାମ ଜିଲ୍ଲା ଅଖୁ ଚାଷୀ ସଂଘର ଲଳିତ ମୋହନ ଦାସ, ସମୀର ପ୍ରଧାନ, ରାଘବ ଶିବ, ବିଶେଶ୍ୱର ପ୍ରଧାନ, ଗୋବିନ୍ଦ ଜେନା, ପଦ୍ମ ବିଶୋଇ, କିଶୋର ମେହେଣା, ବଳରାମ ସ୍ୱାଇଁ, ସୁରେନ୍ଦ୍ର ଜେନା ଏବଂ ବିଭିନ୍ନ ବ୍ଲକରୁ ଆଖୁ ଚାଷୀମାନେ ଯୋଗ ଦେଇଥିଲେ। ସଭାରେ ହୋଇଥିବା ଆଲୋଚନା ଏବଂ ଗୃହିତ ହୋଇଥିବା ପ୍ରସ୍ତାବ ସମ୍ପର୍କରେ ନିମ୍ନରେ ପ୍ରଦତ୍ତ କରାଗଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ନିଶ୍ଚିତ ଜଳ ସେଚନ ନିମନ୍ତେ ଗଭୀର ନଳକୂପ, ସୌର ଚାଳିତ ପମ୍ପ ସେଟ ଓ ବନ୍ୟ ଜନ୍ତୁଙ୍କ ପ୍ରଭାବରୁ ଆଖୁ ଫସଲକୁ ରକ୍ଷା କରିବା ନିମନ୍ତେ ସୌର ଚାଳିତ ଝଟକା ଯନ୍ତ୍ର ଦିର୍ଘ ମିଆଦି କୃଷି ଋଣ ହିସାବରେ ଚାଷୀ, ବ୍ୟାଙ୍କ ଓ ଚିନିଶିଳ୍ପ ମଧ୍ୟରେ ତ୍ରିପାକ୍ଷୀକ ଚୁକ୍ତି ସମ୍ପାଦନ କରି ଯୋଗାଇ ଦେବା ନିମନ୍ତେ ଆଲୋଚନା ହୋଇଥିଲା। ଆଖୁ ଚାଷ କରିବା ନିମନ୍ତେ ଆବଶ୍ୟକ ପରିମାଣର କୃଷି ଶ୍ରମିକଙ୍କ ଉତ୍କଟ ଅଭାବ ପରିଲକ୍ଷିତ ହେଉଥିବା ବିଷୟରେ ଆଲୋଚନା କରାଯାଇଥିଲା। ଚିନିଶିଳ୍ପ ତରଫରୁ ଟେଣ୍ଡର ଆହ୍ୱାନ କରାଯାଇ ସ୍ୱୀକୃତି ପ୍ରାପ୍ତ ଠିକାଦାରଙ୍କ ମାଧ୍ୟମରେ କୃଷି ଶ୍ରମିକ ନିୟୋଜନ କରି ଆଖୁ କାଟିବା, ସଫା କରିବା, ଗାଡିରେ ବୋଝାଇ କରିବା ନିମନ୍ତେ ନିଷ୍ପରି କରାଗଲା। ଏହି ସଭାରେ ମତ ପ୍ରକାଶ ପାଇଥିଲା ଯେ ଦିନକୁଦିନ ଆଖୁ ଚାଷ ଓ ଉତ୍ପାଦନ ଆଶାତୀତ ଭାବରେ କମିକମି ଯାଉଛି। ତେଣୁ ଆଖୁଚାଷ ବୃଦ୍ଧି ନିମନ୍ତେ ବିଭିନ୍ନ ପଦକ୍ଷେପ ନେବା ଏବଂ ଆଖୁର ମୂଲ୍ୟ ବହୁ ପୂର୍ବରୁ ଘୋଷଣା କରିବା ନିମନ୍ତେ ଚିନିଶିଳ୍ପର ପରିଚାଳନା ପରିଷଦ ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଂଘର କର୍ମକର୍ତ୍ତା ଏବଂ ଉପସ୍ଥିତ ଅଧିକାରୀମାନଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା। ପରିଶେଷରେ ଆଖୁଚାଷୀ ସଂଘର ପ୍ରସ୍ତାବ କ୍ରମେ ୨୦୨୫-୨୬ ଓ ୨୦୨୬-୨୭ ଋତୁରେ ଆଖୁର ମୂଲ୍ୟ ଯଥାକ୍ରମେ ଟନ୍ ପିଛା ୪,୦୦୦ ଓ ୪,୫୦୦ ଟଙ୍କା ସ୍ଥିର କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ଅନୁମୋଦନ ନିମନ୍ତେ ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ଓଡିଶାର ସମବାୟ ସମିତି ନିବନ୍ଧକଙ୍କ ନିକଟକୁ ପ୍ରେରଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ଉପରଲିଖିତ ଆଖୁ ମୂଲ୍ୟ ପ୍ରଦାନ କଲେ ୨୦୨୬-୨୭ ଆଖୁ ପେଡା ଋତୁରେ ୬୦,୦୦୦ ମେଟ୍ରିକ ଟନ୍‌ରୁ ଅଧିକ ଆଖୁ ଯୋଗାଣ ନିମନ୍ତେ ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଂଘ ସମ୍ପୂର୍ଣ୍ଣ ଦାୟିତ୍ୱ ନେବେ ବୋଲି ମତ ପ୍ରକାଶ ପାଇଥିଲା। ଏହି ମର୍ମରେ ୬୦୦୦୦ ମେଟ୍ରିକ ଟନ୍‌ରୁ ଅଧିକ ଆଖୁ ଯୋଗାଣ ନିମନ୍ତେ ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଂଘ ଓ ତିନିଶିଳ୍ପ ମଧ୍ୟରେ ଚୁକ୍ତି ସମ୍ପାଦନ କରାଯିବ। ଚିନିଶିଳ୍ପର ପରିଚାଳନା ପରିଷଦ, ଅଧିକାରୀ ଓ ଆଖୁଚାଷୀ ସଂଘ ମିଳିତ ଭାବେ ପ୍ରୟାସ କରି ଆସନ୍ତା ବର୍ଷମାନଙ୍କରେ ଆଖୁଚାଷୀ ଓ ଉତ୍ପାଦନ ବୃଦ୍ଧି ନିମନ୍ତେ ମିଳିତ ଭାବରେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି କରଯାଇଥିଲା। ପରିଶେଷରେ ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସଭାପତି ରବୀନ୍ଦ୍ର ପଣ୍ଡା ସଭା ସମାପ୍ତି ଘୋଷଣା କରିଥିଲେ।

## ଆର୍ଟ ଅଫ୍ ଲିଭିଂ ପକ୍ଷରୁ ମୌନ ଶିବିର




ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିୟମ୍‌ରେ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଏକ ଚାରିଦିନିଆ ମୌନ ସାଧନା ଶିବିର ଆୟୋଜିତ ହୋଇଯାଇଛି। ଶ୍ରୀ ଶ୍ରୀ ରବିଶଙ୍କରଙ୍କ ବାଙ୍ଗାଲୋର କେନ୍ଦ୍ରରୁ ଆସିଥିବା ବରିଷ୍ଠ ପ୍ରଶିକ୍ଷକ ରାଜୀବ ନାମ୍ବିଆର ଶିବିରକୁ ପରିଚାଳନା କରିଥିଲେ। ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସାଧକମାନେ ଯୋଗ ଦେଇଥିଲେ। ଏହି ଶିବିର ସକାଳ ୬.୩୦ରୁ ଆରମ୍ଭ ହୋଇ ରାତ୍ର ୮ ଟା ପର୍ଯ୍ୟନ୍ତ ଚାଲୁଥିଲା। ସକାଳର ଜଳଖିଆ, ଗାଧୁଆବେଳ ଖାଇବା ଓ ରାତ୍ରି ଭୋଜନର ବନ୍ଦୋବସ୍ତ ଶିବିରାର୍ଥିମାନଙ୍କ ପାଇଁ କରାଯାଇଥିଲା। ଏହି ସାଧନା ଶିବିରରେ ପାରାଦୀପ ବନ୍ଦରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ମଧ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ପାଇ ଗୋପବନ୍ଧୁ କ୍ରୀଡା ସଂସଦର ଭୂମିକା ଓ ସହଯୋଗ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଯୋଗଗୁରୁ ତାପସ ପତି ସୂଚନା ଦେଇଥିଲେ। ନାମ୍ବିଆର ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରଶଂସା କରିବା ସହ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ପାରାଦୀପର ସମୁଦ୍ର ବେଳାଭୂମି, ନେହେରୁ ବଙ୍ଗଳାର ସଙ୍ଗମ ଏବଂ ପାରାଦୀପକୁ ଏକ ସାଧନା କ୍ଷେତ୍ର ବୋଲି କହିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ବନ୍ଦରର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ଶେଖର ରାଉତ, ଅର୍ଥ ପରାମର୍ଶଦାତା ଡି.ଏନ୍ ସୋନ୍ଧି, ଡେପୁଟି ସିଭିଓ ସ୍ମୃତି ରଞ୍ଜନ ବେହୁରା ପ୍ରମୁଖ ବାଙ୍ଗାଲୋରରୁ ଆସିଥିବା ନାମ୍ବିଆରଙ୍କୁ ସମ୍ମାନିତ କରିବା ସଙ୍ଗେ ସଙ୍ଗେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ପାରାଦୀପ ଗସ୍ତ ପାଇଁ ପ୍ରସ୍ତାବ ରଖିଥିଲେ।

## ଦଳିତ ଛାତ୍ରକୁ ମାଡମାରି ଶିକ୍ଷୟିତ୍ରୀ ଗଲେ ଜେଲ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଜଣେ ଦଳିତ ଛାତ୍ରକୁ ଅମାନୁଷିକ ଭାବେ ମାଡ ମାରି ଜଣେ ଶିକ୍ଷୟିତ୍ରୀ ଜେଲ ଯିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସରକାର ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳରୂପେ ଘୋଷଣା କରିଛନ୍ତି। ସରକାରଙ୍କ ଏହି ନିର୍ଦ୍ଦେଶାନାମାକୁ ନିଶ୍ଚିନ୍ତକୋଇଲି ବ୍ଲକ ମଣିଜଙ୍ଗ ଭଗବତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଖୁଲମ ଖୁଲା ଭାବେ ଉଲ୍ଲଂଘନ କରୁଥିବାର ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ରାହୁଲ ସେଠୀଙ୍କୁ ସହକାରୀ ଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟି ଅତ୍ୟନ୍ତ ଅମାନୁଷିକ ଭାବେ ମାଡ ମାରି ଆହତ କରିଥିଲେ। ଏସମ୍ପର୍କରେ ତାଙ୍କର ପିତା ପ୍ରଶାନ୍ତ କୁମାର ସେଠୀ ସ୍ଥାନୀୟ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କିଶନନଗର ଥାନା ପୋଲିସ ଘଟଣାର ତଦନ୍ତ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି।

# ଗୁରୁସାହି ରାସ୍ତାର ଦୁରାବସ୍ଥା, ଲୋକେ ହିନ୍ତସ୍ତା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳରେ ଗମନା ଗମନ ନିମନ୍ତେ ସରକାର ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ଗ୍ରାମ ପଞ୍ଚାୟତ ସାଙ୍କିଲୋ ଗୁରୁସାହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଏହି ଗ୍ରାମରେ ବାରମ୍ବାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଢଳେଇ ରାସ୍ତା ନିର୍ମାଣ କରାଯାଉ ଥିବାର ନଜିର ରହିଛି। ମାତ୍ର ନିମ୍ନମାନର କାର୍ଯ୍ୟହେତୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡୁଥିବାର ଅଭିଯୋଗ ହୋଇଛି। ଏହି ଗ୍ରାମରେ ୨୦୦ରୁ ଉର୍ଦ୍ଧ୍ୱ ଦଳିତ ଲୋକ ବାସ କରନ୍ତି। ଗ୍ରାମକୁ ଯିବା ନିମନ୍ତେ ନିର୍ମାଣ କରାଯାଇଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଢଳେଇ ରାସ୍ତାଟି ଭାଙ୍ଗି ଚୂରମାର ହୋଇଯାଇଛି। ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତାରେ ଯାନ ବାହାନ ଗମନାଗମନ କରିବା ତ ଦୂରର କଥା ଖାଲି ପାଦରେ ଚାଲିକିଯିବା କାଠିକର ପାଠ ଅଟେ। ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଟିକିଏ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। ଫଳରେ ଗାଁ ଲୋକେ ଯିବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ରାସ୍ତାର ଶୋଚନୀୟ ଅବସ୍ଥା ହେତୁ ଜରୁରୀ କାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଦମ୍‌କଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇଆସିପାରୁନାହିଁ। ଲୋକେ ଭାର ଯୋଗେ ରୋଗୀମାନଙ୍କୁ ନେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରାନଗଲେ ଆଗାମୀ ଦିନରେ ଲୋକେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

## ସର୍ପାଘାତରେ ମହିଳାଙ୍କ ମୃତ୍ୟୁ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଆରୁହା ପଂଚାୟତ ଶାଳୀକୋଠା ଗ୍ରାମର ତରୁଣ ଜେନାଙ୍କ ସ୍ତ୍ରୀ ବାସନ୍ତୀ ଜେନା (୫୧) ଗୁରୁବାର ସନ୍ଧ୍ୟା ସମୟରେ ନିଜ ଘର ଅଗଣାରୁ ଘରର ପିଣ୍ଡାକୁ ଉଠୁଥିବା ସମୟରେ ବାମ ଗୋଡ଼ର ପାଦରେ କଣ ଗୋଟାଏ କାମୁଡି ଦେବାର ଜାଣିବାକୁ ପାଇଥିଲେ। ଯେ ହେତୁ ତାଙ୍କ ଆଖିକୁ ଭଲ ଭାବରେ ଦିସେ ନାହିଁ, ତେଣୁ ସେ କଣ କାମୁଡ଼ିଲା ବୋଲି ଜାଣି ପାରି ନ ଥିଲେ। ଘର ଲୋକେ ସଙ୍ଗେ ସଙ୍ଗେ ଜଳେଶ୍ୱର ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ଡ଼ାକ୍ତର ରକ୍ତ ପରୀକ୍ଷା ପରେ ସେମିତି କିଛି ଅସୁବିଧା ନାହିଁ ବୋଲି କହି ଘରକୁ ପଳେଇ ଯିବା ପାଇଁ କହିଥିଲେ। କିନ୍ତୁ ଆଜି ଭୋର ୫ଟା ରୁ ଗୋଡ଼ର ବହୁ ଯୋର ଯନ୍ତ୍ରଣା ଅନୁଭବ କରିବାରୁ ପୁଣି ଥରେ ୧୦୮ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇ ଥିଲା। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଜଳେଶ୍ୱର ପୋଲିସ ୟୁଡି କେଶ ନମ୍ବର ୧୫ ମୂଳେ ଶବ ଜବତ କରି ବ୍ୟବଚ୍ଛେଦ କରାଇ ଥିଲେ।

## ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଫେରାର

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ବାହାରଣା ପଂଚାୟତ ବାହାରଣା ଗ୍ରାମରେ ଜଣେ ଦଳିତ ମହିଳାଙ୍କୁ ସେହି ଗ୍ରାମର ସୂରିଜା ସାହୁଙ୍କ ପୁଅ ବାବୁନି ସାହୁ (୨୧)ମହିଳାଙ୍କ ଘରେ ପଶି ଜୋର ଜବରଦସ୍ତ ଟଣା ଓଟରା କରୁଥିବା ନେଇ ନିଆଳି ଥାନାରେ ଦଳିତ ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ନିଆଳି ଥାନାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ନାମରେ ମାମଲା ରୁଜୁ କରାଯାଇଛି। ଘଟଣାକୁ ସଦର ଏସଡିପିଓ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ଫେରାର ରହିଛି।

# ବାଲି ବୋଝେଇ ହାଇୱା ଜବତ୍, ଚାଳକ ଫେରାର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ଓ ଠାକୁରମୁଣ୍ଡା ବ୍ଲକ ରେ ବେଆଇନ ବାଲି ବୋଝେଇ ହାଇୱେ। ଜବତ ହେଇଛି। ସୂଚନା ଅନୁଯାୟୀ ଶୁକ୍ରବାର ସକାଳ ବଢ଼ି ଭୋରରୁ ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତା ଅସନବଣୀ ଓ ପାଟବିଲ ନିକଟରୁ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ ତାଙ୍କ ପୋଲିସ ଟିମ୍ ସହିତ ଆନନ୍ଦପୁର ବୈତରଣୀ ନଦୀରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଖବର ଜାଣିବା ପରେ ଜଗିରହି ବାଲି ବୋଝେଇ ୩ଟି ହାଇୱା ଜବତ୍ କରିଛନ୍ତି। ଏହି ଅପରେସନ ବଢ଼ି ସକାଳ ପ୍ରାୟ ସାଢ଼େ ତିନିଟାରୁ ୪ ଟା ମଧ୍ୟରେ ହୋଇଥିଲା। ଅସନବଣୀ ଠାରେ ଜବତ୍ ହୋଇଥିବା ହାଇୱା ଗୁଡ଼ିକର ନମ୍ବର ଓଡି୦୯ ଏଡି୧୧୫୮, ଓଡି୦୯ଏଡି ୧୮୪୦ ଏବଂ ପାଟବିଲ ଠାରେ ଜବତ୍ ହୋଇଥିବା ହାଇୱା ନମ୍ବର ହେଲା ଓଡି ୦୯ ଏଡି ୩୭୦୦। ତେବେ ଏହି ହାଇୱା। ଗୁଡିକ ମଧ୍ୟରୁ ୨ ଟିକୁ କରଞ୍ଜିଆ ପୋଲିସ ଥାନା ପରିସରକୁ ପଠାଇଥିବା ବେଳେ ଗୋଟିଏ କୁ ଠାକୁରମୁଣ୍ଡା ଥାନା ପରିସରକୁ ପଠାଇଛନ୍ତି ବୋଲି ନାଏକ ସୂଚନା ଦେଇଛନ୍ତି। ବର୍ତ୍ତମାନ ବର୍ଷା ଦିନ ଥିବାରୁ ବାଲି ମାଫିଆ ମାନେ ସକ୍ରିୟ ହୋଇ ଅତ୍ୟଧିକ ଚଢ଼ା ଦରରେ ବାଲି ବିକ୍ରି କରି ମୁନାଫା କମାଇବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ଏହା ଦ୍ୱାରା ଅତ୍ୟନ୍ତ କଷ୍ଟରେ ଘର କରୁଥିବା ଲୋକମାନେ ସେମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି।

# ଫେରାର କାର ଚାଳକ ଦେଢ଼ମାସ ପରେ ଗିରଫ

ରଙ୍ଗେଇଲୁଣ୍ଡା, (ଭାସ୍କର ନ୍ୟୁଜ୍): ଗୋଳନ୍ଥରା ଥାନା ଅଧୀନ ଚଟି ଛକରେ ଏକ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇ ଦୁର୍ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ଚାଳକକୁ ଆଜି ଗୋଳନ୍ଥରା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ କୁଶପୁର ଗ୍ରାମର ପ୍ରଫୁଲ୍ଲ ଜେନା ବୋଲି ତଦନ୍ତ ଅଧିକାରୀ ରମେଶ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ଗତ ଜୁନ ୬ ତାରିଖ ରାତିରେ ଚଟି ନୂଆଁ ସାହିର ଏସ. ମୁତ୍ୟାଲୁ ଦୋରା, ଜାତୀୟ ରାଜପଥ ପାର ହେବା ପାଇଁ ରାସ୍ତା କଡରେ ଛିଡା ହେଇଥିବା ବେଳେ ଇଛାପୁର ପଟୁ ଏକ କାର ନମ୍ବର ଓଡି ୩୩ ଏବି ୧୦୧୮ ଅତି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ଦୁର୍ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଗୁରୁତର ମୁତ୍ୟାଲୁ ଚିକିତ୍ସା ଧୀନ ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘୋରେଇ ମୃତ୍ୟୁ ଘଟିଥିଲା। ଏ ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ପରେ ତଦନ୍ତ ଅଧିକାରୀ ଶ୍ରୀ ଚୌଧୁରୀ ଜାତୀୟ ରାଜପଥରେ ଲାଗିଥିବା ବିଭିନ୍ନ ସିସିଟିଭି ଯାଞ୍ଚ କରି ଦୁର୍ଘଟଣା ଘଟେଇ ଥିବା କାର ଟିକୁ ଚିହ୍ନଟ କରିଥିବା ବେଳେ ଆଜି ଉକ୍ତଗାଡିଟି ହଳଦିଆ ପଦର ନିକଟରେ ଥିବା ଜାଣି ତଦନ୍ତ ଅଧିକାରୀ ଚୌଧୁରୀ ଗାଡି ଜବତ କରିବା ସହ ଥାନା କେଶ ନଂ ୨୪୩/୨୫ ଚାଳକ ପ୍ରଫୁଲ୍ଲକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।



ଗୁଣପୁର, (ଭାସ୍କର ନ୍ୟୁଜ୍) : ଶୁକ୍ରବାର ଦିନ ଦିବ୍ୟଦର୍ଶନ ସଂଘ ପ୍ରତିଷ୍ଠାତା ପୂଜ୍ୟ ସଦଗୁରୁ ଶ୍ରୀ ଅର୍ଜୁନଙ୍କ ୯୩ ତମ ଜନ୍ମ ଜୟନ୍ତୀ ମହୋତ୍ସବ ସଂଘର ଅନ୍ତରଝୋଲି (ଗୁମୁଡା) ରାମନା ଗୁଡା ବ୍ଲକ ଅନ୍ତର୍ଗତ ଆଶ୍ରମରେ ପାଳନ କରାଯାଇଛି। ପୂଜ୍ୟ ସଦଗୁରୁ ଶ୍ରୀ ଶ୍ରୀ ଅର୍ଜୁନ ୧୯୩୩ ମସିହା ଜୁଲାଇ ମାସ ୧୮ ତାରିଖ ମଙ୍ଗଳବାରରେ ପିତା ଓଡ଼ିଆ ଗମାଙ୍ଗ ଓ ମାତା ଚନ୍ଦ୍ରମା ଦେବୀଙ୍କ କୋଳ ମଣ୍ଡନ କରି ପଦ୍ମପୁର ବ୍ଲକ ଅନ୍ତର୍ଗତ ଗୁଡିଆବନ୍ଧ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ଐତିହାସିକ ମହାପୁରୁଷ ମାନଙ୍କୁ ଗୁରୁ ରୁପେ ସ୍ୱୀକାର କରି ନିଜର ନିରନ୍ତର ସାଧନା ବଳରେ ୧୯୬୮ ମସିହା ଏପ୍ରିଲ ମାସ ୧୪ ତାରିଖ ପଣା ସଂକ୍ରାନ୍ତି ସଂଧ୍ୟାରେ ପରମ ସିଦ୍ଧି ଲାଭ କଲେ। ବର୍ତ୍ତମାନ ତାଙ୍କ ଦିବ୍ୟ ଦର୍ଶନ ସଂଘ ଜନ ସମାଜରେ ଜ୍ଞାନ ମାର୍ଗର ସାଧନା ଦ୍ୱାରା ସତ୍ୟଜ୍ଞାନର ପ୍ରଚାର ପ୍ରସାର କରି ସମାଜରେ ଶାନ୍ତି ପ୍ରତିଷ୍ଠା କରିବାର ଉଦ୍ୟମ କରିଚାଲିଛି। ତାଙ୍କରି ପ୍ରଦର୍ଶିତ ମାର୍ଗରେ ତାଙ୍କରି ଶରଣାପନ୍ନ ଶିଷ୍ୟ ଶିଷ୍ୟା ମାନେ ପ୍ରତିବର୍ଷ ନିଜ ଗୁରୁଙ୍କର ଜନ୍ମ ଦିନକୁ ମହାଆଡମ୍ବର ସହ ଦିବ୍ୟ ଦର୍ଶନ ସଂଘର ଏକ ମହାନ ପର୍ବ ଭାବରେ ପାଳନ କରି ଆସୁଛନ୍ତି। ଚଳିତ ୯୩ ତମ ଜୟନ୍ତୀ ମହୋତ୍ସବରେ ଦିବ୍ୟ ଦର୍ଶନ ସଂଘର ସେଣ୍ଟ୍ରାଲ କମିଟିର ସଭାପତି ପୂଜ୍ୟ ରବୀନ୍ଦ୍ରନାଥ ମହାନ୍ତି, ସଂପାଦକ ପୂଜ୍ୟ କେଶବ ସେଠୀ, ସଦସ୍ୟ ପୂଜ୍ୟ ବାସିନୀ ଭୂଜଙ୍ଗ ରାଓ ଏବଂ ପୂଜ୍ୟ ରାମକୃଷ୍ଣ ହୋତା ଭାଇ ଯୋଗଦାନ କରି ପ୍ରଥମେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ ପରେ ସତସଙ୍ଗ ମାଧ୍ୟମରେ ଗୁରୁଙ୍କର ଜୀବନ ଦର୍ଶନ ଓ ତାଙ୍କ ସାନିଧ୍ୟାନୁଭୂତି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ଉପଖଣ୍ଡ ଅଞ୍ଚଳର ପ୍ରାୟ ଅଢ଼େଇ ହଜାର ଶିଷ୍ୟ ଶିଷ୍ୟା ଭାଇ ଭଉଣୀ ଓ ଆଧ୍ୟାତ୍ମିକ ପ୍ରେମୀ ସୁଧିଜନଙ୍କ ସମାଗମ ହୋଇଥିଲା।



# ପରିଣତ ବୟସରେ ଶାଗ ବିକି ସ୍ୱାବଲମ୍ବୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଜୀବନର ଶେଷ ବୟସରେ ଶାଗ ବିକି ସ୍ୱାବଲମ୍ବୀ ହୋଇଛନ୍ତି ପୌରପରିଷଦ ଅଞ୍ଚଳର ୧ନମ୍ବର ୱାଡ ମୁଣ୍ଡାଗୁଡା ଗାଁର ୪ ବୃଦ୍ଧା। ସେମାନେ ହେଲେ ଚନ୍ଦ୍ରମା ନାୟକ (୭୬), ରନ୍ୱା ନାୟକ(୭୪), ଦୟମନ୍ତି ହଲ୍‌ବା(୬୬) ଓ ବାସନ୍ତୀ ଇଣ୍ଡି (୬୫)। ନିଜ ସହ ପରିବାରର ପେଟ ପାଇଁ ଜଙ୍ଗଲ ବୁଲି, ବାଡ଼ିବଗିଚାରୁ ବିଭିନ୍ନ କିସମର ଶାଗ ସଂଗ୍ରହ କରି ବଜାରକୁ ଆଣି ବିକ୍ରି କରୁଛନ୍ତି। ଚାରିଜଣ ସଙ୍ଗାତ ମଧ୍ୟ ବସିଛନ୍ତି। ଏମାନଙ୍କ ବନ୍ଧୁତାରେ ଅର୍ଥିକ ଅଭାବ କେବେ ବାଧା ସାଜିନାହିଁ। ଚନ୍ଦ୍ରମା କହିଛନ୍ତି, ଗୋଟିଏ ଗାଁର ହୋଇଥିବାରୁ ସାଥି ହୋଇ ସବୁ କାମ କରୁଛୁ। ପରିବାରରେ ପୁଅଝିଅ ନାତିନାତୁଣୀ ଥିଲେ ମଧ୍ୟ ଏକାଠି ବସି ସୁଖଦୁଃଖ ହୁଅନ୍ତି। ୪ଜଣ ଯାକ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ନିଜ ଉଦ୍ୟମ ଓ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ ହୋଇପାରିବ ବୋଲି ଚନ୍ଦ୍ରମା କହିଛନ୍ତି। ରନ୍, ଦମୟନୀ ଓ ବାସନ୍ତୀଙ୍କ କହିବା ପ୍ରକାରେ ସେମାନଙ୍କ ବାଡ଼ିରେ ସଜନାଗଛ ଓ ପିଜୁଳି ଗଛ ଅଛି। ଶାଗ ଓ ପିଜୁଳି ସଂଗ୍ରହ କରିବା ସହ ଅନ୍ୟମାନଙ୍କ ଜମିରେ ହୋଇଥିବା କଳମ୍ବ ଶାଗ, ଟିକିରି ଶାଗ, ସାବୁ ନାଡି ଆଦି ସଂଗ୍ରହ କରିଥାନ୍ତି। ସବୁ ସଂଗ୍ରହ ପରେ ସେମାନେ ଏକାଠି ମାଲକାନଗିରି ବଜାରକୁ ଆସି ଗୋଟିଏ ସ୍ଥାନରେ ବସି ବିକ୍ରି କରୁଥିବା କହିଛନ୍ତି। ଶାଗ ବିକ୍ରି ପଇସାରେ ଘର ପାଇଁ ତେଲଲୁଣ ସଉଦା କିଣି ନେଉଛନ୍ତି। ସରକାରୀ ସୁବିଧାରୁ ବଞ୍ଚିତ ଏହି ଆଦିବାସୀ ବୃଦ୍ଧା ମାନେ ପରହାତ ଟେକାକୁ ଅପେକ୍ଷା ନକରି ବାଡ଼ି ବଗିଚା ଓ ଜଙ୍ଗଲରୁ ବିଭିନ୍ନ ଶାଗ ସଂଗ୍ରହ କରି ବିକ୍ରି କରି ସ୍ୱାବଲମ୍ବୀ ହୋଇଛନ୍ତି। ହାତ ଗୋଡ ଚାଲିଥିବା ପର୍ଯ୍ୟନ୍ତ ଆମେ ଚାରି ସଙ୍ଗୀତ ଏକାଠି ହୋଇ ଶାଗ ବିକି ଚଳିବୁ ବୋଲି କହିଛନ୍ତି। ସଙ୍ଗାତପଣକୁ ବଞ୍ଚାଇ ରଖିବା ପାଇଁ ଶାଗ ବେପାରକୁ ଆଦରି ନେଇଛନ୍ତି। କିଛି ଘଣ୍ଟା ଧରି ଏକାଠି ବସି ଦୁଃଖ ସୁଖ ହୋଇପାରୁଛନ୍ତି। ଘରେ ରହିଲେ ପୁଅବୋହୂ ଅସନ୍ତୁଷ୍ଟ ହେବେ। ତେଣୁ ହାଟବଜାରରେ ଭାଗକୁ ୨୦ ଟଙ୍କା ଲେଖା ଦରରେ ବିକ୍ରି କରି ଦିନକୁ ପ୍ରାୟ ୭ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି।

# ଉପାନ୍ତରେ ବିକାଶ ବାଟବଣା: ବିଲଠାରୁ ବଳି ଗଲାଣି ରାସ୍ତାର ଅବସ୍ଥା



କନ୍ଧମାଳ,(ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ଅନ୍ତର୍ଗତ ଶିଗାଡ଼ିରୁ ସେକାମାଲ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ଉକ୍ତ ରାସ୍ତାରେ ଦୈନନ୍ଦିନ ଅନେକ ଗାଡି ମୋଟର ସହିତ ଶହ ଶହ ଲୋକ ଯାତାୟାତ କରିଥାନ୍ତି। ହେଲେ ରାସ୍ତାର ଅବସ୍ଥା ଦେଖି ଲୋକେ ଯିବାକୁ ଭୟ କରୁଛନ୍ତି। ଏହି ରାସ୍ତା ଦେଇ ଶିଗାଡି, କଳା ସୁଲିଆ, କନା ବୀର, ବାଙ୍ଗିମୁଣ୍ଡା, ମନୋହର ପୁର, ପାଲଝିର, ଲକ୍ଷ୍ମୀପ୍ରସାଦ ଆଦି ୭ରୁ ଅଧିକ ଗ୍ରାମର ଲୋକେ ଦୈନିଦିନ ଯାତାୟାତ କରିଥାନ୍ତି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଗାଡିତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇ ପଡେ। ଅତି ଜରୁରୀ ନ ହେଲେ ଗ୍ରାମବାସୀ ଉକ୍ତ ରାସ୍ତାରେ ଯିବାକୁ ଭୟ କରନ୍ତି। ପାଣି କାଦୁଅ ରାସ୍ତାରେ ଯିବା ସମୟରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଯାତାୟାତ ସମୟରେ ଅନେକ ଲୋକ ପଡି ଯିବା ସହ ଗାଡି ମଧ୍ୟ ଭାଙ୍ଗି ଯାଇଥିବା ନଜିର ରହିଛି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ଏହି ରାସ୍ତା ଦେଇ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ସହ ଅନେକ ବୃଦ୍ଧା ବୃଦ୍ଧ ଭତ୍ତା ପାଇଁ ପଞ୍ଚାୟତକୁ ଏହି ପାଣି କାଦୁଅ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବରେ ଯାତାୟାତ କରିଥାନ୍ତି। ଚାଷ ହୋଇଥିବା ବିଲରୁ ରାସ୍ତାର ପାଣି କାଦୁଅ ବଳି ଯାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି। ରାଜ୍ୟ ସରକାର ଯାତାୟତକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତ ମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟି ଥିବା ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରି ନାହିଁ। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ଖୁବ ଶୀଘ୍ର ମରାମତି କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ କଡା ଚେତାବନୀ ଦେଇଛନ୍ତି।

# ଗୁହାଳ ପୋଡିରେ ଗୋ-ଧନ ନଷ୍ଟ

ଗରଦପୁର, (ଭାସ୍କର ନ୍ୟୁଜ୍) : ପାଟକୁରା ଅଞ୍ଚଳରୁ ଆସିଛି ଏକ ଦୁଃଖଦ ଖବର। ଗୁହାଳ ପୋଡିରେ ଗୋଟିଏ ଗର୍ଭବତୀ ଗାଇ ଓ ଗୋଟିଏ ବାଛୁରୀ ପୋଡିଯାଇ ମୃତ୍ୟୁବରଣ କରିଥିବା ବେଳେ ଆଉ ଦୁଇଟି ଗାଇ ଅଧାପୋଡା ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି ଗରଦପୁର ବ୍ଲକ୍ ତଳକୁସୁମା ପଞ୍ଚାୟତ ବଙ୍ଗାରୀ ଗ୍ରାମରେ।ବଙ୍ଗାରୀ ଗ୍ରାମର ରୁଷ ସ୍ୱାଇଁ ନାମକ ଜନୈକ ବ୍ୟକ୍ତି ଗୁହାଳ ଘରେ ନିଜର ଗାଇ ମାନଙ୍କୁ ମଶା ଦାଉରୁ ରକ୍ଷା କରିବା ପାଇଁ ଗୁହାଳ ଘରେ ଧୂଆଁ ଦେଇ ନିଜ ଘରେ ଶୋଇ ପଡିଥିବା ଅବସ୍ଥାରେ ନିଆଁ କୁହୁଳୀ ସମଗ୍ର ଗୁହାଳ ଘରକୁ ବ୍ୟାପିଯାଇଥିଲା। ଗୋରୁ ମାନଙ୍କ ଚିତ୍କାର ଶୁଣି ଘର ଲୋକ ଓ ପଡିଶା ମାନେ ନିଆଁ ଲିଭାଇବାକୁ ପ୍ରୟାସ କରିବା ସହିତ ଗୋରୁ ମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ, ହେଲେ ଦୁଃଖର ବିଷୟ ଦୁଇଟି ଗାଇଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ବଞ୍ଚାଇବାରେ ସଫଳ ହୋଇଥିବା ବେଳେ ଗୋଟିଏ ଗର୍ଭବତୀ ଗାଇ ଓ ଗୋଟିଏ ବାଛୁରୀ କୁ ବଞ୍ଚାଇ ପାରିନଥିଲେ। ଖବର ପାଇଁ କୋରୁଆ ଅଗ୍ନିଶମ ବାହିନୀର ଦମକଳ ଗାଡି ପହଞ୍ଚି ନିଆଁ କୁ ଆୟତ କଲା ବେଳକୁ ସବୁ କିଛି ଶେଷ ହୋଇଯାଇଥିବା ବେଳେ ଗରଦପୁର ଭିଏସ୍ ଘଟଣା ସ୍ଥଳରେ ପହଞ୍ଚି ଅର୍ଦ୍ଧଦଗ୍ଧ ଗୋରୁମାନଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଏପରି ଦୁଃଖଦ ଖବର ପାଇ ତଳକୁସୁମା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଅଶୋକ କୁମାର ଜେନା ରୁଷ ସ୍ୱାଇଁଙ୍କ ଘରେ ପହଞ୍ଚି ଏକ ଜରୀ ପାଲ ପ୍ରଦାନ କରିବା ସହିତ ଏ ସମ୍ପର୍କରେ ଗରଦପୁର ତହସିଲଦାରଙ୍କୁ ଅବଗତ କରାଇ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ନିବେଦନ କରିଥିଲେ।

# ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସଚେତନତା

ଜଗତସିଂହପୁର(ଭାସ୍କର ନ୍ୟୁଜ) ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପୁରୁଣାଗଡସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକର ତରଫରୁ କିଶୋର ନ୍ୟାୟ ଆଇନ, ୨୦୧୫ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ। ଏହା ପରେ ଆଇନ ସେବା ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ କିଶୋର ନ୍ୟାୟ ଆଇନ, ୨୦୧୫ ଅନୁଯାଇ ବିଭିନ ମାମଲା ସହ ଜଡିତ ଥିବା ୧୮ ବର୍ଷରୁ କମ୍ ପିଲାମାନଙ୍କୁ ସୁରକ୍ଷା ପ୍ରଦାନ କରିବା ହେଉଛି ଏହି ଆଇନର ମୂଳ ଲକ୍ଷ୍ୟ। ଶିଶୁମାନଙ୍କୁ ଦଣ୍ଡ ବଦଳରେ ପୁନର୍ବାସ କରାଇବାସହ ସେମାନଙ୍କ ସହିତ ଜଡିତ ଥିବା ମୋକଦ୍ଦମା ଗୁଡିକର ପରିଚାଳନା କରାଇବା ପାଇଁ ଏହି ଆଇନ ରୂପରେଖ ପ୍ରଦାନ କରିଥାଏ। ଏହା ପରେ ସଚିବ ଭାରତୀୟ ସମ୍ବିଧାନର ଧାରା ୨୧(କ) ଅନୁଯାଇ ୬ ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଧାନ ବିଷୟରେ ସଚେତନ କରାଇବା ସହ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# ପକ୍ଷାଘାତ ପୀଡିତଙ୍କୁ ସହାୟତା



ରାଉରକେଲା( ଭାସ୍କର ନ୍ୟୁଜ୍) : ରାଉରକେଲାର ଅଗ୍ରଣୀ ସାମାଜିକ ସଂଗଠନ ସହାୟତା ନିରନ୍ତର ଭାବେ ତାର ସାମାଜିକ ଦାୟିତ୍ୱବୋଧ ଇସ୍ପାତ ସହରରେ ପାଳନ କରି ଆସୁଛି। ବରିଷ୍ଠ ନାଗରିକଙ୍କୁ ସମ୍ମାନ, ଅସହାୟ ଗରିବ ଝିଅକୁ ପାଠ ପଢିବା ପାଇଁ ସହାୟତା ରାଶି ବଣ୍ଟନ, ବିଭିନ୍ନ ସଚେତନା କାର୍ଯ୍ୟକ୍ରମ ମାଧ୍ୟମରେ ଜନଜାଗରଣ ଭଳି କାର୍ଯ୍ୟକ୍ରମ ବିଭିନ୍ନ ସମୟରେ ଜାରି ରହିଛି। ସେକ୍ଟର ୧ କାଳୀ ମନ୍ଦିର ନିକଟସ୍ଥ ଡି ବ୍ଲକ୍‌ରେ ଭାସ୍କର ଚନ୍ଦ୍ର ବେହେରା ଜଣେ ୭୫ ବର୍ଷିୟ ବୃଦ୍ଧ, ପକ୍ଷାଘାତ ରୋଗରେ ପ୍ରାୟ ୮ ବର୍ଷ ଧରି ପିଡିତ ଅଛନ୍ତି। ପରିବାର କହିଲେ ତାଙ୍କର ଦୁଇ ଝିଅ ଓ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ବେହେରା। ବଡ଼ ଝିଅ ବିବାହିତ, ସାନ ଝିଅ ବାପାଙ୍କ ସେବା ପାଇଁ ଏପର୍ଯ୍ୟନ୍ତ ବିବାହ କରି ବାପାଙ୍କ ସେବାରେ। ପରିବାର ଚଳାଇବା ପାଇଁ ସାନ ଝିଅ ଏକ ବେସରକାରୀ ବିଦ୍ୟାଳୟରେ ଶିକ୍ଷକତା କରିବା ସହ ବାକି ସମୟ ବାପାଙ୍କ ସେବାରେ ନିୟୋଜିତ। ଭାସ୍କର ବାବୁଙ୍କ ପକ୍ଷାଘାତ ପିଡୀତ ହୋଇ ପ୍ରାୟ ଶଯ୍ୟାଶାୟୀ, ଚଳାବୁଲା ସାତସପନ। ଏବାବଦରେ ସହାୟତା ସାମାଜିକ ସଂଗଠନ ର ଅଧ୍ୟକ୍ଷ ତଥା ଯୁବ ସ୍ୱେଚ୍ଛାସେବୀ ଗୋପାଳ ଜେନା କୌଣସି ସୁତ୍ରରୁ ଜାଣିବାକୁ ପାଇଲେ। ଏ ନେଇ ସଂଗଠନ ର ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ ଓ ଉପଦେଷ୍ଟା ମହେନ୍ଦ୍ର କୁମାର ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସହ ବିଚାର ବିମର୍ଶ ପରେ ତାଙ୍କୁ ଏକ ହୁଇଲ ଚେୟାର ପ୍ରଦାନ ପାଇଁ ସଂଗଠନ ପକ୍ଷରୁ ସ୍ଥିରୀକୃତ କରାଯାଇଥିଲା। ଗତକାଲି ସକାଳେ ସହାୟତା ସାମାଜିକ ସଂଗଠନର ସଦସ୍ୟମାନେ ଭାସ୍କର ବେହେରାଙ୍କ ଘରେ ପହଞ୍ଚି ଏହି ହୁଇଲ ଚେୟାର ପ୍ରଦାନ କରିବା ସହ ତାଙ୍କୁ ହ୍ୱିଲ ଚେୟାରରେ ବସାଇ ବୁଲାଇଥିଲେ। ଭାସ୍କର ବାବୁ ଶଯ୍ୟାରୁ ଉଠି ଯିବା ସମ୍ଭବ ହୋଇନଥିବା ବେଳେ ଆଜି ହୁଇଲ ଚେୟାରରେ ବସି ବାହାରକୁ ଯାଇ ବେଶ୍ ଆନନ୍ଦିତ ହେବା ସହ ଲୁହ ଛଳଛଳ ଆଖିରେ ସଂଗଠନର ସଦସ୍ୟ ମାନଙ୍କୁ ହୃଦୟରୁ ସାଧୁବାଦ ଦେଇଥିଲେ। ଏହି ଅବସରରେ ସହାୟତା ସାମାଜିକ ସଂଗଠନର ସଦସ୍ୟବୃନ୍ଦଙ୍କ ମଧ୍ୟରେ ଲୀନା ନାୟକ, ପ୍ରତିଭା ପ୍ରିୟଦର୍ଶିନୀ, ହେମଲତା ପ୍ରସାଦ, ଜିତେନ ମାଛଖଣ୍ଡ ଓ ବିଜୟ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ଆଗାମୀ ଦିନରେ ସହରର କିଛି ଅସହାୟ ଶଯ୍ୟାଶାୟୀଙ୍କୁ ଚିହ୍ନଟ କରି ହୁଇଲ ଚେୟାର ବଣ୍ଟନ ପାଇଁ ନିଷ୍ପତ୍ତି ନେଇଥିବା ଅଧ୍ୟକ୍ଷ ଗୋପାଳ ଜେନା ଜଣାଇଛନ୍ତି।

# କାରାଗାର ଅନ୍ତେବାସୀଙ୍କ ବୈଷୟିକ ଓ ବୃତ୍ତିଗତ ତାଲିମ କାର୍ଯ୍ୟକ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆନୁକୂଲ୍ୟରେ ଜିଲ୍ଲା କାରାଗାର ଅନ୍ତେବାସୀଙ୍କ ପାଇଁ ବୈଷୟିକ ଓ ବୃତ୍ତିଗତ ତାଲିମ ଶିକ୍ଷାର ଶୁଭାରମ୍ଭ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ ଶିକ୍ଷା କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ମା’ ତାରିଣୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଆୟୋଜକ ଗୃହ ଉଦ୍ୟୋଗ ଟ୍ରଷ୍ଟ, ଭୁବନେଶ୍ୱରଙ୍କ ଆର୍ଥିକ ଅନୁଦାନରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ତଦାଶା ସଂପାଦକ ତଥା ପ୍ରାଧିକରଣ ସଦସ୍ୟ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ ଦେଇ ଏହି ତାଲିମ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ସଭା ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଶ୍ୱେତାଲିନା ସାହୁ,କାରାଗାର ଅଧିକ୍ଷକ ଉପେନ୍ଦ୍ର କୁମାର ଜେନା, ମଧ୍ୟମ, କ୍ଷୁଦ୍ର ଓ ଅଣୁ ଉଦ୍ୟୋଗ ଅଧ୍ୟକ୍ଷ ମୀନକେତନ ଅମାତ, ଗୃହ ଉଦ୍ୟୋଗ ଟ୍ରଷ୍ଟ ଭୁବନେଶ୍ୱର ପରିଚାଳନା ନିର୍ଦ୍ଦେଶିକା ମନିକା ଜେ ଆଚାର୍ଯ୍ୟ, ଜେଲର ଅବନ୍ତୀ ସିଂ, ଆରକ୍ଷୀ ପରିଦର୍ଶକ ପ୍ରଫୁଲ୍ଲ କୁମାର ପଣ୍ଡା, କାରାମଙ୍ଗଳ ଅଧିକାରିଣୀ ସୀମା ଏକ୍କା ଯୋଗଦେଇ ତାଲିମ କାର୍ଯ୍ୟକ୍ରମର ଉପକାରିତା ବିଷୟରେ ଓ ଭବିଷ୍ୟତରେ ଅନ୍ତେବାସୀ ଓ ଜେଲରୁ ଯିବା ପରେ ଏହି ତାଲିମକୁ ପାଥେୟ କରି ଭବିଷ୍ୟତ ଜୀବନରେ ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି ଅତିଥିମାନେ ମତ ଦେଇଥିଲେ। ବର୍ତ୍ତମାନ ଅନ୍ତେବାସୀମାନଙ୍କ ପାଇଁ ଟ୍ରଷ୍ଟ ଦ୍ୱାରା ସିଏଫ୍‌ଏଲ୍ ବଲବ୍ ତିଆରି, ଦର୍ଜି, ଫିନାଇଲ, ଧୂପକାଠି, ସାବୁନ, ସାବୁନ ଗୁଣ୍ଡ ଓ ପଙ୍ଖା ମରାମତି ଆଦି ଶିକ୍ଷା ପ୍ରଦାନ କରାଯିବା ସହ ଆବଶ୍ୟକ ହେଲେ ଅଧିକ ପରିମାଣର ଉତ୍ପାଦନ ସାମଗ୍ରୀର ବଜାରୀକରଣ ବିକ୍ରିର ସୁବିଧା ମଧ୍ୟ ପ୍ରଦାନ କରାଯିବାକୁ ସଭାରେ ଘୋଷଣା କରାଯାଇଥିଲା। ଏହି ତାଲିମ ପାଇଁ ପ୍ରଥମ ପର୍ଯ୍ୟାୟରେ ୭୫ ଜଣ ଅନ୍ତେବାସୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୧୬ ଜଣ ମହିଳା ଓ ୫୯ ଜଣ ପୁରୁଷ ରହିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଆଗ୍ରହୀ ଅନ୍ତେବାସୀ ମାନଙ୍କୁ ମଧ୍ୟ ସାମିଲ କରାଯିବ ବୋଲି ସୂଚନା ଦିଆଯାଇଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳ: ଜଣେ ମୃତ

କଣାସ: (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡିସାଗୋଡା ଥାନା ପରିସର ଭୁକ୍ତ ହରଷ ପଡ଼ା ଗ୍ରାମରେ ଗତ ୧୭ ତାରିଖ ରାତ୍ର ୧୦ଟା ସମୟରେ ପୂର୍ବଶତୃତାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟି କେଶବ ଦଳେଇ (୫୫ବର୍ଷ) ଙ୍କର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ଗଣ୍ଡଗୋଳ ପରେ କେଶବ ଗୁରୁତର ଆଘାତ ହୋଇଥିବାରୁ ତାଙ୍କୁ ଚିକିତ୍ସା ପାଇଁ ପରିବାର ଲୋକ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ, କଣାସ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିବା ଡ଼ାକ୍ତର ବଲ୍ଲଭ ଭଡ ପରୀକ୍ଷା ନିରୀକ୍ଷା କରିବାପରେ ମୃତ ହୋଇଥିବା ଘୋଷଣା କରିବା ସହିତ ଗଡ଼ିସା ଗୋଦା ଥାନାକୁ ଖବର ଦେଇଥିଲେ ଗଡ଼ିସାଗୋଦା ଥାନା ଅଧିକାରୀ ସୁଧୀର ଦାସ, ପୁରୀ ସଦର ଏସଡିପିଓ ରବିନାରାୟଣ ଭଞ୍ଜ ଏବଂ ସାଇଣ୍ଟିଫିକ୍ ଟିମ୍ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ, କେଶବଙ୍କ ପତ୍ନୀ ସଜନୀ ଦଳେଇ ସ୍ୱାମୀଙ୍କୁ ବାବୁଲି ବିଶ୍ୱାଳ, ଗୌରାଙ୍ଗ ବିଶ୍ୱାଳ, ଚୈତନ୍ୟ ବିଶ୍ୱାଳ, ରମେଶ ବିଶ୍ୱାଳ, ନିରୁ ବିଶ୍ୱାଳ, ଦିଲ୍ଲୀପ ବିଶ୍ୱାଳ, ମାରିଦେଇଥିବା ଏକ ଲିଖିତ ଅଭିଯୋଗ ଗଡ଼ିସାଗୋଦା ଥାନା ରେ ଦେବାପରେ ଥାନାଧିକରୀ ସୁଧୀର ଦାସ ଗଡ଼ିସାଗୋଦା ଥାନା କେଶ ନମ୍ବର ୧୧୬/୨୦୨୫ ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହିତ ୨ଜଣଙ୍କୁ ଅଟକ ରଖିଛନ୍ତି।

# ଓଡ଼ିଶା କଂଗ୍ରେସର ବନ୍ଦ ଡାକରା ସଫଳ




**ଟାଙ୍ଗୀ, (ଭାସ୍କର ନ୍ୟୁଜ୍) :** ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ରାଜ୍ୟସାରା ଓଡ଼ିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ଦୋକାନ ବଜାର ବନ୍ଦ ରହିଥିଲା, ଆନ୍ଦୋଳନକାରୀ ମାନେ ଛକ ଓ ଷ୍ଟେସନରେ ରେଳ ରୋକ କରିଥିଲେ। ସୂଚନାଯୋଗ୍ୟ : ଏଫ୍‌ଏମ୍ କଲେଜର ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦେବା ଦାବିରେ କଂଗ୍ରେସ ପକ୍ଷରୁ ଆଜି ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା ଏବଂ ଟାଙ୍ଗୀ-ଚାନ୍ଦପୁର ଓ ଏହାର ଆଖପାଖ ଅଞ୍ଚଳରେ ଏହି ବନ୍ଦ ପାଳନ ଆଂଶିକ ସଫଳ ହୋଇଛି। କଂଗ୍ରେସର ଏହି ବନ୍ଦ ଆହ୍ୱାନରେ ସିପିଏମ୍ ଏଥିରେ ସମର୍ଥନ କରିଥିଲା। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଓ କୁହୁଡ଼ି ଅଞ୍ଚଳରେ ଏବଂ ରାମେଶ୍ୱର ଓ ନିରାକାରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା ବନ୍ଦ ପାଳନର ପ୍ରଭାବ। ଜାତୀୟ ରାଜପଥରେ ଅଟକି ରହିଥିଲା ଶହ ଶହ ଗାଡ଼ି, ଦୋକାନ ବଜାର ବନ୍ଦ ରହିଥିଲା, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଅଖଚକ ଜାମ କରି ଦେଇଥିଲା ଉଭୟ ଦଳ। ଗାଡି ଚଳାଚଳ ହେଉନଥିବାରୁ ଯାତ୍ରୀ ହନ୍ତସନ୍ତ ହୋଇଥଲେ, ବନ୍ଦ ପାଇଁ ସମସ୍ୟା ଭୋଗିଛନ୍ତି ସାଧାରଣ ଲୋକ। ଫକୀର ମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ନ୍ୟାୟ ଦାବିରେ ଟାଙ୍ଗୀ, କୁହୁଡ଼ି, ନିରାକାରପୁର, ନାଚୁଣୀ, ରାମେଶ୍ୱର ଏବଂ ନୟାଗଡ଼ ଜିଲ୍ଲାର ଚାନ୍ଦପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ କଂଗ୍ରେସର ହଲ୍ଲାବୋଲ କରିଥିଲା। କେଉଁଠି ରାସ୍ତାରେ ଉପରେ ଶୋଇ ଆନ୍ଦୋଳନକାରୀ ପ୍ରତିବାଦ କରୀଛନ୍ତି କଂଗ୍ରେସ କର୍ମୀ ତ’ ପୁଣି କେଉଁଠି ରାସ୍ତାରେ ଛାଡୁ ନାହାନ୍ତି କୌଣସି ଗାଡ଼ି ମୋଟର , ସବୁଠି ଚକାଜାମ୍ ହୋଇଛି। କଂଗ୍ରେସ ନେତା ବିଶ୍ୱଭୂଷଣ ଛୋଟରାୟ, ବାସୁଦେବ ବିଶ୍ୱାଳ, ସିପିଏମ୍ ନେତା ଗିରିଶ ଚନ୍ଦ୍ର ମହାରଣା, ବିଧୁ ଭୂଷଣ ମହାରଣା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଙ୍ଗୀ ଓ ଚାନ୍ଦପୁର ଥାନା ନିରୀକ୍ଷକଙ୍କ ନେତୃତ୍ୱରେ ପୋଲିସ ବାହିନୀ ବିଭିନ୍ନ ସ୍ଥାନରେ ପଇଁତରା ମାରୁଥିବାର ଦେଖିବାକୁ ମିଳିଥିଲା।




**କରଞ୍ଜିଆ, (ଭାସ୍କର ନ୍ୟୁଜ୍):** ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବିଏଡ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାରେ ରାଜ୍ୟ କଂଗ୍ରେସ ତରଫରୁ ଦିଆଯାଇଥିବା ଓଡିଶା ବନ୍ଦ ଡାକରାରେ ଆଜି କରଞ୍ଜିଆ କଂଗ୍ରେସ ତରଫରୁ କରଞ୍ଜିଆ ବନ୍ଦ ରେ ପ୍ରଭାବ ରହିଥିଲା। ଗୁରୁବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କରଞ୍ଜିଆ ସହର ସମେତ କରଞ୍ଜିଆ ବ୍ଲକରେ ବନ୍ଦ ପ୍ରଭାବ ରହିଥିଲା। ବନ୍ଦ ଡାକରା ପ୍ରଭାବରେ ସମସ୍ତ ବସ ସେବା, ଟ୍ରକ ଚଳାଚଳ, ବଜାର, ପେଟ୍ରୋଲ ପମ୍ପ, ସ୍କୁଲ କଲେଜ, ଦୋକାନ ବଜାର ବନ୍ଦ ରହିଥିଲା। କଂଗ୍ରେସର ଜିଲ୍ଲା ସଭାପତି (ପଶ୍ଚିମାଞ୍ଚଳ)ର ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ପିକେଟିଙ୍ଗ କରି କାର୍ଯ୍ୟାଳୟ ଗୁଡିକୁ ଅଚଳ କରିଦିଆଯାଇଥିଲା। କରଞ୍ଜିଆ ବ୍ଲକର ଚଢେଇଭଲ ଠାରେ ରାଜରାସ୍ତା ୪୯କୁ ବନ୍ଦ କରିବା ଫଳରେ କୌଣସି ମଟର ଗାଡି ଚଳାଚଳ କରିପାରିନଥିଲା। କରଞ୍ଜିଆ ବନ୍ଦରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଲକ୍ଷ୍ମୀଧର ସିଂ, ମହିଳା ନେତ୍ରୀ ଗୋଲାପ ମଞ୍ଜରୀ ସୋରେନ, ଲାଲନ ସିଂ ପ୍ରମୁଖ ବନ୍ଦ କାର୍ଯ୍ୟକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। କରଞ୍ଜିଆ ପୋଲିସ ଘଟଣାର ଗୁରୁତ୍ୱକୁ ଦେଖି ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରିଥିଲେ। ତେବେ ବନ୍ଦ ଶାନ୍ତିପୂର୍ଣ ଭାବେ ସମସ୍ତଙ୍କ ସହଯୋଗ ମିଳିଥିବାରୁ ଭୁବନ ବିହାରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

**ବୋଲଗଡ଼,(ଭାସ୍କର ନ୍ୟୁଜ୍):** ଫକୀର ମୋହନ ସ୍ୱଂୟଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୂତି ଘଟଣା ପୀଡ଼ିତା ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପରେ ସାରା ରାଜ୍ୟରେ କଂଗ୍ରେସ ସହିତ ଆଠଟି ଦଳ ଆନ୍ଦୋଳନକୁ ବାହାରି ଥିଲେ । କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସୁପୁତ୍ର ପୃଥ୍ୱି ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ଗ୍ରାମରୁ କଂଗ୍ରେସ କର୍ମୀ ମାନେ ମିଳିତ ହୋଇ ବନ୍ଦ ଡାକରା ଦେଇ ଥିଲେ। ଏଥିରେ ବେଗୁନିଆ ତରଫରୁ ପଛୁଆ ବର୍ଗ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦିନ ଅହମ୍ମଦ (ସିଲୁ ଭାଇ) ସହଯୋଗ ଦେଇ ବନ୍ଦ ପାଳନକୁ ସଫଳ କରିଥିଲେ। ଦୋକାନ ବଜାର, ଗାଡ଼ି ମଟର, ସମସ୍ତ ଅଫିସ ବନ୍ଦ ହେବା ଫଳରେ ଜନ ସାଧାରଣମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ସେହିପରି ବୋଲଗଡ଼ ବ୍ଲକରେ ଆଜି ଆଠ ଦଳୀୟା ମେଣ୍ଟର ବନ୍ଦ ଡାକରାରେ ସମଗ୍ର ବୋଲଗଡ଼ ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା କଂଗ୍ରେସ ନେତା ପୃଥୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳର ବହୁ ପଞ୍ଚାୟତ ସ୍ତରୀୟ ନେତା ସାମିଲ ହୋଇ ଏହି ବନ୍ଦ ସଫଳ କରିବାରେ ଶତ ଚେଷ୍ଟା କରିଥିଲେ। ଯାହା ଫଳରେ ବୋଲଗଡ଼ ଓ ରାଜସୁନାଖଳା ବଜାରରେ ଥିବା ବହୁ ଆଞ୍ଚଳିକ ବ୍ୟାଙ୍କ, ସ୍କୁଲ କଲେଜ, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, କୃଷି ବିଭାଗ କାର୍ଯ୍ୟାଳୟ ଓ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ଦିନ ୧୦ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ବୋଲଗଡ଼ ତହସିଲ କାର୍ଯ୍ୟାଳୟ ଆଗରେ ପୃଥ୍ୱି ବଲ୍ଲଭଙ୍କ ନେତୃତ୍ୱରେ ସରପଞ୍ଚ ବିଜୟ କୁମାର ସେଠୀ, ଯୁବ ନେତା ଶ୍ରୀଧର ଦତ୍ତ, ପୂର୍ବତନ ସରପଞ୍ଚ ପ୍ୟାରୀ ମୋହନ ଦାଶ ବ୍ଲକ କଂଗ୍ରେସ କମିଟି ସଭାପତି ସଞ୍ଜୟ କୁମାର ସୁବୁଦ୍ଧି, ପୂର୍ବତନ ସରପଞ୍ଚ ରଘୁନାଥ ସାହୁ,ପୂର୍ବତନ ସରପଞ୍ଚ ନଟବର ପାଣ୍ଡେ, ଜୟକୃଷ୍ଣ ପ୍ରହରାଜ ସମେତ କଂଗ୍ରେସ ଦଳ ଆଗଧାଡିର ନେତା ସହଯୋଗ କରିଥିଲେ।

**ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍):** ବାଲେଶ୍ୱର ଜିଲ୍ଲାର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ଆତ୍ମାହୁତି ଦେଇ ନିଜର ଜୀବନ ହାରିଥିବାବେଳେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ପାଇଁ ଏକ ଛାତ୍ରୀଙ୍କ ଜୀବନ ଚାଲିଯିବା ଘଟଣାକୁ ନେଇ ରାଜ୍ୟ ଜାତୀୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଓଡ଼ିଶା ବନ୍ଦ ଡାକରାରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କଂଗ୍ରେସ ପକ୍ଷରୁ ୧୬ ଓ ୫୫ନଂ. ଜାତୀୟ ରାଜପଥ ସଂଯୋଗ ସ୍ଥଳ ମଙ୍ଗୁଳି ଛକରେ ଶାନ୍ତିପୂର୍ଣ୍ଣ ଭାବେ ରାସ୍ତାରୋକ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କଂଗ୍ରେସ ସଭାପତି ଆଶୁତୋଷ ବରାଳଙ୍କ ସମେତ ଅନେକ କଂଗ୍ରେସ କର୍ମୀ ସାମିଲ ଥିଲେ। ଅନ୍ୟପକ୍ଷରେ ସିପିଆଇଏମ୍ ପକ୍ଷରୁ ଟାଙ୍ଗୀ ବ୍ଲକ୍ ଅଫିସ୍‌ର ମୁଖ୍ୟ ଫାଟକ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇ କର୍ମୀମାନେ ସରକାରୀ ବିରୋଧୀ ନାରା ଦେଇଥିବାର ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷାକୁ ଦୃଷ୍ଟିରେ ରଖି ଟାଙ୍ଗୀ ପୋଲିସ୍ ପକ୍ଷରୁ ମଙ୍ଗୁଳି ଛକରେ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ରାଙ୍କ ତତ୍ତ୍ୱାବଧାନରେ ଶତାଧିକ ପୋଲିସ୍ ଉପସ୍ଥିତ ଥିଲେ।

**ଫୁଲନଖରା,(ଭାସ୍କର ନ୍ୟୁଜ୍):** ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ପ୍ରଦେଶ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଓଡ଼ିଶାର ବିଭିନ୍ନ ସହର, ରାଜରାସ୍ତା, ବସ୍‌ଷ୍ଟାଣ୍ଡ, ଅଫିସ, ବ୍ୟାଙ୍କ୍ ଆଦି ସ୍ଥାନରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁରଠାରେ ଜିଲ୍ଲା କଂଗ୍ରେସ ଉପସଭାପତି ରାଜେଶ ସ୍ୱାଇଁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତ, କିଶୋରୀ ପରିଡ଼ାଙ୍କ ସମେତ ବହୁକର୍ମୀ ଯୋଗ ଦେଇଥିଲେ। ଏହାର ଅନୁରୂପ ଦୃଶ୍ୟ ନଖରା ଛକ, ବ୍ରାହ୍ମଣଝରିଲୋ ବଜାର, ପାହାଳ ବଜାର ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି।

**ଯାଜପୁର,(ଭାସ୍କର ନ୍ୟୁଜ୍):** ବାଲେଶ୍ୱର ଜିଲ୍ଲାର ଫୀକର ମୋହନ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାରେ ପୁରା ଓଡିଶା ସ୍ତମ୍ଭିଭୂତ ହୋଇଛି। ଗୁରଙ୍କ ନିର୍ଯ୍ୟାତନା ସହି ନପାରି ବାରମ୍ବାରକଲେଜ କର୍ତ୍ତୃପକ୍ଷ, ସ୍ଥାନୀୟ ଲୋକ ପ୍ରତିନିଧି, ପୋଲିସର ସହୟତା ଲୋଡି ନିରାଶ ହେବା ପରେ ଆତ୍ମହତ୍ୟାର ବାଟ ବାଛି ନେଇଥିଲେ। ଏହି ଘଟଣାକୁ ନେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ମିଳିତ ବିରୋଧୀ ଦଳର ସହଯୋଗରେ ସମଗ୍ର ଓଡିଶାର ପ୍ରତି ଜିଲ୍ଲାରେ ବନ୍ଦ ଡାକରା ଦିଆଯାଇଥିବା ବେଳେ ପୁରା ସମଗ୍ର ଯାଜପୁର ଜିଲ୍ଲାରେ ବନ୍ଦ ସଫଳ ହୋଇଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ମନୋଜ ରାଉତଙ୍କ ପ୍ରତିନିଧିତ୍ୱରେ ଶହଶହ ନେତୃବୃନ୍ଦ ଓ କର୍ମୀ ସକାଳୁ ଯାଜପୁର ସହରର ବିଭିନ୍ନ ସ୍ଥାନ ସମେତ ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର ଜିଲ୍ଲା କୋର୍ଟ, ଶିକ୍ଷାନୁଷ୍ଠାନର ପହଞ୍ଚି ବନ୍ଦକୁ ସଫଳ କରିବାକୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିବେଦନ କରିଥିଲେ। ଏଭଳି ସମ୍ବେଦନଶୀଳ ଘଟଣାକୁ ଉପଲକ୍ଷ କରି ସମସ୍ତେ ବନ୍ଦକୁ ସମର୍ଥନ କରିଥିଲେ। ଫଳ ସ୍ୱରୂପ ପୁରା ସରକାରୀ କଳ ଠପ ହୋଇଯାଇଥିଲା। ସେହିପରି ରାସ୍ତା ଘାଟ ଖାଁଖାଁ ଥିବା ବେଳେ କେବଳ ମେଡିକାଲ ରୋଗୀ, ଆମ୍ବୁଲାନ ଓ ଜରୁରୀକାଳୀନ ଗାଡିକୁ ବନ୍ଦକୁ ବାଦ କରାଯାଇଥିଲା।





ଫୁଲନଖରା (ଭାସ୍କର ନ୍ୟୁଜ୍) : ପାହାଳ ବଜାର ଠାରେ ଥିବା ଶତାଧିକ ମିଷ୍ଟାନ୍ନ ବ୍ୟବସାୟୀଙ୍କ ମିଷ୍ଟାନ୍ନ ଦୋକାନ ସମ୍ମୁଖରେ ଜାତୀୟ ରାଜପଥ ପ୍ରାଧିକରଣ ସ୍ଥାୟୀ ବ୍ୟାରିକେଟ ନିର୍ମାଣ କରି ପ୍ରବେଶ ଓ ପ୍ରସ୍ଥାନ ପଥ ନରଖିବା ପ୍ରସ୍ତାବକୁ ଉତ୍କଳ ଯାଦବ ମହାସଭା ପକ୍ଷରୁ ଦୃଢ଼ ଭାବରେ ବିରୋଧ କରାଯାଇଛି। ରାଜ୍ୟ ସଭାପତି ଆଶୀର୍ବାଦ ବେହେରାଙ୍କ ପରାମର୍ଶ କ୍ରମେ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଭେଟି ଓଡ଼ିଶାର ଗୌରବ ପାହାଳ ପ୍ରସିଦ୍ଧ ମିଠା ତଥା ପୁରୁଷ ପୁରୁଷ ଧରି ବ୍ୟବସାୟ କରୁଥିବା ଶତାଧିକ ମିଷ୍ଟାନ୍ନ ବ୍ୟବସାୟୀ ମାନଙ୍କ ସୁରକ୍ଷା ପ୍ରତି ବିହିତ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଏହି କ୍ରମରେ ଯାଦବ ମହାସଭା ଓ ସଙ୍ଘ ପକ୍ଷରୁ ସାଂସଦଙ୍କୁ ଦାବିପତ୍ର ଦିଆଯାଇଛି। ସାଂସଦ ମହୋଦୟା ପ୍ରତ୍ୟକ୍ଷ ଭାବେ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଓ ମିଷ୍ଟାନ୍ନ ବ୍ୟବସାୟୀଙ୍କ ସୁରକ୍ଷା ପ୍ରତି ଉଚିତ୍ ଧ୍ୟାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଯାଦବ ମହାସଭାର କାର୍ଯ୍ୟାଳୟ ସମ୍ପାଦକ ବରିଷ୍ଠ ସାମ୍ବାଦିକ ବୁଲେଇ ବେହେରା, କଟକ ଜିଲ୍ଲା ଦୁଗ୍ଧ ଜାତ ଦ୍ରବ୍ୟ ସଙ୍ଘର ସମ୍ପାଦକ ତୀର୍ଥବାସୀ ବେହେରା, ଯୁଗ୍ମ ସମ୍ପାଦକ ପ୍ରସନ୍ନ ବେହେରା, ପ୍ରୀତିରଞ୍ଜନ କାଠୁଆ, ସାଗର ବେହେରା, ଭୁବନେଶ୍ୱର ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ବିମ୍ବାଧର ବେହେରା, ପାହାଳ ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ଅକ୍ଷୟ କୁମାର ଲେଙ୍କା, ଉପସଭାପତି ରାଜକିଶୋର ସାହୁ, ସମ୍ପାଦକ ନିରଞ୍ଜନ ବେହେରା, ଦୁଃଶାସନ ପ୍ରଧାନ, ରାଜକିଶୋର ବେହେରା, ଶରତ କୁମାର ବେହେରା, ନବୀନ ସାହୁ, ପାହାଳ ମଦନ ମୋହନ ଦୁଗ୍ଧ ଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର ସଭାପତି ରାଜେନ୍ଦ୍ର ବଲ୍ଲଭ ବେହେରା, ସମ୍ପାଦକ ବିପ୍ଳବ ଯାଦବ ଓ ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ଖ୍ରୀଷ୍ଟଧର୍ମ ଗ୍ରହଣରୁ ୭୦ଜଣ ନିବୃତ୍ତ



ବ୍ୟାସନଗର (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାରେ ପାଦ୍ରୀ ମାନେ ଖ୍ରୀଷ୍ଟଧର୍ମ ପଚାର କରିବାକୁ ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରୁଛନ୍ତି। ମୌକା ଦେଖି ଅନଗ୍ରସର ଲୋକମାନଙ୍କୁ ନାନାପ୍ରକାର ପ୍ରଲୋଭନ ଦେଖାଇ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କାରାଯାଉଥିବା ଦେଖିବାକୁ ମିଳୁଛି। ଏହି ଧର୍ମାନ୍ତରୀକରଣକୁ ବଜରଙ୍ଗ ଦଳ ବିରୋଧ କରିଛି। ଆଜି ବ୍ୟାସନଗର ପୌର ପରିଷଦର ୨୬ନଂ ୱାର୍ଡ ମୁଣ୍ଡମାଳ ଡାହିସାହିରେ ୭୦ ଜଣଙ୍କୁ ଧର୍ମାନ୍ତରୀକରଣରୁ କ୍ଷାନ୍ତ କରିଛି। ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ବସନ୍ତ କୁମାର ପାତ୍ର ମୁଣ୍ଡମାଳ ଗ୍ରାମ (ଡାହିସାହି )ବସ୍ତି ଭିତରେ ୩୦ରୁ ୪୦ଜଣ ଖ୍ରୀଷ୍ଟିଆନ ପାଦ୍ରୀ ଆସି ୭୦ଜଣ ଲୋକଙ୍କୁ ଏକାଠି କରି ଧର୍ମାନ୍ତରୀକରଣ କରାଉଛନ୍ତି ଏବଂ ଭୋଜିର ଅୟୋଜନ କରିଛନ୍ତି ବୋଲି ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହି ଖବର ପାଇବା ପରେ ବଜରଙ୍ଗ ଦଳର କର୍ମୀମାନେ ଠାରେ ପହଞ୍ଚି ସଙ୍ଗେ ସଙ୍ଗେ ଯାଜପୁର ରୋଡ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ଜଣାଇଥିଲେ। ପୋଲିସ ପ୍ରଶାସନର ସହାୟତାରେ ସେମାନଙ୍କୁ ଖ୍ରୀଷ୍ଟଧର୍ମ ଗ୍ରହଣ ନକରିବାକୁ ବୁଝାସୁଝା କରି ବନ୍ଦ କରାଯାଇଥିଲା। ପାଦ୍ରୀମାନଙ୍କ ଠାରୁ ବାଇବେଲ ବାହାରିବା ସହିତ ତାଙ୍କ ଠାରୁ ଧର୍ମାନ୍ତରୀକାରଣର ଏକ ଲିଷ୍ଟ ବାହାରି ଥିଲା। ପୋଲିସ ପାଦ୍ରୀମାନଙ୍କୁ ସେ ସ୍ଥାନରୁ ବିଦା କରିବା ସହିତ ସେଠାରେ ଧର୍ମାନ୍ତରୀକରଣକୁ ବନ୍ଦ କରିଥିଲେ। ଏହି ଅନଗ୍ରସର ଶ୍ରେଣୀର କୋକମାନେ ଯାଜପୁର ଜିଲ୍ଲାର ନୁହନ୍ତି ସେମାନେ ୨୦ବର୍ଷରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମିକୁ ଆବଦ୍ଧ କରି ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଣଓଡ଼ିଆ ବୋଲି ଜଣାପଡିଛି। ସେଠାରେ ସରକାରୀ ଜମିରେ ଏକ ଚର୍ଚ୍ଚ ନିର୍ମାଣ କରାଯାଇ ଖ୍ରୀଷ୍ଟଧର୍ମ ପ୍ରଚାର ଚାଲିଛି। ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପାଦ୍ରୀମାନେ ବହୁ ପରିବାରକୁ ଧର୍ମାନ୍ତରୀକରଣ କରୁଛନ୍ତି। ଏହାକୁ ଯଥାଶୀଘ୍ର ବନ୍ଦ କରାନଗଲେ ବଜରଙ୍ଗ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି। କୋରେଇ ବଜରଙ୍ଗ ଦଳ ସଂଯୋଜକ ମଧୁସୂଦନ ସାମଲ, ଗୋରକ୍ଷା ପ୍ରମୁଖ ସ୍ମୃତିରଞ୍ଜନ ପଣ୍ଡା, ସୁରକ୍ଷା ପ୍ରମୁଖ ଚିତରଞ୍ଜନ ମିଶ୍ର, ନଗର ଆଖଡ଼ା ପ୍ରମୁଖ ଅରମାନ ପାତ୍ର, ସହ ସୁରକ୍ଷା ପ୍ରମୁଖ ମୁନା ମଲିକ, ବିଶ୍ୱହିନ୍ଦୁ ପରିଷଦ ପୂର୍ବତନ ସଭାପତି ପ୍ରସନ୍ନ ସାମଲ, ପୂର୍ବତନ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ ପୂର୍ବତନ ବଜରଙ୍ଗ ଦଳ ସହ ସଂଯୋଜକ ପ୍ରତାପ ନାଏକ ଓ ପ୍ରଭାତ କୁମାର ବଳଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଏହି ଧର୍ମାନ୍ତୀକରଣକୁ ବିରୋଧ କରିଥିଲେ।

## ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ରୋଗୀ ମୃତ

# ଉତ୍ତ୍ୟକ୍ତ ଲୋକଙ୍କ ପାରାଦ୍ୱୀପ-ଜଗତସିଂହପୁର ରାସ୍ତା ଅବରୋଧ



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଆଜି ମଧ୍ୟାହ୍ନରେ ଚର୍ଚ୍ଚିକା ବଜାର ସ୍ଥିତ ସାଇଶ୍ରଦ୍ଧା ନିର୍ସିଂହୋମ ଆଗରେ ଜଣେ ମୃତ ମହିଳାର ଶବକୁ ରଖି ଜଗତସିଂହପୁର ପାରାଦ୍ୱୀପ ରାସ୍ତା ଅବରୋଧ କରିବା ସହିତ ସ୍ଥାନୀୟ ଜନସାଧାରଣ ନିର୍ସିଂହୋମରେ ଭଙ୍ଗାରୁଜା କରିଥିଲେ। ମିଳିଥିବା ସୂଚନା ଅନୁସାରେ ପାଟେଣି ଗାଁର ସସ୍ମିତା ସ୍ୱାଇଁ ନାମକ ଜଣେ ଗର୍ଭବତୀ ମହିଳାଙ୍କର ଗର୍ଭସ୍ଥ ଶିଶୁଟି ନଷ୍ଟ ହୋଇଯାଇଛି ବୋଲି ଦର୍ଶାଇ ନର୍ସିଂହୋମ କର୍ତ୍ତୃପକ୍ଷ ଅପରେସନ କରିବା ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତର ସ୍ମୃତି ରଞ୍ଜନ ଭୁଇଁଆ ଗତକାଲି ଓଡିଶା ବନ୍ଦ ହୋଇଥିବା ସମୟରେ ଦିନ ୧.୩୦ରେ ଅପରେସନ କରିଥିଲେ। ମାତ୍ର ଅପରେସନ ପରେ ରକ୍ତସ୍ରାବ ବନ୍ଦ ନହେବାରୁ ଏକ ଘରୋଇ ଆମ୍ବୁଲାନ୍ସରେ ବିନା କାଗଜପତ୍ରରେ କଟକ ରେଫର୍ କରିଥିଲେ। ଆମ୍ବୁଲାନ୍ସଟି କଲେଜ ଛକ ଠାରେ ଖରାପ ହୋଇଯାଇଥିବା ବେଳେ ଆଉ ଏକ ଘରୋଇ ଆମ୍ବୁଲାନ୍ସ ଯୋଗାଡ଼ କରି ରୋଗୀକୁ କଟକ ନିଆଯାଇଥିଲା। ମାତ୍ର ସାଇଶ୍ରଦ୍ଧା ନର୍ସିଂହୋମ କର୍ତ୍ତୃପକ୍ଷ ଚିକିତ୍ସା ସମ୍ବନ୍ଧୀୟ କୌଣସି କାଗଜପତ୍ର ଦେଇନଥିବାରୁ ନର୍ସିଂହୋମ ତାଙ୍କୁ ଆଡ୍‌ମିଶନ କରିନଥିଲେ, ଅଗତ୍ୟା ପରିବାର ଲୋକ ରୋଗୀକୁ ଏସ୍‌ସିବି ମେଡ଼ିକାଲକୁ ନେବା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଇଶ୍ରଦ୍ଧା ନର୍ସିଂହୋମର ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ବିନା କାଗଜପତ୍ରରେ କଟକ ରେଫର୍ କରିଥିବାରୁ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଦାବିକରି ପରିବାର ଲୋକ ନର୍ସିଂହୋମ ସମ୍ମୁଖ ଜଗତସିଂହପୁର ପାରାଦ୍ୱୀପ ରାସ୍ତା ମଝିରେ ଶବ ରଖି ପ୍ରତିବାଦ କରିବା ସହିତ ନର୍ସିଂହୋମରେ ଭଙ୍ଗାରୁଜା କରିଥିଲେ।

# ଆସ୍କା ସାଂସଦଙ୍କ ବ୍ଲକ ପ୍ରତିନିଧି ଓ ଦିଶା କମିଟି ସଦସ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଆଇବି ବଙ୍ଗଳା ଠାରେ ମାନ୍ୟବର ଆସ୍କା ସାଂସଦ ଅନିତା ଶୁଭ ଦର୍ଶିନୀଙ୍କ ପୁରୁଷୋତ୍ତମପୁର ବ୍ଲକ ପ୍ରତିନିଧି ଭାବେ ନବ ନିଯୁକ୍ତ ହୋଇଥିବା ଅନିଲ କୁମାର ପଣ୍ଡା ଓ ନୂତନ ଭାବେ ନିଯୁକ୍ତି ହୋଇଥିବା ଦିଶା କମିଟି ସଦସ୍ୟା ଭାରତୀ ବେହେରାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପୁରୁଷୋତ୍ତମପୁର ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ମାନେ ଏହି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାର ଆୟୋଜନ କରିଥିଲେ। ଯୁବ ଓ ସକ୍ରୀୟ ବିଜେପି ସଙ୍ଗଠକ ସୀତାରାମ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୁରୁଷୋତ୍ତମପୁର ସ୍ଥିତ ଆଇବୀ ବଙ୍ଗଳା ପରିସରରେ ସୌଜନ୍ୟ ବୈଠକ ହୋଇଥିଲା। ବ୍ଲକର ପୂର୍ବତନ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା, ଭୂତସରସିଙ୍ଗି ସରପଞ୍ଚ ମନୋଜ ଦାସ, ବରଙ୍ଗା ସରପଞ୍ଚ ଭାସ୍କର ଦୋରା, ବାଘଳା ସରପଞ୍ଚ ହିନ ଖୁଣ୍ଟିଆ ଓ ସମିତି ସଭ୍ୟ ପ୍ରକାଶ ନାୟକ, ବଡ ଖରିଡ଼ା ସରପଞ୍ଚ ରଞ୍ଜନ ପାତ୍ର, ସମା ସରପଞ୍ଚ ନମିତା ସେଠି, ଅଛୁଳୀ ସରପଞ୍ଚ ସୁଧାକର ଗୌଡ଼, ହାଣ୍ଡିଘର ସରପଞ୍ଚଙ୍କ ସ୍ୱାମୀ ବସନ୍ତ କୁମାର ମହାପାତ୍ର, ଭାଟ କୁମାରଡ଼ା ବରିଷ୍ଠ ବିଜେପି ନେତା ରାମ କୃଷ୍ଣ ପଣ୍ଡା ବ୍ଲକର ପ୍ରମୁଖ ସରପଞ୍ଚ, ସମିତି ସଭ୍ୟ ବରିଷ୍ଠ ନେତୃ ମଣ୍ଡଳୀ, ଯୁବ ଏବଂ ଛାତ୍ର ବିଜେପି କର୍ମୀ ଯୋଗ ଦେଇ ବ୍ଲକ ପ୍ରତିନିଧି ଶ୍ରୀ ପଣ୍ଡା ଓ ଦିଶା କମିଟି ସଦସ୍ୟା ଶ୍ରୀମତୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବରିଷ୍ଠ ନାଗରିକ ପରିଷଦ ସଭାଗୃହ ଠାରେ ବରିଷ୍ଠ ନାଗରିକମାନଙ୍କୁ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ଭାବେ ପୋଲିସ ପ୍ରଦତ୍ତ ପରିଚୟପତ୍ର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ କାର୍ଯ୍ୟକ୍ରମ ପରିଷଦ ସଭାପତି ସନାତନ ସାମଲଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ସମ୍ମାନିତ ଅତିଥିଭାବେ ପରଜଙ୍ଗ ଥାନା ଅଧିକାରୀ ଧିରେନ କୁମାର ବେହେରା, ପରିଷଦ ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁଙ୍କୁ ମଞ୍ଚାସୀନ କରାଯାଇ ପରିଷଦ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ବେଳେ, ଅତିଥିମାନେ ଆନୁଷ୍ଠାନିକ ଭାବେ ଜଗନ୍ନାଥଙ୍କ ନିକଟରେ ଧୂପଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ନାୟକଙ୍କ ଦ୍ୱାରା ପରିଚୟ ପ୍ରଦାନ ଓ ମଞ୍ଚ ସଂଚାଳନ ହୋଇଥିବା ବେଳେ, ପ୍ରଥମେ ସଭାପତି ଶ୍ରୀ ସାମଲ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଉପରେ ଅତିଥିମାନଙ୍କୁ ଆବେଦନ ଓ ନିବେଦନ ପୂର୍ବକ ଅବଗତ କରାଇ ଥିଲେ। ତତ୍‌ସହିତ ଅଗଷ୍ଟ ପନ୍ଦର ପାଳନ ନିମନ୍ତେ ବରିଷ୍ଠ ନାଗରିକମାନଙ୍କୁ ସୂଚନା ଦେଇଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ନିହାର ରଞ୍ଜନ ସାହୁ ଭାବର ଆଦାନ ପ୍ରଦାନ ସହ ଏକ ବନ୍ଧୁମିଳନ ଭାବେ ଶୃଙ୍ଖଳିତ ଚଳଣି ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୯୯ଜଣଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୦ଜଣଙ୍କୁ ପ୍ରଦାନ କରାଯାଇଛି ଏବଂ ତୃତୀୟ ପର୍ଯ୍ୟାୟ ଅବଶିଷ୍ଟ ମାନଙ୍କ ପାଇଁ ପ୍ରସ୍ତୁତି ରହୁଛି ବୋଲି ସଭାପତି ଜଣାଇଥିଲେ । ବରିଷ୍ଠ ନାଗରିକ ମାନଙ୍କୁ ସୂଚନା ମିଳିଲେ ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗ କରିବାକୁ ପୋଲିସ ପକ୍ଷରୁ ପ୍ରସ୍ତୁତ ବୋଲି ଥାନାଧିକାରୀ କହିଥିଲା ବେଳେ, ବରିଷ୍ଠ ନାଗରିକଙ୍କ ପାଇଁ ସାମାଜିକ ସୁରକ୍ଷା, ସତୁରି ବର୍ଷରୁ ଊର୍ଦ୍ଧ୍ୱଙ୍କୁ ବୟୋବନ୍ଦନା ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ଏବଂ ସମୟ ଅତିବାହିତ ପାଇଁ ତୀର୍ଥ ଯାତ୍ରା ଓ ବୃକ୍ଷ ପ୍ଲାଣ୍ଟେସନ ଆଦି ସରକାରୀ ସହାୟତାକୁ ସହଯୋଗ କରିବାକୁ ମୁଖ୍ୟ ଅତିଥି ଶ୍ରୀ ବେହେରା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିବା ବେଳେ, ପରିଶେଷରେ ପରିଷଦ ଉପଦେଷ୍ଟା ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଡେରାବିଶରେ ବନ୍ଦ ସମ୍ପୂର୍ଣ୍ଣ ସଫଳ




ଡେରାବିଶ (ଭାସ୍କର ନ୍ୟୁଜ୍) : ନ୍ୟାୟ ପାଇବା ପାଇଁ ଆତ୍ମହତ୍ୟା କରିଥିବା ଫକିର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶ୍ୱାଳର ପରିବାରକୁ ନ୍ୟାୟ ଦେବା ପାଇଁ କଂଗ୍ରେସ ଦଳ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି କ୍ରମରେ ପାଟକୁରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଠାରେ ଓ ଚଣ୍ଡିଖୋଲ ପାରାଦ୍ୱୀପ ଜାତୀୟ ରାଜପଥର ଛତାଛକ ଠାରେ ରାଜରାସ୍ତାକୁ ବନ୍ଦ କରିଥିଲେ। ଚାନ୍ଦୋଳ ଠାରେ ଡେରାବିଶ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ କଂଗ୍ରେସ ଯୁବନେତା ସୁଖଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ବିଭିନ୍ନ ପଂଚାୟତର କଂଗ୍ରେସ କର୍ମୀମାନେ ସକାଳୁ ଚାନ୍ଦୋଳ ଠାରେ ଏକଜୁଟ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଚାନ୍ଦୋଳ ବଜାରର ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ବନ୍ଦ କରାଯାଇଥିଲା। ଫଳରେ କଟକ-ଚାନ୍ଦବାଲି ରାସ୍ତାରେ କୌଣସି ଯାତ୍ରୀବାହୀ କିମ୍ବା ମାଲବାହୀ ଯାନ ଯାତାୟତ କରିନଥିବା ଦେଖାଯାଇଥିଲା। ପରେ ପାଟକୁରାର କଂଗ୍ରେସ ନେତା ଡକ୍ଟର ରତିକାନ୍ତ କାନୁନ୍‌ଗୋ ସେଠାରେ ପହଞ୍ଚି ପଥପ୍ରାନ୍ତ ସଭା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଯୁବନେତା କୈଳାସ ଚନ୍ଦ୍ର କର, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମହାନ୍ତି, ହେମାଙ୍ଗିନୀ ପରିଡ଼ା, ବଂଶିଧର ବେହେରା, କୃଷ୍ଣ ଚନ୍ଦ୍ର ଯେନା, ଅକ୍ଷୟ ପଣ୍ଡା, ନିମାଇଁ ଯେନା, ରବିନ୍ଦ୍ର ପଣ୍ଡା, ହରିହର ଜେନା ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଜନମାରଣ ନୀତି ଉପରେ ବିଶୋଦ୍‌ଗାର କରିଥିଲେ । ସେହିପରି ବ୍ଲକ ଅନ୍ତର୍ଗତ ଛତା ଠାରେ ବରିଷ୍ଠ କଂଗ୍ରେସ ନେତା ବିଧୁଭୂଷଣ ମହାପାତ୍ର, ଜୟଦେବ ପରିଡ଼ା, ଫକିର ଖଟୁଆ, ରାଜକିଶୋର ମିଶ୍ର ପ୍ରମୁଖଙ୍କ ନେତୃତ୍ୱରେ ରଶ୍ମିରଞ୍ଜନ ପଣ୍ଡା, କମଳ ଲୋଚନ ମହାନ୍ତି, କରୁଣାକର କର, କଳ୍ପତରୁ ମହାନ୍ତି, ଦୁର୍ଯ୍ୟୋଧନ ବାରିକ, ଖଗେଶ୍ୱର କର, ସତ୍ୟଜିତ ସ୍ୱାଇଁ, ସାରଦା ସିଂ, ଧର୍ମେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ରହି ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥର ଛତାଛକ ଠାରେ ରାଜପଥ ଅବରୋଧ କରି ଏକ ପଥପ୍ରାନ୍ତ ସଭାର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଟକୁରାର କଂଗ୍ରେସ ନେତା ଡକ୍ଟର କାନୁନ୍‌ଗୋ ଯୋଗଦେଇ ଉପସ୍ଥିତ କଂଗ୍ରେସ କର୍ମୀ ଓ ଜନସାଧାରଣଙ୍କୁ ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ତାଙ୍କର ଲଢ଼େଇ ଜାରି ରହିବ ବୋଲି କହିଥିଲେ।ତେବେ ସମଗ୍ର ଡେରାବିଶ ବ୍ଲକରେ ଆଜି କଂଗ୍ରେସ ଦଳ ଆହ୍ୱାନରେ ସମସ୍ତଙ୍କର ନୀରବ ସମର୍ଥନ ରହିଥିବା ଦେଖିବାକୁ ମିଳିଥିଲା। ତେବେ ରାଜରାସ୍ତାରେ କେବଳ ଅତ୍ୟାବଶ୍ୟକ ଗାଡ଼ି ଆମ୍ବୁଲାନ୍ସ ଓ ଫାୟାର ବିଗ୍ରେଡ଼ ବ୍ୟତୀତ ଅନ୍ୟ କୌଣସି ଯାତ୍ରୀବାହୀ କିମ୍ବା ମାଲବାହୀ ଗାଡ଼ି ପରିବହନ ହେଉନଥିଲା ବେଳେ ବ୍ଲକ ଅନ୍ତର୍ଗତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚାନ୍ଦୋଳ ଫାଣ୍ଡି ଓ ଡେରାବିଶ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ୍ ମୁତୟନ ରହିଥିଲେ।

# ମା’ ରାମଚଣ୍ଡି ୟୁଥ୍ କ୍ଲବର ନୂତନ ଗୃହ ଉଦ୍‌ଘାଟିତ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ ପଞ୍ଚାୟତ ନିମୀଢ଼ି ଗ୍ରାମରେ ଶତାଧିକ ଯୁବକମାନେ ଦୀର୍ଘବର୍ଷ ହେବ ‘ମା ରାମଚଣ୍ଡି ୟୁଥ୍’ ନାମରେ ଏକ ସାମାଜିକ ଯୁବ ସଂଗଠନ ଗଠନ କରି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ କରି ଆସୁଛନ୍ତି। ମାତ୍ର ଦୀର୍ଘବର୍ଷ ହେବ ଏକ ଦୁର୍ବଳ ଘରେ ଯୁବକ ସଂଘ କାର୍ଯ୍ୟ ଚାଲୁଥିବା ବେଳେ ଏହାର ନୂତନ ଗୃହ ନିର୍ମାଣ ପାଇଁ କ୍ଲବର କର୍ମକର୍ତ୍ତା ମାନେ ସରପଞ୍ଚଙ୍କୁ ଅନୁରୋଧ କରିଥଲେ। ଫଳରେ ସରପଞ୍ଚ ତୁରନ୍ତ ଉକ୍ତ ଯୁବକ ସଂଘ ନିର୍ମାଣ ପାଇଁ ୪ଲକ୍ଷ ୫୦ହଜାର ଟଙ୍କା ଓ କ୍ଲବ୍ ପରିସରରେ ଶୌଚାଳୟ ନିର୍ମାଣ ପାଇଁ ୯୦ହଜାର ଟଙ୍କା ପ୍ରଦାନ କରିଥିଲେ। ଉକ୍ତ ସଂଘର ସଭ୍ୟ-ସଭ୍ୟା ମାନେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ଯୁବକ ସଂଘ କାର୍ଯ୍ୟାଳୟ ପୂର୍ଣ୍ଣାଙ୍ଗ କରିବା ପରେ ଆଜି ଏହାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ନୂତନ ସଂଘ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ସଂଘ କାର୍ଯ୍ୟାଳୟ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ବିନିଯୋଗ ହୋଇପାରିବ ବୋଲି ସରପଞ୍ଚ ସସ୍ମିତା ବେହେରା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଦେବ ଦୁର୍ଲ୍ଲଭ କର, ଚନ୍ଦ୍ରଶେଖର ଚୌଧୁରୀ, ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ, ଅଲେଖ ମହାରଥୀ, କ୍ଲବ୍ ସଭାପତି ଭାସ୍କର ସାହୁ, ଜୟନ୍ତ ସେନାପତି, ମନୋଜ ରାଉତ, ମହେଶ ରାଉତ, ରମେଶ ବେହେରା, ରାଜେଶ ସାହୁ, କ୍ଲବ ସମ୍ପାଦକ ଚିଣ୍ଟୁନା ରାଉତ, ଉପ-ସଭାପତି ଅଭିଷେକ ଦାସ, ସହ-ସଂପାଦକ ଧନେଶ୍ୱର ସାହୁ, ମନୋଜ ସ୍ୱାଇଁ,ସରୋଜ ସ୍ୱାଇଁ, ଆଲୋକ ପ୍ରଧାନ, ବିକ୍ରମ ସାହୁ, ତ୍ରିଲୋଚନ ବାରିକ, ବାବୁଲି ନାୟକ, ସରୋଜ ପଲାଇ ପ୍ରମୁଖ ଯୋଗଦେଇ ମା’ ରାମଚଣ୍ଡି ୟୁଥ୍ କ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଉତ୍ତମ ସେବା ପାଇଁ ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ ଓ ଶ୍ରେଷ୍ଠ ସରପଞ୍ଚ ଭାବେ ସସ୍ମିତା ବେହେରାଙ୍କୁ ମାନପତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ତୀର୍ଥଯାତ୍ରାରେ ଯିବେ ବରିଷ୍ଠ ନାଗରିକ

# ବୁଲିବେ ଅଯୋଧ୍ୟା-ବାରଣାସୀ ଏବଂ ରାମେଶ୍ୱରମ-ମଦୁରାଇ

ବାରିପଦା (ଭାସ୍କର ନ୍ୟୁଜ୍) : ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ ସୁବିଧା ଯୋଗାଇ ଦେବା ନିମନ୍ତେ ‘ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା’ରେ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରୁ ୩୧୮ଜଣ ବରିଷ୍ଠ ନାଗରିକ ଏହି ସୁଯୋଗ ପାଇ ପାରିବେ। ଏଥିପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ଜଣେ ତୀର୍ଥ ଯାତ୍ରୀଙ୍କ ପାଇଁ ଟ.୨୧,୦୦୦/-ଙ୍କା ଖର୍ଚ୍ଚ କରାଯିବା ନେଇ ସ୍ଥିର କରାଯାଇଛି। ଏହି ତୀର୍ଥ ଯାତ୍ରା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଏକ ସ୍ୱତନ୍ତ୍ର ରେଳ ବାଲେଶ୍ୱର ରେଳ ଷ୍ଟେସନରୁ ତା ୦୭-୧୧-୨୦୨୫ରିଖରୁ ୧୨-୧୧-୨୦୨୫ ରିଖ ପର୍ଯ୍ୟନ୍ତ ୬ ଦିନ ପାଇଁ ଅଯୋଧ୍ୟା-ବାରଣାସୀ ଓ ଦ୍ୱିତୀୟ ପର୍ଯ୍ୟାୟରେ ତା ୭-୦୧-୨୦୨୬ରୁ ତା ୧୨-୦୧-୨୦୨୬ ରିଖ ପର୍ଯ୍ୟନ୍ତ ୬ ଦିନ ପାଇଁ ରାମେଶ୍ୱରମ, ମଦୁରାଇ ଅଭିମୁଖେ ଯାତ୍ରା କରିବ। ଯୋଜନା ର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗର ୱେବସାଇଟ www.odishatourism.gov.inରେ ଉପଲବ୍ଧ। ଏହି ଯୋଜନାରେ ସୁବିଧା ପାଇବା ପାଇଁ କେତେ ଗୁଡିଏ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି। ତନ୍ମଧ୍ୟରୁ ଯୋଗ୍ୟ ବରିଷ୍ଠ ନାଗରିକମାନେ ସମଗ୍ର ଜୀବନ କାଳ ମଧ୍ୟରେ ଗୋଟିଏ ଥର ଯାତ୍ରା ପାଇଁ ସୁଯୋଗ ପାଇପାରିବେ। ଆଗ୍ରହୀ ବରିଷ୍ଠ ନାଗରିକଙ୍କ ବୟସ ୬୦ବର୍ଷରୁ ଊର୍ଦ୍ଧ୍ୱ ଓ ୭୫ବର୍ଷରୁ କମ୍ ହୋଇଥିବା ସହ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ଆର୍ଥିକ ଦୁର୍ବଳ ଶ୍ରେଣୀ ତଥା ଦାରିଦ୍ର ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକଙ୍କ ପାଇଁ ସମ୍ପୂର୍ଣ୍ଣ ଗସ୍ତ ଖର୍ଚ୍ଚ ସରକାରଙ୍କ ତରଫରୁ ବହନ କରାଯିବାର ବ୍ୟବସ୍ଥା କରାଯାଇଛି। ୭୦ରୁ ୭୫ବର୍ଷ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ଯାତ୍ରା ସମୟରେ ୧୮ବର୍ଷରୁ ଊର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ନିଜର ସହାୟକ ଭାବେ ସାଙ୍ଗରେ ନେଇପାରିବେ ଏବଂ ଏଥିପାଇଁ ସମ୍ପୃକ୍ତ ବରିଷ୍ଠ ନାଗରିକ ତା’ଙ୍କ ସହାୟକଙ୍କ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦରଖାସ୍ତ ସହ ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ, ଭୁବନେଶ୍ୱରଙ୍କ ନାମରେ ଦାଖଲ କରିବେ। ଆୟକର ଦାତା ବରିଷ୍ଠ ନାଗରିକମାନେ ଏହି ଯୋଜନା ପରିସର ଭୁକ୍ତ ହେବେନାହିଁ।ଦୂରଯାତ୍ରା କରିବା ପାଇଁ ବରିଷ୍ଠ ନାଗରିକ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ହୋଇଥିବା ଆବଶ୍ୟକ ଏବଂ ସେ କୌଣସି ସଂକ୍ରାମକ ରୋଗ ଯଥା- ଯକ୍ଷ୍ମା, କୁଷ୍ଠ, ଆଜ୍‌ମା, ଶ୍ୱାସଜନିତ ରୋଗ ଓ ହୃଦରୋଗ ଦ୍ୱାରା ଆକ୍ରାନ୍ତ ହୋଇନଥିବା ଆବଶ୍ୟକ। ଆଗ୍ରହୀ ବରିଷ୍ଠ ନାଗରିକ ମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଫର୍ମ ସହିତ ନିଜର ଫଟୋ, ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଆଧାର କାର୍ଡ, ବୟସ ପ୍ରମାଣ ପତ୍ର ତଥା ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣପତ୍ରର ନକଲ ସହିତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ ତା ୧୫-୦୮-୨୦୨୫ରିଖ ସୁଦ୍ଧା ବ୍ୟକ୍ତିଗତ ଭାବେ କିମ୍ବା ଡାକ ଯୋଗେ ଦାଖଲ କରିପାରିବେ। ଏତଦ୍‌ବ୍ୟତୀତ ଅନ୍‌ଲାଇନ୍ ଲିଙ୍କ yatra. odisha.gov.in ମାଧ୍ୟମରେ ମଧ ଫର୍ମ ଦାଖଲ କରିପାରିବେ। ତୀର୍ଥଯାତ୍ରୀଙ୍କୁ ଯାତ୍ରା ପାଇଁ ରେଳରେ ୨ୟ ଶ୍ରେଣୀ ଶୟନ (2nd Class Sleeper) ବ୍ୟବସ୍ଥା ସହ ରେଳ ଷ୍ଟେସନରୁ ତୀର୍ଥ ସ୍ଥାନକୁ ନେବା ଆଣିବା ପରିବହନ ବ୍ୟବସ୍ଥା ମଧ ଯୋଗାଇ ଦିଆଯିବ। ଏଥିସହିତ ତୀର୍ଥ ଯାତ୍ରୀଙ୍କୁ ଏକ ଟ୍ରାଭେଲ କିଟ୍ (ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ) ଏବଂ ସ୍ୱତନ୍ତ୍ର ପରିଚୟ ପତ୍ର ଯୋଗାଇ ଦିଆଯିବ। ତୀର୍ଥ ଯାତ୍ରୀଙ୍କୁ ସକାଳ ଓ ସନ୍ଧ୍ୟାରେ ଜଳଖିଆ ସହିତ ମଧ୍ୟାହ୍ନ ଓ ରାତ୍ରିରେ ନିରାମିଷ ଭୋଜନ ଯୋଗାଇ ଦିଆଯିବ। ଏହି ତୀର୍ଥଯାତ୍ରା ପାଇଁ ଯଦି ଆବେଦନକାରୀଙ୍କ ସଂଖ୍ୟା ଧାର୍ଯ୍ୟ ସଂଖ୍ୟା ଠାରୁ ଅଧିକ ହୁଏ ତେବେ ପ୍ରଶାସନ ସ୍ତରରେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ କମିଟି ଜରିଆରେ ଲଟେରୀ କରାଯାଇ ଉପଯୁକ୍ତ ଚୟନ ପ୍ରଣାଳୀ ଦ୍ୱାରା ତୀର୍ଥଯାତ୍ରା ପାଇଁ ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକଙ୍କୁ ଚୟନ କରାଯାଇ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଠିକଣାରେ ଜଣାଇ ଦିଆଯିବ ଏବଂ ପରବର୍ତ୍ତୀ ସମୟରେ ଏହି ଯାତ୍ରା ପାଇଁ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇ ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କୁ ତୀର୍ଥଯାତ୍ରାରେ ପଠାଯିବ। ଆବେଦନ ପାଇଁ ଆବେଦନକାରୀ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀ ଅଶ୍ୱିନୀ ମିଶ୍ରଙ୍କ ସହିତ ମୋବାଇଲ ନମ୍ବର ୯୦୪୦୭୩୭୪୮୧ ଜରିଆରେ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ପ୍ରକାଶ କରିଛନ୍ତି।


# ଡେରାବିଶରେ ପୁଣି ବାର୍ଡ଼ ଫ୍ଲୁ ଆତଙ୍କ

## ଗୋଲରାହାଟ ଫାର୍ମରେ ଶତାଧିକ କୁକୁଡ଼ା ମଡ଼କ

ଡେରାବିଶ (ଭାସ୍କର ନ୍ୟୁଜ୍) : କିଛି ମାସ ବ୍ୟବଧାନରେ ଡେରାବିଶ ବ୍ଲକରେ ପୁଣି ବାର୍ଡ଼ ଫ୍ଲୁର ଆତଙ୍କ ଦେଖାଦେଇଛି । ଗତ ଚାରିଦିନ ହେବ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ପ୍ରଭାକର ଲେଙ୍କାଙ୍କ କୁକୁଡ଼ା ଫାର୍ମରେ ଗତ ଚାରିଦିନ ହେବ କୁକୁଡ଼ା ମଡ଼କ ଜାରି ରହିଛି। ଆଜି ଶ୍ରୀ ଲେଙ୍କାଙ୍କ ଫାର୍ମରେ ୧୦୦ରୁ ଅଧିକ କୁକୁଡ଼ା ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ଗତ ତିନିଦିନ ହେବ ଦୈନିକ ୩୦ରୁ ୪୦ଟି ଲେଖାଏଁ କୁକୁଡ଼ା ମରୁଥିବା ବେଳେ ଆଜି ହଠାତ୍ ଶତାଧିକ କୁକୁଡ଼ାଙ୍କ ମୃତ୍ୟୁ ଶ୍ରୀ ଲେଙ୍କାଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ତେବେ ଖବର ପାଇ ବୁଧବାର ଦିନ ଡେରାବିଶ ପ୍ରାଣୀ ଚିକିତ୍ସା ଅଧିକାରୀ ଦିଲ୍ଲିପ କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଫାର୍ମକୁ ଯାଇ ଏହି କୁକୁଡ଼ାମାନଙ୍କର ରକ୍ତ ନମୁନା ସଂଗ୍ରହ କରି ଫେରିଥିବା ବେଳେ ନାମୁନା ଗୁଡ଼ିକୁ ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଛନ୍ତି। ତେବେ ଡାକ୍ତର ସେଠୀଙ୍କ କହିବା ଅନୁଯାୟୀ ଲ୍ୟାବରୁ ପରୀକ୍ଷା ହୋଇ ରିପୋର୍ଟ ଆସିବା ପରେ ଏହା ବାର୍ଡ଼ ଫ୍ଲୁକି ନାହିଁ ଜଣାପଡ଼ିବ। ତେବେ ଫାର୍ମ ମାଲିକଙ୍କୁ ସେ ମଲା କୁକୁଡ଼ା ଗୁଡ଼ିକୁ ଏଣେତେଣେ ନପକାଇ ସୁରକ୍ଷିତ ଭାବେ ମାଟି ତଳେ ପୋତିବା ପାଇଁ ପରାମର୍ଶ ଦେଇଥିବା କହିଛନ୍ତି । ତେବେ ଶ୍ରୀ ଲେଙ୍କାଙ୍କ ଫାର୍ମ ବ୍ୟତୀତ ଏହି ପଞ୍ଚାୟତ କିମ୍ବା ଆଖପାଖରେ ରହିଥିବା କୌଣସି ଫାର୍ମରେ ଏଭଳି କୁକୁଡ଼ା ମଡ଼କ ହେଉଛି କି ନାହିଁ ଏପର୍ଯ୍ୟନ୍ତ ତଥ୍ୟ ଆସିନଥିବା ଜଣାଯାଇଛି।

# ରାଶିଫଳ

**ଶନିବାର, ୧୯ ଜୁଲାଇ ୨୦୨୫**



**ମେଷ:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। କାର୍ଯ୍ୟ ସହିତ କଠିନ ପରିଶ୍ରମ ପରେ ଭଲ ଫଳାଫଳ ହାସଲ ହେବ।




**ବୃଷ:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ।



**ମିଥୁନ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ।



**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ।




**କନ୍ୟା:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ। ଜୀବନ ସାଥୀ ଆପଣଙ୍କ ଜୀବନରେ ଲାଭ ପାଇଁ ବାଟ ଖୋଲିବ।



**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ।




**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।



**ମକର:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ। ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ। ତୁମେ ତୁମର ପ୍ରିୟଙ୍କ ସହିତ ବହୁତ କଥାବାର୍ତ୍ତା କରିବ।



**ମୀନ:** ଖର୍ଚ୍ଚ ବୃଦ୍ଧି ପାଇବ। ଆୟ ସ୍ୱାଭାବିକ ହେବ। ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଲହୁଣୀପଡ଼ା, (ଭାସ୍କର ନ୍ୟୁଜ): ଫକୀର ମୋହନ କଲେଜେ ଛାତ୍ରୀ ସୌମ୍ୟା ଶ୍ରୀ ଙ୍କ ମୃତ୍ୟୁ କୁ ନେଇ ସାରା ରାଜ୍ୟ ଉଠୁ ଥିବା ପଡୁ ଥିବା ବେଳେ ଏହା କୁ ନେଇ ବିରୋଧି ଆଜି ଓଡିଶା ବନ୍ଦ ଡାକରା ଦେଇ ଥିଲେ ।ଏଥିରେ କଂଗ୍ରେସ ଓ ସିପି ଆଇ ଏମ ସମେତ ଅନ୍ୟ ୭ଟି ରାଜନୈତିକ ଦଳ ପକ୍ଷରୁ ବନ୍ଦ କୁ ଜୋରଦାର କରା ଯାଇଥିଲା ।ପ୍ରଭାବ ରେ ଗାଡି ମୋଟର ଚଳା ଚଳ ଦୋକାନ ବଜାର ସମ୍ପୂର୍ଣ ବନ୍ଦ ଥିବା ଦେଖିବାକୁ ମିଳିଥିଲା । ବଣାଇଁ ସହର ସମେତ ଲହୁଣିପଡ଼ା, ଗୁରୁଣ୍ଡିଆ ଓ କୋଇଡ଼ା ରେ ଅଧିକାଂଶ ଦୋକାନ ବଜାର ବନ୍ଦ ରହିଥିଲା କ୍ଷ ୧୪୩ ନମ୍ବର ଓ ୫୨୦ ନମ୍ବର ଜାତୀୟ ରାଜପଥ ର ଉଭୟ ପାର୍ଶ୍ୱ ରେ ଶହ ଶହ ଗାଡି ଛିଡା ହୋଇ ଥିବା ଦେଖିବା କୁ ମିଳିଥିଲା । ଯାହା ଫଳ ରେ ଅର୍ଥ ନୀତି ସମ୍ପୂର୍ଣ ଠପ ହୋଇ ଯାଇଛି ।ଏହି ବନ୍ଦ ଡାକରା ରେ ସି ପି ଆଇ ଏମ ର ତଥା ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଙ୍କ ନେତୃତ୍ୱ ରେ ସିପି ଆଇ ଏମ ର ଜିଲ୍ଲା ସମ୍ପାଦକ ପ୍ରମାଦ ସାମଲ, ବ୍ଲକ ସଭାପତି ଲାଲ ବାହାଦୁର ମହନ୍ତ, ଦୁର୍ଯ୍ୟୋଧନ, ପ୍ରଦୀପ ବେହେରା, ଚଲତ ପଣ୍ଡା, ରଂଜିତ ପତି ଯୋଗ ଦେଇଥିା ବେଳେ କଂଗ୍ରେସ ର ବ୍ଲକ ସଭାପତି ସଞ୍ଜୟ ନାୟକ, ପ୍ରଶାନ୍ତ କୁମାର ମହାନ୍ତ, କୃଷ୍ଣନ ଚନ୍ଦ୍ର ତ୍ରିପାଠୀ ଓ ଯୋଗେନ୍ଦ୍ର ତନ୍ତୀ ଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ପ୍ରତିବାଦ ଓ ରାସ୍ତା ଅବରୋଧ କରି ଥିଲେ । ଏବଂ ବିଜେପି ମୁର୍ଦାବାଦ ନାରା ଦେବା ସହିତ ବିଜେପି ସରକାର କୁ ଦୁର୍ବଳ ସରକାର ବୋଲି କହି ମୁଖ୍ୟ ମନ୍ତ୍ରୀ ମୋହନ ମାଝୀ ଓ ଶିକ୍ଷ୍ୟା ମନ୍ତ୍ରୀ ଙ୍କ ଇସ୍ତଫା ଦାବି କରିବା ସହିତ ସାଂସଦ ପ୍ରତାପ ଷଡ଼ଙ୍ଗୀ କୁ ଶୀଘ୍ର ଗିରଫ କରା ଯାଉ ବୋଲି ଦାବି କରିବା ସହିତ ତାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ ।

# ଗୋଜିଆଗୁଡ଼ା ଗ୍ରାମବାସୀଙ୍କ ସରୁନି ଦୁଃଖ



ଖଇରପୁଟ, (ଭାସ୍କର ନ୍ୟୁଜ): ଗୋବିନ୍ଦପଲ୍ଲୀ ପଞ୍ଚାୟତର ଏକ ଗାଁ ଗୋଜିଆଗୁଡା ଯାହାକି ସପ୍ତାଧାରା ନଦୀକୂଳରେ ଅବସ୍ଥିତ। ଗାଁ କୁ ଯିବାକୁ ହେଲେ ନଦୀ ପରି ହେବାକୁ ପଡେ। ଶୀତ ଓ ଖରା ଦିନ ଛାଡି ବର୍ଷାଦିନେ ଗୋଜିଆଗୁଡାବାସୀଙ୍କ ଦୁଃଖ କହିଲେ ନସରେ। ଚାଉଳ ପାଇଁ ପଞ୍ଚାୟତକୁ ହେଉ କିମ୍ବା ରୋଗୀ ଡାକ୍ତଖାନାକୁ ହେଉ ନଦୀ ପାଣିରେ ପଶି ନଦୀ ପାରି ହେବାକୁ ପଡେ। ଲୋକଙ୍କ ଦୁର୍ଦ୍ଦଶାକୁ ଦେଖି ତତ୍କାଳୀନ ସରକାର ବିଧାୟକ ଡମ୍ବରୁ ସିସାଙ୍କ କରକମଳ ଦେଇ ନଦୀ ଉପରେ ଏକ ପୋଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାର ୭ ବର୍ଷ ପାଖରେ ପାଖି ବିତି ଯାଇ ଥିଲେ ମଧ୍ୟ ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। କେବଳ ପିଲର ଛିଡା କରାଇ ଠିକା ସଂସ୍ଥା ଛାଡ଼ି ପଳାଇବାକୁ ଭୁଲିଯାଇଛି ବୋଧହୁଏ। ଏହା ମଧ୍ୟରେ ଦୁଇଟି ବିଧାନସଭା ନିର୍ବାଚନ ସରିଯାଇଛି ଦୁଇ ଦୁଇ ବିଧାୟକ ପରିବର୍ତ୍ତନ ହୋଇସାରିଲେଣି ସରକାର ବି ପରିବର୍ତ୍ତନ ହୋଇଛି କିନ୍ତୁ ଗୋଜିଆଗୁଡା ଗ୍ରାମବାସୀ ଦୁଃଖର ପରିବର୍ତ୍ତନ ହୋଇନାହିଁ ବର୍ଷେ ଉପରେ ହେଲାଣି କାର୍ଯ୍ୟ ବନ୍ଦ ଅଛି. ଚଳିତ ବର୍ଷଋତୁରେ ଯାତାୟାତ ପାଇଁ ଗ୍ରାମବାସୀ ନିଜସ୍ୱ ପରିଶ୍ରମ ଓ ପାଣ୍ଠିରେ ଏକ କାଠ ପୋଲ ନିର୍ମାଣ କରିଛନ୍ତି. ସେହି ପୋଲ ଉପରେ ଚାଲି ଚାଲି କିମ୍ବା ଦୁଇଚକିଆ ରେ ପାରିହେଉଛନ୍ତି. ଚାଷ ପାଇଁ ଟ୍ରାକ୍ଟର କିମ୍ବା ରୋଗୀ ପାଇଁ ଆମ୍ବୁଲେନ୍ସ ଯିବା ଅସମ୍ଭବ. ତେଣୁ ଚଳିତ ସରକାର ଦୃଷ୍ଟିଦେଲେ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରାଇଲେ ଗୋଜିଆଗୁଡା ବାସୀଙ୍କ ଦୁଃଖ ଦୂର ହୁଅନ୍ତା ବୋଲି ଗ୍ରାମବାସୀ ଜଣାଇଛନ୍ତି।

## ସହିପାରିଲେନି ମଦ୍ୟପ ସ୍ୱାମୀର ଅତ୍ୟାଚାର

# ଦୁଇ ଝିଅଙ୍କୁ ବିଷ ପିଆଇ ମା'ର ଆତ୍ମହତ୍ୟା ଉଦ୍ୟମ

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ): ସୁନ୍ଦରଗଡ ଜିଲ୍ଲା ଲହୁଣୀପଡା ଥାନାର ମଦ୍ୟପ ସ୍ୱାମୀର ଅତ୍ୟାଚାର ସହି ନପାରି ଶେଷରେ ମୃଦୁପାନୀୟରେ କୀଟ ନାସକ ଦେଇ ଦୁଇ ଝିଅକୁ ପିଆଇ ନିଜେ ମାଆ ପିଇ ଦେଲା। ଏଭଳି ଏକ



ଅଭାବନୀୟ ଘଟଣା ଘଟିଛି ଲହୁଣୀପଡ଼ା ବ୍ଲକ ବନ୍ଧେର୍ଣ୍ଣା ଗ୍ରାମରେ। ସନ୍ତୋଷ ମୁଣ୍ଡା ସମ୍ପୂର୍ଣ୍ଣ ବେକାରୀ। କୌଣସି କାମ ଧନ୍ଦା ନ କରି କେବଳ ମଦ ପିଇ ବୁଲେ ଏବଂ ପତ୍ନୀ ସହିତ ଝଗଡା କରିଥାଏ। ଗୁରୁବାର ମଧ ପ୍ରତ୍ୟେକ ଦିନ ପରି ମଦ୍ୟପାନ କରି ସନ୍ତୋଷ ସ୍ତ୍ରୀ ତାରିଣୀ ମୁଣ୍ଡା ସହ ଝଗଡା କରିଥିଲା। ମଦ୍ୟପନ କରି ପାଟି ତୁଣ୍ଡ କରିବା ଏବଂ ପ୍ରତିଦିନ ଏହିପରି ଘଟଣା କୁ ସହ୍ୟ କରିନପାରି ସ୍ତ୍ରୀ ଅତିଷ୍ଠ ହୋଇ ଘରେ ଥିବା କୀଟନାଶକ ଆଣି ଦୁଇ ଝିଅ ସୋନାଲି (୧୪) ଓ ଜ୍ୟୋସ୍ନାମୟୀ(୧୨) ଙ୍କୁ ମୃଦୁ ପାନୀୟରେ ମିଶାଇ ପିଇବାକୁ ଦେଇଥିଲା ଓ ତାରିଣୀ ନିଜେ ବୋତଲ ସହ ପିଇ ଦେଇଥିଲା । ପରିବାର ଏହାକୁ ଦେଖିଲେ ସଂଗେ ସଂଗେ ଏକ ଅଟୋ ଯୋଗେ ବଣାଇ ଡାକ୍ତରଖାନାକୁ ଆଣି ଚିକିତ୍ସା କରିଥିଲେ। କିନ୍ତୁ ଗୁରୁତର ହୋଇଯିବାରୁ ଡାକ୍ତର ମାଆ ଓ ଦୁଇ ଝିଅଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ତିନି ଜଣଙ୍କ ଅବସ୍ଥା ସ୍ଥିର ଥିବା ପୋଲିସ ସୂତ୍ର ରୁ ଜଣାପଡ଼ିଛି। ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଜରିପାଲ ତଳେ ବିତୁଛି ଜୀବନ



ବୌଦ୍ଧ, (ଭାସ୍କର ନ୍ୟୁଜ): ନିଜ ପେଟ କାଟି ଯେଉଁ ମାଟି ଛଣ ଘର ସ୍ୱାମୀ ତିଆରି କରିଥିଲେ ତାହା ବର୍ତ୍ତମାନ ମାଟିରେ ମିଶିଯିବାକୁ ବସିଲାଣି। ଏଭଳି ପରିସ୍ଥିତି ରେ ଜୀବନ ସଂଘର୍ଷରେ ଲଢେଇ କରୁଛନ୍ତି ଜଣେ ମହିଳା। ଗୋଟିଏ ପଟ ରେ ବୃଦ୍ଧା ଶାଶୁ ମା' ଓ ଅନ୍ୟ ପଟରେ ପକ୍ଷଘାତରେ ଆକ୍ରାନ୍ତ ସ୍ୱାମୀ। ଆଉ ତା' ଉପରେ ଅବିବାହିତ ହୋଇ ଘରେ ରହିଯାଇଛନ୍ତି ନଣନ୍ଦ। ସକାଳ ପାହିଲେ ବଞ୍ଚିବାକୁ ଚାଲିଛି ସଂଘର୍ଷ। ତେଣୁ ବାଧ ହୋଇ ଅନିଚ୍ଛା ସତ୍ତ୍ୱେ ନିଜ ଏକମାତ୍ର ପୁଅକୁ ବାହାର ରାଜ୍ୟରେ ଦାଦନ ଖଟିବାକୁ ପଠାଇଛନ୍ତି ।ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ସଦର ବ୍ଲକ ର ବଢିଗାଁ ପଞ୍ଚାୟତ ଅନ୍ତର୍ଗତ ଗିରାସିଙ୍ଗା ଗ୍ରାମର। ଗିରାସିଙ୍ଗା ଗାଁ ମୁଣ୍ଡରେ ବସବାସ କରନ୍ତି ଧୀବର ସମ୍ପ୍ରଦାୟର ଜୈରୁ ମାଝୀ ଓ ପତ୍ନୀ ସୁରେଖା ମାଝୀ। ତେବେ ବିଶେଷ ଜମିବାଡ଼ି ନଥିବାରୁ ଏମାନେ ମୂଲଲାଗି ପରିବାର ଚଳାଇଥାନ୍ତି। ଏମାନଙ୍କ ସହ ଘରେ ଅଛନ୍ତି ବୃଦ୍ଧା ମା' ବୁଧୁବାରୀ ମାଝୀ ଓ ଅବିବାହିତ ବୟସ୍କ ଭଉଣୀ ଦଶ ମାଝୀ ।ଜୈରୁ ମାଝୀଙ୍କ ଚାରିଟି ଝିଅଙ୍କୁ ବିବାହ ପରେ ଗତ ଦୁଇ ବର୍ଷ ହେଲା ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେଲେ। ବାସ ସେବେଠୁ ଏହି ପରିବାର ଉପରେ ଦୁଃଖ ର କଳା ବାଦଲ ଛାଇ ଗଲା। ନିଜ ହାତ ତିଆରି ମାଟି ଘର ପ୍ରାୟ ଭୁଶୁଡି ପଡ଼ିଥିବା ବେଳେ ଘର ଚଳାଇବା ଜୈରୁ ଙ୍କ ପତ୍ନୀ ସୁରେଖା ଙ୍କ ପାଇଁ କଷ୍ଟକର ହୋଇପଡ଼ିଲା। ତେଣୁ ବାଧ ହୋଇ ନିଜ ଏକମାତ୍ର ପୁଅକୁ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ପଠାଇଦେଲେ ।ଜୈରୁ ମାଝୀ ଙ୍କ ଚିକିତ୍ସା ଓ ମୁଣ୍ଡ ଉପରେ ପକ୍କା ଛାତ ଖଣ୍ଡିଏ ପାଇଁ ପତ୍ନୀ ସୁରେଖା ଅନେକ ଙ୍କୁ ଗୁହାରି କରି ସାରିଲେଣି। ହେଲେ କୌଣସି ସୁଫଳ ମିଳିପାରୁନି। ଏଭଳି ଦୁର୍ବିସହ ଘଟଣା ସମ୍ପର୍କ ରେ ଆମ ଠାରୁ ସୂଚନା ପାଇଁ ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶୃତି ଦେଇଥିବା ବେଳେ ବୌଦ୍ଧ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା ତୁରନ୍ତ ବଢିଗାଁ ଆରଆଇ ଙ୍କୁ ପଲିଥିନ ସହାୟତା ସହ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦ ସଫଳ

ବୌଦ୍ଧ, (ଭାସ୍କର ନ୍ୟୁଜ): ବାଲେଶ୍ୱର ଫକିର ମୋହନ କଲେଜର ମୃତ ଛାତ୍ରୀକୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ଦେଇଥିବା ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରାରେ ବୌଦ୍ଧରେ ବନ୍ଦ ପାଳନ କରାଯାଇଛି । ଆଜି ବୌଦ୍ଧ ସହର ସମେତ ଜହ୍ନାପଙ୍କ, ବାଉଁଶୁଣୀ, ମନମୁଣ୍ଡା, ପୁରୁଣାକଟକ, ଚାରି ଛକରେ ବନ୍ଦପାଳନ କରାଯାଇଥିଲା । ବୌଦ୍ଧ ସହରର ଏନଏସି ଛକ ଠାରେ ଜିଲ୍ଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତାମାନେ ରାସ୍ତା ଉପରେ ବସି ରହିଥିବା ଦେଖିବାକୁ ମିଳିଥିଲା। ସେହିପରି କଂଗ୍ରେସ କର୍ମୀ ମାନେ ସହର ସଂଲଗ୍ନ ରଇଠାଣୀ ବାଇପାସ ଛକ ଓ ମହାନଦୀ ବ୍ରିଜ ଛକ ଠାରେ ରହି ବନ୍ଦ ପାଳନ କରାଯାଇଥିଲା । ଫଳରେ ବ୍ରିଜଛକଠାରେ ବହୁସଂଖ୍ୟାରେ ଟ୍ରକସବୁ ଅଟକଥିଲା। ବରିଷ୍ଠ କଂଗ୍ରେସ ନେତା ନାରାୟଣ ପ୍ରସାଦ ପରିଜା, ସୁଧୀର କୁମାର କର୍ଣ୍ଣ, ଶାନ୍ତନୁ ମହାପାତ୍ର, ପଙ୍କଜ କର୍ଣ୍ଣଙ୍କ ସମେତ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ନିର୍ବାଚନ ମଣ୍ଡଳୀ ସଭାପତି ଅବଦୁଲ କଲିମ ଖାଁ, ପୂର୍ବତନ ଯୁବ ସଭାପତି ଅବଦୁଲ ଅଜିଜ ଖାଁ, ରାୟ ସଂଜୀବ କୁମାର ଦେଓ, ଦେବରାଜ ପଟ୍ଟନାୟକ, ସୁଦାମ ଝାଙ୍କର, ଅଲେଖ ବାଘ, ସାହିଦ ଖାଁ, ହଲିମ ଖାଁ, କୃଷକ ସଭାପତି ରଘୁନାଥ ପଲିଆ, ଛାତ୍ର କଂଗ୍ରେସ ସଭାପତି ହିତେଶ୍ୱର ଶାଣ୍ଡ, ଶିବ ବେହେରା ପ୍ରମୁଖ ଶତାଧିକ କର୍ମୀ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ । ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିବାବେଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେବାପାଇଁ ବିଭିନ୍ନ ଛକମାନଙ୍କରେ ପୁଲିସ ମୁତୟନ କରାଯାଇଥିଲା ।

ବାଲିମେଳା, (ଭାସ୍କର ନ୍ୟୁଜ): ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଙ୍କ ମୃତ୍ୟ ମାମଲାରେ ରାଜ୍ୟ କଂଗ୍ରେସ ସମଗ୍ର ଓଡିଶା ବନ୍ଦ ଡାକରା ଦେଇଥିବା ବେଳେ ବାଲିମେଳାରେ ବନ୍ଦ ପାଳନ କରାଯାଇଥିଲା। ବାଲିମେଳା ନଗର କଂଗ୍ରେସ ସଭାପତି ସୁରେଶ ଖୋସଲା ଙ୍କ ନେତୃତ୍ୱରେ ବାଲିମେଳା ସହରରେ ବନ୍ଦ ଡାକରା ସଫଳ ହୋଇଥିବା ବେଳେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପହଂଚି ସହରର ୧ ନଂ ୱାର୍ଡ ନୂଆ ସାହି ସ୍ଥିତ ଚେକ ଗେଟ ଠାରୁ ଏକ ବାଇକ ରାଲି ଯୋଗେ ସମଗ୍ର ସହର ପରିକ୍ରମା କରିଥିଲେ। ବିଜେପି ସରକାର ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ଏହି ରାଲି ଟି ସମଗ୍ର ସହର ପରିକ୍ରମା କରିଥିଲା। ପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ସେଠାରେ ଛାତ୍ରୀ ସୌମ୍ୟାଶ୍ରୀ ଙ୍କ ଅମର ଆତ୍ମା ର ଶାନ୍ତି ନିମନ୍ତେ ନୀରବ ପ୍ରାର୍ଥନା କରିବା ସହ ତୁରନ୍ତ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀ ଙ୍କ ଇସ୍ତଫା ଦାବି ନେଇ ନାରା କମ୍ପି ଉଠିଥିଲା। ଏହି ବନ୍ଦ ଡାକରାରେ ଯୁବ କଂଗ୍ରେସ ନେତା ଇସାକ୍ ଖୋସଲା, ପିସିସି ସଦସ୍ୟ ରବି ହରିଜନ, ବିଜୟ ଖିଲ, ଚେତନା ଦାସ, ରାଜୀବ ଚନ୍ଦ୍ର ଖରାଙ୍କ ସମେତ କଂଗ୍ରେସର ବହୁ କର୍ମୀମାନେ ଉପସ୍ଥିତ ଥିଲେ। ସେହିପରି କୋରୁକୋଣ୍ଡା ରେ ମଧ ବନ୍ଦ ର ପ୍ରଭାବ ଦେଖିବାକୁ ମିଳିଥିଲା।

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା ପ୍ରତିବାଦରେ ଆଜି କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହାର ପ୍ରଭାବ ଗଜପତି ଜିଲ୍ଲାରେ ଦେଖିବାକୁ ମିଳିଛି । ଗଜପତି ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥୀ ଗମାଙ୍ଗଙ୍କ ନେତୃତ୍ୱରେ ଆଜି ଗଜପତି ଜିଲ୍ଲା ର ସାତ ଗୋଟି ବ୍ଲକ ଏବଂ କାଶୀନଗର ଏନ୍ଏସିଓ ପାରଳାଖେମୁଣ୍ଡି ସହରରେ ସଂପୂର୍ଣ୍ଣ ରୂପେ ସଫଳ ହୋଇଥିବା ଦେଖିବାକୁ ମିଳିଛି । ଶ୍ରୀ ଗମାଙ୍ଗ ପୂର୍ବ ଦିନ ଜିଲ୍ଲାରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ସାଧାରଣତ ଲୋକଙ୍କୁ ଅବଗତ କରାଯାଉଥିବାବେଳେ ଗଣମାଧମ ପ୍ରତିନିଧିମାନଙ୍କ ମାଧମରେ ସୂଚନା ଦେଇଥିଲେ । ଯାହା ଫଳରେ ଜିଲ୍ଲାବାସି ଆଜିର ବନ୍ଦ ପାଳନକୁ ସଫଳ କରିଥିଲେ। ସକାଳୁ ସକାଳୁ ଶ୍ରୀ ଗମାଙ୍ଗ ଙ୍କ ସହିତ ଦଳୀୟ କର୍ମୀମାନଙ୍କ ସହିତ ଜିଲ୍ଲା ସିପିଆଇ ନେତା ମାନେ ମିଳିତ ଭାବେ ଜିଲ୍ଲା ସଦରମହକୁମା ର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପିକେଟିଂ କରିଥିଲେ । ଜିଲ୍ଲାର ପାରଳାଖେମୁଣ୍ଡି ସହର ସମେତ ଆଭ୍ୟନ୍ତରିଣ ଅଞ୍ଚଳରେ ଗାଡ଼ି ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଦୋକାନ ବଜାର ମଧ ବନ୍ଦ ରହିଥିଲା। ଫଳରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଜଣେ ଛାତ୍ରୀ ନିର୍ଯାତନା ହେଉଥିବା ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ ତାଙ୍କୁ ସୁରକ୍ଷା ଦେବାରେ ସରକାର ସଂପୂର୍ଣ୍ଣ ବିଫଳ। ସରକାର ଜାଣିଶୁଣି ଛାତ୍ରୀଙ୍କୁ ମାରି ଦେଇଛନ୍ତି ବୋଲି ସେମାନେ ଅଭିଯୋଗ କରିବା ସହ ଏହି ଘଟଣାରେ ସଂପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଛାତ୍ରୀଙ୍କ ପରିବାରକୁ ୫କୋଟି ଟଙ୍କା କ୍ଷତିପୂରଣ ଦେବାଓ ପିଡିତା ଙ୍କ ପରିବାର ର ଜଣକୁ ସରକାରୀ ଚାକିରୀ ଦେବା ଆବଶ୍ୟକ ବୋଲି ଦାବି କରିଛନ୍ତି। ଆଜି ର ଏହି କାର୍ଯ୍ୟକ୍ରମ ରେ ସଂଜୟ ଅଧିକାରୀ, କୁନା ମାଝୀ, ସଂଗ୍ରାମ ସାହୁ, ଜସ୍ମୀନ ସେକ୍ ରଫି, ରଞ୍ଜିତା ପାଣିଗ୍ରାହୀ, ଅଭିମନ୍ୟୁ ପଣ୍ଡା, ବସନ୍ତ ପଣ୍ଡା, ବିଷ୍ଣୁ ପାଢ଼ୀ, ଲବ ସିହୁ, ସିପିଆଇ ଦଳ ବହୁ ନେତା କର୍ମୀଙ୍କ ସହ ଯୋଗାଯୋଗ ଆଜିର ଓଡ଼ିଶା ବନ୍ଦ ସଫଳ କରିଥିଲେ ଏହା ସହିତ ସନ୍ଧ୍ୟା ସମୟରେ ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧୀ ଛକ ନିକଟରେ ସ୍ୱର୍ଗୀୟ ସୌମ୍ୟାଶ୍ରୀଙ୍କଫୋଟ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି କେଣ୍ଡଲ ଲଗାଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ଏଥିରେ ବହୁତ କଂଗ୍ରେସ ଦଳର ନେତା କର୍ମୀମାନେ ଉପସ୍ଥିତ ଥିଲେ।

ଖଡ଼ିଆଳ, (ଭାସ୍କର ନ୍ୟୁଜ): ବାଲେଶ୍ୱର ଠାରେ ଥିବା ଫକୀର ମୋହନ କଲେଜ ରେ ଆତ୍ମହୁତି ଦେଇ ମୃତ୍ୟୁବରଣ କରିଥିବା ଛାତ୍ରୀଙ୍କ ନ୍ୟାୟ ପ୍ରଦାନ ଦାବିରେ ନୂଆପଡା ଜିଲ୍ଲା ଖଡ଼ିଆଳ ଠାରେ କଂଗ୍ରେସ ପକ୍ଷରୁ ସଂପୂର୍ଣ୍ଣ ଖଡ଼ିଆଳ ବନ୍ଦ ସଫଳ ହୋଇଥିଲା। ଖଡ଼ିଆଳ ସମ୍ପୂର୍ଣ୍ଣ ଦୋକାନ ବଜାର, ସହର ସ୍କୁଲ କଲେଜ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଶିକ୍ଷା ନୁଷ୍ଠାନ, ଅଫିସ କାର୍ଯ୍ୟାଳୟ, ବିଭିନ୍ନ ପ୍ରକାର ବ୍ୟାଙ୍କ ସହ ସମ୍ପୂର୍ଣ ଭାବେ ଅଖ ଚକ ବନ୍ଦ ଥିଲା। ଖଡ଼ିଆଳ ଠାରେ କମଳ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ ଭାବେ ସକାଳ ୬ ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଖଡ଼ିଆଳ ବନ୍ଦ ସଫଳ ହେଲା। ସୋମ୍ୟଶ୍ରୀ ଙ୍କ ମୃତ୍ୟୁ ପଛରେ ଯେଉଁମାନେ ଅଛନ୍ତି ସେହି ଦୋଷୀଙ୍କ ବିରୋଧ ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଙ୍କ ଇସ୍ତଫା ଦାବୀ ସହ ଧର୍ମେନ୍ଦ୍ର ପ୍ରଧାନ, ବାଲେଶ୍ୱର ସାଂସଦ ପ୍ରତାପ ସଡ଼ଙ୍ଗୀ ସହ ଯେଉଁ ମାନେ ସମ୍ପୃକ୍ତ ଅଛନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଦାବୀ କରି ବିଜେପି ସରକାର ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ।

# ଅନାସ୍ଥାରେ ହାରିଲେ ପଡ଼ିଆ ବ୍ଲକ୍ ଅଧକ୍ଷା




କାଳିମେଳା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲା ପଡ଼ିଆ ବ୍ଲକ୍ ଅଧ୍ୟକ୍ଷା ଯମୁନା ମୂଷାକିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମତଦାନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧୀନ ୮ ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା/ସଭ୍ୟ ଙ୍କୁ ମିଶି ୧୬ ଜଣଙ୍କ ମଧ୍ୟରୁ ପୁନର୍ବାର ବ୍ଲକ ଅଧ୍ୟକ୍ଷା ପାଇଁ ନିର୍ବାଚନ ପ୍ରକ୍ରିୟାରେ ମତଦାନ ହୋଇଛି । ମୂଷାକିଙ୍କ ବିରୁଧରେ ୧୫ଜଣ ଭୋଟ ଦେଇଥିଲେ । ଫଳରେ ସେ ତାଙ୍କ ପଦ ହରାଇଛନ୍ତି । ପୂର୍ବରୁ ମୂଷାକି ବିଜେଡିରେ ଥିଲେ, ତାଙ୍କ ସମୟରେ ବିଭିନ୍ନ ଉନୟନମୂଳକ କାର୍ଯ୍ୟକୁ ଅବହେଳା ଏବଂ ଦଳୀୟ କର୍ମକର୍ତ୍ତାଙ୍କୁ ଅଣଦେଖା କରୁଥିଲେ। ଯାହାର ପ୍ରତିବାଦ ସ୍ୱରୂପ ତାଙ୍କର ମନମୁଖୀ କାର୍ଯ୍ୟରେ ସମସ୍ତ ଜନ ପ୍ରତିନିଧି ମାନେ ଅସନ୍ତୋଷ ଥିଲେ। ୮ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା/ସଭ୍ୟଙ୍କ କାର୍ଯ୍ୟକାଳ ସମୟରେ ଓହରିଯାଇ ଦଳୀୟ କର୍ମକର୍ତ୍ତାଙ୍କ ମତାମତ ନେଇ ଅଧ୍ୟକ୍ଷା ପରିବର୍ତ୍ତନ ପାଇଁ ବ୍ଲକ ବିଜେଡି କର୍ମକର୍ତ୍ତା ନିର୍ଦ୍ଦେଶ ଦେଇଥିଲେ ଓ ତଥାପି ସେ କାହା କଥାକୁ ଖାତିର ନ କରି ମନମୁଖୀ କାର୍ଯ୍ୟ କରୁଥିଲେ। ପ୍ରତିବାଦ ସ୍ୱରୂପ ୮ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟା/ସଭ୍ୟ ବିଜେଡି ସମର୍ଥିତ ଦଳୀୟ କର୍ମକର୍ତ୍ତା ୧୦/୪୨୫ ରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଲିଖିତ ଭାବେ ଉପଜିଲାପାଳଙ୍କୁ ଜଣାଇଥିଲେ। ଏହାକୁ ନେଇ ସେହି ସମୟରେ ପ୍ରାୟ ଦେଢ ମାସ ବିତିଯିବା ପରେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ପୁନର୍ବାର ଜନ ପ୍ରତିନିଧୀ ଙ୍କ ପକ୍ଷରୁ ଦାବି ହୋଇଥିଲା। ଜୁନ ୧୭ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୩୦୧୩/୨୫ରେ ଚଳିତ ମାସ ୨ ତାରିଖରେ ଏକ ସ୍ୱତନ୍ତ୍ର ବୈଠକ ସହ ପୁନର୍ବାର ନିର୍ବାଚନ କରାଯିବା ନେଇ ସୂଚନା ଦିଆଯାଇଥିଲା। ବିଏମ୍ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ପ୍ରତିବାଦରେ ଜିଲା ବ୍ୟାପୀ ଓଏଏସ୍ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଥିବାରୁ ପଡ଼ିଆ ବ୍ଲକ୍ ଅଧ୍ୟକ୍ଷାଙ୍କ ଅନସ୍ଥା ପ୍ରସ୍ତାବ ସ୍ଥଗିତ ରହିଥିଲା । ଏହି ଅବସରରେ ପ୍ରିଜାଇଡିଂ ଅଫିସର ମୋଟୁ ଓ କାଳିମେଳା ତହସିଲଦାର ରାମକୃଷ୍ଣ ସତ୍ୟଗୁରୁ ଓ ବିଡିଓ ଅଶ୍ୱିନୀ କୁମାର ମହାପାତ୍ର, କୋରକୋଣ୍ଡା ଏବିଡିଓ ଶଙ୍କର୍ଷଣ ଖଣ୍ଡୁଆଳ, କାଳିମେଳା ସେକ୍ସନ ଅଫିସର ଗୋକୁଳ ବିଶ୍ୱାସ ଓ କାଳିମେଳା ଜିପିଡିଇଓ ଜଗନ୍ନାଥ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ପଡିଆ ବ୍ଲକ୍ ସଭାପତି ଚିନାମ ରବିଟ, ଉପସଭାପତି ସୁଭାଷ ଭୂମିକ, ବ୍ଲକ ଉପାଧ୍ୟକ୍ଷ କଲ୍ୟାଣ ବିଶ୍ୱାସ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ, ବରିଷ୍ଠ ବିଜେଡି ନେତା ପ୍ରଭାକର ହନ୍ତାଳ ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ପୋଲିସର ମିଛ କେସ୍ ଉଚ୍ଚ ନ୍ୟାୟାଳୟରେ ଖାରଜ

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ମାଲକାନଗିରି, (ଭାସ୍କର ନ୍ୟୁଜ): ପୂର୍ବେ ଏକ ହତ୍ୟା ମାମଲାକୁ ନେଇ ମାଲକାନଗିରି ପୋଲିସ ଏକ କେସ୍ ରୁଜୁ କରିଥିଲା। ଉକ୍ତ କେସକୁ ଉଚ୍ଚ ନ୍ୟାୟାଳୟରେ ଖାରଜ କରାଯାଇ ଅଭିଯୁକ୍ତ ବିଶ୍ୱଜିତ ମଣ୍ଡଳ ୯ ତାରିଖରେ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନା ଅନୁଯାୟୀ, ୨୦୨୧ ସେପ୍ଟେମ୍ବର ୨ ରେ ମାଲକାନଗିରି ପ୍ରଧାନଗୁଡା ଅଞ୍ଚଳରେ ଡିପ୍ଲୋମା ପଢୁଥିବା ଝିଅ ଆତ୍ମହତ୍ୟା କରିଥିଲେ। ଏ ସମ୍ପର୍କ ରେ ମାଲକାନଗିରି ଥାନାରେ ଏକ କେସ ନଂ.୩୮୨/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣା ସମୟରେ ମାଲକାନଗିରି ଠାରୁ ୮୦୦ କି.ମି. ଦୂର ଟାଟା କଳିଙ୍ଗନଗରରେ ରହୁଥିବା ଜଣେ ଇଞ୍ଜିନିୟର ବିଶ୍ୱଜିତ ମଣ୍ଡଳଙ୍କୁ ଅଭିଯୁକ୍ତ ଦର୍ଶାଇ ତାଙ୍କ ନାମରେ ମାମଲା ଦାଏର କରାଯାଇଥିଲା। ହାଇକୋର୍ଟ ଜିଆର କେସ୍ ନଂ. ୭୭୧/୨୧ରେ ବିଶ୍ୱଜିତଙ୍କୁ ଆଗୁଆ ଜାମିନ ଦେଇଥିଲେ । ଫଳରେ ତାଙ୍କୁ ପୋଲିସ ଗିରଫ କରି ପାରି ନ ଥିଲା। ଟାଟା କଳିଙ୍ଗନଗରର ପୋଲିସ ଅଧିକାରୀ ଛବିରାଣୀ ହେମ୍ବ୍ରମ୍ କୌଣସି ତଦନ୍ତ ନ କରି ବିଶ୍ୱଜିତଙ୍କ ଘର ନିକଟ ୧୦ ଜଣଙ୍କ ନାମ ମିଛରେ ବ୍ୟବହାର କରି ଉଚ୍ଚ ନ୍ୟାୟାଳୟରେ ବିବରଣୀ ଦାଖଲ କରିଥିଲେ। ଅନ୍ୟପକ୍ଷରେ ମାଲକାନଗିରିର ତତ୍କାଳୀନ ଥାନା ଅଧିକାରୀ ମିଥ୍ୟା ଆତ୍ମହତ୍ୟା ନୋଟ୍ ତିଆରିକରି ହାଇକୋର୍ଟରେ ଦାଖଲ କରିଥିଲେ। ବିଶ୍ୱଜିତ ସଙ୍ଗେସଙ୍ଗେ ଗୋଟିଏ କ୍ରିମିନାଲ ରିଭିଜନ କେସ୍ ନଂ ୨୬୪୧/୨୨ ଦାଏର କରିଥିଲେ । ସେହି ସମୟରେ ଥାନାରେ ଏଫ୍ଆଇଆର୍ ଲେଖାଳିଙ୍କ ମନଗଢା ଲେଖା ସମ୍ବନ୍ଧରେ ଅଭିଯୋଗ କରିବା ସହ ବିଶ୍ୱଜିତଙ୍କ ଘର ନିକଟ ୧୦ ଜଣଙ୍କ ନାମରେ ହୋଇଥିବା ମାମଲାରେ ଆଫିଡେଭିଟ କରି ଏହି ୧୦ ଜଣ କୌଣସି ରାୟ ଦେଇନ ଥିବା ହାଇକୋର୍ଟରେ ଦାଖଲ କରିଥିଲେ । ଏହାକୁ ଆଧାରକରି ହାଇକୋର୍ଟ ଏହି କେସ୍ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ମାଲକାନଗିରି ପୋଲିସ ମିଛ କେସ୍ ଦାଏର କରିଥିବା ଦର୍ଶାଇ ବିଶ୍ୱଜିତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଏସ୍.କେ. ମିଶ୍ର ପରିଚାଳନା କରିଥିଲେ।

## ରାସ୍ତା ଶୋଚନୀୟ

# ଲୋକେ ହନ୍ତସନ୍ତ

କାଳିମେଳା, (ଭାସ୍କର ନ୍ୟୁଜ): ପଡ଼ିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନାକାମୁଣ୍ଡା ଠାରୁ କୁଞ୍ଜନପାଲି ପ୍ରାୟ ୪କିମି ମାଟି ରାସ୍ତା ଶୋଚନୀୟ ହୋଇପଡ଼ିଥିବା ଅଭିଯୋଗ ହେଉଛି । ପ୍ରତି ବର୍ଷା ଦିନେ ରାସ୍ତାଟି ଖାଲମାଲ ସୃଷ୍ଟି ହୋଇ ପାଣି କାଦୁଅରେ ଭର୍ତ୍ତି ରହୁଛି । ଯାହାଫଳରେ ଏହି ରାସ୍ତାକୁ ନିର୍ଭର କରୁଥିବା ସ୍ଥାନୀୟ ଲୋକେ ହନ୍ତସନ୍ତ ହୋଇଛନ୍ତି । ଆବଶ୍ୟକ ଜିନିଷ ପତ୍ର ନେବା ଆଣିବା, ଗାଡ଼ି ଚଳାଚଳ ଆଦି ରେ ସମସ୍ୟା ଉପୁଜୁଥିବା ଜଣାପଡିଛି । ଏବଂ ଜରୁରୀକାଳୀନ ପରିସ୍ଥିତିରେ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ତେଣୁ ତୁରନ୍ତ ମରାମତି ପାଇଁ ବ୍ଲକ ପ୍ରଶାସନ ଏବଂ ଲୋକ ପ୍ରତିନିଧି ଙ୍କୁ ସ୍ଥାନୀୟ ଲୋକଙ୍କ ଦାବି ହେଉଛି।



# ପଲ୍ଲୀ ମହିଳାଙ୍କୁ ରୋଜଗାର ଦେଉଛି ପାରମ୍ପରିକ ଧାନରୁଆ କାର୍ଯ୍ୟ



ନୂଆପଡ଼ା,(ଭାସ୍କର ନ୍ୟୁଜ) : ଆଦିବାସୀ ବହୁଳ ଜିଲ୍ଲା ନୂଆପଡ଼ା ଜିଲ୍ଲାବାସୀଙ୍କ ଜୀବନ ଜୀବିକାର ମୁଖ୍ୟ ଆୟୁଧ ହେଉଛି କୃଷିକାର୍ଯ୍ୟ। ୨୦ ପ୍ରତିଶତ ଜିଲ୍ଲାବାସୀଙ୍କ ବୃତ୍ତି ଓ ଜୀବନ ଜୀବିକାର ପ୍ରଧାନ ପନ୍ଥା କୃଷି ହୋଇଥବା ବେଳେ ଧାନ ଉତ୍ପାଦନ ପ୍ରଧାନ ଚାଷ ଭାବେ ଅଞ୍ଚଳବାସୀ କରିଆସୁଛନ୍ତି। ମଣିଷ ସଭ୍ୟତାର ଅସ୍ତିତ୍ୱ ପାଇଁ ଆଦ୍ୟରୁ କୃଷି ଉପରେ ନିର୍ଭର କରି ଆସୁଥିବା ବେଳେ ସମୟର ସ୍ରୋତରେ ଆଧୁନିକ କୃଷି ଯନ୍ତ୍ରପାତି,ନୂତନ କୃଷି ପଦ୍ଧତି,ନୂତନ ବୈଷୟିକ ଜ୍ଞାନ କୌଶଳ, ଆଧୁନିକ କୃଷି ପ୍ରଣାଳୀ, ବୈଜ୍ଞାନିକ ଦୃଷ୍ଟିକୋଣ କୃଷି କ୍ଷେତ୍ରରେ ସମୟ ଲାଘବ କରିବା ସହ ଶ୍ରମଦାନ ସ୍ତରକୁ ହ୍ରାସ କରିଛି। ଏସବୁ ସତ୍ତ୍ୱେ ଆଜିବି ୭୦ ପ୍ରତିଶତ ଅତି ଗରିବ ଶ୍ରେଣୀର ଚାଷୀ ପରିବାର ଆଜିବି ପୁରାତନ ପାରମ୍ପାରିକ ଚାଷ ପଦ୍ଧତି ଅବଲମ୍ବନ କରି ଆସୁଛନ୍ତି। କ୍ଷେତ ପ୍ରସ୍ତୁତ ପାଇଁ ବଳଦ ହଳ,ମଇଁଷି ହଳ, ଶ୍ରମଦାନ ରେ ଧାନ ରୁଆ,ଗୋରୁ ଗୋଠ ଚଲାଇ ଓ ନିଦା ଗୋଲେଇ କାଠ ସାହାଯ୍ୟରେ ଧାନ ମଳା,ଇଳା କଟୁରିରେ ଧାନ କାଟିବା ଆଦି କୃଷିକର୍ଯ୍ୟ ଆଜିବି ନୂଆପଡ଼ା ଜିଲ୍ଲାର ସବୁ ଗ୍ରାମାଞ୍ଚଳ ପଲ୍ଲୀ ଗାଁ ଗୁଡିକରେ ଚାଷୀ ପରିବାର ଏହି ପାରମ୍ପାରିକ ପୁରାତନ ପଦ୍ଧତି ଅନୁସରଣ କରୁଛନ୍ତି। ଏସବୁ କୃଷି ଭିତ୍ତିକ କାର୍ଯ୍ୟରେ ପଲ୍ଲୀ ମହିଳାଙ୍କ ଅଂଶୀଦାର ବହୁଳ ମାତ୍ରାରେ ଦେଖିବାକୁ ମିଳିଥାଏ। ଜିଲ୍ଲା କୃଷି ବିଭାଗ ସୂଚନା ଅନୁସାରେ ନୂଆପଡ଼ା ଜିଲ୍ଲାରେ ଥିବା ୧ ଲକ୍ଷ ୮୮ ହଜାର ହେକ୍ଟର ଜମିରୁ ଚଳିତ ବର୍ଷ ୯୦,୩୫୦ ହେକ୍ଟର ଜମିରେ ଧାନଚାଷ ହେବ ଓ ୯୭,୬୫୦ ହେକ୍ଟର ଜମିରେ ଅଣଧାନ କରିବା ଲକ୍ଷ୍ୟ ରଖିଛି ଜିଲ୍ଲା କୃଷି ବିଭାଗ । ନୂଆପଡ଼ା ଜିଲ୍ଲାରେ ଜୁନ ମାସରେ ହାରାହାରି ୧୭୭.୨ ମିଲି ମିଟର ବୃଷ୍ଟିପାତ ହୋଇଥିଲା । ୨୦୨୦ ମସିହା ଜୁନ ମାସରେ ୨୯୭.୨୮ ମିଲି ମିଟର ବର୍ଷା ହୋଇଥିବା ବେଳେ ୨୦୨୧ ଜୁନ ମାସରେ ୧୮୧.୩୪ ମିମି,୨୦୨୨ ଜୁନ ମାସରେ ୧୫୭.୧ ମିମି, ୨୦୨୩ ଜୁନ ମାସରେ ୧୨୫.୦୬ ମିମି, ୨୦୨୪ ଜୁନ ମାସରେ ୧୨୮.୩୬ ମିମି, ଓ ୨୦୨୫ ଆଜି ପର୍ଯ୍ୟନ୍ତ ୮୫.୫୪ ମିମି ବୃଷ୍ଟିପାତ ରେକର୍ଡ ହୋଇଛି । ସେହି ପରି ଜୁଲାଇ ମାସରେ ନୂଆପଡା ଜିଲ୍ଲାରେ ହାରାହାରି ବୃଷ୍ଟିପାତ ୩୧୦.୬ ମିମି ହୋଇ ଥାଏ। ସେହିଭଳି ଯଦି ଜୁଲାଇ ୨୦୨୧ ବୃଷ୍ଟିପାତ ଦେଖିବା ତାହେଲେ ୨୦୨୧ ଜୁଲାଇ ମାସରେ ୩୩୧.୫୬ ମିଲି ମିଟର ବର୍ଷା ହୋଇଥିଲା ୨୦୨୨ ଜୁଲାଇରେ ୩୮୬.୪୨ମିମି,୨୦୨୩ ଜୁଲାଇରେ ୩୦୪.୯ ମିମି,୨୦୨୪ ଜୁଲାଇରେ ୫୧୯.୪୮ ମିମି ଏବଂ ୨୦୨୫ ଚଳିତ ମାସ ରେ ୧୬ ତାରିଖ ପର୍ଯ୍ୟନ୍ତ ୧୨୩.୯୬ ମିଲି ମିଟର ବର୍ଷା ହୋଇଥିବା ସୂଚନା ମିଳିଛି । ଧାନ ରୁଆ ପାଇଁ କେଉଁଠି ଚାଷୀ କ୍ଷେତ ପ୍ରସ୍ତୁତ କରୁଥିବା ବେଳେ କେଉଁଠି ଚାଷୀ ଜମିରେ ଧାନ ରୋଇ ସାରିଲାଣି ତ କେଉଁଠି ଚାଲିଛି ଧାନରୁଆ କାର୍ଯ୍ୟ। ପୁରାତନ ପାରମ୍ପାରିକ ଚାଷ ପ୍ରଣାଳୀରେ ଏବେବି ଚାଷ କାର୍ଯ୍ୟ ଚାଲିଛି। ଗାଁ ମହିଳା ଦଳଗତ ଭାବେ ଅର୍ଥ ରୋଜଗାର କରିବାକୁ ଧାନ ରୁଆ କାର୍ଯ୍ୟରେ ବ୍ୟସ୍ତ ଥିବା ଚିତ୍ର ଦେଖିବାକୁ ମିଳୁଛି। ପଲ୍ଲୀ ଗୃହିଣୀ, ପଲ୍ଲୀ ଯୁବତୀ, ଗାଁର ବୟସ୍କ ମହିଳା ଦଳଗତ ଭାବେ ଧାନ ରୁଆ କାର୍ଯ୍ୟ କରିବାକୁ ଯାଇଥାନ୍ତି। ଗୋଟିଏ ଦଳରେ କେତେ ମହିଳା ରହିବେ ଜମି ମାଲିକ ସହ ଆଲୋଚନା ପରେ ସ୍ଥିର କରିଥାନ୍ତି। ଦୈନିକ ମଜୁରୀ ପ୍ରକାରେ ହେଉ କି ଠିକା ପ୍ରକାରେ ହେଉ, ରୋଇବା କାର୍ଯ୍ୟ ଜାରି ରଖନ୍ତି। ଭୋର ସକାଳୁ ଉଠି ଘରକାମ ସହ ରୋଷେଇ କାମ ସାରି ଗଣ୍ଡେ ଖାଇ ମଧାହ୍ନ ଭୋଜନ ଧରି ଦିନ ଦଶଟା ମଧ୍ୟରେ କ୍ଷେତରେ ପହଞ୍ଚିଥାନ୍ତି। ଆଠ ଘଣ୍ଟା ଧରି ରୁଆ କାର୍ଯ୍ୟ ଚାଲିଥାଏ। ପାଣି କାଦୁଅରେ ହାତ ପାଦ ଭିଜି ବତୁରି ଯାଏ। ଅପରାହ୍ନରେ ସାମାନ୍ୟ ବିଶ୍ରାମ ସହ ଘରୁ କି ଆଣିଥିବା ଖାଦ୍ୟ ଜମି ହୁଡ଼ା କି ଘାସ ଉପରେ ବସି ଖାଇଥାନ୍ତି। ଠିକାରେ ଯଦି ଧାନ ରୁଆ ହୋଇଥାଏ। ଦୈନନ୍ଦିନ ନିର୍ଦ୍ଧାରିତ ମଜୁରୀ ଅପେକ୍ଷା ସାମାନ୍ୟ ଅଧିକ ଟଙ୍କା ପାଇଥାନ୍ତି ମହିଳା। ଦିନ ମଜୁରୀ ଗାଁ ଦେଖି କେଉଁଠି ୨୫୦ ଶହ ଟଙ୍କା ତ ଆଉ କେଉଁଠି ୩୦୦ ଟଙ୍କା ମଜୁରି ଚାଲିଛି। ଏକକାଳୀନ ରୁଆ କାର୍ଯ୍ୟ ଚାଲୁଥିବାରୁ ବଡ଼ ଚାଷୀ,ମଧ୍ୟମ ଚାଷୀ ଏମାନଙ୍କ ନିକଟକୁ ଆସି ଦିନ ମଜୁରୀ ଓ ଠିକା ଆକାରରେ ଛିଡାଇ ଅଗ୍ରିମ ଟଙ୍କା ଦେଇଥାନ୍ତି। ଦଳର ନେତୃତ୍ୱ ନେଉଥିବା ମୁଖିଆ ଏବଂ ସହଯୋଗୀ ମହିଳା କିଛି ଜମିର କ୍ଷେତ୍ରଫଳ ଦେଖି ରୁଆ ଖର୍ଚ୍ଚ ନିର୍ଦ୍ଧାରଣ କରିଥାନ୍ତି। ଗ୍ରାମାଞ୍ଚଳ ମହିଳାଙ୍କୁ ଅର୍ଥ ରୋଜଗାରର ଏହା ଅନୁକୂଳ ସମୟ ହୋଇଥିବାରୁ କଷ୍ଟସାଧ ହେଲେ ମଧ ଦଳ ମଧ୍ୟରେ ପରସ୍ପର ଭାବ ଦିଆନିଆ ମଧ୍ୟରେ ନିଆରା କାହାଣୀ କିଛି ସତ କିଛି କଳ୍ପିତ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ପ୍ରାଚୀନ ଘଟଣା, ମଣିଷର ଚରିତ୍ର ଜୀବନ ଘଟଣାବଳୀ ରାଜାରାଣୀ କଥା ହେଉକୀ ପ୍ରେମିକ ପ୍ରେମିକାଙ୍କ ଇତିହାସ ଗୀତ ବା କାବ୍ୟ ସୁର ଓ ଭାବ ସହ ଶୁଣିବାକୁ ମିଳେ ଆଞ୍ଚଳିକ ଭାଷାରେ ଏହି ମହିଳାଙ୍କ ଧାନ ରୁଆ ମେଳିରେ। ନିର୍ଦ୍ଦିଷ୍ଟ ଦଳ ମଧ୍ୟରେ ସ୍ୱତନ୍ତ୍ର ଦକ୍ଷତା ବା କଳା ନିପୁଣ ମହିଳା ରହିଥାନ୍ତି। ଯେଉଁମାନେ କୌଣସି ଘଟଣାର କାହାଣୀ ଓ ଚରିତ୍ରଗୁଡ଼ିକୁ କବିତା ମାଧମରେ ଜୀବନ୍ତ କରି ଉପସ୍ଥାପନ କରିଥାନ୍ତି। ମନ୍ତ୍ରମୁଗ୍ଧ ହୋଇ ଶୁଣି ଶୁଣି ରୁଆ ଦଳ କାର୍ଯ୍ୟରେ ଧାନ ଦିଅନ୍ତି। କଠିନ ହେଲେ ମଧ ଏହି କବିତାର ଭାବଭାବ ବିହୋର କରିଥାଏ। କବିତା ଗାଉଥିବା ମହିଳା କି ଯୁବତୀ ଦଳର ମନୋରଞ୍ଜନ କରୁଥିବା ବେଳେ କିଛି ସମୟ ପରସ୍ପରର ଭଲମନ୍ଦ ବୁଝିବା, ସାନ୍ତ୍ୱନା ଦେବା, ଦୁଃଖ ସୁଖରେ ସହଭାଗୀ ହେବା,ଏପରି ବ୍ୟକ୍ତିଗତ ପାରିବାରିକ ଜୀବନ ଭଲମନ୍ଦ ଆଲୋଚନା ଏବଂ ପରାମର୍ଶ ଦିଆନିଆ ଚାଲେ। ଜମିରେ ବିତାଉଥିବା ଏକ ଲମ୍ବା ସମୟ ୮ ଘଣ୍ଟା ଏଭଳି ଭାବେ ଜମିରେ ପଲ୍ଲୀ ଗାଁ ମହିଳା ନିକଟ ଓ ଦୂରବର୍ତ୍ତୀ ସ୍ଥାନକୁ ଯାଇ କାର୍ଯ୍ୟ କରି ଆସୁଛନ୍ତି । ଚଟାପଟ୍ କାମ ସାରି ପୁଣି ଘର କାମ କରିବାକୁ ଜମିରୁ ସଞ୍ଜ ନଇଁବା ବେଳକୁ ଘର ଅଭିମୁଖେ ଫେରିଥାନ୍ତି।

## ସାପ ଉଦ୍ଧାର ଏବଂ ପୁନର୍ବାସ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ବନଖଣ୍ଡ ଏବଂ ସ୍ନେକ ହେଲ୍ପଲାଇନ୍ ଓଡିଶାର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ସ୍ଥିତ ଦରବାର ହଲଠାରେ ସାପ ଉଦ୍ଧାର ଏବଂ ପୁନର୍ବାସ ଉପରେ ଏକ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବନ କର୍ମଚାରୀ, ସାପ ଉଦ୍ଧାରକାରୀ, ପ୍ରଶାସନିକ ଅଧିକାରୀଙ୍କୁ ସାପ ସହିତ ମାନବ-ବନ୍ୟଜନ୍ତୁ ବିବାଦ ପରିଚାଳନା ବିଷୟରେ ତାଲିମ୍ ଦିଆଯାଇଥିଲା। ରାଜ୍ୟର ବିଶିଷ୍ଟ ସାପ ଧରାଳି ସୁଭେନ୍ଦୁ ମଲ୍ଲିକ୍ (ସ୍ନେକ୍ ହେଲ୍ପଲାଇନ୍ ଓଡିଶା) ଏହି ପ୍ରଶିକ୍ଷଣ ପ୍ରଦାନ କରି ସୁରକ୍ଷିତ ଭାବେ ସାପ ଧରିବା, ଉଦ୍ଧାର ପ୍ରଣାଳୀ ଏବଂ ପୁନର୍ବାସ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରପ୍ରିୟା ନାୟକ, ବନ ବିଭାଗର କର୍ମଚାରୀ, ସାପ ଉଦ୍ଧାରକାରୀ, ମିଡିଆ ପ୍ରତିନିଧି ଏବଂ ଏନଜିଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ସାପଙ୍କୁ ନିରାପଦ ଭାବେ ଧରି ଉପଯୁକ୍ତ ନିରାପଦ ସ୍ଥାନରେ ଛାଡିବା, ସାପ କାମୁଡ଼ା ପରେ ପ୍ରାଥମିକ ଏବଂ ଜରୁରୀ ସେବା, ସାପ-ମାନବ ବିବାଦ କମାଇବା ପାଇଁ ସାଧାରଣ ଲୋକଙ୍କ ସଚେତନତା, ବନ୍ୟଜନ୍ତୁ ସୁରକ୍ଷା ଆଇନ୍, ୧୯୭୨ ଅନୁଯାୟୀ ଆଇନଗତ ଦିଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହି ଅବସରରେ ବନଖଣ୍ଡ ଅଧିକାରୀ ଧନରାଜ ମାନବ-ବନ୍ୟଜନ୍ତୁ ସଂଘର୍ଷ ହ୍ରାସ କରିବା ସହ ଏଭଳି ତାଲିମ୍ ଜନସାଧାରଣଙ୍କ ସୁରକ୍ଷା ଏବଂ ପ୍ରାଣୀ ସଂରକ୍ଷଣ ପାଇଁ ଆବଶ୍ୟକ ବୋଲି କହିଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିବା ସହ ରାଜସ୍ୱ ଆଦାୟର ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ ପାଇଁ ସମସ୍ତ ରାଜସ୍ୱ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜସ୍ୱ ମାମଲା ଗୁଡିକର ତ୍ୱରାନ୍ୱିତ ସମାଧାନ, ସାଧାରଣ ଲୋକଙ୍କୁ ଉପଯୁକ୍ତ ସମୟ ଅବଧିରେ ବବିଧ ରାଜସ୍ୱ ପ୍ରମାଣପତ୍ର ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସରକାରୀ ଜମିର ସୁରକ୍ଷା, ଭୂମିହୀନଙ୍କୁ ଚିହ୍ନଟ, ବିଭିନ୍ନ ପ୍ରକଳ୍ପ ପାଇଁ ଭୂମି ଚିହ୍ନଟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ, ମୋଟର ଯାନ ରାଜସ୍ୱ ସଂଗ୍ରହ, ଅବକାରୀ ରାଜସ୍ୱ, ଷ୍ଟାମ୍ପ ଡ୍ୟୁଟି,ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ଇତ୍ୟାଦି ସମ୍ପର୍କରେ ବିଶଦ ଆଲୋଚନା କରାଯିବା ସହ ରାଜସ୍ୱ ଅଧିକାରୀ ମାନଙ୍କୁ ଉପଯୁକ୍ତ ପଦକ୍ଷେପ ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ପିକେଡିଏ ସଚିବ ଦିଲ୍ଲୀପ ମହାରଣା, ରାଜସ୍ୱ ଡେପୁଟି କଲେକ୍ଟର ସହଦେବ ସାହୁ,ଜିଲ୍ଲାର ସମସ୍ତ ତହସିଲଦାର,ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## କୋଏମ୍ବାଟୁରରେ ଧର୍ମେନ୍ଦ୍ର

# ମାତୃଶକ୍ତିଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଜରୁରି



କୋଏମ୍ବାଟୁର : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାମିଲନାଡୁର କୋଏମ୍ବାଟୁର ଗସ୍ତରେ ଥିବା ବେଳେ ଆସନ୍ତାକାଲି ଆଇଆଇଟି ପାଲକ୍କଡର ସପ୍ତମ ସମାବର୍ତ୍ତନ ସମାରୋହରେ ଯୋଗଦେବେ । ଏହାର ଅବ୍ୟବହିତ ପୂର୍ବରୁ ଶ୍ରୀ ପ୍ରଧାନ ଶୁକ୍ରବାର କୋଏମ୍ବାଟୁର ସ୍ଥିତ ଭାରତର ଅଗ୍ରଣୀ ପୋଷାକ ଉତ୍ପାଦନକାରୀ କମ୍ପାନୀ କେପିଆର୍ ମିଲ୍ ପରିଦର୍ଶନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଗସ୍ତକାଳରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କେପିଆର୍ ମିଲ୍ ପରିଦର୍ଶନ କରିବା ସହ ମିଲରେ କାମ କରୁଥିବା ମହିଳା କର୍ମଚାରୀମାନଙ୍କୁ ଭେଟି ସେମାନଙ୍କ ଅଭିଜ୍ଞତା ଶୁଣିବା ସହ ଖୁସି ପ୍ରକାଶ କରିଥିଲେ । ସେ କହିଛନ୍ତି କେପିଆର ମିଲ୍ ନବସୃଜନ, ପ୍ରଯୁକ୍ତିବିଦ୍ୟା, ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଏବଂ ଭବିଷ୍ୟତ-କେନ୍ଦ୍ରିତ ଆଭିମୁଖ୍ୟ ଦ୍ୱାରା ଚାଳିତ ବୟନ କ୍ଷେତ୍ରରେ ଏକ ଅବିଶ୍ୱସନୀୟ ଛାପ ଛାଡିଛି । ମାତୃଶକ୍ତିଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଜରୁରି । ଓଡ଼ିଶା ସମେତ ବହୁସଂଖ୍ୟକ ମହିଳାଙ୍କୁ ନିଯୁକ୍ତି ଦେଇ ଏହି କମ୍ପାନୀ ସେମାନଙ୍କୁ ସଶକ୍ତ କରିବାରେ ସହାୟକ ହୋଇଛି । ଏହାଦ୍ୱାରା ମହିଳା କର୍ମଚାରୀମାନେ ଉତ୍ପାଦନ, ଇଞ୍ଜିନିୟରିଂ ଏବଂ ଶିକ୍ଷା ମାଧ୍ୟମରେ ଏକ ନୂଆ ଐତିହ୍ୟ ସୃଷ୍ଟି କରିପାରିଛନ୍ତି । କେପିଆର ମିଲ୍ ଲିମିଟେଡ୍ ଜନସାଧାରଣ ଏବଂ ଅର୍ଥନୀତିରେ ପୁଞ୍ଜିନିବେଶ କରିବାର ପରିଭାଷାକୁ ବଦଳାଇଛି । କେପିଆର ମିଲ୍ ଏହାର ମହିଳା କର୍ମଚାରୀଙ୍କୁ ସେମାନଙ୍କର ଶିକ୍ଷା ସମାପ୍ତ କରିବା ପାଇଁ ସୁଯୋଗ ଦେଉଛି । ମିଲ୍ ବାହାରେ ଉଜ୍ଜ୍ୱଳ କ୍ୟାରିଅର ସୁଯୋଗ ହାସଲ କରିବା ପାଇଁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣୁଛି । କର୍ମଚାରୀଙ୍କୁ ସଶକ୍ତ କରିବାରେ ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ଆଗକୁ ବଢ଼ାଇବାରେ ବିଶ୍ୱରେ ଏହି କମ୍ପାନୀ ଏକ ଉଦାହରଣ ତିଆରି କହିଛି । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ କୋଏମ୍ବାଟୁର ଏବଂ ତିରୁପୁରର ପ୍ରତିଷ୍ଠିତ ଶିକ୍ଷାବିତ୍, ଶିଳ୍ପପତି ଏବଂ ବୁଦ୍ଧିଜୀବୀଙ୍କ ସହ ଶିକ୍ଷା, ଇନୋଭେସନ, ଉତ୍ପାଦନ, ଇଞ୍ଜିନିୟରିଂ ଏବଂ ଉଦ୍ୟୋଗୀ କ୍ଷେତ୍ର ଉପରେ ଥିବା ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ଉପରେ ବିଭିନ୍ନ ଦିଗ ଯଥା ମାତୃଭାଷା ଆଧାରିତ ଶିକ୍ଷା, କ୍ରେଡିଟ୍ ଫ୍ରେମୱାର୍କ ଏବଂ ଭବିଷ୍ୟତର ଦିଗ ଗୁଡ଼ିକ ଉପରେ ଚର୍ଚ୍ଚା କରିଥିଲେ ।

# ମହିଳା ସହାୟତା ହେଲ୍ପ ନମ୍ବର ଜାରିପାଇଁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ କ୍ୟାମ୍ପସ ପରିସରରେ ରହିଥିବା ପ୍ରମୁଖ ସ୍ଥାନମାନଙ୍କରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ସମସ୍ତ ରେଜିଷ୍ଟ୍ରାର ଓ ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ଏଥିସହ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଓ ପ୍ରତିକାର ) ଅଧିନିୟମ, ୨୦୧୩ (ପୋଷ ଆକ୍ଟ, ୨୦୧୩) ଏବଂ ଏହି ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କଡ଼ାକଡ଼ି ଭାବେ ପାଳନ କରିବା ସହ ଏହି ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆୟୋଜନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କର୍ମଶାଳାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନେ ଯୋଗଦେବେ ଏବଂ ପୋଷ ଆକ୍ଟ, ୨୦୧୩ର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଶପଥ ନେବେ। ଆସନ୍ତା ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

## ବାଲେଶ୍ୱରରେ କ୍ରାଇମବ୍ରାଞ୍ଚ, ୟୁଜିସି ଟିମ୍‌ର ତନାଘନା

ବାଲେଶ୍ୱର (ଭାସ୍କର ନ୍ୟୁଜ): ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ତା'ର ତଦନ୍ତ ଚଳାଇଛି। ଶୁକ୍ରବାର କ୍ରାଇମବ୍ରାଞ୍ଚ ଟିମ୍ ଫକୀରମୋହନ କଲେଜକୁ ଯାଇ ଆଇସିସି ସଦସ୍ୟଙ୍କୁ ପଚରାଉଚୁରା କରିବା ସହ ପୀଡ଼ିତାଙ୍କ ଗାଁରେ ପହଞ୍ଚି ତଦନ୍ତ ଚଳାଇଛି। ତଦନ୍ତକାରୀ ଟିମ୍ ପୀଡ଼ିତାଙ୍କ ପରିବାର ସହ କଥା ହୋଇଛନ୍ତି। ସେହିପରି ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଟିମ୍ ଫକୀରମୋହନ କଲେଜ ଯାଇ ଆଇସିସି ସଦସ୍ୟଙ୍କୁ ପଚରାଉଚୁରା କରିଛନ୍ତି। ସେହିପରି ୟୁଜିସିର ଏକ ଟିମ୍ ମଧ୍ୟ କଲେଜ ଆଇସିସି ସଦସ୍ୟଙ୍କୁ ପଚରାଉଚୁରା କରୁଛି। ଦିଲ୍ଲୀରୁ ଆସିଥିବା ୪ଜଣିଆ ୟୁଜିସି ଟିମ୍ ଭାରପ୍ରାପ୍ତ ଅଧ୍ୟକ୍ଷ ଏବଂ ଆଇସିସି ସଦସ୍ୟଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

# ପୁଣି ଆସୁଛି ଲଘୁଚାପ, ପ୍ରବଳ ବର୍ଷିବ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଉତ୍ତର ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ବର୍ଷାସହ ବିଜୁଳି ଓ ଘଡ଼ଘଡ଼ି ଏବଂ ପବନ ବହିବ ବୋଲି ବିଭାଗ କହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ସମ୍ଭାବନା ଥିବାରୁ ୨୨ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି ଓ ବାଲେଶ୍ୱର ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ କହିଛନ୍ତି ଯେ ଦକ୍ଷିଣ-ପଶ୍ଚିମ ଦିଗରୁ ବଙ୍ଗୋପସାଗରରୁ ଓଡ଼ିଶା ମଧ୍ୟକୁ ପବନ ବହୁଛି। ଫଳରେ ଜଳୀୟବାଷ୍ପ ମଧ୍ୟ ଅଧିକ ରହିବ। ଯାହାକି ଲଘୁଚାପ କ୍ଷେତ୍ର ସୃଷ୍ଟି କରିବାରେ ସହାୟକ ହେବ। ଫଳରେ ଆସନ୍ତା ୧୦ ତାରିଖରୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ସେହିପରି ଉପକୂଳ ସମେତ ଆଭ୍ୟନ୍ତରୀଣ ଜିଲ୍ଲାରେ ମଧ୍ୟ ବର୍ଷାର ପ୍ରଭାବ ରହିବ ବୋଲି ବିଭାଗ ସୂଚନା ଦେଇଛି। ତେବେ ଆଗାମୀ ଦୁଇଦିନ ସକାଳେ ପ୍ରବଳ ଗରମ ଅନୁଭୂତ ହେବାକୁ ଥିବାବେଳେ ସନ୍ଧ୍ୟାରେ ବର୍ଷାର ସମ୍ଭାବନା ଥିବା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ କିଛିଦିନ ହେବ ଲଘୁଚାପ ଜନିତ ବର୍ଷା ସାରା ରାଜ୍ୟରେ ଲାଗି ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶା ବର୍ଷାର ତାଣ୍ଡବରେ ପ୍ରଭାବିତ ହୋଇଛି।

# ବଡ଼ଧରଣର ଏନ୍‌କାଉଣ୍ଟର ଟଳିଲେ ୬ ହାର୍ଡକୋର୍ ମାଓବାଦୀ



ମାଲକାନଗିରି (ଭାସ୍କର ନ୍ୟୁଜ): ଛତିଶଗଡ଼ରେ ମାଓ ବିରୋଧୀ ଅଭିଯାନ ଜୋରଦାର ହୋଇଛି। ସୁରକ୍ଷାକର୍ମୀମାନେ ଘଞ୍ଚ ଜଙ୍ଗଲରେ ବୁଲି ବୁଲି ମାଓବାଦୀଙ୍କୁ ଖୋଜିବାରେ ଲାଗିଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସାରା ଦେଶରୁ ମାଓବାଦର ବିଲୋପ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଘୋଷଣା କରିବା ପରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଏହି ଅଭିଯାନକୁ ଜୋରଦାର କରାଯାଇଛି। ଏହି କ୍ରମରେ ଶୁକ୍ରବାର ଛତିଶଗଡ଼ର ନାରାୟଣପୁର ଜିଲ୍ଲା ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୬ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ଏକେ-୪୭, ଏସ୍‌ଏଲ୍‌ଆର ଓ ବିପୁଳ ପରିମାଣର ମାରଣାସ୍ତ୍ର ଜବତ କରାଯାଇଥିବା ନେଇ ବସ୍ତର ଆଇଜି ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଅବୁଝମାଡ଼ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ରହିଥିବା ନେଇ ପୋଲିସକୁ ଗୁଇନ୍ଦା ସୂଚନା ମିଳିଥିଲା। ଫଳରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ମାଓବାଦୀମାନେ ସୁରକ୍ଷାକର୍ମୀଙ୍କୁ ପ୍ରଥମେ ଗୁଳି ଚଳାଇବାରୁ ଏହାର ପାଲଟା ଜବାବ ସୁରକ୍ଷାକର୍ମୀ ଦେଇଥିଲେ। ବସ୍ତର ଆଇଜି କହିଛନ୍ତି ଯେ ଆଉ କେତେକ ମାଓବାଦୀ ମୃତ୍ୟୁବରଣ କରିଥିବା ସନ୍ଦେହରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

## ଓସିଏର ଆପେକ୍ସ କାଉନସିଲ ବୈଠକ



କଟକ (ଭାସ୍କର ନ୍ୟୁଜ): ଶୁକ୍ରବାର ଓଡ଼ିଶା କ୍ରିକେଟ ଆସୋସିଏସନ ଆପେକ୍ସ କାଉନସିଲ ବୈଠକ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓସିଏର ଉପସଭାପତି ଜଗମୋହନ ପଟ୍ଟନାୟକ, ସଂପାଦକ ସଞ୍ଜୟ ବେହେରା, ଯୁଗ୍ମ ସଂପାଦକ ପ୍ରଭାତ କୁମାର ଭୋଳ ଓ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ସମେତ କାଉନସିଲର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ବୈଠକରେ ଡକ୍ଟର ହରେକୃଷ୍ଣ ମହତାବ କ୍ରିକେଟ ଫିଗର ସେଣ୍ଟର ଓ ସଚିନ ତେନ୍ଦୁଲକର ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ସ୍ଥାପନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୂର୍ବ ଭାରତର...

ସମୟରେ ଗରିବମାନେ ପକ୍କାଘର ପାଇବା ସମ୍ଭବ ହେଉନଥିଲା। ହେଲେ ଆଜି ବିହାର ଆଗକୁ ବଢିବାରେ ଲାଗିଛି। ଏହା ପଛରେ ବିହାରର ମା ଓ ଭଉଣୀମାନଙ୍କ ଶକ୍ତି କାମ କରୁଛି। ବିହାରରେ ବିକାଶ ଏତେ ଦ୍ରୁତଗତିରେ ହେଉଛି ଯେ ଯାହାକି ଲୋକଙ୍କୁ ସାହାଯ୍ୟ କରୁଛି। ଆଗାମୀ ଦିନରେ ମଧ୍ୟ ଏହା ବଜାୟ ରହିବ ବୋଲି ମୋଦୀ କହିଥିଲେ।

### ବଢୁଛି ଦୁର୍ଦ୍ଦଶା...

ଆଳି ବ୍ଲକର ୧୨ଟି ପଞ୍ଚାୟତ ପ୍ରଭାବିତ ହୋଇଛି। ସେହିପରି ୧୦ ପଞ୍ଚାୟତକୁ ଯୋଗାଯୋଗ ବିଛିନ୍ନ ହୋଇପଡ଼ିଛି। ଧୋୟା ଅଞ୍ଚଳକୁ ସଂଯୋଗ କରୁଥିବା ମାନପୁର-ଗୋବିନ୍ଦପୁର ରାସ୍ତାରେ ୭ ଫୁଟର ପାଣି ପ୍ରବାହିତ ହେଉଛି। ଗାଁ ଦାଣ୍ଡରେ ଡଙ୍ଗା ଚାଲୁଥିବାବେଳେ ହଜାର ହଜାର ଏକ ଚାଷଜମି ବୁଡ଼ି ରହିଛି। ୩ ଦିନ ହେବ ଲୋକେ ଭୋକ ଉପାସରେ ପଡ଼ିଛନ୍ତି। ସେହିପରି ବ୍ରାହ୍ମଣୀରେ ବନ୍ୟା ଆସିବାରୁ ରାଜନଗରର ୫ ପଞ୍ଚାୟତ ପ୍ରଭାବିତ ହୋଇଛି। ୩୦ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଲୋକେ ଦୁର୍ଦ୍ଦିନରେ ଦିନ କାଟୁଥିବାବେଳେ ସଞ୍ଜ ଆସିଲେ କୁମ୍ଭୀର ଭୟ ଲାଗି ରହିଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

### ୪୦ ସ୍କୁଲକୁ...

ଦଳଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା। ଏହାପୂର୍ବରୁ ରାଜଧାନୀ ଦିଲ୍ଲୀରେ ଗୋଟିଏ କି ଦୁଇଟି ନୁହେଁ, ବରଂ ୨୦ଟି ସ୍କୁଲକୁ ବୋମାରେ ଉଡାଇ ଦେବାକୁ ଶୁକ୍ରବାର ସକାଳେ ଧମକ ମିଳିଥିଲା। ଖବର ମିଳିବାମାତ୍ରେ ବୋମା ନିଷ୍କ୍ରିୟକାରୀ ଦଳ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେସନ ମଧ୍ୟ ଜାରି ରହିଛି। ଦିଲ୍ଲୀ ପୋଲିସ ପକ୍ଷରୁ କୁହାଯାଇଛି ଯେ ଶୁକ୍ରବାର ସକାଳେ ରାଜଧାନୀ ଦିଲ୍ଲୀର ୨୦ରୁ ଅଧିକ ସ୍କୁଲକୁ ବୋମାମାଡ଼ ନେଇ ଧମକପୂର୍ଣ୍ଣ ମେଲ୍ ମିଳିଛି। ଏହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଗ୍ନିଶମବାହିନୀ, ବମ୍‌ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ତେବେ ଏହି ଇ-ମେଲ କିଏ ପଠାଇଛି ସେ ନେଇ ମଧ୍ୟ ତନାଘନା ଆରମ୍ଭ ହୋଇଛି।


**ଟାଟା କ୍ୟାପିଟାଲ୍ ଲିମିଟେଡ୍**
TATA
ସିଆଇଏନ୍ ନଂ. ୟୁ୬୫୯୯୦ଏମ୍‌ଏଚ୍୧୯୯୧ପିଏଲ୍‌ସି୦୬୦୬୭୦, ୱେବସାଇଟ୍: www.tatacapital.com, ୧୧ତମ ମହଲା, ଟାୱାର ଇ, ପେନିନସୁଲା ବ୍ୟବସାୟ ପାର୍କ, ଗଣପତରାଓ କଦମ ମାର୍ଗ, ଲୋୟର ପରେଲ, ମୁମ୍ବାଇ-୪୦୦୦୧୩, ଶାଖା କାର୍ଯ୍ୟାଳୟ: ୭୧, ପାର୍କ ଷ୍ଟ୍ରିଟ୍, ଦ୍ୱିତୀୟ ମହଲା, କୋଲକାତା-୭୦୦୦୧୬

ସାର୍ବଜନୀନ ନୋଟିସ୍
ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପାଇଁ ଟେଣ୍ଡର/ଇ-ନିଲାମ
(ପରିଶିଷ୍ଟ IV-A) (ନିୟମ ୬(୨) ଏବଂ ନିୟମ ୮(୬))ର ବ୍ୟବସ୍ଥା ଦେଖନ୍ତୁ)
ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ୍

ଆର୍ଥିକ ସମ୍ପତ୍ତିର ସିକ୍ୟୁରିଟାଇଜେସନ୍ ଏବଂ ପୁନଃନିର୍ମାଣ ଏବଂ ସିକ୍ୟୁରିଟି ସ୍ୱାର୍ଥ ପ୍ରବର୍ତ୍ତନ ଆଇନ, ୨୦୦୨ ଅନ୍ତର୍ଗତ ସିକ୍ୟୁରିଟାଇଜେସନ୍ ଏବଂ ପୁନଃନିର୍ମାଣ ଏବଂ ସିକ୍ୟୁରିଟି ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମର ନିୟମ ୬ (୨) ଏବଂ ନିୟମ ୮ (୬) ର ବ୍ୟବସ୍ଥା ସହିତ ପଢ଼ାଯାଇଥିବା ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ନୋଟିସ୍, ୨୦୦୨। ଏଠାରେ ସାଧାରଣତଃ ଜନସାଧାରଣଙ୍କୁ ଏବଂ ବିଶେଷକରି ଋଣଗ୍ରହୀତା/ବନ୍ଧକ/ହାଇପୋଥିକେଟର ଏବଂ ଗ୍ୟାରେଣ୍ଟରଙ୍କୁ ସୂଚନା ଦିଆଯାଉଛି ଯେ ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତିଗୁଡ଼ିକ ଯାହା ସୂଚୀ 'ଏ' ଏବଂ 'ବି' ରେ ଅଧିକ ବିଶେଷ ଭାବରେ ବର୍ଣ୍ଣିତ ହୋଇଛି ଏବଂ ସୁରକ୍ଷିତ କ୍ରେଡିଟରଙ୍କ ନିକଟରେ ବନ୍ଧକ/ହାଇପୋଥିକେଟ କରାଯାଇଛି, ଯାହାର ଅଧିକାର ଟାଟା କ୍ୟାପିଟାଲ୍ ଲିମିଟେଡ୍ (ଟାଟା କ୍ୟାପିଟାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ସ୍ଥାନାନ୍ତରିତ)ର କ୍ଷମତାପ୍ରାପ୍ତ ଅଧିକାରୀ, ସୁରକ୍ଷିତ କ୍ରେଡିଟରଙ୍କ ଦ୍ୱାରା ୧୨ ଜୁନ୍, ୨୦୨୫ରେ ନିଆଯାଇଛି, ତାହା ୨୫ ଅଗଷ୍ଟ, ୨୦୨୫ରେ 'ଯେପରି ଅଛି ଯେଉଁଠାରେ ଅଛି', 'ଯେପରି ଅଛି ଯାହା ଅଛି', 'ଯାହା ଅଛି' ଏବଂ 'ବିନା ଆଶ୍ରୟ ଆଧାରରେ ଟ.୬,୯୪,୫୧,୬୪୩.୧୧/-ଙ୍କା (ଛଅ କୋଟି ଚଉରାନବେ ଲକ୍ଷ ଏକାବନ ହଜାର ଛଅ ଶହ ତେୟାଳିଶ ପଇସା କେବଳ)ର ପୁନରୁଦ୍ଧାର ପାଇଁ ୪ ଏପ୍ରିଲ, ୨୦୨୫ରେ ବିକ୍ରୟ କରାଯିବ। ୦୫ ଏପ୍ରିଲ୍, ୨୦୨୫, ଭୁବନେଶ୍ୱରୀ ସିଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା/ବନ୍ଧକ/ହାଇପୋଥେକେଟ୍), ଶ୍ରୀଯୁକ୍ତ ସୁଜିତ କୁମାର ଦାସ (ଗ୍ୟାରେଣ୍ଟର), ଶ୍ରୀମତୀ ସୋମା ଦାସ (ଗ୍ୟାରେଣ୍ଟର) ଏବଂ ଶ୍ରୀଯୁକ୍ତ ତାପସ ଦାସ (ଗ୍ୟାରେଣ୍ଟର)ଙ୍କଠାରୁ ଟାଟା କ୍ୟାପିଟାଲ୍ ଲିମିଟେଡ୍‌ର ଋଣ ଆଦାୟ ହେବା ପର୍ଯ୍ୟନ୍ତ। ସଂରକ୍ଷଣ ମୂଲ୍ୟ ଟ.୭,୪୪,୯୯,୦୦୦/- ଙ୍କା (ସାତ କୋଟି ଚଉତାଳିଶ ଲକ୍ଷ ଅନେଶତ ହଜାର ଟଙ୍କା କେବଳ) ହେବ (ଯାହା ଜମି ଏବଂ କୋଠା, ଟ.୨,୨୪,୭୦,୦୦୦/-ଙ୍କା ଜମି ଏବଂ ଟ.୪,୩୫,୪୬,୦୦୦/-ଙ୍କା କୋଠା ଅନ୍ତର୍ଭୁକ୍ତ) ଜମି ଏବଂ କୋଠା ପାଇଁ ମୋଟ ପରିମାଣ ଟ.୬,୬୦,୧୬,୦୦୦/-ଙ୍କା ଏବଂ ପ୍ଲାଣ୍ଟ ଏବଂ ଯନ୍ତ୍ରପାତି ପାଇଁ ଟ.୮୪,୮୩,୦୦୦/-ଙ୍କା। ସ୍ଥାବର ଏବଂ ସ୍ଥାବର ପାଇଁ ମୋଟ ସଂରକ୍ଷିତ ମୂଲ୍ୟ ଟ.୭,୪୪,୯୯,୦୦୦/-ଙ୍କା। (ସମୁଦାୟ ସଂଯୁକ୍ତ ସୁରକ୍ଷିତ ସମ୍ପତ୍ତି) ଏବଂ ଆୟାରନାମ୍ ଜମା ଟଙ୍କା ଟ.୭୪,୪୯,୯୦୦/-ଙ୍କା ହେବ (ଚଉସ୍ତରି ଲକ୍ଷ ଅଣଚାଶ ହଜାର ନଅଶହ ଟଙ୍କା କେବଳ)।
ବିକ୍ରୟର ବିସ୍ତୃତ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ କ୍ରେଡିଟରଙ୍କ ୱେବସାଇଟ୍ ଅର୍ଥାତ୍ www.tatacapital.comରେ ପ୍ରଦାନ କରାଯାଇଥିବା http://bit.ly/4eWTUvf ଲିଙ୍କ୍ ଦେଖନ୍ତୁ।

ସୁରକ୍ଷିତ ସମ୍ପତ୍ତିର ବିବରଣୀ
'ତଫସିଲ-ଏ'
ସ୍ଥାବର ସମ୍ପତ୍ତିର ବର୍ଣ୍ଣନା
ନିମ୍ନରେ ବର୍ଣ୍ଣିତ ସମସ୍ତ ସମ୍ପତ୍ତିର ଖଣ୍ଡ ଏବଂ ପାର୍ସଲ:

| | |
|---|---|
| ବନ୍ଧକ ସମ୍ପତ୍ତିର ବିବରଣୀ | ପ୍ରାୟ ଏସି୧.୦୭ ଡେସିମିଲ୍ ପରିମାପ ଯାହା ୪୬,୬୧୦ ବର୍ଗଫୁଟ ସୁରକ୍ଷା ସ୍ୱାର୍ଥ ଆଇଡି ନମ୍ବର. ୪୦୦୦୫୬୪୧୪୫୯୬, ପି.ଏସ୍. ନମ୍ବର. ୨୧୧, ମୌଜା ବିରୁଆନ୍, ନୂତନ ଖୈତାନ୍ ନମ୍ବର ୫୧୬/୧୨୦୩ ରେ ଅବସ୍ଥିତ। ପୁରୁଣା ଖୈତାନ୍ ନମ୍ବର.୫୧୬/୬୭, ପ୍ଲଟ୍ ନମ୍ବର ୧୧୭୭, ଜିଲ୍ଲା - ବାଲେଶ୍ୱର, ପୋଲିସ ଷ୍ଟେସନ - ବାଲେଶ୍ୱର, ସଦର। ଦ୍ୱିତଳୀୟ ଲୋଡ୍ ବେରିଂ/ଆରସିସି/ସେଡ୍ କୋର୍ ହାଉସ୍, ତଳ ମହଲା, ମୁଖ୍ୟ କୋଠାର ପ୍ରଥମ ମହଲା, ସମୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ର କର୍ମଚାରୀ କ୍ୱାର୍ଟର୍ସ, କାର୍ପେଟ୍ କ୍ଷେତ୍ର ଯାହା ବାଲେଶ୍ୱରରେ ପଞ୍ଜିକୃତ ଟାଇଟଲ୍ ଡକ୍ୟୁମେଣ୍ଟ/ବିକ୍ରୟ ଡିଡ୍ ନମ୍ବର ୧୦୦୬୨୧୦୮୨୨୦ ତାରିଖ ୨୨-୦୯-୨୦୨୧ ରେ ଅଧିକ ଉଲ୍ଲେଖ କରାଯାଇଛି। |
| ସହର / ଜିଲ୍ଲା ଜିଲ୍ଲା | ବାଲେଶ୍ୱର, ଓଡ଼ିଶା |
| ସୀମା: | |
| ପୂର୍ବ | ପ୍ଲଟ୍ ନମ୍ବର ୧୧୪୧ |
| ପଶ୍ଚିମ | ପ୍ଲଟ୍ ନମ୍ବର ୧୧୭୪ |
| ଦକ୍ଷିଣ | ପ୍ଲଟ୍ ନମ୍ବର ୧୧୭୮ ଏବଂ ୧୧୭୯ |
| ଉତ୍ତର | ପ୍ଲଟ୍ ନମ୍ବର ୧୧୪୧ |

'ସିଡ୍ୟୁଲ୍-ବି'
ଭୁବନେଶ୍ୱରୀ ସିଫୁଡ୍ ପ୍ରାଇଭେଟ୍ ଲିମିଟେଡ୍, ଋଣଗ୍ରହୀତା/ ହାଇପୋଥେକେଟଙ୍କ ବନ୍ଧକ ସମ୍ପତ୍ତିର ବର୍ଣ୍ଣନା
ସମସ୍ତ ସ୍ଥାବର ସ୍ଥାୟୀ ସମ୍ପତ୍ତି (ଅନ୍ୟ ଋଣଦାତାଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଭାବରେ ପାଣ୍ଠି ଯୋଗାଇ ଦିଆଯାଇଥିବା ସମ୍ପତ୍ତି ବ୍ୟତୀତ) ଉପରେ ପ୍ରଥମ ଏବଂ ସ୍ୱତନ୍ତ୍ର ଶୁଳ୍କ ଯାହା ଏହି କ୍ଷେତ୍ରରେ ପଡ଼ି ରହିଛି। କାରଖାନା ପରିସର ଏବଂ ବିଶେଷ ଭାବରେ ୧୨-୦୬-୨୦୨୫ ତାରିଖର ଇନଭେଣ୍ଟରୀ ଏବଂ ପଞ୍ଚନାମାରେ ଉଲ୍ଲେଖ କରାଯାଇଛି ଯାହା ଉପରେ ପ୍ରଦାନ କରାଯାଇଥିବା ଲିଙ୍କରେ ସନ୍ଦର୍ଭ ପାଇଁ ସଂଲଗ୍ନ କରାଯାଇଛି।

ତାରିଖ: ୧୮.୦୭.୨୦୨୫
ସ୍ଥାନ: କୋଲକାତା
ଟାଟା କ୍ୟାପିଟାଲ୍ ଲିମିଟେଡ୍
ସ୍ୱା/-ଅଧିକୃତ ଅଧିକାରୀ



झारखण्ड सरकार
स्वास्थ्य, चिकित्सा शिक्षा एवं परिवार कल्याण विभाग
सूचना
सं० सं०– 03/स्था०डी०/01–57/2025 राँची, दिनांक–

झारखण्ड लोक सेवा आयोग प्राप्त अनुशंसा के आलोक में चिकित्सा पदाधिकारी (मूल कोटि) एवं विशेषज्ञ चिकित्सक (ग्रेड–II) के पद पर नियुक्त चिकित्सक जिनके द्वारा योगदान नहीं किया गया अथवा योगदान कर प्रभार ग्रहण नहीं किया गया है, उन्हें प्रेस विज्ञप्ति के माध्यम से विभाग में दिनांक–30.05.2025 तक पक्ष रखने का अवसर दिया गया। उक्त के आलोक में निर्धारित अवधि तक पक्ष रखने वाले निम्नांकित चिकित्सकों दिनांक–22.07.2025 से 23.07.2025 तक कार्यालय अवधि में स्वास्थ्य, चिकित्सा शिक्षा एवं परिवार कल्याण विभाग, नेपाल हाउस, डोरण्डा, राँची, झारखण्ड में वांछित कागजात के साथ अपना पक्ष रखने हेतु उपस्थित होना सुनिश्चित करेंगे –

| क्र0 | विज्ञापन संख्या | अधिसूचना सं0 एवं तिथि | नाम | पदस्थापन स्थान |
|---|---|---|---|---|
| 1 | 2 | 3 | 4 | 5 |
| 1 | 02/2020 | 453(3) दिनांक–29.12.2020 | RITWICK ROHIN | MEDICAL OFFICER, PRIMARY HEALTH CENTRE, MAHUATAND, BOKARO |
| 2 | 02/2020 | 654(3) दिनांक–29.12.2020 | KUMAR ABHISHEK | MEDICAL OFFICER, PRIMARY HEALTH CENTRE, CHATROCHATTI, BOKARO |
| 3 | 19/2023 | 1895(3) दिनांक–28.12.2023 | PRATIBHA JHA | MEDICAL OFFICER, PHC, CHATROCHATTI, BOKARO |
| 4 | 19/2023 | 392(3) दिनांक–06.06.2024 | KESHAV BANSAL | MEDICAL OFFICER, CHC, KASMAR, BOKARO |
| 5 | 19/2023 | 394(3) दिनांक–06.06.2024 | MITALI DAS | MEDICAL OFFICER, SUB-DIVISIONAL HOSPITAL, BERMO, BOKARO |
| 6 | 07/2021 | 492(3) दिनांक–03.04.2023 | RANJEET KUMAR RAJAK | MEDICAL OFFICER, PHC, KUNDA, CHATRA |
| 7 | 07/2021 | 404(3) दिनांक–03.04.2023 | BINIT KUMAR | PHC RAMKUNDA, DHANBAD |
| 8 | 02/2020 | 681(3) दिनांक–29.12.2020 | ABDUL ZAFAR | MEDICAL OFFICER, PRIMARY HEALT H CENTRE, KATHURIA, DUMKA |
| 9 | 02/2020 | 506(3) दिनांक–29.12.2020 | SHASHI KANT KUMAR | MEDICAL OFFICER, PRIMARY HEALTH CENTRE, KHAMBHARA BANPURA, GIRIDIH |
| 10 | 19/2023 | 1891(3) दिनांक–28.12.2023 | NAINCY TIGGA | MEDICAL OFFICER, CHC, BHARNO, GUMLA |
| 11 | 19/2023 | 395(3) दिनांक–06.06.2024 | PIYUSH ANAND | MEDICAL OFFICER, CHC, SADAR, JAMTARA |
| 12 | 19/2023 | 1861(3) दिनांक–28.12.2023 | SHREYANSH SHUBHAM | MEDICAL OFFICER, PHC, BETAR, LATEHAR |
| 13 | 19/2023 | 1903(3) दिनांक–28.12.2023 | RAVI ANAND | MEDICAL OFFICER, PHC, GENTHA, PALAMU |
| 14 | 02/2020 | 639(3) दिनांक–28.12.2020 | RATNESHWAR BODRA | MEDICAL OFFICER, PRIMARY HEALTH CENTRE, MIRZACHOWKI, SAHEBGANJ |
| 15 | 02/2020 | 492(3) दिनांक–29.12.2020 | SHREYASI CHAITALI EKKA | MEDICAL OFFICER, MEDICAL OFFICER, COMMUNITY HEALTH CENTRE, BOLBA, SIMDEGA |
| 16 | 07/2021 | 346(3) दिनांक–03.04.2023 | RACHAYITA VIJAY SUNDRAM | MEDICAL OFFICER, PHC BARKAKANA, RAMGARH |
| 17 | 07/2021 | 456(3) दिनांक–03.04.2023 | ABHIJEET ANAND | MEDICAL OFFICER, PHC, SRINGDA, WEST SINGHBHUM |
| 18 | 07/2021 | 403(3) दिनांक–03.04.2023 | ROHIT KUMAR MAHATO | MEDICAL OFFICER, PHC CHITRESHWAR, EAST SINGHBHUM |
| 19 | 03/2023 | 1739(3) दिनांक–28.12.2023 | HIRALAL RAM | SPECIALIST (PEDIATRICIAN), SADAR HOSPITAL, CHATRA |
| 20 | 03/2023 | 1714(3) दिनांक–28.12.2023 | MD NAYEEMUDDIN | SPECIALIST (ENT), SADAR HOSPITAL, PAKUR |
| 21 | 03/2023 | 1732(3) दिनांक–28.12.2023 | RAM KRISHNA JHA | SPECIALIST (PEDIATRICIAN), SADAR HOSPITAL, PAKUR |
| 22 | 03/2023 | 1781(3) दिनांक–28.12.2023 | ANSHUMALI | SPECIALIST (ANAESTHESIA) SUB DIVISIONAL HOSPITAL, BUNDU, RANCHI |

ह0/–
(अजय कुमार सिंह)
सरकार के अवर सचिव।
PR 357707 Health Med Edu and Family Welfare(25-26)D



O-443
E-Mail - sencrwangul@yahoo.co.in
☎ 06764 - 236404
GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE,ANGUL

Tender Call Notice for Building works in Odisha
Bid Identification No. Building Online AGL- 06/2025-26
No. 2045 // Dt. 15.07.2025 //

1. Name of the work : Building work
2. Total No.of work : 4 Nos.
3. Estimated cost : Rs.118.18 Lakh Approx.
4. Class of Contractor : 'B' & 'A' Class
5. Period of completion. : 15(Fifteen) Calendar Months
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Building-Online - AGL-06/2025-26 | 23.07.25 at 10.00 A.M | 06.08.25 up to 5.00 P.M | 05.08.25 up to 1.00 P.M | 07.08.25 at 11.00 AM | Will be intimated later on |

(1) For detailed Notice inviting Tenders, Please visit to the website www.tendersorissa.gov.in
Sd/-Chief Construction Engineer,
Rural Works Circle,Angul.
OIPR 25103/11/0001/2526



C-689
WATCO
Email ID : gmwatcosbp@gmail.com
GOVERNMENT OF ODISHA
WATER CORPORATION OF ODISHA
OFFICE OF THE GENERAL MANAGER, WATCO DIVISION, SAMBALPUR.

NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. GMWATCOSBP-07/2025-26 Dt. 15.07.2025

01. Name of the Work : 1 no. work
02. Type of Bid. : Two Bid System
03. Estimated Cost : Rs. 80.81 lakh
04. Period of Completion : 3 (Three) Calendar Months.
05. Date & Time of availability of bid document in the portal : From 11.00 AM of dt. 21.07.2025 to 5.00 PM of 04.08.2025
06. Last date / time of receipt of bids in the portal : 5.00 PM of 04.08.2025.
07. Date & Time of opening of technical bids : At 11.30 AM of 05.08.2025.
08. Name and Address of the Officer Inviting Bid : General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001.

Further details can be seen from the web site http://tenders.ori.nic.in or www.tendersorissa.gov.in
Sd/- General Manager,
WATCO Division, Sambalpur
OIPR 13247/11/0018/2526



**LOST**
Notice is hereby given to general public that, I Sri. Mayadhar Mallik has lost the original link RSD bearing No- 10811700573 dt.26.08.2017 of Mouza-Choramuhan, Dist -Jajpur which was totally damaged due to heavy rain fall in my village which was informed to IIC, Dharmasala, on dt. 16.07.2025. Therefore, I am publishing this news in the paper for the said documents, which is not available for any purpose, and will be punished if found otherwise.

**AFFIDAVIT**
By virtue of an affidavit sworn before Executive Magistrate, Khaira, Balasore dated 15.07.2025. I, Puja Das W/o- Chandramani Das , resident of At/Po-Badanuagaon, Ps-Khaira, Dist-Balasore, Pin-756115 declare that I have changed my name from Puja Das to Seema Rakeshkumar Singh Henceforth, he shall be known as Seema Rakeshkumar Singh for all purposes.
Sd/- Seema Rakeshkumar Singh

**AFFIDAVIT**
By virtue of an affidavit before Notary Public, Bhubaneswar on dated 17.07.2025, I Mr. Manoranjan Behera, aged about 52 years, son of Bijaya Kumar Behera, Permanent Resident of At/P.O.: Mandal, P.S.: Jaipatna, Dist.: Kalahandi, Odisha-766013, Currently Residing at Flat No.: C-104, The Creast Apartment, Patharagadia, P.O.: KIIT, P.S.: Infocity, Bhubaneswar, Dist.: Khurda, Odisha-751024has changed my name from Former name of Arnav Behera to sign his name of Arnav Parasar. Henceforth, I shall be known as Arnav Parasar for all future purpose.

**ଦ.ପୂ. ରେଳପଥ-ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଡିଭିଜନାଲ ରେଳପଥ ମ୍ୟାନେଜର (ଇଞ୍ଜିନିୟର), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧର-ପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରିତ କରୁଛନ୍ତି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କ୍ରମିକ ନମ୍ବର ଏବଂ ଟେଣ୍ଡର ନୋଟିସ୍ ନମ୍ବର; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ସର୍ବଶ୍ରେଷ୍ଠ ମୂଲ୍ୟ: (୧) ସିକେପି-ସେଣ୍ଟ୍ରାଲ-୨୫-୨୬-୨୯, ତାରିଖ ୧୭.୦୭.୨୦୨୫; ଆର୍‌ସିସି ଜ୍ୟାକେଟିଂ ଦ୍ୱାରା ଏବଂ ବିଦ୍ୟମାନ ୨୦ଫୁଟ ଗିର୍ଡରକୁ ପିଏସ୍‌ସି ସ୍ଲାବ୍ ବ୍ରିଜରେ ପରିବର୍ତ୍ତନ କରି ପ୍ରମୁଖ ସେତୁଗୁଡ଼ିକର ସୁଦୃଢ଼ୀକରଣ। (ଚତୁର୍ଥ କଲ୍); ଟ.୧,୮୦,୦୩,୭୭୪.୭୪; ଟ.୨,୪୦,୦୦୦/-। (୨) ସିକେପି-ସେଣ୍ଟ୍ରାଲ-୨୫-୨୬-୩୦, ତାରିଖ ୧୭.୦୭.୨୦୨୫; ସହାୟକ ବିଭାଗୀୟ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ ଅଧିକାର କ୍ଷେତ୍ରରେ ଅଧିନରେ ବ୍ରିଜ୍ ନମ୍ବର ୨୧୬ (ଅପ୍ ଏବଂ ଡାଉନ୍), ୨୦୬ (ଡାଉନ୍), ୨୦୨ (ଅପ୍ ଏବଂ ଡାଉନ୍)ର ଆର୍‌ସିସି ଜ୍ୟାକେଟିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ଏବଂ ସେତୁ ନମ୍ବର.୧୮୪ର ବାକି କାର୍ଯ୍ୟ। (ତୃତୀୟ କଲ୍); ଟ.୨,୮୦,୦୨,୮୪୦.୧୮; ଟ.୨,୯୦,୦୦୦/-। ଟେଣ୍ଡର ଫର୍ମର ମୂଲ୍ୟ: ଉଭୟ ପାଇଁ ୦.୦୦। ଖୋଲିବା ତାରିଖ: ଉଭୟ ପାଇଁ ୧୧.୦୮.୨୦୨୫। ଟେଣ୍ଡରଟି ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କର ତୃତୀୟ ଶ୍ରେଣୀ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଓଜରଚଝ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଧାରୀ/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଟିପ୍ପଣୀ: ସମସ୍ତ ଟେଣ୍ଡରଧାରୀଙ୍କୁ ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ। (କର୍ତ୍ତୃତ୍ୱ- ରେଲୱେ ବୋର୍ଡର ଚିଠି ସଂଖ୍ୟା ୨୦୨୦/ସିଇ-I/ ସିଟି/୩ଇ/ଜିସିସି/ ପଲିସି ତାରିଖ ୧୬.୦୭.୨୦୨୦)।
(PR-407)

**AFFIDAVIT**
By virtue of an affidavit sworn before the Executive Magistrate, Erasama, dated: 14.07.2025, I Umesh Das, Address: At- Jirailo, Po-Jirailo, Ps- Erasama, Dist-Jagatsinghpur, Odisha, PIN-754139, declare that I have changed my son's name from Sai Das to Sahil Das. Henceforth, He shall be known as Sahil Das for all purposes.
Sd/- Umesh Das

**AFFIDAVIT**
By virtue of an affidavit sworn before the Executive Magistrate, Similiguda, dated: 09.01.2025, I Bhagaban Swain, Address: At-Qr.No. R-123, Hal Township, Po- Sunabeda-2, Ps- Sunabeda, Dist-Koraput, Odisha, PIN-763002, declare that I have changed my son's name from Soham Swain to Abhineet Swain. Henceforth, He shall be known as Abhineet Swain. for all purposes.
Sd/- Bhagaban Swain



ନୂଆଦିଲ୍ଲୀ: ଆରଜେଡି ମୁଖ୍ୟ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ସୁପ୍ରିମକୋର୍ଟରୁ ଝଟ୍କା ମିଳିଛି। ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ସର୍ବୋଚ୍ଚ ଅଦାଲତ ରହିତାଦେଶ ଦେବାକୁ ଶୁକ୍ରବାର ମନା କରିଦେବା ପରେ ଲାଲୁଙ୍କୁ ନିରାଶ ହେବାକୁ ପଡ଼ିଛି। ଲାଲୁଙ୍କ ପକ୍ଷରୁ ଏ ନେଇ କରାଯାଇଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ହାଇକୋର୍ଟରେ ଶୁଣାଣି ଜାରି ରହିଥିବା ଏହି ମାମଲାରେ ହସ୍ତକ୍ଷେପ କରିବେ ନାହିଁ। ମାମଲାର ବିଚାର ପ୍ରକ୍ରିୟା ଉପରେ କୌଣସି ରହିତାଦେଶ ଦିଆଯିବ ନାହିଁ। ମାମଲାର ଶୁଣାଣି ଜାରି ରହିବ। ହାଇକୋର୍ଟ ଦ୍ରୁତ ବେଗରେ ମାମଲାର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଲାଲୁଙ୍କ ବୟସକୁ ଦୃଷ୍ଟିରେ ରଖି ମାମଲାର ଶୁଣାଣି ପ୍ରକ୍ରିୟା ସମୟରେ ସେ ବ୍ୟକ୍ତିଗତ ରୂପେ ଅଦାଲତରେ ହାଜର ହେବା ଦରକାର ନାହିଁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି।

### ଦିଦିଙ୍କ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ

## ଅନୁପ୍ରବେଶକାରୀ ବର୍ତ୍ତି ପାରିବେନି



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ଦୁର୍ଗାପୁରରେ ଟିଏମ୍‌ସି ସରକାର ଉପରେ ଖୁବ ବର୍ଷିଛନ୍ତି । ଏକ ବିଶାଳ ଜନସଭାକୁ ସମ୍ବୋଧିତ ପିଏମ୍ ମୋଦୀ ଅନୁପ୍ରବେଶକାରୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଅନୁପ୍ରବେଶକାରୀଙ୍କ ପାଇଁ ଟିଏମ୍‌ସି ଅଭିଯାନ ଆରମ୍ଭ କରିଛି । ଟିଏମ୍‌ସିର ଷଡ଼ଯନ୍ତ୍ର ସାରା ଦେଶ ଜାଣିସାରିଛି। ତୃଣମୂଳ ସରକାର ଅନୁପ୍ରବେଶକାରୀଙ୍କ ସମର୍ଥନରେ ଆଗକୁ ଆସିଛି, କିନ୍ତୁ ଯେଉଁ ଆମ ଦେଶର ନାଗରିକ ନୁହନ୍ତି, ସେମାନଙ୍କ ବିରୋଧରେ ନିଶ୍ଚିତ ରୂପେ ଆକ୍ସନ ନିଆଯିବ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ପଶ୍ଚିମବଙ୍ଗରେ ପ୍ରାୟ ୫୪୦୦ କୋଟି ଟଙ୍କାର ବିକାଶ ଯୋଜନାର ଶିଳାନ୍ୟାସ କରିଥିଲେ। ଏଥିରେ ତେଲ୍ ଓ ଗ୍ୟାସ୍, ବିଜୁଳି, ରେଳ ଓ ସଡ଼କ ପରି ପରିଯୋଜନା ସାମିଲ ରହିଛି । ଦୁର୍ଗାପୁର ରାଲି ଜନସଭାକୁ ସମ୍ବୋଧିତ କରି ପିଏମ୍ ମୋଦୀ ରାଜ୍ୟର ମମତା ସରକାରଙ୍କ ଉପରେ ବଡ଼ ଅଭିଯୋଗ ଲଗାଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଟିଏମ୍‌ସିର ଗୁଣ୍ଡାରାଜ କାରଣରୁ ପଶ୍ଚିମବଙ୍ଗକୁ ନିବେଶ ଆସିପାରୁ ନାହିଁ ଓ ରାଜ୍ୟର ବିକାଶ ହୋଇପାରୁ ନାହିଁ। ଜନସଭାରେ ପିଏମ୍ ମୋଦୀ ଅନୁପ୍ରବେଶକାରୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, 'ଆଜି ଦେଶ ସାମନାରେ ଟିଏମ୍‌ସିର ଷଡ଼ଯନ୍ତ୍ର ସାମନାକୁ ଆସିଛି। ସେମାନେ ଅନୁପ୍ରବେଶକାରୀଙ୍କ ସପକ୍ଷରେ ଅଭିଯାନ ଆରମ୍ଭ କରିଛନ୍ତି। ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ମଧ୍ୟ ଚ୍ୟାଲେଞ୍ଜ ଦେଉଛନ୍ତି। କିନ୍ତୁ ଦୁର୍ଗାପୁର ରାଲିରୁ ମୁଁ ସ୍ୱଷ୍ଟତାର ସହ କହୁଛି, ଯେଉଁମାନେ ଭାରତର ନାଗରିକ ନୁହନ୍ତି, ଯେଉଁମାନେ ଅନୁପ୍ରବେଶକାରୀ, ସେମାନଙ୍କ ବିରୋଧରେ ଭାରତର ସମ୍ବିଧାନ ଅନୁସାରେ ନ୍ୟାୟସଙ୍ଗତ କାର୍ଯ୍ୟାନୁଷ୍ଠାନ ହେବା ନିଶ୍ଚିତ। ପ୍ରଧାନମନ୍ତ୍ରୀ ମୋଦୀ ବିକାଶ ପରିଯୋଜନା କଥା ଉଲ୍ଲେଖ କରି କହିଛନ୍ତି, ବିଜେପି ପଶ୍ଚିମବଙ୍ଗ ପାଇଁ ବଡ଼ ସ୍ୱପ୍ନ ଦେଖୁଛି। ସେ କହିଛନ୍ତି, 'ବିଜେପି ଏକ ବିକଶିତ ପଶ୍ଚିମବଙ୍ଗ କରିବାକୁ ଚାହୁଁଛି । ବିଜେପି ଏକ ସମୃଦ୍ଧ ପଶ୍ଚିମବଙ୍ଗ ନିର୍ମାଣ କରିବାକୁ ଚାହୁଁଛି। ଏହି ସବୁ ଯୋଜନା ଏହି ସ୍ୱପ୍ନକୁ ପୂରା କରିବାର ଏକ ପ୍ରୟାସ ଅଟେ। 'ମମତା ସରକାରକୁ ଟାର୍ଗେଟ୍ କରି ସେ କହିଛନ୍ତି, 'ସମୟ ଥିଲା ପଶ୍ଚିମବଙ୍ଗ ଉଦ୍ୟୋଗର କେନ୍ଦ୍ର ଥିଲା, କିନ୍ତୁ ଆଜି ଏଠାକାର ଯୁବ ବର୍ଗ ପଳାୟନ ପାଇଁ ବାଧ ହେଉଛନ୍ତି । ଟିଏମସି ସରକାର ହଟିବା ପରେ ହିଁ ପ୍ରକୃତ ପରିବର୍ତ୍ତନ ଆସିବ।'

### ସ୍ୱର୍ଣ୍ଣ ମନ୍ଦିରକୁ ବୋମାରେ ଉଡ଼େଇବାକୁ ଧମକ: ଇଞ୍ଜିନିୟର ଅଟକ

ଅମୃତସର : ପଞ୍ଜାବର ଅମୃତସରରେ ସ୍ୱର୍ଣ୍ଣ ମନ୍ଦିରକୁ ବୋମାରେ ଉଡ଼େଇ ଦେବା ଧମକ ମାମଲାରେ, ପୁଲିସ ଜଣେ ଯୁବକଙ୍କୁ ଫରିଦାବାଦରୁ ହେପାଜତକୁ ନେଇଛି। ପଞ୍ଜାବ ପୁଲିସ ଶୁକ୍ରବାର କହିଛି ଯେ, ସେ ସନ୍ଦିଗ୍ଧ ଶୁଭମ ଦୁବେଙ୍କୁ ଫରିଦାବାଦରୁ ହେପାଜତକୁ ନେଇଛି। ସେ ଜଣେ ସଫ୍ଟୱେୟାର ଇଞ୍ଜିନିୟର। ପୁଲିସ କମିଶନର ଗୁରପ୍ରୀତ ଭୁଲ୍ଲର ମିଡ଼ିଆକୁ କହିଛନ୍ତି ଯେ, ଫରିଦାବାଦରୁ ଅଭିଯୁକ୍ତ ସଫ୍ଟୱେୟାର ଇଞ୍ଜିନିୟରଙ୍କୁ ହେପାଜତକୁ ନିଆଯାଇଛି। ତାଙ୍କର ଲ୍ୟାପଟପ୍-ଫୋନ ଆଦିକୁ ମଧ୍ୟ ଜବତ କରାଯାଇଛି। ହେଲେ , ସେ ଏହାକୁ ଏବେ ଆଂଶିକ ସଫଳତା ଦର୍ଶାଇ, ଯାଞ୍ଚ ଏବେ ଜାରି ରହିଥିବା କହିଛନ୍ତି। ଶୁଭମ ଫରିଦାବାଦର ଜବାହର କଲୋନୀରେ ରୁହନ୍ତି। ଫରିଦାବାଦ ପୁଲିସର ମୁଖପାତ୍ରଙ୍କ ଅନୁସାରେ, ଯୁବକଙ୍କୁ ସନ୍ଦେହ କରାଯାଇ ପଚରାପଚରି କରାଯାଇଛି। ସେ ଗୁରୁଗ୍ରାମ ସ୍ଥିତ ଏକ ଆଇଟି କମ୍ପାନୀରେ ଇଞ୍ଜିନିୟର ଅଛନ୍ତି।

## ରବର୍ଟ ଭଦ୍ରାଙ୍କ ସମ୍ପତ୍ତି ବାଜ୍ୟାପ୍ତି କଲା ଇଡି



ନୂଆଦିଲ୍ଲୀ: ଜମି କାରବାରରେ ହେରଫେର ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ତଥା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ୩୬ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ବାଜ୍ୟାପ୍ତ କରିଛି। ହରିୟାଣାର ଶିକୋହପୁର ଗ୍ରାମରେ ଜମି କାରବାରରେ ମନିଲଣ୍ଡରିଂ ମାମଲାର ତଦନ୍ତ ଚାଲିଥିବାବେଳେ ଇଡି ପକ୍ଷରୁ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମନିଲଣ୍ଡରିଂ ପ୍ରତିକାର ଆଇନରେ ସ୍ଥାନୀୟ ଅଦାଲତରେ ରବର୍ଟଙ୍କ ସମେତ ଅନ୍ୟମାନଙ୍କ ନାଁରେ ଚାର୍ଜସିଟ୍? ଦାଖଲ ହୋଇଛି। ଏପ୍ରିଲରେ ଇଡି ରବର୍ଟଙ୍କୁ ଜେରା କରିଥିଲା। ଏହି ପ୍ରସଙ୍ଗରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ମୋର ଭିଣୋଇଙ୍କୁ ଗତ ୧୦ ବର୍ଷ ଧରି ଏହି ସରକାର ହଇରାଣ କରିଆସୁଛି। ଏହି ସଦ୍ୟତମ ଚାର୍ଜସିଟ ସମାନ ଷଡ଼ଯନ୍ତ୍ରର ଆଉ ଏକ ଅଂଶ। ସେ କହିଛନ୍ତି, ମୁଁ ରବର୍ଟ, ପ୍ରିୟଙ୍କା ଏବଂ ସେମାନଙ୍କ ପିଲାମାନଙ୍କ ସହିତ ଠିଆ ହୋଇଛି। କାରଣ ସେମାନେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ମାନହାନି ଏବଂ ହଇରାଣର ଆଉ ଏକ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି। ମୁଁ ଜାଣେ ଯେ ସେମାନେ ସମସ୍ତେ ଯେକୌଣସି ପ୍ରକାରର ହଇରାଣର ସମ୍ମୁଖୀନ ହେବା ପାଇଁ ସାହସୀ ଏବଂ ସେମାନେ ସମ୍ମାନର ସହିତ ଏହା ଜାରି ରଖିବେ। ଶେଷରେ ସତ୍ୟର ବିଜୟ ହେବ। ଶିଖୋପୁର ଜମି ଚୁକ୍ତି ମାମଲାରେ ରବର୍ଟ ଭାଡ୍ରାଙ୍କ ବିରୋଧରେ ଏହି ଚାର୍ଜସିଟ ଉପସ୍ଥାପନ କରାଯାଇଛି। ଏଥିରେ ୧୧ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ ଦାଖଲ କରାଯାଇଛି। ଏହି ମାମଲା ୨୦୦୮ ମସିହାରେ ଗୁରୁଗ୍ରାମର ଶିଖୋପୁରରେ ଏକ ଜମି ଚୁକ୍ତି ସହିତ ଜଡିତ। ରଉ ଅନୁଯାୟୀ, ଭଦ୍ରା ଏଠାରେ ମାତ୍ର ୭.୫ କୋଟି ଟଙ୍କାରେ ୩.୫୩ ଏକର ଜମି କିଣିଥିଲେ, ଯାହାକୁ କିଛି ସମୟ ପରେ ଭଦ୍ରା ୫୮ କୋଟି ଟଙ୍କାରେ ବିକ୍ରି କରିଥିଲେ। ଇଡି ଅଭିଯୋଗ କରିଛି ଯେ, ଏହି ଡିଲ ଜାଲ ଡକ୍ୟୁମେଣ୍ଟ ଏବଂ ଭଦ୍ରାଙ୍କ ବ୍ୟକ୍ତିଗତ ପ୍ରଭାବ ମାଧ୍ୟମରେ କରାଯାଇଥିଲା, ଯେଉଁଥିରେ ନିୟମ ଉଲ୍ଲଂଘନ କରାଯାଇଥିଲା। ଏହି ମାମଲାରେ, ଇଡି ଭାଡ୍ରା ଏବଂ ତାଙ୍କ କମ୍ପାନୀ ସହ ଜଡିତ ମୋଟ ୪୩ଟି ସମ୍ପତ୍ତିକୁ ଆଟାଚ କରିଛି। ଇଡି ଏହି ମାମଲାରେ ଏକ ଚାର୍ଜସିଟ ଦାଖଲ କରିଛି। ଏହାର ଶୁଣାଣି ଆଜି ହେବାର ଥିଲା। ତଥାପି, ଏହାକୁ ସ୍ଥଗିତ ରଖାଯାଇଛି। ହରିୟାଣାର ଶିକୋହପୁରରେ ଜମି ଡିଲ ସହିତ ଜଡିତ ମନି ଲଣ୍ଡରିଂ ମାମଲାରେ ଇଡି ରବର୍ଟ ଭଦ୍ରା ଏବଂ ଅନ୍ୟମାନଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୪ରେ ହେବ।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅକୁ ବାନ୍ଧିଲା ଇଡି



ନୂଆଦିଲ୍ଲୀ: ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ପୁଅ ଚୈତନ୍ୟ ବାଘେଲଙ୍କୁ ଗିରଫ କରିଛି ଇଡି। ମଦ ଦୁର୍ନୀତି ମାମଲାରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି । ଶୁକ୍ରବାର ସକାଳେ ଭୂପେଶ ବାଘେଲଙ୍କ ଭିଲାଇ ସ୍ଥିତ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢାଉ କରିଥିଲା। ଚଢାଉ ବେଳେ ଇଡି ପୁଅକୁ ଗିରଫ କରାଯିବ ପରେ ବିଜେପିକୁ ଦାୟୀ କରିଛନ୍ତି ଭୂପେଶ। ଏହାସହ ଚଢାଉ ଏବେ ବି ଜାରି ରହିଛି । ସୂଚନାଯୋଗ୍ୟ ଯେ ମନି ଲଣ୍ଡରିଂ ସହ ଜଡିତ ଏକ ମାମଲାରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ ଚୈତନ୍ୟଙ୍କ ଆଜି ହେଉଛି ଜନ୍ମଦିନ। ଶୁକ୍ରବାର ସକାଳ ପ୍ରାୟ ସାଢେ ୬ଟାରେ ବାଘେଲଙ୍କ ଘରେ ଇଡିର ୩ଟି ଦଳ ପହଞ୍ଚିଥିଲେ । ଏହି ସମୟରେ ସିଆରପିଏଫ୍ ସମଗ୍ର ଘରକୁ ଘେରି ରହିଥିଲେ। ମଦ ଦୁର୍ନୀତିରେ ପ୍ରମାଣ ପାଇବା ପରେ ପିଏମଏଲଏ ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତ।

## ରାଜ୍ୟରେ ଚାଉଳ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ୨୦୨୪-୨୫ ଖରିଫ ଧାନର ସମର୍ଥନ ମୂଲ୍ୟ ବୃଦ୍ଧି ପରେ ୧୪୯.୨୫ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି। ଛତିଶଗଡ ଗଠନ ଭିତରେ ଏହା ସବୁଠାରୁ ବଡ ପରିମାଣ ବୋଲି ସେ କହିଛନ୍ତି। ସଂଗ୍ରହ କରାଯାଇଥିବା ଧାନର ତ୍ୱରିତ ମିଲିଂ ମାଧ୍ୟମରେ ଚାଉଳ ଉତ୍ପାଦନ ପାଇଁ ବ୍ୟବସ୍ଥା କରାଯାଇଛି। ପାଖାପାଖି ୭୦ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ସାଏ କହିଥିଲେ। ସେ କହିଥିଲେ ରାଜ୍ୟର କଲ୍ୟାଣକାରୀ ଯୋଜନା ମଧ୍ୟରେ ସାର୍ବଜନୀନ ବିତରଣ ପ୍ରଣାଳି ପାଇଁ ରାଜ୍ୟ ସରକାର ୧୧୮.୧୭ଲକ୍ଷ ମେଟ୍ରିକ୍ ଟନ୍ ଧାନକୁ ମିଲ୍‌କୁ ପଠାଇ ଚାଉଳ ଉତ୍ପାଦନର ଲକ୍ଷ୍ୟ ରଖିଛନ୍ତି। ସେ କହିଥିଲେ ପ୍ରଦେଶର କୃଷକମାନଙ୍କ ଠାରୁ ଧାନ ଖରିଦର ବ୍ୟବସ୍ଥା ପାଇଁ ମୋ ସରକାର ପ୍ରତିବଦ୍ଧ ରହିଛି। ୨୦୨୫ ଜୁନ୍ ୨୪ ସୁଦ୍ଧା ପ୍ରାୟ ଏହି ପରିମାଣର ଧାନ ସଂଗ୍ରହ କରାଯାଇଛି। ଭାରତ ସରକାର ୨୦୨୫ ୧୮ ଜୁଲାଇ ଚାଉଳ ଉତ୍ପାଦନ ଲକ୍ଷ୍ୟ ୭୦ଲକ୍ଷ ମେଟ୍ରିକ୍ ଟନ୍‌ରୁ ବୃଦ୍ଧି କରି ୭୮ଟନ୍ ମେଟ୍ରିକ୍ ଟନରେ ପହଞ୍ଚାଇଛନ୍ତି। ଏହା ରାଜ୍ୟର କୃଷକମାନଙ୍କ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଚାଷୀଙ୍କୁ ଦିଆଯାଉଥିବା ସହାୟକ ମୂଲ୍ୟରେ ରାଜ୍ୟ ସରକାର ରାଜକୋଷରୁ ୧୨୦୦କୋଟି ଟଙ୍କା ଯୋଗଦାନ ଦେଉଛନ୍ତି। ଚାଉଳ ବିକ୍ରି ପରେ ରାଜକୋଷ ଉପରେ ଏକ ସକାରାତ୍ମକ ପ୍ରଭାବ ପଡିବ ବୋଲି ଶ୍ରୀ ସାଏ କହିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତଭାବେ କୃଷକମାନଙ୍କ ହିତ ପାଇଁ ନୀତି ପ୍ରସ୍ତୁତ କରୁଛନ୍ତି।

## ପୁଣି ଆରମ୍ଭ ହେଲା ଅମରନାଥ ଯାତ୍ରା



ଜମ୍ମୁ: ଗୋଟିଏ ଦିନ ପାଇଁ ସ୍ଥଗିତ ରହିବା ପରେ, ଶୁକ୍ରବାର ପହଲଗାମ ଏବଂ ଗନ୍ଦେରବଲ ବାଲଟାଲ ଉଭୟ ରୁଟରେ ଅମରନାଥ ଯାତ୍ରା ପୁଣି ଆରମ୍ଭ ହୋଇଛି। କଡ଼ା ସୁରକ୍ଷା ମଧ୍ୟରେ, ଆଜି ସକାଳେ ୭ ହଜାର ୯୦୮ ଜଣ ତୀର୍ଥଯାତ୍ରୀଙ୍କ ୧୬ତମ ଦଳ ଜମ୍ମୁ ଛାଡିଛି । ଏହି ଦଳ ଉଧମପୁର ଜିଲ୍ଲା ଦେଇ ଯାଇଛି । କର୍ତ୍ତୃପକ୍ଷ ତୀର୍ଥଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କଡ଼ା ସତର୍କତା ଅବଲମ୍ବନ କରି ସୁଗମ ପଥ ସୁନିଶ୍ଚିତ କରିଛନ୍ତି। ୭ ହଜାର ୯୦୮ ତୀର୍ଥଯାତ୍ରୀଙ୍କ ମଧ୍ୟରୁ ୫୦୨୯ ତୀର୍ଥଯାତ୍ରୀ ପହଲଗାମ ଏବଂ ୨ ହଜାର ୮୭୯ ତୀର୍ଥଯାତ୍ରୀ ବାଲଟାଲ ପାଇଁ ୨୬୧ଟି ଯାନର ଏକ କାଫିଲାରେ ବାହାରିଛନ୍ତି, ଯେଉଁଥିରେ ହାଲୁକା ମୋଟର ଯାନ ଏବଂ ଭାରୀ ମୋଟର ଯାନ ଅନ୍ତର୍ଭୁକ୍ତ । ଜମ୍ମୁ ଏବଂ କଶ୍ମୀରରେ ସମୁଦ୍ର ପତ୍ତନଠାରୁ ୩ ହଜାର ୮୮୮ ମିଟର ଉଚ୍ଚତାରେ ଅବସ୍ଥିତ ପବିତ୍ର ଅମରନାଥ ମନ୍ଦିର ପ୍ରତିବର୍ଷ ହଜାର ହଜାର ତୀର୍ଥଯାତ୍ରୀଙ୍କୁ ଆକର୍ଷିତ କରେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ଖ୍ୟାତନାମା ସଂସ୍ଥା ସିଟି ଗ୍ରୁପ୍ ପକ୍ଷରୁ ଆକଳନ କରାଯାଇଛି ଯେ ଆଗାମୀ ଦିନରେ ରୁପା ଦାମ୍‌ରେ ବୃଦ୍ଧି ଘଟିବ ଓ ସୁନା ଶସ୍ତା ହେବ। ଅନ୍ତର୍ଜାତୀୟ ବଜାରରେ ଦର କମ୍ ହେଲେ ଦେଶ ଭିତରେ ତାହା ଶସ୍ତା ହେବ। ଗୁରୁବାର ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ଦାମ୍ ୫୦୦ ଟଙ୍କା ବଢ଼ି ୯୧,୦୫୦ ଟଙ୍କା ହୋଇଛି। ୨୪ କ୍ୟାରେଟ୍ ଦାମ୍ ୯୯,୩୩୦ ଟଙ୍କାକୁ ବୃଦ୍ଧି ପାଇଛି। ରୁପା କେଜି ୧,୨୪,୦୦୦ ଟଙ୍କା ରହିଛି। ସିଟି ଗ୍ରୁପ୍ କହିଛି ଯେ ରୁପାର ଯୋଗାଣ କମ୍ ରହିବା ସହ ନିବେଶ ଚାହିଦା ବଢୁଥିବାରୁ ଏହାର ଆଉନ୍ସ ପିଛା ଦାମ୍ ୪୦ ଡଲାରକୁ ବୃଦ୍ଧି ପାଇବ। ଗତବର୍ଷ ରୁପା ଦାମ୍ ୨୪ ପ୍ରତିଶତ ବଢ଼ିବା ପରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ମହଙ୍ଗା ହୋଇସାରିଲାଣି। ଏହି ମୂଲ୍ୟ ଗତ ୧୩ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଆସନ୍ତା ୬-୧୨ ମାସ ମଧ୍ୟରେ ରୁପା ଦର ୪୩ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ସିଟି ଗ୍ରୁପ୍ ଆକଳନ କରିଛି। ବିଶ୍ୱ ରୁପା ବଜାରର ଆକାର ୩୦୦୦ କୋଟି ଡଲାର ରହିଛି। ଏକ୍ଷେତ୍ରରେ ଯୋଗାଣ କମ୍ ରହୁଥିବାରୁ ଚାହିଦାରେ ସାମାନ୍ୟ ପରିବର୍ତ୍ତନ ହେଲେ ତାହା ଦରକୁ ପ୍ରଭାବିତ କରିଥାଏ। ଲଗାତାର ପଞ୍ଚମ ବର୍ଷ ପାଇଁ ରୁପାର ଚାହିଦା ଯୋଗଣଠାରୁ ଅଧିକ ରହିବ ବୋଲି ଆକଳନ କରାଯାଇଛି।

## 'ଟାଟା ପାୱାର'ର ନୂତନ ଟ୍ରାନ୍ସଫର୍ମର ସ୍ଥାପନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଗତ ପାଂଚ ବର୍ଷ ଧରି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ରାଜ୍ୟର ବିଦ୍ୟୁତ୍ ବଂଟନ କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରଣ କରାଯାଇ ଶକ୍ତି ଭରସାଯୋଗ୍ୟତା, ସମସ୍ତଙ୍କ ପାଖରେ ବିଦ୍ୟୁତ୍ ପହଂଚାଇବା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭିତିଭୂମି ପାଇଁ ଦୃଢ଼ ମୂଳଦୁଆ ସ୍ଥାପନ କରାଯାଇଛି। ଏହି କ୍ରମରେ ଚାରିଟି ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ପ୍ରାୟ ୪୦୦୦୦ରୁ ଅଧିକ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଏହି ବ୍ୟାପକ ଧରଣର କ୍ଷମତା ବୃଦ୍ଧି ଭୋଲଟେଜ୍‌ରେ ସ୍ଥିରତା ଆଣିବା, ବୈଷୟିକ କ୍ଷତିରେ ହ୍ରାସ ଏବଂ ଉଭୟ ଗ୍ରାମୀଣ ଓ ସହରାଂଚଳରେ ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକ ମାନରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ପିକ୍ ସମୟରେ ଉନ୍ନତ ଲୋଡ୍ ପରିଚାଳନା, ସ୍ଥାନୀୟ ଓଭରଲୋଡିଂକୁ ରୋକିବା ଏବଂ ନୂତନ ଭାବେ ବିଦ୍ୟୁତ ସଂଯୋଗ ପ୍ରଦାନ କରାଯାଉଥିବା ଏବଂ ଉଚ୍ଚ ଅଭିବୃଦ୍ଧି ଅଂଚଳରେ ଭରସାଯୋଗ୍ୟ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିଛି। ଉନ୍ନତ ନେଟ୍‌ୱର୍କ ଦକ୍ଷତା ଏବେ କୃଷି, ଏମ୍‌ଏସ୍‌ଏମ୍‌ଇ ଓ ଘରୋଇ ଗ୍ରାହକଙ୍କ କ୍ଷେତ୍ରରେ ବର୍ଦ୍ଧିତ ବିଦ୍ୟୁତ ଚାହିଦାକୁ ପୂରଣ କରିବାରେ ଉତ୍ତମ ସ୍ଥିତିରେ ରହିଛି ଏବଂ ଭବିଷ୍ୟତରେ ଅକ୍ଷୟ ଶକ୍ତି ଓ ଇଲେକ୍ଟ୍ରିକ୍ ଯାନ ଭିତିଭୂମିର ସମନ୍ୱୟ ପାଇଁ ତାହା ମୂଳଦୁଆ ସ୍ଥାପନ କରିଛି। ଭିତିଭୂମି ସମ୍ପ୍ରସାରଣ ସହିତ ଏହି ଡିସ୍‌କମ୍‌ଗୁଡ଼ିକ ପରିଚାଳନା ପ୍ରଦର୍ଶନରେ ଉଲ୍ଲେଖନୀୟ ଲାଭ ପ୍ରଦାନ କରିଛି। ଏଟିଆଣ୍ଡସି କ୍ଷତି ହାରାହାରି ୧୧ ପ୍ରତିଶତ ହ୍ରାସ ଘଟିଛି ଏବଂ ୧୦ ଲକ୍ଷରୁ ଅଧିକ ନୂଆ ସଂଯୋଗ ପ୍ରଦାନ କରାଯାଇଛି ଯାହା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ଉପଲବ୍ଧ କରିବାରେ ସହାୟକ ହୋଇଛି। ଏହି ବ୍ୟାପକ ଦକ୍ଷତା ଉନ୍ନତି ସହିତ ଡିଜିଟାଇଜେସନ, ସୁଦୃଢ଼ ରକ୍ଷଣାବେକ୍ଷଣ ଏବଂ ଗ୍ରାହକ ପ୍ରଥମ ଆଭିମୁଖ୍ୟ ଓଡ଼ିଶାକୁ ଏକ ଅଗ୍ରଣୀ ବିଦ୍ୟୁତ ବଂଟନ ସଂସ୍କାରର ଉଦାହରଣରେ ପରିଣତ କରିଛି। ବିଦ୍ୟୁତ ବଂଟନ ୟୁଟିଲିଟିର ୧୩ତମ ସମନ୍ୱିତ ରେଟିଂ (୨୦୨୩-୨୪ ଆର୍ଥିକ ବର୍ଷ)ରେ ତିନିଟି ଓଡ଼ିଶା ଡିସକମ୍‌କୁ ଏ+ ରେଟିଂ ସହିତ ଏହି ପ୍ରଗତି ଜାତୀୟ ମାନ୍ୟତା ହାସଲ କରିଛି। ଏକ ସ୍ଥାୟୀ, ପ୍ରତିକ୍ରିୟାଶୀଳ ଓ ଭବିଷ୍ୟତ ଲାଗି ପ୍ରସ୍ତୁତ ବିଦ୍ୟୁତ ବଂଟନ ନେଟ୍‌ୱର୍କ ଗଠନ କରିବା ଲାଗି ଏହି ଡିସ୍‌କମ୍‌ଗୁଡ଼ିକ ପ୍ରତିବଦ୍ଧ ରହିଛନ୍ତି ଯାହା ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି ସହିତ ଶକ୍ତି ସୁରକ୍ଷା ପାଇଁ ରାଜ୍ୟର ଅଭିଳାଷକୁ ସମର୍ଥନ କରୁଛି।

### ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ପ୍ରଥମ ତ୍ରୈମାସିକ ଲାଭରେ ବୃଦ୍ଧି

ନୂଆଦିଲ୍ଲୀ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ଆୟ ପୂର୍ବ ବର୍ଷ ସମାନ ତ୍ରୈମାସିକ ତୁଳନାରେ ୬ ପ୍ରତିଶତ ବୃଦ୍ଧି ସହିତ ୨୭୩,୨୫୨ କୋଟି ଟଙ୍କା ହୋଇଛି। ଜିଓ, ରିଟେଲ ଏବଂ ତୈଳ ରୁ ରସାୟନ କ୍ଷେତ୍ରରେ ଲାଭରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ। ଅନ୍ୟାନ୍ୟ ଆୟ ମଧ୍ୟରେ ଏସିଆନ ପେଣ୍ଟସରେ ନିବେଶର ବିକ୍ରିରୁ ୮୯୨୪ କୋଟି ଟଙ୍କା ହାସଲ ହୋଇଛି । ଜିଓ ପ୍ଲାଟଫର୍ମସ ଲିମିଟେଡ଼ର ପ୍ରଥମ ତ୍ରୈମାସିକ ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ୨୫ ପ୍ରତିଶତ ବୃଦ୍ଧି ପାଇ ୭୧୧୦ କୋଟି ଟଙ୍କା ହୋଇଛି । ଜିଓ ପ୍ଲାଟଫର୍ମସର ତ୍ରୈମାସିକ ରାଜସ୍ୱ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୮.୮ ପ୍ରତିଶତ ବୃଦ୍ଧି ପାଇ ୪୧୦୫୪ କୋଟି ଟଙ୍କା ହୋଇଛି । ଏହି ତ୍ରୈମାସିକରେ ୯୯ ଲକ୍ଷ ଗ୍ରାହକ ଯୋଡିବା ସହିତ ଜିଓ ଉପଭୋକ୍ତାଙ୍କ ମୋଟ ସଂଖ୍ୟା ୪୯.୮୧ କୋଟିରେ ପହଞ୍ଚିଛି। ଜିଓ ୨୦ କୋଟି ୫ଜି ଉପଭୋକ୍ତା ମାଇଲଖୁଣ୍ଟ ହାସଲ କରିବା ସହିତ ଜିଓ ଟ୍ରୁ ୫ଜି ଗ୍ରାହକ ସଂଖ୍ୟା ୨୧.୨ କୋଟିରେ ପହଞ୍ଚିଛି। ଜିଓ ୨ କୋଟିରୁ ଅଧିକ ହୋମ ବ୍ରଡ଼ବ୍ୟାଣ୍ଡ ସଂଯୋଗ ହାସଲ କରିଛି। ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ଼ର ରାଜସ୍ୱ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୧.୩ ପ୍ରତିଶତ ବୃଦ୍ଧି ପାଇ ୮୪୧୭୧ କୋଟି ଟଙ୍କା ହୋଇଛି। ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୩୮୮ ନୂଆ ଷ୍ଟୋର ଖୋଲିବା ସହିତ ଏହାର ମୋଟ ଷ୍ଟୋର ସଂଖ୍ୟା ୧୯୫୯୨ ରେ ପହଞ୍ଚିଛି। ୩୫.୮ କୋଟି ଗ୍ରାହକଙ୍କ ସହିତ ରିଲାଏନ୍ସ ରିଟେଲ ଭାରତର ସର୍ବାଧିକ ପସନ୍ଦିତ ରିଟେଲର ହୋଇଛି।

## ବନ୍ଧନ ବ୍ୟାଙ୍କର ମୋଟ ବ୍ୟବସାୟ ୧୧% ବୃଦ୍ଧି

କୋଲକାତା: ବନ୍ଧନ ବ୍ୟାଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ବ୍ୟାଙ୍କର ମୋଟ ବ୍ୟବସାୟ ଏହି ସମୟରେ ୧୧ ପ୍ରତିଶତ ବୃଦ୍ଧି ପାଇ ୨.୮୮ ଲକ୍ଷ କୋଟି ଟଙ୍କା ହୋଇଛି। ମୋଟ ଜମାରେ ବ୍ୟାଙ୍କର ରିଟେଲ୍ ଭାଗ ଏବେ ପ୍ରାୟ ୬୮ ପ୍ରତିଶତ ରହିଛି। ବିତରଣରେ ସମ୍ପ୍ରସାରଣ, ବ୍ୟବସାୟରେ ଦକ୍ଷତା ଓ ଅନୁକୂଳ ପରିଚାଳନା ପରିବେଶକୁ ନେଇ ଏହି ତ୍ରୈମାସିକରେ ବ୍ୟାଙ୍କ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୨୫-୨୬ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକରେ ବ୍ୟାଙ୍କର ନିଟ୍ ଲାଭ ୩୭୨ କୋଟି ଟଙ୍କା ରହିଛି। ଭାରତର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୩୫ଟିରେ ବ୍ୟାଙ୍କ ୬୩୫୦ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଜରିଆରେ ଏହାର ୩.୧୪ଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଛି। ବନ୍ଧନ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମୋଟ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୭୨,୦୦୦ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୧୬% ବୃଦ୍ଧି ପାଇଛି ଏବଂ ମୋଟ ଜମା ଏବେ ୧.୫୫ ଲକ୍ଷ କୋଟି ଟଙ୍କା ରହିଛି। ମୋଟ ଅଗ୍ରୀମ ପରିମାଣ ୧.୩୪ ଲକ୍ଷ କୋଟି ଟଙ୍କା ହୋଇଛି। (କରେଂଟ୍) ଚଳନ୍ତି ଓ ସଂଚୟ ଖାତା ପୁସ୍ତିକା (କାସା) ମୋଟ ଜମାର ୨୭.୧% ରହିଛି। ବ୍ୟାଙ୍କ ସ୍ଥିରତାର ସଙ୍କେତ ଭାବେ ବିଚାର କରାଯାଉଥିବା ପ୍ରି ସ୍ୱଚ୍ଛତା ଅନୁପାତ (ସିଏଆର୍) ସୁଦୃଢ଼ ୧୯.୪% ରହିଛି ଯାହା ନିୟାମକ ଆବଶ୍ୟକତା ତୁଳନାରେ ଅଧିକ ରହିଛି। ଫଳାଫଳ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ପାର୍ଥ ପ୍ରତୀମ ସେନଗୁପ୍ତା କହିଛନ୍ତି ଯେ, 'ଜମାରେ ଦୃତ ଅଭିବୃଦ୍ଧି ଏବଂ ଖୁଚୁରା ଓ ପାଇକାରୀ ବ୍ୟାଙ୍କିଂରେ ଜାରି ରହିଥିବା ଧାରାକୁ ନେଇ ବନ୍ଧନ ବ୍ୟାଙ୍କ ୨୦୨୫-୨୬ ଆର୍ଥିକ ବର୍ଷରେ ଅନୁକ୍ରମିକ ଭାବରେ ଉନ୍ନତ ପ୍ରଦର୍ଶନ କରିଛି। ଏହି ପରିଚାରଳନା ପରିବେଶ କେତେକ ଆହ୍ୱାନ ସୃଷ୍ଟି କରିଥିବା ବେଳେ ଆମ ପ୍ରଦର୍ଶନ ଆମ ବ୍ୟବସାୟର ସ୍ଥାୟିତ୍ୱକୁ ପ୍ରତିଫଳିତ କରୁଥିବା ବେଳେ ଆମ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୁଦୃଢ଼ କରୁଛି। ପ୍ରଭାବୀ ରିସ୍କ ପରିଚାଳନା, ପରିଚାଳନା ଦକ୍ଷତା ଏବଂ ଆମ ଗ୍ରାହକ ଓ ଅଂଶୀଦାରମାନଙ୍କୁ ଦୀର୍ଘସ୍ଥାୟୀ ମୂଲ୍ୟ ପ୍ରଦାନ କରିବା ଉପରେ ଆମେ ଗୁରୁତ୍ୱ ଜାରି ରଖିଛୁ।'

## ଫିନୋ ପ୍ରଚଳନ କଲା 'ଗତି' ଆକାଉଣ୍ଟ

ନୂଆଦିଲ୍ଲୀ: ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସହଜ, ସରଳ ଏବଂ ସୁବିଧାଜନକ କରିଥିବା ଫିନୋ ପେମେଣ୍ଟସ ବ୍ୟାଙ୍କ ସମ୍ପ୍ରତି ଏକ ନୂଆ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପରେ ଗ୍ରାହକମାନଙ୍କର ବ୍ୟାଙ୍କିଙ୍ଗ କାରବାରକୁ ତତ୍‌କ୍ଷଣାତ କାରବାର ନିମନ୍ତେ ସମର୍ଥ କରାଇବା ଉପରେ ଦୃଷ୍ଟିନିବଦ୍ଧ କରୁଛି। ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଫିନୋ ପେମେଣ୍ଟସ ବ୍ୟାଙ୍କ ଏହାର ନୂଆ ସଞ୍ଚୟ ଆକାଉଣ୍ଟ 'ଗତି' ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଯାହାର ଅର୍ଥ ଅନେକ ଭାରତୀୟ ଭାଷାରେ ହେଉଛି 'ସ୍ପିଡ ଅଥବା ତ୍ୱରିତ'। ଏହି ଉତ୍ପାଦ ଏକ ସୁଲଭ ଢଙ୍ଗରେ ବ୍ୟାଙ୍କିଙ୍ଗ ସେବା ନିମନ୍ତେ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରିବାକୁ ଆକାଂକ୍ଷା ରଖୁଥିବା ଗ୍ରାହକମାନଙ୍କର ଆବଶ୍ୟକତା ପୂରଣ କରିବାକୁ ଡିଜାଇନ କରାଯାଇଛି। ଭାରତରେ ଡିଜିଟାଇଜେସନ ଦ୍ରୁତ ଗତିରେ ପ୍ରସାର ଲାଭ କରୁଥିବାବେଳେ ଏହି ବିଭାଗର ଗ୍ରାହକମାନେ ୟୁପିଆଇର ବର୍ଦ୍ଧିତ ଗ୍ରହଣୀୟତା ସହିତ ଫିଜିଟାଲରୁ ଡିଜିଟାଲକୁ ସ୍ଥାନାନ୍ତରିତ ହେବା ନିମନ୍ତେ ପ୍ରସ୍ତୁତ ରହିଛନ୍ତି। ଦର୍ପଣ ଆନନ୍ଦ, ନ୍ୟାସନାଲ ହେଡ (ଚାନେଲସ), ଫିନୋ ପେମେଣ୍ଟସ ବ୍ୟାଙ୍କ କହିଥିଲେ, 'ଗ୍ରାମାଞ୍ଚଳ ଗ୍ରାହକମାନଙ୍କ ମଧ୍ୟରେ ବୟସ ନିର୍ବିଶେଷରେ, ଏପରିକି ବରିଷ୍ଠ ନାଗରିକଙ୍କ ମଧ୍ୟରେ ସ୍ମାର୍ଟଫୋନ ବ୍ୟବହାର ବୃଦ୍ଧିପାଉଛି। ତେଣୁ ଏହି ବର୍ଗର ଗ୍ରାହକମାନଙ୍କ ନିମନ୍ତେ ଡିଜିଟାଲ ବ୍ୟାଙ୍କିଙ୍ଗ ନିକଟତର କରାଇବାକୁ ଆମର ରଣକୌଶଳାତ୍ମକ ଉଦ୍ଦେଶ୍ୟ ମୁତାବକ ଗତି ସଞ୍ଚୟ ଆକାଉଣ୍ଟ ପ୍ରଚଳନ କରାଯାଇଛି। ଗତି ସହିତ ଫିନୋ ବ୍ୟାଙ୍କ ଗ୍ରାହକମାନଙ୍କୁ ବିଶେଷକରି ୟୁପିଆଇ ବ୍ୟବହାର କରି ବ୍ୟାଙ୍କିଙ୍ଗ କାର୍ଯ୍ୟକଳାପ ବାରମ୍ବାର ପରିଚାଳନା କରିବାର ସାମର୍ଥ୍ୟ ଯୋଗାଇଦେବା ଲକ୍ଷ୍ୟ ରଖିଛି। ଗ୍ରାମାଞ୍ଚଳରେ ଡିଜିଟାଲ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଆପଣେଇବା ଏବଂ ତାହାର ବ୍ୟବହାର ଲକ୍ଷ୍ୟରେ ଫିନୋ ପକ୍ଷରୁ ପ୍ରଚଳନ କରାଯାଇଥିବା ଏକାଧିକ ନବୋନ୍ମେଷୀ ଏବଂ ସୁଲଭ ଉତ୍ପାଦଗୁଡ଼ିକ ସହିତ ଗତି ସାମିଲ ହୋଇଛି। ଫିନୋପେଆପ ସହିତ ଗ୍ରାହକମାନେ ବୀମା, ଡିଜିଟାଲ ସ୍ୱର୍ଣ୍ଣ କ୍ରୟ କରିପାରିବେ ଏବଂ ରେଫରାଲ ଋଣ ନିମନ୍ତେ ଯେକୌଣସି ସମୟରେ ଏବଂ ଯେକୌଣସି ସ୍ଥାନରୁ ସେମାନଙ୍କର ସ୍ମାର୍ଟଫୋନ ଜରିଆରେ ଆବେଦନ କରିପାରିବେ।

## ଟାଟା ହିଟାଚି ପକ୍ଷରୁ ସିନରାଇ ପ୍ରାଇମ ସିଇଭି ୫ର ଶୁଭାରମ୍ଭ



ମୁମ୍ବାଇ : ଭାରତୀୟ ନିର୍ମାଣ ଉପକରଣ ଶିଳ୍ପ କ୍ଷେତ୍ରରେ ଏକ ଲିଡର ଟାଟା ହିଟାଚି ପକ୍ଷରୁ ଏକ ନେକ୍ସଟ-ଜେନେରେଶନ ବ୍ୟାକ୍‌ହୋ ଲୋଡର ସିନରାଇ ପ୍ରାଇମ ସିଇଭି ୫ର ଶୁଭାରମ୍ଭ ଘୋଷଣା କରାଯାଇଛି । ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ନିକଟସ୍ଥ ପ୍ରଶାନ୍ତି ବିହାରରେ ଗ୍ରାହକ, ଟାଟା ହିଟାଚି ଓ ତ୍ରିଶୂଳ ଟ୍ରେଡ ପ୍ରାଇଭେଟ ଲିମିଟେଡ (ଅଥୋରାଇଜ୍‌ଡ ଡିଲର ପାର୍ଟନରଙ୍କ)ର ବରିଷ୍ଠ ପରିଚାଳନା ଅଧିକାରୀଙ୍କ ଉପସ୍ଥିତିରେ ଏହି ଶୁଭାରମ୍ଭ କରାଯାଇଥିଲା। ସିନ୍‌ରାଇ ପ୍ରାଇମ କମ୍ ଆରପିଏମରେ ଚମତ୍କାର ଇନ୍ଧନ ଦକ୍ଷତା ଓ ଉଚ୍ଚ ଟର୍କ ପ୍ରଦାନ କରିଥାଏ ଏବଂ ନିର୍ଗମନ ହ୍ରାସ କରିଥାଏ କାରଣ ଏହା ନୂଆ ସିଇଭି ୫ ନିୟମଗୁଡ଼ିକୁ ଅନୁପାଳନ କରୁଛି। ହାଇ-ଗ୍ରେଡ ଷ୍ଟିଲ ଓ ରୋବୋଟିକ ୱେଲ୍ଡିଙ୍ଗ ସହ ନିର୍ମିତ ଏହାର ଢାଂଚାକୁ ସ୍ଥାୟିତ୍ୱ ଓ ଜଟିଳ କାର୍ଯ୍ୟ ସ୍ଥିତି ପାଇଁ ନିର୍ମାଣ କରାଯାଇଛି। ସିନରାଇ ପ୍ରାଇମ ସିଇଭି ୫ରେ ନିର୍ଭରଯୋଗ୍ୟ ଓ ଶକ୍ତିଶାଳୀ ଜାପାନିଜ ଇଂଜିନ, ଉନ୍ନତ ହାଇଡ୍ରୋଲିକ ସିଷ୍ଟମ, ଶ୍ରେଣୀର ଦୀର୍ଘତମ ୨.୪୭ଏମ ବ୍ୟାକ୍‌ହୋ ବୁମ, ଇନ୍‌ସାଇଟ ଟେଲିମାଟିକ୍ସ, ଆର୍‌ଓପିଏସ / ଏଫ୍‌ଓପିଏସ କ୍ୟାବିନ ଭଳି ଅପରେଟରଙ୍କ ପାଇଁ ଅତିରିକ୍ତ ସୁରକ୍ଷା ଫିଚର ଆଦି ରହିଛି। ନିର୍ମାଣ ଓ କୃଷି କ୍ଷେତ୍ରଠାରୁ ଆରମ୍ଭ କରି ଟ୍ରେଂଚିଙ୍ଗ ପର୍ଯ୍ୟନ୍ତ ଏକାଧିକ ପ୍ରୟୋଗ ପାଇଁ ଡିଜାଇନ କରାଯାଇଥିବା ସିନରାଇ ପ୍ରାଇମ ସିଇଭି ୫ ଦୀର୍ଘ ରକ୍ଷଣାବେକ୍ଷଣ ବିରତି, କମ ପରିଚାଳନା ଖର୍ଚ୍ଚ ସହ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ସିନାରାଇ ପ୍ରାଇମ ସିଇଭି ୫ର ଶୁଭାରମ୍ଭ ଅବସରରେ ଟାଟା ହିଟାଚିର ମାର୍କେଟିଂ ବିଭାଗର ଜେନେରାଲ ମ୍ୟାନେଜର ସିଦ୍ଧାର୍ଥ ଚତୁର୍ବେଦୀ କହିଛନ୍ତି, 'ଏହି ନୂତନ ଉତ୍ପାଦର ଶୁଭାରମ୍ଭ ସହିତ ଆମେ ଏଭଳି ଏକ ଉତ୍ପାଦ ପ୍ରଦାନ କରି ଗର୍ବିତ ଯାହା କାର୍ଯ୍ୟଦକ୍ଷତା, ନିର୍ଭରଯୋଗ୍ୟତା ଓ ସ୍ଥାୟିତ୍ୱକୁ ମିଶ୍ରଣ କରୁଛି। ଏହାକୁ ବିଶେଷ କରି ଭାରତୀୟ ଗ୍ରାହକଙ୍କ ବିକଶିତ ଆବଶ୍ୟକତା ପାଇଁ ନିର୍ମାଣ କରାଯାଇଛି। ଏହି ପରବର୍ତ୍ତୀ ପିଢ଼ିର ବ୍ୟାକ୍‌ହୋ ଲୋଡର ଉଦ୍ଭାବନ ଓ ଗ୍ରାହକ-କେନ୍ଦ୍ରିତ ଡିଜାଇନ ପ୍ରତି ଟାଟା ହିଟାଚିର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି, ଉନ୍ନତ ଉତ୍ପାଦକତା, କମ ପରିଚାଳନା ଖର୍ଚ୍ଚ ଓ ଆଡଭାନ୍ସଡ ଟେଲିମାଟିକ୍ସ ସହ ସ୍ମାର୍ଟ ମେଶିନ ପରିଚାଳନା ପ୍ରଦାନ କରୁଛି। ସିନାରାଇ ପ୍ରାଇମ କେବଳ ଏକ ଉତ୍ପାଦ ନୁହେଁ ବରଂ ବିଶ୍ୱାସ ଓ ମୂଲ୍ୟବୋଧର ଏକ ପ୍ରତିଶ୍ରୁତି ଅଟେ।'



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି ବିବେଚନା କରାଯାଉଥିବା ବୈଭବ ସୂର୍ଯ୍ୟବଂଶୀ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଅଛନ୍ତି। ଏବେ ଇଂଲଣ୍ଡରେ ଭାରତୀୟ ୧୯ ବର୍ଷରୁ କମ ଏବଂ ଇଂଲଣ୍ଡ ୧୯ ବର୍ଷରୁ କମ ଦଳ ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଯୁବ ଟେଷ୍ଟ ସିରିଜ ଖେଳାଯାଉଛି। ସିରିଜର ପ୍ରଥମ ଟେଷ୍ଟ ମ୍ୟାଚ ଡ୍ର ଥିଲା। ଏହି ମ୍ୟାଚରେ ବୈଭବ ପ୍ରଥମ ଇନିଂସରେ ୧୪ ରନ ଏବଂ ଦ୍ୱିତୀୟ ଇନିଂସରେ ୫୬ ରନ କରିଥିଲେ। ଦ୍ୱିତୀୟ ଯୁବ ଟେଷ୍ଟ ଏବେ ୨୦ ଜୁଲାଇରୁ ଆରମ୍ଭ ହେବ। ଏହି ସମୟରେ, ବୈଭବ ତାଙ୍କ ପ୍ରଶିକ୍ଷକଙ୍କ ଉପରେ ବହୁତ ଭଲପାଇବା ଦେଇଛନ୍ତି। ବୈଭବ ସୂର୍ଯ୍ୟବଂଶୀ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ପ୍ରଶିକ୍ଷକ ରବିନ ସିଂହଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବୈଭବ ଇନଷ୍ଟା ଷ୍ଟୋରୀରେ ରବିନ ସିଂହଙ୍କ ଏକ ଫଟୋ ଶେୟାର କରିଛନ୍ତି। ଏହା ସହିତ ସେ ଲେଖିଛନ୍ତି, ଜନ୍ମଦିନର ଶୁଭେଚ୍ଛା ରବିନ ସିଂହ ସାର। ବୈଭବଙ୍କ ଏହି ପୋଷ୍ଟ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେଉଛି। ଆଇପିଏଲ୍ ୨୦୨୫ ପୂର୍ବରୁ ଅନୁଷ୍ଠିତ ନିଲାମରେ ରାଜସ୍ଥାନ ରୟାଲ୍ସ ବୈଭବଙ୍କୁ ୧.୧ କୋଟି ଟଙ୍କାରେ କିଣିଥିଲା। ଆଇପିଏଲର ୧୮ତମ ସିଜିନରେ ବୈଭବ ଚମତ୍କାର ବ୍ୟାଟିଂ କରିଥିଲେ। ଏହି ୧୪ ବର୍ଷୀୟ ଓପନିଂ ବ୍ୟାଟସମ୍ୟାନ ୭ଟି ମ୍ୟାଚରେ ୩୬ ହାରରେ ଏବଂ ୨୦୬ ଷ୍ଟ୍ରାଇକ ରେଟରେ ୨୫୨ ରନ କରିଥିଲେ। ଏହି ସମୟରେ ସେ ଏକ ଦମଦାର ଶତକ ମଧ୍ୟ ମାରିଥିଲେ।



### ରେକର୍ଡ କଲା ବିସିସିଆଇ

# ବର୍ଷରେ ଆୟ ୯୭୪୨ କୋଟି ଟଙ୍କା





ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ)କୁ ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ବୋର୍ଡ ଭାବେ ପରିଗଣିତ। ଏହି ସଫଳତା ପଛରେ ଆଇପିଏଲ୍‌ର ବହୁତ ବଡ଼ ଯୋଗଦାନ ରହିଛି । ନିକଟରେ ବିସିସିଆଇର ଆର୍ଥିକ ବର୍ଷ ୨୦୨୩-୨୪କୁ ନେଇ ଏକ ବଡ଼ ରିପୋର୍ଟ ସାମନାକୁ ଆସିଛି। ରିପୋର୍ଟ ଅନୁସାରେ ବୋର୍ଡ ୨୦୨୩-୨୪ ଆର୍ଥିକ ବର୍ଷରେ ଯାହା ଆୟ କରିଛି, ସେଥିରୁ ୫୯ ପ୍ରତିଶତ ଆଇପିଏଲ୍‌ରୁ ମିଳିଛି। ସେତେବେଳେ ବିସିସିଆଇ ସଚିବ ଜୟ ଶାହ ଥିଲେ । ବୋର୍ଡର ସଚିବ ଦାୟିତ୍ୱ ତୁଲାଇବା ପରେ ବୋର୍ଡକୁ ମାଲାମାଲ୍ କରି ଦେଇଥିଲେ। ଦ ହିନ୍ଦୁ ବିଜନେସ୍ ଲାଇନ୍‌ର ରିପୋର୍ଟ ଅନୁସାରେ ବିସିସିଆଇ ଆର୍ଥିକ ବର୍ଷ ୨୦୨୩-୨୪ରେ ୯୪୪୧.୭ କୋଟି ଟଙ୍କା ଆୟ କରିଥିଲା। ଏଥିରୁ କେବଳ ଆଇପିଏଲ୍‌ରୁ ୫୭୬୧ କୋଟି ଟଙ୍କା ଆୟ କରିଥିଲା। ଏହାର ଅର୍ଥ ଆୟରେ ଆଇପିଏଲ୍ ୫୯ ପ୍ରତିଶତ ଯୋଗଦାନ ଦେଇଛି। ରିପୋର୍ଟ ଅନୁସାରେ ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟ ବ୍ରଡକାଷ୍ଟିଂ ଅଧିକାର ସହ ଅଣ-ମିଡିଆ ଅଧିକାର ବିକ୍ରିରୁ ବିସିସିଆଇ ୩୬୧ କୋଟି ଟଙ୍କା ଆୟ କରିଥିଲା। ଏହା ବ୍ୟତୀତ ଆଲୋଚ୍ୟ ଆର୍ଥିକ ବର୍ଷରେ ବିସିସିଆଇ ରଣ ଉପରେ ସୁଧ ବାବଦକୁ ୯୮୭ କୋଟି ଟଙ୍କା ଆୟ କରିଥିଲା। ଏହି ଅବଧିରେ ଆଇସିସି ଡିଷ୍ଟ୍ରିବ୍ୟୁସନରୁ ୧୦୪୨ କୋଟି ଟଙ୍କା ପାଇଥିଲା। ଆଇପିଏଲ୍‌କୁ ଛାଡ଼ିଲେ ବିସିସିଆଇ ନିଜ ରେଭେନ୍ୟୁ ବଢାଇବା ପାଇଁ ରଣଜୀ ଟ୍ରଫି, ଦଲୀପ ଟ୍ରଫି, ସିକେ ନାଇଡୁ ଟ୍ରଫି ପରି ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥାଏ। ଏହିସବୁ ଘରୋଇ ଟୁର୍ଣ୍ଣାମେଣ୍ଟରୁ ବୋର୍ଡକୁ ଲାଭ ହୋଇଥାଏ। ଏହାର ଅନୁମାନ ଏଥିରୁ କରାଯାଇପାରିବ ଯେ, ବୋର୍ଡ ପାଖରେ ପ୍ରାୟ ୩୦ ହଜାର କୋଟି ଟଙ୍କାର ରିଜର୍ଭ ଅଛି। ବିସିସିଆଇ ଆଇପିଏଲ୍‌ର ସଫଳତା ପରେ ମହିଳା ପ୍ରିମିୟର ଲିଗ୍ ଆରମ୍ଭ କରିଥିଲା । ଏଥିରୁ ୨୦୨୩-୨୪ ସିଜନରେ ବୋର୍ଡ ୩୭୮ କୋଟି ଟଙ୍କା ମିଳିଛି । ପୁରୁଷ କ୍ରିକେଟ୍ ଟିମରୁ ବୋର୍ଡ ୨୦୨୩-୨୪ ଆର୍ଥିକ ବର୍ଷରେ ୩୬୧ କୋଟି ଟଙ୍କା ଆୟ କରିଥିଲା। ଏହାଛଡ଼ା ଅନ୍ୟାନ୍ୟ ମାର୍ଗରୁ ବିସିସିଆଇ ୪୦୦ କୋଟି ଟଙ୍କା ଆୟ କରିଥିଲା।

### ୨୧ତମ ବିଶ୍ୱ ପୋଲିସ୍ ଏବଂ ଫାୟାର ଗେମ୍ସ-୨୦୨୫

# ଭାରତୀୟ ଦଳକୁ ସମ୍ମାନିତ କଲେ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ନୂଆଦିଲ୍ଲୀଠାରେ ଆମେରିକାର ଆଲାବାମା ଅନ୍ତର୍ଗତ ବର୍ମିଂହାମଠାରେ ଆୟୋଜିତ ୨୧ତମ ବିଶ୍ୱ ପୋଲିସ୍ ଏବଂ ଫାୟାର ଗେମ୍ସ-୨୦୨୫ରେ ଅଂଶଗ୍ରହଣ କରି ଫେରିଥିବା ଭାରତୀୟ ପୁଲିସ ଏବଂ ଅଗ୍ନିଶମ ବାହିନୀ ଦଳର ସମ୍ମାନିତ ସମାରୋହକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା) ଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ୨୧ତମ ବିଶ୍ୱ ପୋଲିସ୍ ଏବଂ ଫାୟାର ଗେମ୍ସରେ ଭାରତୀୟ ଦଳ ୬୧୩ ପଦକ ଜିତିଥିବାରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ ଏବଂ ଭାରତୀୟ ପୋଲିସ ଏବଂ ଅଗ୍ନିଶମ ସେବା ଦଳକୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ତଥା ଦେଶକୁ ଗର୍ବିତ କରିଥିବାରୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ପରବର୍ତ୍ତୀ ବିଶ୍ୱ ପୋଲିସ୍ ଏବଂ ଫାୟାର ଗେମ୍ସ ଭାରତରେ ଅନୁଷ୍ଠିତ ହେବ। ଶ୍ରୀ ଶାହ କହିଥିଲେ ଯେ ଆମର ଲକ୍ଷ୍ୟ ଏହା ସୁନିଶ୍ଚିତ କରିବା ଉଚିତ ଯେ ଅଖିଳ ଭାରତୀୟ ପୋଲିସ୍ କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡ ଅଧୀନରେ ଥିବା ପ୍ରତ୍ୟେକ ପୋଲିସ୍ ବଳରୁ ଅତି କମରେ ଜଣେ ଆଥଲେଟ୍ ପରବର୍ତ୍ତୀ ବିଶ୍ୱ ପୋଲିସ୍ ଏବଂ ଫାୟାର ଗେମ୍ସରେ ଅଂଶଗ୍ରହଣ କରିବେ। ଅମିତ ଶାହ କହିଥିଲେ ଯେ ଆଜି ଭାରତୀୟ ଦଳକୁ ୪,୩୮,୮୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସେ ଉଲ୍ଲେଖ କରିଥିଲେ ଯେ



ପୂର୍ବରୁ ଦେଶରେ ପୋଲିସ୍ ଏବଂ ଫାୟାର ଗେମ୍ସକୁ ବିଶେଷ ଗୁରୁତ୍ୱ ଦିଆଯାଉନଥିଲା। ତେବେ ଅଂଶଗ୍ରହଣ ଦୃଷ୍ଟିରୁ ଅଲିମ୍ପିକ୍ସ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରେ ଏହା ହେଉଛି ବିଶ୍ୱର ସର୍ବବୃହତ କ୍ରୀଡ଼ା ପ୍ରତିଯୋଗିତା। ଶ୍ରୀ ଶାହ କହିଥିଲେ ଯେ ପ୍ରାୟ ୧୦,୦୦୦ କ୍ରୀଡ଼ାବିତ୍ ଏହି କ୍ରୀଡ଼ାରେ ଅଂଶଗ୍ରହଣ କରିଥାନ୍ତି ଏବଂ ଦେଶର ଦୃଢ଼ ପ୍ରଦର୍ଶନ କାରଣରୁ ଏହା ୧୪୦ କୋଟି ନାଗରିକଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଥିଲେ ଯେ ଏସୀୟ କ୍ରୀଡା ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରି ବିଭିନ୍ନ ପୋଲିସ୍ ବାହିନୀର କ୍ରୀଡ଼ାବିତମାନେ ଭଲ ପ୍ରଦର୍ଶନ କରିଛନ୍ତି, ଏବେ ଆମର ଧ୍ୟାନ ବିଶ୍ୱ ପୋଲିସ୍ ? ଏବଂ ଫାୟାର ଗେମ୍ସ -୨୦୨୯ ଉପରେ ରହିବା ଉଚିତ। ଗୁଜରାଟରେ ହେବାକୁ ଥିବା ୨୦୨୯ ବିଶ୍ୱ ପୋଲିସ୍ ଏବଂ ଫାୟାର ଗେମ୍ସରେ ପ୍ରତ୍ୟେକ ଆଥଲେଟ୍ ଅର୍ଜୁନଙ୍କ ପରି ଗୋଟିଏ ଗୋଲ୍ ଉପରେ ଧ୍ୟାନ ଦେଇ ପଦକ ଜିତିବା ପାଇଁ ଆଗକୁ ବଢ଼ିବା ଉଚିତ୍। ଶ୍ରୀ ଶାହ କହିଥିଲେ ଯେ ଭାରତୀୟ ଦଳର ଅନେକ ସଦସ୍ୟ ବିଶ୍ୱ ପୋଲିସ ଏବଂ ଫାୟାର ଗେମ୍ସ-୨୦୨୫ରେ ପଦକ ଜିତିଥିଲେ, କିନ୍ତୁ ଏପରି ଅନେକ ମଧ୍ୟ ଥିଲେ ଯେଉଁମାନେ ସଫଳତା ହାସଲ କରିପାରିନଥିଲେ। ସେ କହିଥିଲେ ଯେ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଖେଳରେ ଭାଗ ନେବା; ଜିତିବା ଏବଂ ହାରିବା ଜୀବନର ଅଂଶବିଶେଷ। ଜିତିବା ପାଇଁ ଲକ୍ଷ୍ୟ ସ୍ଥିର କରିବା ଏବଂ ବିଜୟ ହାସଲ କରିବା ପାଇଁ ପ୍ରୟାସ କରିବା ଆମର ସ୍ୱଭାବ ହେବା ଉଚିତ ଏବଂ ଜିତିବା ଆମର ଅଭ୍ୟାସ ହେବା ଉଚିତ। ସେ ଆଶା ବ୍ୟକ୍ତ କରିଥିଲେ ଯେ ଭାରତୀୟ କ୍ରୀଡ଼ାବିତମାନେ ଏହି କ୍ରୀଡ଼ାଗୁଡ଼ିକରେ ଏତେ ଭଲ ପ୍ରଦର୍ଶନ କରିବେ ଯାହା ଫଳରେ ଭାରତରେ କ୍ରୀଡ଼ାର ବିପୁଳ ସମ୍ଭାବନା ରହିଛି ବୋଲି ସ୍ୱୀକୃତି ମିଳିବ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ କ୍ରୀଡ଼ା ବଜେଟ୍ ପାଞ୍ଚ ଗୁଣ ବୃଦ୍ଧି ପାଇଛି, ଯାହା କ୍ରୀଡ଼ା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବହୁ ସଂଖ୍ୟାରେ ନୂତନ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯାଇଛି। ଟିଓପିଏସ୍ (ଟାର୍ଗେଟ୍ ଅଲିମ୍ପିକ୍ ପୋଡିୟମ୍ ସ୍କିମ୍) ଅଧୀନରେ, ୨୦୩୬ ଅଲିମ୍ପିକ୍ କ୍ରୀଡା ପାଇଁ ପ୍ରସ୍ତୁତ ହେବା ଲାଗି ପ୍ରାୟ ୩୦୦୦ ଆଥଲେଟଙ୍କୁ ମାସିକ ୫୦,୦୦୦ ଟଙ୍କା ଷ୍ଟାଇପେଣ୍ଡ ସହିତ ସହାୟତା କରାଯାଉଛି। ଫିଟ୍ ଇଣ୍ଡିଆ ଆନ୍ଦୋଳନ ମଧ୍ୟ ଆଥଲେଟ୍ ଚୟନ ପ୍ରକ୍ରିୟାକୁ ସକରାତ୍ମକ ଭାବରେ ପ୍ରଭାବିତ କରିଛି, ଯାହାର ଫଳସ୍ୱରୂପ ଅଲିମ୍ପିକ୍ସ, ପାରାଲିମ୍ପିକ୍ ଏବଂ ଏସୀୟ କ୍ରୀଡ଼ାରେ ଜିତିଥିବା ପଦକ ସଂଖ୍ୟାରେ ତିନିଗୁଣ ବୃଦ୍ଧି ଘଟିଛି। ଅମିତ ଶାହ ଆଶା ବ୍ୟକ୍ତ କରିଛନ୍ତି ଯେ ୨୦୩୬ ଅଲିମ୍ପିକ୍ସରେ ଭାରତ ପଦକ ତାଲିକାର ଶୀର୍ଷ ୫ଟିରେ ରହିବ। ସେ କହିଥିଲେ ଯେ ମୋଦୀ ସରକାର ପ୍ରତ୍ୟେକ ଗ୍ରାମରେ କ୍ରୀଡ଼ାକୁ ସମ୍ପ୍ରସାରିତ କରୁଛନ୍ତି ଏବଂ ପ୍ରତ୍ୟେକ କ୍ରୀଡ଼ାରେ ପିଲାମାନଙ୍କର ଚୟନ ଏବଂ ତାଲିମ ବୈଜ୍ଞାନିକ ପଦ୍ଧତିରେ କରାଯାଉଛି। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ଦେଶରେ କ୍ରୀଡ଼ା ପାଇଁ ଏକ ଅତ୍ୟନ୍ତ ସକାରାତ୍ମକ ପରିବେଶ ବିକଶିତ ହେଉଛି।

### ବିବାହ କରିବେ ଭେନସ୍ ୱିଲିୟମ୍ସ

ନ୍ୟୁୟର୍କ: ୪୫ ବର୍ଷ ବୟସରେ ହାତକୁ ଦି ହାତ ହେବାକୁ ଯାଉଛନ୍ତି ଆମେରିକାର ଚର୍ଚ୍ଚିତ ଟେନିସ୍ ତାରକା ତଥା ୭ଟି ଗ୍ରାଣ୍ଡସ୍ଲାମ୍ ବିଜୟିନୀ ଭେନସ୍ ୱିଲିୟମ୍ସ। ସାଇ ଭଉଣୀ ସେରେନାଙ୍କ ସହ ମିଶି ମହିଳା ଯୁଗଳରେ ଏକଦା ଆଧିପତ୍ୟ ବିସ୍ତାର କରିଥିବା ଭେନସ୍ ଖୁବଶୀଘ୍ର ଅଭିନେତା ଓ ପ୍ରଯୋଜକ ଆଣ୍ଡ୍ରିଆ ପ୍ରୀତଙ୍କୁ ବିବାହ କରିବାକୁ ଯାଉଛନ୍ତି ବୋଲି ଆମେରିକୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ତେବେ ଭେନସ୍ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ନିରବତା ଅବଲମ୍ବନ କରିବା ସହ ଏପର୍ଯ୍ୟନ୍ତ ମୁହଁ ଖୋଲି ନାହାନ୍ତି।



# ଚତୁର୍ଥ ଟେଷ୍ଟ ମ୍ୟାଚ ପୂର୍ବରୁ ହନୁମାନ ଚାଳିଶା ଶୁଣୁଛନ୍ତି ଭାରତୀୟ ଖେଳାଳି



ଇଂଲଣ୍ଡ : ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ ପୂର୍ବରୁ ଭାରତୀୟ କ୍ରିକେଟ ଦଳ କେଣ୍ଟ କାଉଣ୍ଟି କ୍ରିକେଟ ଗ୍ରାଉଣ୍ଡରେ ଏକମାତ୍ର ଅଭ୍ୟାସ ସେସନରେ ଅଂଶଗ୍ରହଣ କରିଛି। ଲର୍ଡସରେ ହୋଇଥିବା ମ୍ୟାଚରେ ପରାଜୟ ପରେ ଦଳର ଖେଳାଳିମାନେ ଲଣ୍ଡନରୁ ଏକ ଘଣ୍ଟାର ବସ ଯାତ୍ରା ପରେ ବେକେନହାମରେ ପହଞ୍ଚିଥିଲେ। ପ୍ରାରମ୍ଭରେ ଖେଳାଳିମାନେ କିଛି କ୍ଲାନ୍ତ ଦେଖାଯାଉଥିଲେ, କିନ୍ତୁ ବେକେନହାମର ଶାନ୍ତ ଓ ମନୋରମ ପରିବେଶ ସେମାନଙ୍କ ମନୋବଳକୁ ତୁରନ୍ତ ଉତ୍ସାହିତ କରିଥିଲା। ଡ୍ରେସିଂ ରୁମରେ ବଜୁଥିବା ବିବିଧ ସଙ୍ଗୀତ – 'ହନୁମାନ ଚାଳିଶା', ଇଂରାଜୀ ପପ୍ ଓ ଜନପ୍ରିୟ ପଞ୍ଜାବୀ ଗୀତ – ଖେଳାଳିମାନଙ୍କୁ ଆରାମଦାୟକ ଓ ଉତ୍ସାହିତ ରଖିଥିଲା। ଉପର ତଳରେ ଥିବା ଡ୍ରେସିଂ ରୁମରୁ ଋଷଭ ପନ୍ତ ଓ ଜସପ୍ରୀତ ବୁମରା ଗଣମାଧ୍ୟମ ପ୍ରତିନିଧିଙ୍କ ସହ ମଜାଳିଆ ଢଙ୍ଗରେ କଥାବାର୍ତ୍ତା କରୁଥିବା ଦେଖାଯାଇଥିଲା। ପନ୍ତ ଓ ବୁମରା କେବଳ ୱାର୍ମ-ଅପ୍ ଏବଂ ଜିମରେ ଅଭ୍ୟାସ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପନ୍ତ ଏକ ଆଙ୍ଗୁଠି ଆଘାତରେ ପୀଡ଼ିତ, କିନ୍ତୁ ମାଞ୍ଚେଷ୍ଟର ମ୍ୟାଚ ପାଇଁ ସେ ପୂର୍ଣ୍ଣ ସୁସ୍ଥ ହେବେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ, ବୁମରା ଓ ମହମ୍ମଦ ସିରାଜ କାର୍ଯ୍ୟଭାର ନିୟନ୍ତ୍ରଣ ପାଇଁ ବୋଲିଂ କରି ନଥିଲେ। ସିରିଜ ଏବେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଥିବାରୁ ପରବର୍ତ୍ତୀ ଟେଷ୍ଟରେ ଏମାନଙ୍କୁ ବିଶ୍ରାମ ଦିଆଯିବ କି ନାହିଁ, ତାହା ଦେଖାଯାଉଛି। କେ.ଏଲ. ରାହୁଲଙ୍କୁ ଛାଡ଼ି ଦଳର ଅନ୍ୟ ସମସ୍ତ ସଦସ୍ୟ ବେକେନହାମ ଯାତ୍ରା କରିଥିଲେ।

# ଅଭ୍ୟାସ ବେଳେ ଅର୍ଶଦୀପଙ୍କ ହାତରେ ଆଘାତ



ସିରିଜରେ ଏପର୍ଯ୍ୟନ୍ତ ଖେଳି ନଥିବା ବାମହାତୀ ପେସର ଅର୍ଶଦୀପ ସିଂ ନେଟରେ ବୋଲିଂ କରୁଥିବା ବେଳେ ସାଇ ସୁଦର୍ଶନଙ୍କ ବ୍ୟାଟରୁ ଆସିଥିବା ଏକ ବଲକୁ ଅଟକାଇବାକୁ ଚେଷ୍ଟା କରି ନିଜ ବୋଲିଂ ହାତରେ ଆଘାତ ପାଇଛନ୍ତି। ବ୍ୟାଟିଂ କୋଚ ସୀତାଂଶୁ କୋଟାକ ତାଙ୍କୁ ନେଟରେ ବ୍ୟାଟିଂ ପାଇଁ ଡାକିଥିଲେ, କିନ୍ତୁ ଅଧିନାୟକ ଶୁଭମନ ଗିଲ କହିଥିଲେ ଯେ ହାତ ଆଘାତ ହେତୁ ଅର୍ଶଦୀପ ବ୍ୟାଟିଂ କରିପାରିବେ ନାହିଁ। ଘଟଣା ପରେ ଅର୍ଶଦୀପଙ୍କୁ ବାମ ହାତରେ ବ୍ୟାଣ୍ଡେଜ ଲଗାଇ ଚାଲୁଥିବା ଦେଖାଯାଇଥିଲା। ସହକାରୀ କୋଚ ରାୟାନ ଟେନ ଡୋଶେଟ ଅର୍ଶଦୀପଙ୍କ ଆଘାତ ବିଷୟରେ ଅପଡେଟ ଦେଇ କହିଛନ୍ତି, "ସାଇଙ୍କ ବ୍ୟାଟରୁ ଆସିଥିବା ବଲକୁ ଅର୍ଶଦୀପ ଅଟକାଇବାକୁ ଚେଷ୍ଟା କରିଥିଲେ, ଯାହା ଫଳରେ ତାଙ୍କ ହାତରେ ଆଘାତ ଲାଗିଛି। ଆମେ ଏହା କେତେ ଗମ୍ଭୀର ତାହା ଦେଖୁଛୁ। ମେଡିକାଲ ଟିମ ତାଙ୍କୁ ଡାକ୍ତରଙ୍କ ପାଖକୁ ନେଇଛି। ସେଲାଇ ଲାଗିବ କି ନାହିଁ, ତାହା ଆମର ଆଗାମୀ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ।" ଏହି ଘଟଣା ପରେ ବୋଲିଂ କୋଚ ମୋର୍ନେ ମୋର୍କେଲ ନେଟରେ ବୋଲିଂ କରିଥିଲେ। ଯଦିଓ ସେ ଜୋଫ୍ରା ଆର୍ଚରଙ୍କ ଭଳି ଦ୍ରୁତ ଗତିରେ ବୋଲିଂ କରିନଥିଲେ, ତଥାପି ବ୍ୟାଟସମ୍ୟାନଙ୍କୁ ଭଲ ଅଭ୍ୟାସ ଦେଇଥିଲେ। ଡୋଶେଟ କହିଛନ୍ତି, "ଅର୍ଶଦୀପ ଆଘାତ ପାଇବା ଓ ଆକାଶ ବୋଲିଂ ନକରିବା ହେତୁ ଆମେ କିଛି ସମସ୍ୟାରେ ପଡ଼ିଛୁ। ମୋର୍କେଲଙ୍କ ବୋଲିଂ ବ୍ୟାଟସମ୍ୟାନଙ୍କୁ ଟେଷ୍ଟ ମ୍ୟାଚ ପାଇଁ ଭଲ ଅଭ୍ୟାସ ଦେଇଛି।" ଅଭ୍ୟାସ ସେସନର ହାଲୁକା ମିଜାଜକୁ ବଜାୟ ରଖି ମୋର୍କେଲ ଡ୍ରେସିଂ ରୁମକୁ ଫେରି ମଜାଳିଆ ଢଙ୍ଗରେ ଦାବି କରିଥିଲେ ଯେ ସେ ବ୍ୟାଟସମ୍ୟାନଙ୍କ ବିପକ୍ଷରେ 'ପାଞ୍ଚ ଉଇକେଟ' ନେଇଛନ୍ତି।

### ସାହାଣୀ କପ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# କେନ୍ଦୁଝର ଯାଜପୁର ମ୍ୟାଚ ଡ୍ର, ଆରଏସ୍‌ପି ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱୀତା ତଥା ଉତ୍ତେଜନା ପୂର୍ଣ୍ଣ ପ୍ରଥମ ଖେଳରେ ଘରୋଇ କେନ୍ଦୁଝର ଏବଂ ଯାଜପୁର ମଧ୍ୟରେ ୨-୨ ଗୋଲ ବିନିମୟରେ ସମାପ୍ତ ହୋଇ ଖେଳ ଡ୍ର ରହିଛି ଏବଂ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମାର୍ଦ୍ଧ ଖେଳର ୩୦ତମ ମିନିଟରେ କେନ୍ଦୁଝରର ଗୋଲରକ୍ଷକ ଯଦୁନାଥ ସର୍ଦ୍ଦାର ବିପଜ୍ଜନକ ଖେଳ ପ୍ରଦର୍ଶନ କରିବାରୁ ରେଫରୀ ସୁବ୍ରତ ପୁରୋହିତ ତାଙ୍କୁ ପଡିଆରୁ ବାହାର କରିଥିଲେ। ଫଳରେ କେନ୍ଦୁଝର ମନସ୍ତାତ୍ତ୍ୱିକ ଚାପର ଶିକାର ହୋଇଥିଲା। ପ୍ରଥମାର୍ଦ୍ଧର ୩୭ ମିନିଟରେ ଯାଜପୁର ପକ୍ଷରୁ ଜର୍ସି ନମ୍ବର ୬ ଅଜୟ ସୋରେନ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ଅଗ୍ରଣୀ ରହିବା ପରେ ଦ୍ୱିତୀୟାର୍ଦ୍ଧର ୭୩ତମ ମିନିଟରେ ରାଇଟ ଉଇଙ୍ଗର ଭଞ୍ଜ କିଶୋର ହାଁସଦା ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ମାତ୍ର ୭୫ତମ ମିନିଟରେ କେନ୍ଦୁଝରର ଲେଫ୍ଟ ଉଇଙ୍ଗର ମଙ୍ଗଲ ମୁଣ୍ଡା ଏକ ଦର୍ଶନୀୟ ଗୋଲ ଜରିଆରେ ଗୋଲଟିକୁ ପରିଶୋଧ କରିଦେଇଥିଲେ ଏବଂ ଖେଳ ଶେଷ ହୁଇସିଲ ବାଜିବାର ଏକ ମିନିଟ ପୂର୍ବରୁ ଘରୋଇ ଦଳର ମିଡ଼ ଫିଲଡର ଅନ୍ୟ ଏକ ଗୋଲ ପରିଶୋଧ କରି ଖେଳକୁ ସମାନ ସ୍ତରକୁ ଆଣିବା ସହ ମ୍ୟାଚ ଡ୍ର ରଖିବାରେ ସକ୍ଷମ ହୋଇଥିଲେ ଏବଂ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଆଜି ଅନୁଷ୍ଠିତ ଦ୍ୱିତୀୟ ଖେଳରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଅନୁଗୋଳ ଜିଲ୍ଲା ବିପକ୍ଷରେ ୪-୩ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ୪ ମିନିଟରେ ରାଉରକେଲାର ଷ୍ଟ୍ରାଇକର ସୁରେଶ ଖାଡ଼ିଆ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ୩୬ତମ ମିନିଟରେ ଅନୁଗୋଳର ରାଇଟ ଉଇଙ୍ଗର ଅନ୍ତର୍ଯ୍ୟାମୀ ନାୟକ ଗୋଲଟିକୁ ପରିଶୋଧ କରିଥିଲେ। ମାତ୍ର ୪୩ତମ ମିନିଟରେ ରାଉରକେଲା ପକ୍ଷରୁ ରମେଶ ଓରାମ ଅନ୍ୟ ଏକ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳରେ ୨-୧ ଗୋଲରେ ଅଗ୍ରଣୀ ରହିବା ପରେ ଦ୍ୱିତୀୟାର୍ଦ୍ଧର ୪୯ ମିନିଟରେ ରାଉରକେଲା ପକ୍ଷରୁ ସୁରେଶ ଖାଡ଼ିଆ ଆଉ ଏକ ଗୋଲ ସ୍କୋର କରିଥିଲେ। ମାତ୍ର ୬୪ତମ ମିନିଟରେ ଏବଂ ୭୪ତମ ମିନିଟରେ ଅନୁଗୋଳ ପକ୍ଷରୁ ପରାଉ ମୁର୍ମୁ ଲଗାତାର ଦୁଇଟି ଗୋଲ ସ୍କୋର କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ। କିନ୍ତୁ ଶେଷରେ ରାଉରକେଲାର ତାରକା ଖେଳାଳି ଚତୁର୍ଥ ଗୋଲଟି ସ୍କୋର କରି ଦଳକୁ ୪-୩ ଗୋଲରେ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ନେଇଥିଲେ। ଆଜି ଖେଳ ଆରମ୍ଭ ହେବା ପୂର୍ବରୁ ଅତିଥି ସଦର ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ଜିଲ୍ଲା ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ବରୋଦା ପ୍ରସାଦ ସାହୁଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା କ୍ଷ ଏହି ଟୁର୍ନାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ,ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, ବୀରେନ୍ଦ୍ର ମହାନ୍ତ ଏବଂ ଗିରୀଶ ଚନ୍ଦ୍ର ହୋତା ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ପ୍ରଥମ ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଜଗନ୍ନାଥ କହ୍ନର ଓ ମହେଶ ପ୍ରଧାନ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ବାପୁନ ମହାନ୍ତ କ୍ଷ ସେହିପରି ଦ୍ୱିତୀୟ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଅରୁଣ ନାୟକ ଓ ରତ୍ନାକର ସୋରେନ ସହାୟତା କରିଥିଲେ କ୍ଷ ଚତୁର୍ଥ ରେଫରୀ ଥିଲେ ରାଇ ମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

### ଚତୁର୍ଥ ଟେଷ୍ଟ ପାଇଁ ଭାରତର ଜୋରଦାର ପ୍ରସ୍ତୁତି

# ଖେଳିବେ ବୁମ୍‌ରା ଓ ପନ୍ତ

ନୂଆଦିଲ୍ଲୀ: ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ଟେଷ୍ଟ ଶୃଙ୍ଖଳାର ଚତୁର୍ଥ ମ୍ୟାଚ ଓଲ୍ଡ ଟ୍ରାଫୋର୍ଡରେ ଚଳିତ ଜୁଲାଇ ୨୩ରୁ ଖେଳାଯିବ। ଏଥିପାଇଁ ଭାରତୀୟ ଦଳର ପ୍ରସ୍ତୁତି ଗୁରୁବାରଠାରୁ ଆରମ୍ଭ କରିଛି।



୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଏବେ ସୁଦ୍ଧା ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଶୃଙ୍ଖଳାରେ ତିଷ୍ଠି ରହିବାକୁ ହେଲେ ଓଲ୍ଡ ଟ୍ରାଫୋର୍ଡରେ ଭାରତକୁ ନିଶ୍ଚିତ ବିଜୟ ହାସଲ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଚତୁର୍ଥ ଟେଷ୍ଟ ମ୍ୟାଚ ପୂର୍ବରୁ ଭାରତକୁ ବଡ଼ ଆଶ୍ୱସ୍ତି ମିଳିଛି। ଭାରତୀୟ ସିନିୟର ମନୋନୟନ କମିଟି ମୁଖ୍ୟ ଅଜିତ ଅଗରକର ପୂର୍ବରୁ କହିଥିଲେ ଯେ, ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ସମସ୍ତ ମ୍ୟାଚରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଉପସ୍ଥିତ ରହିବେ ନାହିଁ। ବୁମ୍‌ରା ପ୍ରଥମ ଓ ୩ୟ ଟେଷ୍ଟ ଖେଳିଥିବାବେଳେ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ମିଳିଥିଲା। ଓଲ୍ଡ ଟ୍ରାଫୋର୍ଡରେ ଚତୁର୍ଥ ଟେଷ୍ଟରେ ବୁମ୍‌ରା ଖେଳିବା ନେଇ ଆଶଙ୍କା ରହିଥିଲା। କିନ୍ତୁ ଗୁରୁବାର ଦଳର ସହ ପ୍ରଶିକ୍ଷକ ରିୟାନ ଟେନ ଡୋସ୍କାଟେ ବୁମ୍‌ରା ଚତୁର୍ଥ ଟେଷ୍ଟରେ ଖେଳିବା ନେଇ ସ୍ପଷ୍ଟ କରିଛନ୍ତି। ସେହିପରି ୱିକେଟରକ୍ଷକ ଋଷଭ ପନ୍ତ ଲର୍ଡସ ଟେଷ୍ଟ ସମୟରେ ଆହତ ହୋଇଥିଲେ। ତାଙ୍କ ଆଙ୍ଗୁଠିରେ ବଲ୍ ବାଜିଥିଲା। ଆହତ ହେବାରୁ ସେ ଇଂଲଣ୍ଡର ପ୍ରଥମ ଇନିଂସ ଅଧାରୁ ୱିକେଟରକ୍ଷକ ଦାୟିତ୍ୱ ଛାଡିଥିଲେ। ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲ ୱିକେଟରକ୍ଷକ ଦାୟିତ୍ୱ ତୁଲାଇଥିଲେ। ପନ୍ତ ଆହତ ସତ୍ତ୍ୱେ ଉଭୟ ଇନିଂସରେ ବ୍ୟାଟିଂ କରିଥିଲେ। ଚତୁର୍ଥ ଟେଷ୍ଟ ପୂର୍ବରୁ ପନ୍ତ ସମ୍ପୂର୍ଣ୍ଣ ସୁସ୍ଥ ହେବା ନେଇ ଆଶା କରାଯାଉଛି। ସେ ଚତୁର୍ଥ ଟେଷ୍ଟ ଖେଳିବେ କିନ୍ତୁ ୱିକେଟ ରକ୍ଷକ ଦାୟିତ୍ୱ ତୁଲାଇବେ କି ନାହିଁ ତାହା ପରେ ସ୍ପଷ୍ଟ କରାଯିବ ବୋଲି ଡୋସ୍କାଟେ କହିଛନ୍ତି। ବୁମ୍‌ରା ଚଳିତ ଟେଷ୍ଟ ଶୃଙ୍ଖଳାରେ ଦୁଇଟି ମ୍ୟାଚ ଖେଳି ୧୨ଟି ୱିକେଟ ନେଇଥିବା ବେଳେ ପନ୍ତ ୩ଟି ଟେଷ୍ଟରୁ ୪୨୫ରନ କରିଛନ୍ତି।


## OFFICE OF THE EXECUTIVE ENGINEER RCD, ROAD DIVISION, JAMSHEDPUR, JHARKHAND

**Short e-Procurement Notice**
**For National Competitive Bidding**
**Short e-Tender Reference No. RCD/JAMSHEDPUR/1441, Date-18.07.2025**

| | | |
|---|---|---|
| 1. | Name of the work | SPECIAL REPAIR OF DIFFERENT VILLAGE ROAD IN PATAMDA B ORAM RAGHUNATHPUR ROAD (VILLAGE NAME- BORAM, BOGONAI, BAGDA, BARIYADA, DIGHI) UNDER NON PLAN HEAD FY 2025-26 |
| 2. | Estimated Cost of Work (in INR) | Rs 1,89,99,396.24 (Rupees One Crore Eighty Nine Lakh Ninety Nine thousand three hundred ninety six & Paise Twenty Four Only) |
| 3. | Initial Bid Security ( Rs In Lacs ) | Rs 3.80 Lakh (Rupees Three Lakh Eighty Thousand only). |
| 4. | Initial Bid Security in the shape of | Initial Bid Security - As per SOP issued by Information Technology and e-Governance Department, Govt. of Jharkhand vide Letter No.120, Dt. 03.10.2023 |
| 5. | Cost of Bidding documents | Rs 10,000.00 (Rs Ten Thousand) only. |
| 6. | Time of Completion | 04 (Four Months) |
| 7. | Date of Publication of Tender on website | 21.07.2025 at 12.30 P.M. |
| 8. | Start date of bidding | 21.07.2025 from 12.30 P.M. |
| 9. | Last date & Time for online bidding | 04.08.2025 up to 02.00 PM. |
| 10. | Type of Bid | Two envelope mode (Technical and Financial Bid) |
| 11. | Last date & time for receipt of Bid Security and other documents in Online form | 04.08.2025 Through e-tendering portal www.jharkhandtenders.gov.in As per SOP issued by Information Technology and e-Governance Department, Govt. of Jharkhand vide Letter No.120, Dt. 03.10.2023 |
| 12. | Date & time for opening of Technical Bid | 05.08.2025 at 12.30 PM by e-Procurement cell, Office of The Chief Engineer (Comm), RCD, Jharkhand, 1st Floor, Engineer's Hostel No. 2, Near Dhurwa Golchakkar, Ranchi. |
| 13. | Name & address of office Inviting tender | Executive Engineer, RCD, Road Division, Jamshedpur, Road No.- 1, CH Area. |
| 14. | Contact no. of Procurement officer | 0657-2227724 |
| 15. | Helpline number of e-Procurement cell | 0651-2401010 |

Above informations are only indicative. Detail NIT & SBD publised on Tender portal shall be final and mandatory. Details can be seen on website http://jharkhandtenders.gov.in

Superintending Engineer - cum - Executive Engineer
RCD, Road Division, Jamshedpur

PR.NO.357679 Road(25-26):D



## Government of Jharkhand
## DEPARTMENT OF AGRICULTURE, ANIMAL HUSBANDRY & CO-OPERATIVE
(ANIMAL HUSBANDRY DIVISION)
Jharkhand, Ranchi

**"Corrigendum"**

This is with the reference to e-Tender notice-01/2025-26 published by Advertisement PR. No.-357505 Date 17-07-2025 for Selection of Livestock & Poultry Insurance Intermediaries to provide Technical & Operational Support through Nationalized Insurance Company under Mukhyamantri Pashudhan Vikash Yojna (MMPVY). The particulars Sl. no. 5 of the part-A of said tender has been mentioned as below:-

"Download of Tender document will start from 26-07-2025" In this context, Corrigendum is being issued for rectification regarding download of tender document as under:-

**"Download of Tender document will start from 19-07-2025"**

Other context will remain same.

**Director,**
Directorate of Animal Husbandry,
Jharkhand, Ranchi-834003

PR 357628 Animal Husbandry (25-26)_D



## Jhumri Telaiya Nagar Parishad
## Near Bazar Samiti, Koderma Block,

Reference No.- ULB/NIT/JHUMRI-TELAIYA SEPTAGE/TENDER/1910/2025
Date:- 17.07.2025
Tender Notice (6th Call) IMPORTANT INFORMATION

| | | |
|---|---|---|
| 1 | Name of Work | Construction & Commissioning of Fecal Sludge Treatment Plant of Capacity 30 m3/day at Jhumri Telaiya (Jharkhand) and Operation and Maintenance for 5 years |
| 2 | Estimated Cost (INR) | Construction Cost: ₹ 4,60,47,370<br>Operation & Maintenance Cost: ₹1,83,39,514<br>Total:- ₹ 6,43,86,884 |
| 3 | Bid Security (INR) | ₹6,44,000/- (Rupees Six Lakhs Forty Three Thousands Only) |
| 4 | Cost of Bid Document (INR) | ₹ 10,000/- (Rupees Ten Thousand Only); non-refundable |
| 5 | Time of Completion | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP |
| 6 | Date of e-publication of tender | 28-07-2025 , 17:00 Hrs |
| 7 | Document downloading start Date | 28.07.2025 , 17:00 Hrs |
| 8 | Start date for seeking clarification | 28.07.2025 , 17:00 Hrs |
| 9 | End date for seeking clarification | 08.08.2025 , 17:00 Hrs |
| 10 | Pre bid meeting date, Time & Venue | 04.08.2025 , 14:00 Hrs at Chamber of Office of Executive Officer, Nagar Parishad, Jhumri Telaiya Jharkhand – 825409 |
| 11 | Bid submission end date | 08.08.2025 , 17:00 Hrs |
| 12 | Last day for the submission of Bid Security, cost of bid document | 08.08.2025 , 17:00 Hrs |
| 13 | Bid opening date (online) | 11.08.2025 , 17:30 Hrs |

Complete bid document is available on website http://Jharkhandtenders.gov.in Other details can be seen in the bidding documents.
*Bid security 1% of Bid amount.

**Administrator**
**Jhumri telaiya Nagar Parishad.**

PR 357676 (Urban Development)25-26*D



ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ଅନିଦ୍ରା ଜନିତ ସମସ୍ୟା କାରଣରୁ ଚିନ୍ତିତ। ଉତ୍ତମ ନିଦ ପାଇଁ କେଉଁ ଖାଦ୍ୟ ସେବନ କରିବା ଉଚିତ୍ ତାହା ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଦ ଶରୀର ପାଇଁ ଖୁବ୍ ଜରୁରୀ। ନଚେତ୍ ଶରୀରରେ ଅନେକ ମାରାତ୍ମକ ରୋଗର କାରଣ ପାଲଟିଥାଏ ଅନିଦ୍ରା। ସଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ସଠିକ୍ ମାତ୍ରାରେ ଶୋଇବା ନିତାନ୍ତ ଜରୁରୀ। ଜାଣନ୍ତୁ ଏଭଳି କିଛି ଖାଦ୍ୟ ବିଷୟରେ ଯାହାର ସେବନ କରିବା ଦ୍ୱାରା ଉତ୍ତମ ନିଦ ହୋଇଥାଏ। କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଉତ୍ତମ ନିଦରେ ସହାୟକ ହୋଇଥାଏ। ଶୋଇବା ପୂର୍ବରୁ ଉଷୁମ କ୍ଷୀର ପିଇବା ଦ୍ୱାରା ଶାନ୍ତି ଓ ଆରାମଦାୟକ ନିଦ ପାଇଁ ଖୁବ ଜରୁରୀ। ଖଜୁରୀରେ ମେଲଟୋନିନ ରହିଥାଏ। ଏହା ଭଲ ନିଦ ହେବା ପାଇଁ ଆବଶ୍ୟକୀୟ ହରମୋନ ସୃଷ୍ଟି କରିଥାଏ। ଫଳରେ ଉତ୍ତମ ନିଦ ହୋଇଥାଏ। ବାଦମ - ବାଦାମରେ ମେଗ୍ନେସିୟମ ରହିଛି। ଯାହା ଶାନ୍ତି ନିଦ ପ୍ରଦାନ କରିବାରେ ସହାୟକ ହୋଇଥାଏ। ନିୟମିତ ବାଦାମ ବତୁରାଇ ଏହାର ସେବନ କରି ପାରିବେ। ଉତ୍ତମ ନିଦ ପାଇଁ ମଖାନାର ସେବନ କରି ପାରିବେ। କଦଳୀ - କଦଳୀରେ ମେଗ୍ନେସିୟମ ଓ ପୋଟାସିୟମ ରହିଛି। ଯାହା ଉତ୍ତମ ନିଦ ହେବାରେ ସହାୟକ ହୋଇଥାଏ। କଦଳୀ ଭୋକକୁ ମଧ୍ୟ ନିୟନ୍ତ୍ରଣ କରିଥାଏ। କଦଳୀ ଖାଇବା ଦ୍ୱାରା ଅଧିକ ସମୟ ଯାଏଁ ପେଟ ଭର୍ତ୍ତି ହେବା ଭଳି ରହିଥାଏ।କଦଳୀରେ ପ୍ରଚୁର ମାତ୍ରାରେ ମେଗ୍ନେସିୟମ ମିଳିଥାଏ। ଏହା ମସ୍ତିଷ୍କ ଓ ମନକୁ ଶାନ୍ତ ଓ ଖୁସି ରଖିବାରେ ସହାୟକ ହୋଇଥାଏ।

# ୪୩ ବର୍ଷରେ ପାଦ ଥାପିଲେ ପ୍ରିୟଙ୍କା



ବିଟାଉନ୍‌ର ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା । ନିଜର ଅଭିନୟର ଜଲୱା ଦେଖାଇ ହଲିଉଡରେ ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ। ପ୍ରିୟଙ୍କା ଚୋପ୍ରା ୪୩ ବର୍ଷ ବୟସରେ ପାଦ ଥାପିଛନ୍ତି। ଏହି ସ୍ୱତନ୍ତ୍ର ଅବସରରେ, ସାରା ବିଶ୍ୱର ତାରକାମାନେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହା ସହିତ, ପ୍ରଶଂସକମାନେ ତାଙ୍କୁ ସୋସିଆଲ ମିଡିଆରେ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ପ୍ରିୟଙ୍କା ଚୋପ୍ରା ସେହି ବଲିଉଡ୍ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ, ଯେଉଁମାନେ ପ୍ରଥମେ ନିଜ କଠିନ ପରିଶ୍ରମ ଦ୍ୱାରା ହିନ୍ଦୀ ଚଳଚ୍ଚିତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିଲେ ଏବଂ ପରେ ବିଦେଶରେ ତାଙ୍କ ଅଭିନୟ ଦକ୍ଷତାକୁ ସ୍ୱୀକୃତି ଦେଇଥିଲେ। ଆଜି ପ୍ରିୟଙ୍କାଙ୍କୁ ଜଣେ ଗ୍ଲୋବାଲ ଷ୍ଟାର ଭାବରେ ପରିଚିତ। ୨୦୦୦ ମସିହାରେ ପ୍ରିୟଙ୍କା ମିସ୍ ୱାର୍ଲ୍ଡ ଟାଇଟଲ ଜିତିଥିଲେ । ଏହି ଠାରୁ ତାଙ୍କର ବଲିଉଡ ଯାତ୍ରା ମଧ୍ୟ ଆରମ୍ଭ ହୋଇଥିଲା। ସେ ଅନେକ ସଫଳ ଚଳଚ୍ଚିତ୍ର କରିଥିଲେ। ୨୦୦୪ ମସିହାରେ, ସେ ଅକ୍ଷୟ କୁମାରଙ୍କ ବିପକ୍ଷରେ ତାଙ୍କ ଚଳଚ୍ଚିତ୍ର 'ଐତରାଜ'ରେ ଏକ ନେଗେଟିଭ୍ ଭୂମିକାରେ ଅଭିନୟ କରିଥିଲେ। ଯାହା ପାଇଁ ତାଙ୍କୁ ବହୁତ ପ୍ରଶଂସା କରାଯାଇଥିଲା। ୨୦୦୮ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ ଫ୍ୟାଶନ୍ ପାଇଁ ପ୍ରିୟଙ୍କାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀର ଜାତୀୟ ପୁରସ୍କାର ମଧ୍ୟ ମିଳିଥିଲା। ସେ ପାଞ୍ଚଟି ଫିଲ୍ମଫେୟାର ପୁରସ୍କାର ମଧ୍ୟ ଜିତିଛନ୍ତି। ୨୦୧୨ ମସିହାରେ, ସେ ତାଙ୍କର ପ୍ରଥମ ଆନ୍ତର୍ଜାତୀୟ ସଂଗୀତ ଆଲବମ୍ 'ଇନ୍ ମାଇ ସିଟି' ପାଇଥିଲେ। ଏହି ଆଲବମ୍ ପ୍ରିୟଙ୍କା ଚୋପ୍ରାଙ୍କ ପ୍ରଥମ ସିଙ୍ଗିଂଙ୍ଗ ଡେବ୍ୟୁ ଥିଲା। ଏହା ପରେ, ସେ ୨୦୧୩ରେ ରାପର୍ ପିଟବୁଲ୍‌ଙ୍କ ସହିତ ସିଙ୍ଗଲ୍ 'ଏକ୍ସୋଟିକ୍'ରେ ନଜର ଆସିଥିଲେ। ବହୁତ କମ୍ ଲୋକ ଜାଣନ୍ତି ଯେ ପ୍ରିୟଙ୍କା ଚୋପ୍ରା ଡିଜନିର ଆନିମେଟେଡ୍ ଫିଲ୍ମ 'ପ୍ଲେନ୍ସ'ରେ ଇଶାନି ନାମକ ଏକ ଚରିତ୍ରରେ ମଧ୍ୟ ସ୍ୱର ଦେଇଥିଲେ। ଏହା ପରେ, ୨୦୧୫ ମସିହାରେ, ପ୍ରିୟଙ୍କା ଆମେରିକୀୟ ଟିଭି ଶୋ' 'କ୍ୱାଣ୍ଟିକୋ'ରେ ଏଫବିଆଇ ଏଜେଣ୍ଟ ଆଲେକ୍ସ ପାରିଶଙ୍କ ଭୂମିକାରେ ଅଭିନୟ କରିଥିଲେ ଏବଂ ହଲିଉଡରେ ଡେବ୍ୟୁ କରିଥିଲେ। ଏହି ଧାରାବାହିକ ସହିତ, ପ୍ରିୟଙ୍କା ପ୍ରଥମ ଦକ୍ଷିଣ ଏସୀୟ ମହିଳା ଯିଏକି ଏକ ଆମେରିକୀୟ ଡ୍ରାମା ସିରିଜ୍‌ରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ସେ ୨୦୧୬ରେ ପିପୁଲ୍ସ ଚଏସ୍ ପୁରସ୍କାର ଜିତିବାରେ ପ୍ରଥମ ଦକ୍ଷିଣ ଏସୀୟ ଅଭିନେତ୍ରୀ ହୋଇଥିଲେ। ସେହି ବର୍ଷ, ପ୍ରିୟଙ୍କାଙ୍କୁ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଚତୁର୍ଥ ସର୍ବୋଚ୍ଚ ନାଗରିକ ପୁରସ୍କାର ପଦ୍ମଶ୍ରୀରେ ପ୍ରଦାନ କରାଯାଇଥିଲା। କ୍ୱାଣ୍ଟିକୋ ପରେ ପ୍ରିୟଙ୍କାଙ୍କୁ ଅନ୍ୟ ହଲିଉଡ୍ ଫିଲ୍ମର ଅଫର ମଧ୍ୟ ମିଳିଥିଲା। ସେ 'ବେୱାଚ୍'ରେ ଡୱେନ୍ ଜନସନ୍ (ଦ ରକ୍) ଏବଂ ଜାକ୍ ଏଫ୍ରନ୍‌ଙ୍କ ସହ ସ୍କ୍ରିନ୍ ସେୟାର କରିଥିଲେ। ଏହି ଚଳଚ୍ଚିତ୍ରରେ ସେ ଜଣେ ଖଳନାୟକ ଭୂମିକାରେ ନଜର ଆସିଥିଲେ। ପ୍ରିୟଙ୍କା ଇଜଣ୍ଟ ଇଟ୍ ରୋମାଣ୍ଟିକ (୨୦୧୯) ଚଳଚ୍ଚିତ୍ରରେ ଇସାବେଲ ଭୂମିକାରେ ଅଭିନୟ କରିଥିଲେ। ଏହା ଏକ ସହାୟକ ଭୂମିକା ଥିଲା। ଏହା ପରେ, ପ୍ରିୟଙ୍କା 'ଦି ମାଟ୍ରିକ୍ସ ରିସରେକ୍ସନ୍ସ'ରେ ସତୀ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମଟି ୨୨ ଡିସେମ୍ବର ୨୦୨୧ରେ ସିନେମା ହଲରେ ମୁକ୍ତିଲାଭ କରିଥିଲା। ପ୍ରିୟଙ୍କା 'ଏ କିଡ୍ ଲାଇକ୍ ଜେକ୍'ରେ ଏକ ଛୋଟ ଭୂମିକାରେ ମଧ୍ୟ ନଜର ଆସିଥିଲେ। ଏହି ଚଳଚ୍ଚିତ୍ରରେ ବ୍ରିଟିଶ-ଆମେରିକୀୟ ଅଭିନେତା ଆସିଫ ମାଣ୍ଡଭି ପ୍ରିୟଙ୍କାଙ୍କ ସ୍ୱାମୀ ଭୂମିକାରେ ଅଭିନୟ କରିଥିଲେ।

# ବେବୋ ଦେଲେ ଫିଟନେସ୍ ମନ୍ତ୍ର



ଫିଟନେସ୍ ପାଇଁ ସବୁବେଳେ ଚର୍ଚ୍ଚା ରେ ରହିଥାନ୍ତି କରୀନା କାପୁର , ସେ ନିଜର ସୁନ୍ଦର ସ୍ୱାସ୍ଥ୍ୟ ସୁନ୍ଦର ଚେହେରା ପାଇଁ ପ୍ରତିଦିନ ଯୋଗ ପ୍ରାଣାୟମ କରିବା ସହ ନିଜର ଖାଦ୍ୟ ପ୍ରତି ବେଶ ଯତ୍ନବାନ ଥାଆନ୍ତି । ଏଥିନେଇ ସେ ସୋସିଆଲ ମିଡିଆରେ ମଧ୍ୟ ବହୁଥର ନିଜର ଫିଟନେସ ମନ୍ତ୍ର ସେୟାର କରିଛନ୍ତି । ସେ ସେହି ଭିଡିଓରେ ଜିମ କରିବା ସହ ନିଜର ଖାଇବା ଭିଡିଓ ମଧ୍ୟ ସେୟାର କରିଛନ୍ତି ସେ ସୋସିଆଲ ମିଡିଆରେ ନିଜର ସୁନ୍ଦର ଚେହେରା ଫିଟନେସର ମନ୍ତ୍ର ମଧ୍ୟ ଦିଅନ୍ତି । ଭିଡିଓରେ କରୀନାଙ୍କୁ ଜିମ୍‌ରେ ବେଶ୍ କଷ୍ଟକର ୱାର୍କ ଆଉଟ୍ କରୁଥିବା ମଧ୍ୟ ଅନେକ ସମୟରେ ଦେଖିବାକୁ ମିଳିଛି । ଜିମ୍ ଇନଷ୍ଟ୍ରକ୍ଟରଙ୍କ ନିର୍ଦ୍ଦେଶକୁ ପୁରାପୁରି ଫଲୋ କରୁଛନ୍ତି କରୀନା । କଷ୍ଟ ହେଲେ ବି ଚେଷ୍ଟା ଜାରି ରଖିଛନ୍ତି ବୋଲି ସେ କୁହନ୍ତି । ମା ହେବା ପରେ ବି କରୀନାଙ୍କ କ୍ରେଜ କମିନି । ବିୟୁଟି ଓ ଫିଟ୍‌ନେସ୍ ମାମଲାରେ ବଲିଉଡ୍‌ର ୟଙ୍ଗ ହିରୋଇନ୍‌କୁ ଟକ୍କର ଦେଉଛନ୍ତି କରୀନା। ଏହି ଫିଟ୍‌ନେସ୍ ଭିଡିଓକୁ ବେଶ୍ ପସନ୍ଦ କରନ୍ତି କରୀନାଙ୍କ ଫ୍ୟାନ୍ । ସେ ଏବେ ଦୁଇ ସନ୍ତାନର ମାଆ କିନ୍ତୁ ପୁଷ୍ଟିକର ଖାଦ୍ୟ ଖାଇବା ଏବଂ ଆପଣଙ୍କ ଶରୀରର ପ୍ରଶଂସା କରିବା ବିଷୟରେ କହିଛନ୍ତି , ଓଜନ ହ୍ରାସ ପ୍ରକ୍ରିୟାକୁ ଶୀଘ୍ର କରିବା ପରିବର୍ତ୍ତେ, ଏକ ସକ୍ରିୟ ଦୈନନ୍ଦିନ କାର୍ଯ୍ୟନିର୍ବାହର ଆବଶ୍ୟକତା ରହିଥାଏ ବୋଲି ସେ କୁହନ୍ତି । କରୀନା ତାଙ୍କ ସକାଳ ଖାଇବାରେ କିଛି 'ବାଦାମ, କିସମିସ୍ ଖାଇ ଦିନ ଆରମ୍ଭ କରନ୍ତି । 'ସକାଳ ଜଳଖିଆ ପାଇଁ ସେ ପରଠା କିମ୍ବା ପୋହା ଖାଆନ୍ତି । ଯଦି ସେ ସୁଟିଂ କରୁଛନ୍ତି, ତେବେ ମଧ୍ୟାହ୍ନ ଭୋଜନ ଡାଲି ଭାତ ଏହିସବୁ ଖାଇବା ବେଶ ପସନ୍ଦ କରନ୍ତି । ଯଦି ସେ ଘରେ ରୁହନ୍ତି ତେବେ ସେ ରୁଟି ସବୁଜ ପନିପରିବା ଏସବୁ ଖାଇବାକୁ ପସନ୍ଦ କରନ୍ତି । ଏଥିସହ ସେ ଖାଦ୍ୟରେ ପନିର ଟୋଷ୍ଟ କିମ୍ବା ମିଲ୍କସେକ ଇତ୍ୟାଦି ଖାଇବାକୁ ଭଲପାଆନ୍ତି । ଏଥିସହ ସେ ଘିଅ ଭାତ ଖାଆନ୍ତି ପୁରା ଶୋଇବା ସହ ନିଜ ଶରୀରକୁ ଧ୍ୟାନ ଦିଅନ୍ତି । ୨୧ ସେପଟେମ୍ବର ୧୯୮୦ ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ କରୀନା । ରଣଧୀର କପୁର ଓ ବବିତା କପୁରଙ୍କ ସାନ ଝିଅ ହେଉଛନ୍ତି କରୀନା । କରୀନାଙ୍କ ବଡ଼ ଭଉଣୀ କରିସ୍ମା କପୁର ମଧ୍ୟ ବଲିଉଡ୍ ର ଜଣେ ଜଣାଶୁଣା ଅଭିନେତ୍ରୀ। ବର୍ତ୍ତମାନ କରୀନା କପୁର ୪୫ବର୍ଷରେ ପହଞ୍ଚିଛନ୍ତି ।

# ମରିବା ପୂର୍ବରୁ ମାଛ ଯନ୍ତ୍ରଣାରେ ଛଟପଟ ହୁଏ



ପ୍ରତିଦିନ ମଣିଷଙ୍କ ଖାଇବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟକ ମାଛ ମରାଯାଏ। ମାଛ ମରିବା ପୂର୍ବରୁ ଭୀଷଣ ଯନ୍ତ୍ରଣାରେ ଛଟପଟ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ପ୍ରକାଶ ପାଇଛି। କେତେକ ମାଛ ମରିବା ପୂର୍ବରୁ ୨-୨୦ ମିନିଟ୍ ପର୍ଯ୍ୟନ୍ତ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇଥାନ୍ତି ବୋଲି ଏହି ଗବେଷଣାରେ କୁହାଯାଇଛି। ତେବେ ଏହି ଗବେଷଣା ରେନ୍ ଟ୍ରାଉଟ୍ ନାମକ ମାଛ ଉପରେ କରାଯାଇଥିଲା। ଏହି ମାଛକୁ ମାରିବା ପାଇଁ ଏୟାର ଆସ୍‌ଫିକ୍‌ସିଏସନ ( ଶ୍ୱାସରୁଦ୍ଧ କରି ମାରିବା) ପଦ୍ଧତିର ସାହାଯ୍ୟ ନିଆଯାଇଥିଲା। ଉକ୍ତ ପ୍ରକ୍ରିୟାରେ ପ୍ରଥମେ ମାଛକୁ ପାଣିରୁ ବାହାର କରାଯାଏ। ଏହାପରେ ମାଛଗୁଡ଼ିକୁ ପବନରେ ଛାଡ଼ି ଦିଆଯାଏ । ଏହି ପ୍ରକ୍ରିୟାରେ ଧୀରେ ଧୀରେ ଅମ୍ଳଜାନ ଅଭାବରୁ ମାଛଟି ଶ୍ୱାସରୁଦ୍ଧ ହୋଇ ମରିଯାଏ। ସେହିପରି ପବନରେ ମାଛଟି କେବଳ ଗୋଟିଏ ମିନିଟ୍ ରହିବା ପରେ ହିଁ ତା'ର ଶରୀରରେ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ । ଏହାଦ୍ୱାରା ମାଛର ଯନ୍ତ୍ରଣା ବୃଦ୍ଧି ପାଏ ଏବଂ ଏହା ୨-୨୦ ମିନିଟ୍ ପର୍ଯ୍ୟନ୍ତ ଚାଲେ। ଏହି କାରଣ ଯୋଗୁଁ ମାଛକୁ ଅସହନୀୟ ଯନ୍ତ୍ରଣା ସହିବାକୁ ପଡ଼ିଥାଏ । ସେହିପରି କିଛି ସ୍ଥାନରେ ମାଛକୁ ମାରିବା ପୂର୍ବରୁ ବରଫରେ ରଖାଯାଏ । ହେଲେ ଏହି ଉପାୟ ଅତ୍ୟନ୍ତ ଯନ୍ତ୍ରଣାଦାନ । ବରଫରେ ମାଛର ମେଟାବଲିଜିମ୍ ଧୀମା ହୋଯାଏ । ଏହାଦ୍ୱାରା ସେମାନେ ଚେତାଶୂନ୍ୟ ଦେବା ଲାଗି ଅଧିକ ସମୟ ଲାଗେ । ଫଳରେ ସେମାନଙ୍କର ଯନ୍ତ୍ରଣା ସହିବା ସମୟଅଧିକ ହୋଇଯାଏ । ସେହିପରି ଏହି ଗବେଷଣାରେ ଏକ ସମାଧାନ ସମ୍ପର୍କରେ ବି କୁହାଯାଇଛି । ଇଲେକଟ୍ରିକ୍ ଷ୍ଟନି (ବିଦ୍ୟୁତ୍ ଅଚେତନ ବିଧିଂ କୁ ଆପଣାଇବା ଦ୍ୱାରା ମଛର ଯନ୍ତ୍ରଣା କମ୍ ହୋଇଥାଏ ବୋଲି ଏଥିରେ କୁହାଯାଇଛି । ତେବେ ଏହି ଗବେଷଣା ସମୟରେ ଗବେଷକମାନେ ସେଲଫେୟାର ଫୁଟପ୍ରିଣ୍ଟ ଫ୍ରେମ୍ ?ୱାର୍କ ନାମକ ଏକ ବୈଜ୍ଞାନିକ ପଦ୍ଧତିର ସାହାଯ୍ୟ ନେଇଥିଲେ । ଏହାଦ୍ୱାରା ପ୍ରତି ମିନିଟ୍ ?ର ଯନ୍ତ୍ରଣାକୁ ଆକଳନ କରାଯାଏ । ତେବେ ଏହି ଗବେଷଣା ମାଛମାନଙ୍କ ପ୍ରତି ମାନବୀୟ ବ୍ୟବହାର ପ୍ରଦର୍ଶନ ପାଇଁ ଆହ୍ୱାନ ସୃଷ୍ଟି କରିଛି ।

# ବୃଦ୍ଧଙ୍କ ପେଟରୁ ବାହାରିଲା ବଲ !

**ବିରଳ ଘଟଣା**

ଉତ୍ତରାଖଣ୍ଡର ଡେରାଡୁନ ମେଡିକାଲ କଲେଜ ହସ୍ପିଟାଲରୁ ଏକ ଅତ୍ୟନ୍ତ ବିରଳ ଘଟଣା ସାମ୍ନାକୁ ଆସିଛି। ଏଠାରେ ଅପରେଶନ ସମୟରେ ୭୮ ବର୍ଷୀୟ ରାମରାଜଙ୍କ ପେଟରୁ ଏକ ଅଣ୍ଡା ଭଳି ବଲ ବାହାର କରାଯାଇଥିଲା, ଯାହାର ଆକାର ପ୍ରାୟ ଆଠ ସେଣ୍ଟିମିଟର ଏବଂ ଓଜନ ପ୍ରାୟ ୨୦୦ ଗ୍ରାମ ଥିଲା। ଡାକ୍ତରମାନେ ଟେଲିସ୍କୋପ ପଦ୍ଧତି ବ୍ୟବହାର କରି ସଫଳତାର ସହ ଅସ୍ତ୍ରୋପଚାର କରିଥିଲେ। ରାମରାଜ ଦୀର୍ଘ ସମୟ ଧରି ପେଟ ଯନ୍ତ୍ରଣା ଅନୁଭବ କରୁଥିଲେ। ଅଲ୍ଟ୍ରାସାଉଣ୍ଡ ଏବଂ ପରେ ସିଟି ସ୍କାନରେ ତାଙ୍କ ପେଟରେ ମୂତ୍ରାଶୟ ଏବଂ ବୃହଦନ୍ତ ମଧ୍ୟରେ ଏକ ଗୋଲ ଅଣ୍ଡା ପରି ଏକ ଅଦ୍ଭୁତ ଆକୃତି ଦେଖାଯାଇଥିଲା। ଏହା ଷ୍ଟୋନ୍ କିମ୍ବା ସାଧାରଣ ଟ୍ୟୁମର ପରି ମନେ ହେଉ ନ ଥିଲା। ଡାକ୍ତରୀ ପରୀକ୍ଷା ପରେ,ଡାକ୍ତରୀ ଦଳ ଜାଣିପାରିଲେ ଯେ ଏହା ଏକ ଅତ୍ୟନ୍ତ ବିରଳ ଅବସ୍ଥା, ଯାହାକୁ ଜଏଣ୍ଟ ପେରିଟୋନିଆଲ ମାଉସ କୁହାଯାଏ। ଡାକ୍ତର ଅନୁସାରେ, ରାମରାଜଙ୍କ ପିତ୍ତକୋଷରେ ଷ୍ଟୋନ୍, ଶ୍ୱାସକ୍ରିୟା ଏବଂ ସ୍ନାୟୁଗତ ସମସ୍ୟା ମଧ୍ୟ ଥିଲା। ଏକ ମାସର ପ୍ରସ୍ତୁତି ପରେ ଅସ୍ତ୍ରୋପଚାର କରାଯାଇଥିଲା।

# ଚାଉଳରୁ ପୋକ ନଲାଗିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଟିପ୍ସ



*ଚାଉଳରୁ ପୋକ ନଲାଗିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ଭାରତର ପ୍ରତ୍ୟେକ ଘରେ ଭାତ ଖିଆଯାଏ । ଭାତ ହେଉଛି ଆମ ଓଡିଆ ଲୋକଙ୍କର ପ୍ରମୁଖ୍ୟ ଖାଦ୍ୟ । ଅନେକ ଲୋକମାନେ ଦିନ ସହ ରାତିରେ ମଧ୍ୟ ଭାତ ଖାଆନ୍ତି । ଭାତ ନିତିଦିନିଆ ଖାଦ୍ୟ ହୋଇଥିବା ବେଳେ, ଲୋକମାନେ ପ୍ରାୟତଃ ଗୋଟିଏ ମାସ କିମ୍ବା ଗୋଟିଏ ବର୍ଷ ପାଇଁ ଚାଉଳ କିଣି ରଖିଦିଅନ୍ତି । ଯଦି ଚାଉଳକୁ ଅଧିକ ଦିନ ପର୍ଯ୍ୟନ୍ତ ଠିକ୍ ଭାବରେ ସଂରକ୍ଷଣ କରାଯାଏ ନାହିଁ, ତେବେ ଏଥିରେ ପୋକ ଲାଗିବା ଆରମ୍ଭ ହୋଇଥାଏ । ବର୍ଷାଋତୁ ଆରମ୍ଭ ହେଉ ହେଉ ଚାଉଳରେ ପୋକକୁ ନେଇ ଗୃହିଣୀମାନଙ୍କ ଚିନ୍ତା ବଢ଼ିଯାଏ । ପ୍ରତ୍ୟେକ ଘରେ ଚାଉଳରେ ପୋକ ଲାଗିବା ଏକ ସାଧାରଣ ସମସ୍ୟା । ଏଭଳି ସ୍ଥିତରେ କିଛି ଘରୋଇ ଜିନିଷ ସାହାଯ୍ୟରେ ସହଜରେ ଚାଉଳରେ ପୋକ ଲାଗିବାରୁ ରକ୍ଷା କରିପାରିବା । ତେବେ ଆସନ୍ତୁ ଜାଣିବା କିଛି ଘୋରୋଇ ଟିପ୍ସ ...*

ଚାଉଳରେ ପୋକ ଲାଗିବାର ସବୁଠାରୁ ବଡ଼ କାରଣ ହେଉଛି ଓଦାଳିଆ ଅଂଶ। ଯେତେବେଳେ ଚାଉଳକୁ ଓଦା ସ୍ଥାନରେ କିମ୍ବା ସୂର୍ଯ୍ୟକିରଣରୁ ଦୂରରେ ରଖାଯାଏ, ସେତେବେଳେ ଏଥିରେ ପୋକ ଶୀଘ୍ର ଲାଗିଯାଆନ୍ତି । ନୂଆ ଚାଉଳରେ ଅଧିକ ଓଦାଳିଆ ଅଂଶ ଥାଏ । ଏପରି ପରିସ୍ଥିତିରେ, ଏଥିରେ ପୋକ ଲାଗିବା ଆଶଙ୍କା ଅଧିକ ଥାଏ । ଏହି କାରଣରୁ, ଲୋକମାନେ ପୁରୁଣା ଚାଉଳ କିଣି ଅନେକ ମାସ ପର୍ଯ୍ୟନ୍ତ ସଂରକ୍ଷଣ କରିବାକୁ ପଛାଇଥାନ୍ତି ।

## ନିମ୍ବ ଏବଂ ଲବଙ୍ଗ

ଚାଉଳକୁ ପୋକ ଦାଉରୁ ରକ୍ଷା କରିବା ପାଇଁ, ଚାଉଳ ରଖୁଥିବା ପାତ୍ରରେ କିଛି ଶୁଖିଲା ନିମ୍ବ ପତ୍ର ରଖନ୍ତୁ । ନିମ୍ବରେ କୀଟନାଶକ ଗୁଣ ଅଛି, ଯାହା ପୋକ ବଢ଼ିବାକୁ ଦିଏ ନାହିଁ । ଏହା ବ୍ୟତୀତ, ଚାଉଳ ପାତ୍ରରେ କିଛି ଲବଙ୍ଗ କିମ୍ବା ଶୁଖିଲା ଲଙ୍କା ରଖିବା ଦ୍ୱାରା ମଧ୍ୟ ପୋକ ଦୂରେଇ ରୁହନ୍ତି, କାରଣ ପୋକ ଏହାର କଡ୍ଡା ଗନ୍ଧରେ ରୁହନ୍ତି ନାହିଁ ।

## ଖରାରେ ଶୁଖାଇବା

ଚାଉଳକୁ ଖରାରେ ଶୁଖାଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ପ୍ରତି ଗୋଟିଏ କିମ୍ବା ଦୁଇ ସପ୍ତାହରେ ଚାଉଳକୁ ସୂର୍ଯ୍ୟକିରଣରେ ବିଛାଇ ଶୁଖାଇବା ବହୁତ ଗୁରୁତ୍ୱପୂର୍ଣ୍ଣ । ଫଳରେ ଏଥିରୁ ଓଦା ଅଂଶ ଦୂର ହୋଇଯାଏ ଏବଂ ପୋକ ବୃଦ୍ଧିର ଆଶଙ୍କା ହ୍ରାସ ପାଇଥାଏ । ମନେରଖନ୍ତୁ ଯେ, ଚାଉଳ ଶୁଖିବା ପରେ, ଏହାକୁ ଥଣ୍ଡା ହେବାକୁ ଦିଅନ୍ତୁ ଶିଘ୍ର ଏହାକୁ ଏକ ପାତ୍ରରେ ରଖନ୍ତୁ ।

## ରସୁଣ ଏବଂ ହେଙ୍ଗୁ ବ୍ୟବହାର କରନ୍ତୁ


ଯଦି ଚାଉଳ ପାତ୍ରରେ କିଛି ପାଖୁଡା ରସୁଣ କିମ୍ବା ଟିକେ ହେଙ୍ଗୁ ରଖିବେ, ତେବେ ଏହାର ବାସ୍ନା ମଧ୍ୟ ପୋକଙ୍କୁ ଦୂରେଇ ରଖିବ । ହେଙ୍ଗୁର ବାସ୍ନା ଚାଉଳକୁ ପୋକଠାରୁ ବହୁତ ଦିନ ପର୍ଯ୍ୟନ୍ତ ଦୂରେଇ ରଖେ । ରସୁଣରେ ପ୍ରାକୃତିକ କୀଟନାଶକ ଗୁଣ ଅଛି, ଯାହା ପୋକ ଠାରୁ ସୁରକ୍ଷା ଦେବାରେ ସାହାର୍ଯ୍ୟ କରିଥାଏ ।

## ଚାଉଳ କେବେ ସଂରକ୍ଷଣ କରିବେ

ଚାଉଳକୁ ସଠିକ୍ ସ୍ଥାନରେ ଏବଂ ସଠିକ୍ ପାତ୍ରରେ ରଖନ୍ତୁ । ଅର୍ଥାତ୍, ଚାଉଳ ରଖିବା ପାଇଁ ସର୍ବଦା ସଫା ଏବଂ ଶୁଖିଲା ପାତ୍ର ବ୍ୟବହାର କରନ୍ତୁ । ପ୍ଲାଷ୍ଟିକ୍ ପାତ୍ର ଅପେକ୍ଷା ଷ୍ଟିଲ୍ କିମ୍ବା ଧାତୁ ପାତ୍ର ଭଲ । ଚାଉଳକୁ ଏକ ଶୁଖିଲା ସ୍ଥାନରେ ରଖନ୍ତୁ । ଚାଉଳ ପାତ୍ରକୁ ସୂର୍ଯ୍ୟକିରଣ କିମ୍ବା ଓଦାରୁ ଦୂରରେ ରଖନ୍ତୁ । ଚାଉଳ ପାଖରେ ଅନ୍ୟ କୌଣସି ଓଦା ଜିନିଷ ରଖନ୍ତୁ ନାହିଁ ।

## ଚାଉଳ କେବେ ସଂରକ୍ଷଣ କରିବେ

ଏହି ସତର୍କତା ଅବଲମ୍ବନ କଲେ ଚାଉଳ ସୁରକ୍ଷିତ ରହିବ ଯଦି ଆପଣ ନିମ୍ବ, ଲବଙ୍ଗ, ହେଙ୍ଗୁ ଇତ୍ୟାଦି ଜିନିଷ ବ୍ୟବହାର କରି ଚାଉଳ ସଂରକ୍ଷଣ କରନ୍ତି, ତେବେ ଚାଉଳ ମାସ ମାସ ପର୍ଯ୍ୟନ୍ତ ସୁରକ୍ଷିତ ରହିବ ଏବଂ ପୋକ ଲାଗିବ ନାହିଁ । ଏହାସହ ଏହା ପ୍ରାକୃତିକ ଉପାୟ ହୋଇଥିବାରୁ ଆପଣଙ୍କ ସ୍ୱାସ୍ଥ୍ୟକୁ ମଧ୍ୟ କ୍ଷତି ପହଞ୍ଚାଇବ ନାହିଁ ।



# ଠିକ୍ ଭାବେ ଚାଉଳର ସଂରକ୍ଷଣ କରନ୍ତୁ

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ନିମାପଡ଼ା, (ଭାସ୍କର ନ୍ୟୁଜ୍): ଫକୀର ମୋହନ କଲେଜ କେଲେଙ୍କାରୀ ଲାଗି ରହିଥିବା ବେଳେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପରେ ଏବେ ରାଜ୍ୟ ସରକାର ନୂଆ ଗାଇଡ୍ ଲାଇନ୍ ଜାରି କରିଛନ୍ତି । ପ୍ରତ୍ୟେକ କଲେଜରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଏହି ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୯ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ତିନି ଜଣ ମହିଳା ଅଧ୍ୟାପକ, ଜଣେ ଅନ୍ୟ କଲେଜର ବରିଷ୍ଠ ଅ୍ଧାପିକା, ଦୁଇଜଣ ନନ୍ ଟିଚିଙ୍ଗ ଷ୍ଟାଫ୍, ତିନିଜଣ ଛାତ୍ରୀ ପ୍ରତିନିଧି ଏହି କମିଟିରେ ରହିବା ପାଇଁ ୟୁଜିସି ଗାଇଡ୍ ଲାଇନ୍ ଜାରି କରିଛି। ଏହି କାର୍ଯ୍ୟକ୍ରମ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଗଠନ ହୋଇଥିବା ବେଳେ ନିମାପଡ଼ା କଲେଜ କମିଟିର ଅଧକ୍ଷ ସ୍ୱପ୍ନାରାଣୀ ମିଶ୍ର, ଡ଼ଃ ଅଞ୍ଜନା ମହାନ୍ତି, ଅଧ୍ୟାପିକା ପ୍ରତିଧ୍ୱନି ସ୍ୱାଇଁ, ମୁଖ୍ୟ କିରାଣୀ ଜ୍ଞାନ ରଂଜନ ସାହୁ, ବିନୋଦିନୀ ପଣ୍ଡା, ଇନ୍ଦିରାଗାନ୍ଧୀ ଡ଼ିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଏନ୍‌ସିସି ଅଫିସର ପୂର୍ଣ୍ଣମାସୀ ପରିଡ଼ା, ବିଜ୍ଞାନର ଛାତ୍ରୀ ସ୍ୱାଗତୀକା ନାୟକ, କଳା ବିଭାଗର ଛାତ୍ରୀ ରିତା ଜେନା, କମର୍ସର ସ୍ୱର୍ଣ୍ଣପ୍ରିୟା ପଣ୍ଡା କମିଟିରେ ସ୍ଥାନ ପାଇଛନ୍ତି। ଜିଲ୍ଲା ସ୍ତରୀୟ ଶିକ୍ଷା ବିଭାଗର ଉଚ୍ଚ ସ୍ତରର ପ୍ରଦତ୍ତ ଅଫିସର ବିଭିନ୍ନ କଲେଜ ପରିଦର୍ଶନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମ ସ୍ଥଳରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ରାଜଧାନୀ ସଂଗ୍ରାମୀ ସେବାସଂଘ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଏଫଏମ କଲେଜରେ ନିଜ ସୁରକ୍ଷା ପାଇଁ ଲଢ଼ି ଲଢ଼ି ଜୀବନ ଦେଇଥିବା ସୌମ୍ୟାଶ୍ରୀ ବିସିଙ୍କ ଉଦ୍ଦେଶ୍ୟରେ ଦୀପଦାନ ଓ ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଇଛି ରାଜଧାନୀ ସଂଗ୍ରାମୀ ସେବାସଂଘ। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ଉଦବୋଧନ ଦେଇ କହିଥିଲେ ଯେ ରକ୍ଷକ ଯଦି ଭକ୍ଷକ ସାଜେ ତେବେ ଗୁହାରି କରିବା କାହାକୁ। ସୌମ୍ୟାଶ୍ରୀର ଆତ୍ମାହୂତି ସରକାରଙ୍କୁ ଏକ ଦୃଢ଼ ବାର୍ତ୍ତା ଦେଇଗଲା ଯେ କେବେ ଏଭଳି ଭୁଲ କୁ ତ୍ୱରାନ୍ୱିତ କରିବେ ନାହିଁ। ସେ ଜୀବନ ହାରି ସଭ୍ୟ ସମାଜ ମୁହଁରେ ଗୋଟେ ଶକ୍ତ ଚାପୁଡ଼ା ମାରିଦେଇ ଚାଲିଗଲା। ଆମେ ସମସ୍ତେ ଆମ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଛେ। ରକ୍ଷକ ଭକ୍ଷକ ସାଜିଛନ୍ତି। ସରକାର, ବ୍ୟବସ୍ଥା ଓ ସାମାଜିକ ସ୍ତରରେ ଆମକୁ ଆଗକୁ ଅଧିକ ସତର୍କ, ସମ୍ବେଦନଶୀଳ, ସଚେତନ ଓ କଠୋର ହେବାକୁ ପଡିବ, ଯାହାଦ୍ୱାରା ଭବିଷ୍ୟତରେ ଆଉ କୌଣସି ସୌମ୍ୟଶ୍ରୀଙ୍କ ଜୀବନ ଆହୁତି ନ ଦିଅନ୍ତୁ। ଏହାସହ ସମାଜସେବୀ ମାନସ ବସ୍ତିଆ, ସାମ୍ବାଦିକ ସତ୍ୟଜିତ ମହାପାତ୍ର, ଭିନ୍ନସ୍ୱର ସମ୍ପାଦକ ସୁଶାନ୍ତ ମହାକୁଡ଼, ସାମ୍ବାଦିକ ଜ୍ୟୋତି, ନବୀନ କୁମାର ଦାସ, ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ସେନାପତି (ପିହୁ) ମହାକାଳ ସେବକ ମାନସ ସାହୁ, ସୀମାଞ୍ଚଳ ପାତ୍ର, ସହଦେବ ମହାରଣା, ମଧୁସ୍ମିତା ଓଝା, ସିଲୁ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଗଠନ ପ୍ରତିଷ୍ଠାତା ବାପୁଓଝା।

## ଶିକ୍ଷକଙ୍କ ବଦଳିକୁ ନେଇ ଅସନ୍ତୋଷ

# ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖିଲଗୁଡାରେ ଶୁକ୍ରବାର ଛାତ୍ରଛାତ୍ରୀ ଓ ଅଭିଭାବକ ମିଶି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହିତ ବିଦ୍ୟାଳୟରେ ଏକ ଶିକ୍ଷକ ନିଯୁକ୍ତି ନିମନ୍ତେ ଅଭିଯୋଗ କରିଥିଲେ। ସୂଚନା ଥାଉକି ଉକ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୭ଛାତ୍ର ଛାତ୍ରୀ ଅଧ୍ୟୟନ ରତ ଥିବା ବେଳେ ବିଗତ ଦିନରେ ୪ଜଣ ଶିକ୍ଷୟତ୍ରୀ ଓ ଜଣେ ଶିକ୍ଷକ ଛାତ୍ର ଛାତ୍ରୀଙ୍କୁ ଶିକ୍ଷଦାନ କରୁଥିଲେ। କିନ୍ତୁ ବର୍ତ୍ତମାନ ଉକ୍ତ ଶିକ୍ଷକଙ୍କୁ ବ୍ଲକ ଶିକ୍ଷା ବିଭାଗ ଅଧୀନ ବୁଦୁଗୁଡା ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯିବା ସହିତ ସେହି ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀଙ୍କୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖିଲଗୁଡାକୁ ବଦଳି କରାଯାଇଛି ଯାହାକି ଉକ୍ତ ବିଦ୍ୟାଳୟରେ ମୋଟ ୫ଜଣ ଶିକ୍ଷୟତ୍ରୀ ବର୍ତ୍ତମାନ ଶିକ୍ଷାଦାନରେ ନିୟୋଜିତ ଅଛନ୍ତି, ଏହାକୁ ନେଇ ଛାତ୍ର ଛାତ୍ରୀ ଏବଂ ଅଭିଭାବକ ଆଜି ବିଦ୍ୟାଳାକୁ କୌଣସି ଶିକ୍ଷୟତ୍ରୀଙ୍କୁବିଦ୍ୟାଳାକୁ ନଛାଡି ମୁଖ୍ୟ ଫାଟକରେ ତାଲାପାକଇ ଥିଲେ। ଏହାକୁ ନେଇ ଆମେ ବ୍ଲକଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେକି ଉକ୍ତ ଶିକ୍ଷକ ସାଧନ ବିଶ୍ୱାସ ସେହି ବିଦ୍ୟାଳୟରେ ପ୍ରାୟ ୭ବର୍ଷ ହେବ ଶିକ୍ଷାଦାନ କରିଆସୁଥିଲେ କିନ୍ତୁ ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୧୧ତାରିଖରେ ଉକ୍ତ ଶିକ୍ଷକଙ୍କୁ ଶିକ୍ଷା ବିଭାଗ ଅଧୀନ ବୁଦୁଗୁଡା ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯିବା ସହିତ ବୁଦୁଗୁଡା ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀଙ୍କୁ ଖିଲ ଗୁଡା ବିଦ୍ୟାଳୟକୁ ବଦଳି କରାଯାଇଥିଲା ଏଣୁ ସେହି ବିଦ୍ୟାଳୟରେ ସମସ୍ତ ୫ଜଣ ଶିକ୍ଷୟତ୍ରୀ ହୋଇଯିବା କାରଣରୁ ଜଣେ ଶିକ୍ଷକ ଆବଶ୍ୟକେ ନିମନ୍ତେ ଅଭିଯୋଗ କରିବା ସହିତ ଫାଟକରେ ତାଲା ପାକଇ ପ୍ରତିବାଦ କରିଥିଲେ। ଏଣୁ ମୁଁ ଏବଂ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମାଡା ମାଡ଼କାମୀ ଯାଇ ଅଭିଭାବକଙ୍କୁ ବୁଝା ସୁଝା କରିବା ସହିତ ଫାଟକରୁ ତାଲା ଖୋଲା ଯାଇଥିଲା ଏବଂ ଉପରସ୍ତ ଅଧିକାରିଙ୍କୁ ଅବଗତ କରାଇବା ଏହାର ପ୍ରତିକାର ନିମନ୍ତେ ଅଧିକାରିଙ୍କୁ ଜଣାଇବି ବୋଲି କହିଥିଲେ ମିସ୍ତ୍ରୀ।

## ବାପାକୁ ହାଣିଲା ପୁଅ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ):କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଏକ ହୃଦୟ ବିଦାରକ ଘଟଣା ଘଟି ଯାଇଛି। ନିଜର ଜନ୍ମ କରିଥିବା ବାପାଙ୍କୁ ଟାଙ୍ଗିଆରେ ହାଣିବାକୁ ପଛେଇ ନାହିଁ ପୁଅ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଗୁରୁତର ଆହତ ସଦନ ମାଣ୍ଡିଙ୍ଗାଙ୍କୁ ଉଧାର କରି ଲକ୍ଷ୍ମୀପୁର ଡାକ୍ତରଖାନାରେ ଭର୍ତି କରିଛନ୍ତି। ଖବର ପାଇ ଲକ୍ଷ୍ମୀପୁର ଡାକ୍ତର ଖାନାରେ ଆଇଆଇସି ସୁଜ୍ଞାନୀ ସାହୁ, ସବିନିସ୍ପେକ୍ଟର ମାନସ ପ୍ରଧାନ ଓ ଶାନ୍ତିଲତା ବେହେରା ପହଞ୍ଚି ପରିବାର ବର୍ଗଙ୍କୁ ପଚରାଉଚରା କରିଛନ୍ତି। ଖବର ଲେଖା ହେବା ସୁଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିବା ଜଣା ପଡିଛି। ଅପରପକ୍ଷେ ଅଭିଯୁକ୍ତ ପୁଅ ସମୀର ମାଣ୍ଡିଙ୍ଗାକୁ ଧରିବା ପାଇଁ ରାତିରେ ପୋଲିସ ଚଢ଼ାଉ କରିଥିବା ଖବର ମିଳିଛି। ସଦନଙ୍କ ଅବସ୍ଥା ସଂଗୀନ ଥିବାରୁ ଚିକିତ୍ସା କରୁଥିବା ଡାକ୍ତର କୋରାପୁଟ ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି।

## ଦେଢ଼ଶୁରଙ୍କ କୋଦାଳ ଚୋଟରେ ଭାଇବୋହୂ ମୃତ, ଅଭିଯୁକ୍ତର ଥାନାରେ ଆତ୍ମସମର୍ପଣ

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ଦେଢ଼ଶୁରଙ୍କ କୋଦାଳ ଚୋଟରେ ଇଘଗ ଥିବା ଭାଇବୋହୂଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା କଲ୍ୟାଣିସଂପୁର ଥାନା ଅନ୍ତର୍ଗତ ଡେପାଗୁଡ଼ା ଗାଁରେ ଏହି ଘଟଣା ଘଟିଛି। ତେବେ ମୃତ ଭାଇବୋହୂ ହେଲେ ସୁରେନ୍ଦ୍ରୀ ସାରକା(୪୦)। ପୂର୍ବ ଜମିଜମାକୁ ନେଇ ଉଭୟ ପରିବାର ମଧ୍ୟରେ କଳହ ଥିଲା। କଳହକୁ ନେଇ ଶୁକ୍ରବାର ସକାଳେ ସୁରେନ୍ଦ୍ରୀ ସାରକା ରୋଷେଇ କରୁଥିବା ସମୟରେ ତାଙ୍କୁ ଏକ କୋଦାଳ ସାହାଯ୍ୟରେ ମୁଣ୍ଡକୁ ବାରମ୍ବାର ହାଣିଥିଲେ ଦେଢ଼ଶୁର ପ୍ରେପାକା ଲତରା। ପରେ ଖବର ପାଇ ସୁରେନ୍ଦ୍ରୀଙ୍କ ସ୍ୱାମୀ ପ୍ରେପାକା ବୋଇ ମାଝୀ ତାଙ୍କୁ କଲ୍ୟାଣସିଂପୁରରୁ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ସେଠାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ରାସ୍ତାରେ ତାଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେ କଲ୍ୟାଣସିଂପୁର ଚିକିତ୍ସାଳୟରେ ଦୀର୍ଘ ୮ବର୍ଷ ହେବ ଏଏନ୍‌ଏମ୍ ଭାବେ କାର୍ଯ୍ୟ କରୁଥିଲେ। ଅପରପକ୍ଷରେ ଅଭିଯୁକ୍ତ ପ୍ରେପକା ଲତରା କଲ୍ୟାଣସିଂପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ଗାଁରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏସମ୍ପର୍କରେ ପୋଲିସର ପ୍ରତିକ୍ରିୟା ମିଳିପାରି ନାହିଁ। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ। ପୋଲିସ ଏହାର ତଦନ୍ତ କରୁଛି।

### ଦୁର୍ଘଟଣାରେ ଭାଇ ମୃତ ଭଉଣୀ ଗୁରୁତର

ଶୁଳିଆପଦା, (ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲା ଝାରପୋଖରୀଆ ଥାନା ଅଧୀନ ନୁହାମାଳିଆ ଗ୍ରାମର କାହ୍ନୁଚରଣ ମୁର୍ମୁ ଙ୍କ ଝିଅ ଜମୁନା ମୁର୍ମୁ ଓ ପୁଅ ବିପିନ ମୁର୍ମୁ ଏକ ଟିଭିଏସ ଆପାଚେ ବାଇକ ନମ୍ବର ଓଡି ୧୧ ଏସି ୪୬୨୮ ଯୋଗେ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଶୁଳିଆପଦାକୁ ଆସୁଥିବା ବେଳେ ଶୁଳିଆପଦା ଥାନା ଅଧୀନ ଚକଚକିଆ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ ଆମ୍ବଗଛକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଭାଇ ବିପିନ ମୁର୍ମୁଙ୍କ ମୃତ୍ୟୁ ହୋଇଥିବା ବେଳେ ଭଉଣୀ ଜମୁନା ଗୁରୁତର ଅବସ୍ଥାରେ ପ୍ରଥମେ ବାରିପଦା ପିଆରଏମ୍ ମେଡିକାଲ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବିଦ୍ୟୁତ୍ ଖୁଣ୍ଟ ଓ ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ ପାଇଁ ଦାବି



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଜିଲ୍ଲାରେ ବିଦ୍ୟୁତ ଖୁଣ୍ଟକୁ ଉଚ୍ଚ କ୍ଷମତା ସମ୍ପନ୍ନ ତାର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଓ ଯନ୍ତ୍ରପାତି ଅଭାବ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କୁ ଭେଟି ଲିଖିତ ପତ୍ର ମାଧ୍ୟମରେ ସେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବିଦ୍ୟୁତ ଖୁଣ୍ଟ ଓ ଉଚ୍ଚ କ୍ଷମତାସମ୍ପନ୍ନ ତାର ସମସ୍ୟା ବ୍ୟକ୍ତିଗତ ଜମି ଗୁଡ଼ିକରେ ଅନିୟମିତ ଭାବେ ସ୍ଥାପିତ ବିଦ୍ୟୁତ ଖୁଣ୍ଟ ଓ ତାର ଯୋଗୁଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଏବଂ ବ୍ୟକ୍ତିଗତ ଖର୍ଚ୍ଚରେ ଘର ନିର୍ମାଣରେ ବାଧା ସୃଷ୍ଟି ହେଉଛି। ବିଧାୟକ ଏହାର ସ୍ଥାନାନ୍ତରଣ ପାଇଁ ସର୍ଭେ ଓ ଖର୍ଚ୍ଚ ସରକାର ବହନ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆନେସ୍ଥେସିଓଲୋଜିଷ୍ଟ, ଅର୍ଥୋପେଡିକ୍ ଡାକ୍ତର, ସର୍ଜନ, ରକ୍ତ କମ୍ପୋନେଣ୍ଟ ସେପାରେଟର ଓ ପାରାମେଡିକାଲ କର୍ମଚାରୀଙ୍କ ଅଭାବ ଚିକିତ୍ସା ସେବାରେ ବାଧାସୃଷ୍ଟି କରୁଛି। ଗତ ମାସରେ ୩୦ରୁ ଅଧିକ ଗର୍ଭବତୀ ମହିଳାଙ୍କୁ କୋରାପୁଟ ମେଡ଼ିକାଲ କଲେଜ କୁ ରେଫର କରାଯାଇଛି। ଏହାର ତୁରନ୍ତ ନିଯୁକ୍ତି ଓ ଯନ୍ତ୍ରପାତି ଯୋଗାଣ ପାଇଁ ଦାବି କରିଛନ୍ତି ବିଧାୟକ। ଏହି ଦାବିଗୁଡ଼ିକ ମାଲକାନଗିରି ଜିଲ୍ଲାର ବିକାଶ ଓ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେବବୋଲି ସ୍ଥାନୀୟ ଲୋକେ ଆଶା ରଖିଛନ୍ତି। ସରକାରଙ୍କ ପକ୍ଷରୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେଇ ଜନସାଧାରଣ ଆଶାବାଦୀ ରହିଛନ୍ତି।

# ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଦ୍ୱି-ଦିବସୀୟ 'ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମ' କାର୍ଯ୍ୟକ୍ରମ




ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାରେ, ରାଜ୍ୟରେ ଷ୍ଟାର୍ଟଅପ୍ ପରିବେଶକୁ ସୁଦୃଢ଼ କରିବାସହ ନବସୃଜନର ସମ୍ଭାବନାକୁ ବଢାଇବା ପାଇଁ ଏମଏସଏମଇ ବିଭାଗ ସହାୟତାରେ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା, 'ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମ' କାର୍ଯ୍ୟକ୍ରମର ପ୍ରଥମ ଦିନ ଯାଜପୁରରର ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଆୟୋଜିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସମବାୟ ଓ ବୟନ ଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଲେ ଆଜିର ଏହି ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମର ଉଦ୍ଦେଶ୍ୟ ହେଉଛି ଓଡିଶାରେ କିପରି ଷ୍ଟାର୍ଟଅପର ଗ୍ରୋଥ ହୋଇପାରିବ ସେଥିପ୍ରତି କାର୍ଯ୍ୟରତ ହେବା। ଯୁବକ ମାନେ କିପରି ନିଯୁକ୍ତି ପଛରେ ନଧାଇଁକି ନିଜେ ନିଯୁକ୍ତି ସୃଷ୍ଟି କରି ପାରିବେ ସେଥିପାଇଁ ସମସ୍ତ ପ୍ରକାର ପ୍ରୋତ୍ସାହନ ଦେବାକୁ ସରକାର ସ୍ଥିର କରିଛନ୍ତି। ଆଜିର ଏହି କର୍ମଶାଳାରେ ନୂଆ ଯୁବ ପିଢ଼ିଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଯାହାଦ୍ୱାରା ଆଜିର ଯୁବପିଢ଼ି ଷ୍ଟାର୍ଟଅପକୁ ଆଗେଇ ନେବେ ବୋଲି ଆଶା କରାଯାଏ। ଉକ୍ତ ଦ୍ୱି-ଦିବସୀୟ କର୍ମଶାଳାର ପ୍ରଥମ ଦିନରେ ଯୋଗଦେଇ ମାନ୍ୟବର ଶିଳ୍ପ ଓ ଦକ୍ଷତା ବିକାଶ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଷ୍ଟାର୍ଟଅପ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏବଂ କିପରି ଅଧିକ ମାତ୍ରାରେ ଷ୍ଟାର୍ଟଅପ ଓଡ଼ିଶାରେ ପ୍ରତିଷ୍ଠା ହେବ ଏହାର ଉଦ୍ଦେଶ୍ୟରେ ହିଁ ପୂର୍ବୋଦୟ ଷ୍ଟାର୍ଟଅପ୍ ସଙ୍ଗମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରତି ବର୍ଷ ଜାନୁଆରୀ ୧୬ ତାରିଖକୁ ଜାତୀୟ ଷ୍ଟାର୍ଟଅପ୍ ଦିବସ ରୂପେ ପାଳନ କରାଯାଏ। ପୂର୍ବୋଦୟ ମିଶନରେ ଓଡ଼ିଶାକୁ ସର୍ବଦା ପ୍ରାଧାନ୍ୟ ଦିଆଯାଇଛି। ଆଜିର ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମରେ ପୂର୍ବୋତ୍ତର ୫ ଟି ଜିଲ୍ଲା ତଥା ବାଲେଶ୍ୱର,ଭଦ୍ରକ, ମୟୂରଭଞ୍ଜ, କେଉଁଝର, ଯାଜପୁର ଜିଲ୍ଲାକୁ ନେଇ ଅନୁଷ୍ଠିତ କରାଯାଇଅଛି। ଏହି ୨ ଦିନିଆ କର୍ମଶାଳାରେ ଷ୍ଟାର୍ଟଅପ୍ ଉପରେ ବିଭିନ୍ନ ତଥ୍ୟ ଆଲୋଚନା ହେବ। ଏବେ ସୁଦ୍ଧା ଓଡ଼ିଶାରେ ୨୩୦୨ ଟି ଷ୍ଟାର୍ଟଅପ୍ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ପଞ୍ଜୀକୃତ ହୋଇଛନ୍ତି। ଆଗାମୀ ୫ ବର୍ଷରେ ୫୦୦୦ ଷ୍ଟାର୍ଟଅପ୍ କରିବା ପାଇଁ ସରକାରଙ୍କ ତରଫରୁ ଓ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି। ଉକ୍ତ କର୍ମଶାଳାରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ କହିଲେ 'ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଷ୍ଟାର୍ଟଅପ ସମ୍ବନ୍ଧିତ ଆକ୍ଟିଭିଟିଜ୍ ଆଗକୁ ନେବା। ଷ୍ଟାର୍ଟଅପ ଓଡ଼ିଶା ଜିଲ୍ଲାସ୍ତରରେ କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ଦିଗରେ ଆଜି ଯାଜପୁର ଜିଲ୍ଲାରେ ୫ ଟି ପୂର୍ବୋତ୍ତର ଜିଲ୍ଲାକୁ ନେଇ ୨ ଦିନିଆ କର୍ମଶାଳା ଆୟୋଜିତ କରାଯାଇଛି। ଯେଉଁ ଉଦ୍ୟୋଗୀ ମାନେ ନୂଆ ଆଇଡ଼ିଆ ରଖିଛନ୍ତି କିମ୍ବା କ୍ଷୁଦ୍ର ବ୍ୟବସାୟ ତଥା ଆଇଟି କ୍ଷେତ୍ରରେ କିଛି କରିବା ପାଇଁ ଚାହୁଁଛନ୍ତି ସେମାନେ ଏହି ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମ କର୍ମଶାଳା ଦ୍ୱାରା ନିଶ୍ଚୟ ଉତ୍ସାହିତ ହେବେ।ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସ୍ୱାଗତ ଭାଷଣ ଦେବା ସହିତ କହିଲେ ଷ୍ଟାର୍ଟଅପ୍ ପାଇଁ ରାଜ୍ୟ ସରକାର ଅନୁକୂଳ ପରିବେଶ ସୃଷ୍ଟି କରୁଛନ୍ତି। ଏହା ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଏହି ଅବସରରେ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଆଦି ଜିଲ୍ଲାର ବିଭିନ୍ନ ଷ୍ଟାର୍ଟଅପ୍ ଯୁବ ଉଦ୍ୟୋଗୀ ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା ଷ୍ଟାର୍ଟଅପ୍ ଉଦ୍ୟୋଗ କ୍ଷେତ୍ରରେ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ, ବୈଷୟିକ ସହାୟତା ଆଦି ପ୍ରସଙ୍ଗରେ ଆଲୋଚନା ହେଇଥିଲା। ପରେ ପରେ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିବା, ବୈଷୟିକ ଅଧିବେଶନ, ପ୍ୟାନେଲ୍ ଆଲୋଚନା ଅଂଶଗ୍ରହଣ କରିବା ସହ ନିଜର ମତାମତ ରଖିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଷ୍ଟାର୍ଟଅପ୍ ଓଡ଼ିଶା ପ୍ରଦର୍ଶନୀରେ ସ୍ୱୟଂ ସହାୟକ ଗୋଷ୍ଠୀ, ଷ୍ଟାର୍ଟଅପ୍ ୟୁନିଟ, ଏଫ୍.ପି.ଓ ମାନଙ୍କ ଦ୍ୱାରା ପ୍ରଦର୍ଶନୀ ଷ୍ଟଲ କରାଯାଇଥିଲା ଏବଂ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହି ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ, ଡ. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ନିର୍ବାଚନମଣ୍ଡଳୀର ବିଧାୟକ ଆକାଶ ଦାସନାୟକ, ବିଧାୟକ ବଡ଼ଚଣା ଅମର ନାୟକ, ଓ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ସ୍ୱାବଲମ୍ବୀ ଭାରତ ଅଭିଯାନର ଆଞ୍ଚଳିକ ସଂଯୋଜକ ସାରଦା ପ୍ରସାଦ ଶତପଥୀ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଶିଳ୍ପପତି, ଯୁବ ଉଦ୍ୟୋଗୀ, ଏସ୍‌ଏଚ୍‌ଜି ମହିଳାମାନଙ୍କ ସମେତ ବହୁ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ ଆଘାତରେ ଜଣେ ମୃତ

ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ଏନଏସି ୱାର୍ଡ ନଂ ୧୮ ପାକଲାପଲ୍ଲୀରେ ଘଟିଛି ଅଭାବନୀୟ ଘଟଣା। ଚାଷ ଜମିକୁ ପାଣି ମାଡାଇବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ପାକଲାପଲ୍ଲୀର ୫୫ ବର୍ଷୀୟ ନିରଞ୍ଜନ ନାହାକ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ନିରଞ୍ଜନ ଚାଷ ଜମିରେ ମୋଟର ସାହାଯ୍ୟ ରେ ପାଣି ମାଡାଇବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଧାରକରୀ ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବରପାଇ ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଥିବା ତେବେ କେଉଁ କାରଣରୁ ସେ ବିଦ୍ୟୁତ ଆଘାତର ଶିକାର ହେଲେ ତାହାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି।

## ଗାଡି ଧକ୍କାରେ ବୃଦ୍ଧ ଗୁରୁତର

ଗୋପ, (ଭାସ୍କର ନ୍ୟୁଜ୍): ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇ ପ୍ରଥମେ ଗୋପ ପରେ କ୍ୟାପିଟାଲ ହସ୍ପିଟାଲ କୁ ସ୍ଥାନାନ୍ତରିତ ହୋଇଛନ୍ତି। ବୃଦ୍ଧ ଜଣକ ହେଲେ ନିମାପଡ଼ା ଥାନା ବସନ୍ତମାଳ ବଦଳା ଗ୍ରାମର ଅଶୋକ ନାୟକ (୬୦)। ସୂଚନା ମୁତାବକ ଅଶୋକ ମାଛ ଆଣି ଚନ୍ଦ୍ରଭାଗାରୁ ଫେରୁଥିବା ସମୟରେ ଗୋପ -କୋଣାର୍କ ରାସ୍ତାର ବଗଲେଇ ଛକ ନିକଟରେ ଏକ ଗାଡି ଧକ୍କା ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଗାଡି ସହ ଅଶୋକ ସେଠାରେ ପଡି ଛଟପଟ ହେଉଥିବା ବେଳେ କିଛି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାକୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା।

## ନଦୀକୁ ଡେଇଁ ନିଖୋଜ ଥିବା ଯୁବତୀଙ୍କ ମୃତଦେହ ଉଦ୍ଧାର

ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍): ଖରସ୍ରୋତା ନଦୀକୁ ଡେଇଁ ନିଖୋଜ ଥିବା ଯୁବତୀଙ୍କ ମୃତ ଦେହ ଆଜି ଉଦ୍ଧାର ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଗୋବିନ୍ଦପୁର ଗ୍ରାମର ସୁଦାମ ମିଶ୍ରଙ୍କ ଝିଅ ମଧୁସ୍ମିତା ଗତକାଲି ସିଂହପୁର ଗୋବିନ୍ଦପୁର ଉଚ୍ଚ ସେତୁ ଉପରୁ ଖରସ୍ରୋତା ନଦୀକୁ ଡେଇଁ ପଡ଼ିଥିଲେ।

## ମା' ବାସନ୍ତୀ ବାଳିକା ବିଦ୍ୟାଳୟରେ ବନ ମହୋତ୍ସବ

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁର ପଞ୍ଚାୟତରେ ମା ବାସନ୍ତୀ ବାଳିକା ବିଦ୍ୟାଳୟରେ ଇକୋ କ୍ଲବ୍ ଓ ନନ୍ଦି କ୍ଲବ୍ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରଭା ଆଚାର୍ଯ୍ୟ ଓ ସରସ୍ୱତୀ ଗାଇଡ୍ କମ୍ପାନୀର ଗାଇଡ୍ କ୍ୟାପଟେନ୍ ନମିତା ନାୟକଙ୍କ ପୌରହିତରେ ଆୟୋଜିତ ଉତ୍ସବର ମୁଖ୍ୟ ଅତିଥି ଭାବରେ ପୂର୍ବତନ ସରପଂଚ ମୁଖ୍ୟ ଅତିଥି ଭାବେ ବନ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଓ ସରପଂଚଙ୍କର ପ୍ରତିନିଧି ଭାବେ ଶ୍ରୀଯୁକ୍ତ ବସନ୍ତ କୁମାର ନାଥ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ, ସରକାରୀ ଶିକ୍ଷକ ଦିଲୀପ ରାଉତ୍ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସରକାରୀ ଶିକ୍ଷକ ପ୍ରକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ, ଏହି ଅବସରରେ ଗାଇଡ୍ କ୍ୟାପଟ୍ଟେନ୍ ନମିତା ନାୟକଙ୍କ ତତ୍ତ୍ୱାବଧାନରେ ଗାଇଡ୍ ପିଲାମାନେ ବିଦ୍ୟାଳୟ ପରିସରରେ ଓ ବିଦ୍ୟାଳୟ ବାହାରେ ଚାରା ରୋପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀ ମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲେ କାର୍ଯ୍ୟକ୍ରମକୁ ପ୍ରେମଲତା ବେହୁରା ଓ ପ୍ରେମଲତା କୁଣ୍ଡ, ମନ୍ମଥ କୁମାର ପଣ୍ଡା ପରିଚାଳନା କରିଥିଲେ।

## ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା

କଟକ(ଭାସ୍କର ନ୍ୟୁଜ୍): ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ୟୁରୋ ତରଫରୁ 'ସମୀକ୍ଷା ଓ ପ୍ରବେଶ ତଥା ଦିଗଦର୍ଶନ ମୂଳକ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡ଼. ସବିତା ମିଶ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଆଇ.ଏ.ଏସ. ମୃଣାଳକାନ୍ତି ଦାସ, ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ଼. ରମେଶ ଚନ୍ଦ୍ର ବେହେରା, କୁମାରୀ ସରିତା ପଟେଲ (ଜାତୀୟ ସେବା ଯୋଜନାର ଆଂଚଳିକ ନିର୍ଦ୍ଦେଶିକା, ଭାରତ ସରକାର), ୟୁଥ୍ ଅଫିସର ଅଜିତ କୁମାର ଓ ଡଃ. ବିଶ୍ୱମୋହନ ଜେନା (କାର୍ଯ୍ୟକ୍ରମ ସଂଯୋଜକ ଅଧିକାରୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ) ପ୍ରମୁଖ ଯୋଗଦାନ ଦେଇ ୬ ଗୋଟି ଜିଲ୍ଲାରୁ ଆସିଥିବା ଶତାଧିକ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଚେୟରମ୍ୟାନ ମୃଣାଳକାନ୍ତି ଦାସ କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ବୃକ୍ଷରୋପଣ, ରକ୍ତଦାନ ଶିବିର, ଆଦି ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟର ପିଜିଟି କୁମାରୀ ସରିତରଣି ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ଜାତୀୟ ସେବା ଯୋଜନା ମାର୍ଗଦର୍ଶକ ରବିନ କୁମାର ସୋରେନ ଓ କାର୍ଯ୍ୟକର୍ମ ଅଧିକାରୀ ଶିବ ପ୍ରସାଦ ମିଶ୍ର ଏନ୍‌ଏସଏସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନଙ୍କ ସହିତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

### ବିଷ୍ଣୁପଦ ସେଠୀଙ୍କ ଜାମିନ ମାମଲା

## ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ (ଭାସ୍କର ନ୍ୟୁଜ୍): ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍ ଲାଂଚ ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ମାମଲାରେ ହାଇକୋର୍ଟ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି । ଶୁକ୍ରବାର ହାଇକୋର୍ଟରେ ମାମଲାର ଶୁଣାଣିବେଳେ ସିବିଆଇ ପକ୍ଷରୁ କେଶ୍ ଡାଏରୀ ଦାଖଲ କରାଯାଇଥିଲା । ହାଇକୋର୍ଟର ବିଚାରପତି ଭି . ନରସିଂହଙ୍କ ଇଜିଲାସ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି । ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ କରିଥିଲା । ଏହି ଘଟଣାରେ ଗିରଫଦାରୀକୁ ଏଡାଇବାକୁ ଯାଇ ସେ ହାଇକୋର୍ଟରେ ଆଗୁଆ ଜାମିନ ଲୋଡିଥିଲେ । ହାଇକୋର୍ଟ ମାମଲାରେ ଅନ୍ତରୀଣ ରହିତାଦେଶକୁ ବଳବତର ରଖିବା ସହ ଶ୍ରୀ ସେଠୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ । ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ବିଷ୍ଣୁପଦ ସେଠୀଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଉକ୍ତ ଏତଲାରେ ଆଇଏଏସ୍ ବିଷ୍ଣୁପଦଙ୍କ ନାମ ନଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା ବୋଲି ଶ୍ରୀ ସେଠୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା । ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନିର ଲାଞ୍ଚ କାରବାର ମାମଲାରେ ୮ ଜଣିଆ ସିବିଆଇ ଟିମ୍ ବିଷ୍ଣୁପଦଙ୍କ ଘରେ ପଶି ଛାନଭିନ କରିଥିଲେ । ତାଙ୍କ ସରକାରୀ ବାସଭବନ ତଥା ଫରେଷ୍ଟ ପାର୍କର କଡ଼ରେ ଥିବା କ୍ୱାର୍ଟର ୫-ଆର ୪ରେ ରେଡ୍ କରିଥିଲା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ।

# ସମସ୍ୟାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ମହକୁମାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଛି ଧରଣୀଧର ଭେଷଜ ମହାବିଦ୍ୟାଳୟରେ ଲୋକର୍ପିତ ହେବାର ପ୍ରାୟ ୧୫ ମାସ ପରେ ଏହା କାର୍ଯ୍ୟକ୍ଷମ ହେବା ପରେ ଏବେ ସେଠାରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ନ ଥିବାରୁ ରୋଗୀଙ୍କ୍ ପାଇଁ ବିଶେଷ ଉପକାର ସାଧିତ ହୋଇପାରୁନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟେର ମେଡିସିନ ବିଭାଗ ସହିତ ଅନ୍ୟାନ୍ୟ ବିଭାଗେର ଡାକ୍ତରଙ୍କ ଅଭାବ ରୋଗୀସେବାକୁ ଚରମ ବାଧାପ୍ରାପ୍ତ କରିଛି। ମାତ୍ର ଦୁଇଜଣ ଡାକ୍ତର ମେଡିସିନ ବିଭାଗର ରହିଥିବା ବେଳେ ଆହୁରି ଦୁଇଜଣ ଡାକ୍ତରଙ୍କର ଆବଶ୍ୟକ ରହିଛି। ସେହିପରି ଶିଶୁରୋଗ ବିଭାଗେର ମାତ୍ର ଜେଣ ଡାକ୍ତର ଅଛନ୍ତି। ସପ୍ତାହକୁ ମାତ୍ର ଦୁଇଦିନ ଅଲଟ୍ରାସାଉଣ୍ଡ ହେଉଥିବା ବେଳେ ପୂର୍ବପରି ପ୍ରେତ୍ୟକ ଦିନ ଅଲଟ୍ରାସାଉଣ୍ଡ ହେବା ଆବଶ୍ୟକ ବୋଲି ମତପୋଷଣ ହେଇଛି। ଆଇସିୟୁ ମାତ୍ର ସଦେସ ତେଳ ଖୋଲା ଯାଇଥିଲେ ମଧ୍ୟ ଏହା ସେବା ପ୍ରଦାନ କରାଯାଇ ପାରୁନାହିଁ। ସେହିପରି କେନ୍ଦୁଝର ଜିଲ୍ଲା ଏକ ଦୁଘର୍ଟଣାପ୍ରବଣ ଜିଲ୍ଲା ହୋଇଥିବା ବେଳେ ଏଠାରେ ଏମଆରଆଇ ସୁବିଧା ନାହିଁ। ଅଭିଯୋଗ ହେଉଛି ଯେ, ମେଡିକାଲ କେଲଜେର ସବର୍ନିମ୍ନ ସୁବିଧା ରୋଗୀ ପାଉ ନ ଥିବାବେଳେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ରୋଗୀମାନେ ସଠିକ ସେବା ପାଉନାହାନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମିତି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ରୋଗୀ ଚିକିତ୍ସା ଏଠାରେ ବିପର୍ଯ୍ୟସ୍ତ ହୋଇଛି। ଅଭଯୋଗ ହୁଏ ଯେ, ଜନସାଧାରଣଙ୍କ ସବର୍ପ୍ରଥମ ମୌଳିକ ସେବା ମଧ୍ୟରେ ଥିବା ଜିଲ୍ଲାର ସ୍ୱାସ୍ଥ୍ୟ ସେବା ଏବେ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ କାରଣରୁ ଏହି ସମସ୍ୟା ଦ୍ୱିଗୁଣିତ ହେବାରେ ଲାଗିଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜିଲ୍ଲାବାସୀ ତଥା ଜିଲ୍ଲା ବାହାରର ରୋଗୀମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରେର ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଉଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇବା କ୍ଷେତ୍ରେର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମେନ୍ତ ଏଠାରେ ନିୟୋଜିତ ଥିବା ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନଙ୍କ ବହୁ ଅସୁବିଧା ରହିଥିବା ସେତ୍ତ୍ୱ ସେମାନେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ସୂଚନାଯୋଗ୍ୟ ଯେ, ୧୯୧୨ ମସିହାରେ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ପ୍ରତିଷ୍ଠା ହୋଇଥିଲା କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ସେହିଦିନ ଠାରୁ ଅଦ୍ୟାବଧି ବହୁ ଘାତ ପ୍ରତିଘାତ ମଧ୍ୟେର ଚିକିତ୍ସାଳୟଟି ଗତି କରି ଆସୁଥିବାବେଳ ରୋଗୀମାନେ ମଧ୍ୟ ଭିନ୍ନ ଭିନ୍ନ ସମୟେର ଅସୁବିଧା ପାଉଥିବା ନଜିର ରହିଛି। ରୋଗୀମାନେ ଭାଗ୍ୟକୁ ଆଦରି ବିଭିନ୍ନ ୱାର୍ଡ ନିକଟ ବାରଣ୍ଡାରେ ପଡି ରହି ଅତ୍ୟନ୍ତ ବିପଦଜନକ ଭାବେ ଚିକିତ୍ସିତ ହେଉଛନ୍ତି। ରୋଗୀମାନେ କେବଳ ଯେ ବେଡ୍ ନପାଇ ବାରଣ୍ଡାରେ ଚିକିତ୍ସା ହୋଇ ଏକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରୁଛନ୍ତି ତାହା ନୁହେଁ, ଏଠାରେ କାର୍ଯ୍ୟରତ ବିଶେଷଜ୍ଞ ଡାକ୍ତରମାନେ ମଧ୍ୟ ରୋଗୀମାନଙ୍କୁ ଏଭଳି ପରିସ୍ଥିତିରେ ଚିକିତ୍ସା କରିବାରେ ନାକେଦମ୍ ହେବାରେ ଲାଗିଛନ୍ତି। ଏହି ଚିକିତ୍ସାଳୟର ସର୍ଜିକାଲ୍ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗେର ଅପରେସନ୍ ଚାଲିଥିବା ବେଳେ ଅନେକ ସମୟେର ବିଦ୍ୟୁତ ସରବରାହ ବନ୍ଦ ଯୋଗୁଁ ଆଲୋକ ଚାଲି ଯାଇଥାଏ। ମୁଖ୍ୟ ଚିକିତ୍ସାଳୟର ବିଦ୍ୟୁତ ସରବରାହର ସ୍ଥାୟୀତ୍ୱ ପାଇଁ କୌଣସି ପଦେକ୍ଷପ ନିଆଯାଉ ନଥିବା ଯୋଗୁଁ ଡାକ୍ତର, ରୋଗୀ ଓ ଜନସାଧାରଣ ଏହାକୁ ନେଇ ଅସେନ୍ତାଷ ପ୍ରକାଶ କରି ଆସୁଛନ୍ତି। ୱାର୍ଡ ନିକଟ ବାରଣ୍ଡାରେ ରୋଗୀମାନେ ତେଳ ଶୋଇ ଚିକିତ୍ସିତ ହେଉଥିବା ବେଳେ ବାରଣ୍ଡା ଉପେର ପଙ୍ଖାର ବ୍ୟବସ୍ଥା ନିହାତି ଆବଶ୍ୟକ ହୋଇଥିଲେ ସୁଦ୍ଧା ଏହାକୁ ଦୀର୍ଘ ଦିନରୁ ଅଣେଦଖା କରାଯାଇ ଆସୁଥିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା ବୋଲି ବିବେଚନା କରାଯାଉଛି। ତେବେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନେକ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବାବେଳେ ଚିକିତ୍ସା ଅଧିକାରୀଙ୍କଠାରୁ ଆରମ୍ଭ କରି ଏଠାରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀମାନେ ଏହାକୁ ନେଇ ଅସହାୟ ହୋଇ ପଡୁଥିବା ମନେ କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସର୍ବାଙ୍ଗୀନ ଉନ୍ନତି ଓ ଭିତ୍ତିଭୂମିକର ବିକାଶ ପାଇଁ ତ୍ୱରିତ ପଦେକ୍ଷପ ନେବାର ଆବଶ୍ୟକତାକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ବରିଷ୍ଠ ନାଗରିକ ଜୟକୃଷ୍ଣ ପଣ୍ଡା ପ୍ରକାଶ କରିଛନ୍ତି।

# ଓଡ଼ିଶା କଂଗ୍ରେସର ବନ୍ଦ ଡାକରା ସଫଳ







**ଭବାନୀପାଟଣା, (ଭାସ୍କର ନ୍ୟୁଜ୍) :** ଜୁଲାଇ ୧୨ଦିନ ବାଲେଶ୍ୱର ଜିଲ୍ଲା ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ସହ ଘଟିଥିବା ଅଘଟଣ ଓ ସୌମ୍ୟାଙ୍କ କରୁଣ ଆତ୍ମଦାହକୁ ନ୍ୟାୟ ପ୍ରଦାନ ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଓ ସିପିଏମ୍ ସହ ଅନ୍ୟ ଛଅଟି ବାମଦଳଙ୍କ ମିଳିତ ଓଡ଼ିଶା ବନ୍ଦ ଡାକରା କଳାହାଣ୍ଡି ଜିଲ୍ଲାରେ ଅଭୂତପୂର୍ବ ଭାବେ ସଫଳ ହୋଇଥିବା ଦେଖିବାକୁ ମିଳିଛି। ଜିଲ୍ଲାର ସଦର ମହକୁମା ଭବାନୀପାଟଣା ସହର ଓ ଜିଲ୍ଲାର ସମସ୍ତ ୧୩ ଗୋଟିବ୍ଲକ ଓ ତିନୋଟି ଏନ୍ଏସ୍ସି ଅଞ୍ଚଳରେ ଏହି ବନ୍ଦର ପ୍ରଭାବ ବିଶେଷ ଭାବେ ପରିଲକ୍ଷିତ ହୋଇଥିଲା। ବନ୍ଦ ଡାକରାର ମୁଖ୍ୟ ଦଳ କଂଗ୍ରେସ, ସହଯୋଗୀ ସିପିଏମ୍, ସିପିଏମ୍ଏଲ୍ ଆଦି ୭ଟି ବାମଦଳ ମିଳିତ ଭାବରେ ଭାଗ ନେଇଥିବା ବେଳେ ସହରାଞ୍ଚଳର ସମସ୍ତ ଦୋକାନ ବଜାର, ଯାନବାହନ ଚଳାଚଳ ଆଦି ସ୍ୱତପ୍ରବୃତ ଭାବେ ବନ୍ଦ ରହିଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଆଦି ବନ୍ଦ କରାଯିବା ଓ ଯାନବାହାନ ଚଳାଚଳ ଠପ୍ କରାଯିବା ପାଇଁ ବିଭିନ୍ନ ଦଳ ପକ୍ଷରୁ ବହୁ ସ୍ଥାନରେ ପିକେଟିଂ କରୁଥିବା ଦେଖିବାକୁ ମିଳିଥିଲା। ସଦରମହକୁମା ଭବାନୀପାଟଣା ସହରର ବିଭିନ୍ନ କାର୍ଯ୍ୟାଳୟ ଓ ଛକ ଜାଗା ମାନଙ୍କରେ ରାସ୍ତାଘାଟ ବନ୍ଦ କରାଯିବା ଯୋଗୁଁ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଦର ବିଧାୟକ ସାଗର ଚରଣ ଦାସ, ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ, ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଉପସଭାପତି ଉଛବ ସାହୁଙ୍କ ସମେତ ସମାଜବାଦୀ ପାର୍ଟିର ଜିଲ୍ଲା ସଭାପତି ଜଗଦିଶ ପ୍ରମୁଖ ଗେଟ୍ ବନ୍ଦ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ସେହିଭଳି ନକଟିଗୁଡା ଛକରେ ସୁକାନ୍ତ ବିଶି, ସଞ୍ଜୟ ମଲ୍ଲିକ, ସ୍ୱୟଂ ଶାସିତ ମହାବିଦ୍ୟାଳୟ, ପିପଲନାଳା ପାଖରେ ସୁକାନ୍ତି ସରାଫ, ସରୋଜ ବାଗ, ସୁବାଷ ପ୍ରଧାନ, ମନ୍ଦାକିନୀ ବାଣୁଆ ଓ ଅନ୍ୟାନ୍ୟ ନେତା ଓ କର୍ମୀ ମାନେ ବିଭିନ୍ନ ରାସ୍ତା ଅବରୋଧ କରିଥିଲେ। ସିପିଏମ୍ ନେତା ନବ କିଶୋର ପଟ୍ଟନାୟକ ଓ ସନ୍ତୋଷ କୁମାର ମୁଣ୍ଡ ଭବାନୀପାଟଣା ମୁଖ୍ୟସ୍ଥଳୀ ଗାନ୍ଧୀଛକ, ଘୋଡାଘାଟ ଛକଠାରେନେତୃତ୍ୱ ନେଇଥିବା ବେଳେ ମେଡିକାଲ ଛକ, ତହସିଲ ଅଫିସ, ଦୟାନିଧି ଛକ, ମାଣିକେଶ୍ୱରୀ ଛକ, ଅର୍କାବାହାଲି ପଡା ଛକ ପ୍ରମୁଖ ସ୍ଥାନମାନଙ୍କରେ ମହିଳା ନେତ୍ରୀ ମାର୍ଜିନା ପ୍ରଧାନ, ଆଇନଜୀବୀ ସିଦ୍ଧାର୍ଥ ନାୟକ, ଆଇନଜୀବୀ ନିମାଞ୍ଚଳ ନାଏକ, ଇନ୍ଦ୍ରଜିତ୍ ମହାକୁଡ୍, ପ୍ରଶାନ୍ତ ପ୍ରଧାନ, ସୁଦେଶ ନାଏକ, ଦାମୋଦର ମହାରଣାଙ୍କ ସମେତ ବହୁ ରାଜନୈତିକ ଦଳର କର୍ମକର୍ତ୍ତାମାନେ ସାମିଲ ହୋଇ ବନ୍ଦକୁ ସଫଳ କରିବା ସକାଶେ ସହଯୋଗ କରିଥିଲେ ଓ ସହର ପରିକ୍ରମା କରି ବନ୍ଦ ଡାକରାକୁ ସଫଳ କରିବା ସକାଶେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଅନୁରୂପ ଭାବେ ଜିଲ୍ଲାର ଧର୍ମଗଡ, ଜୁନାଗଡ, ମୁଖୀଗୁଡା, କଲମପୁର, କୋକସରା, ଜୟପାଟଣା, କେସିଙ୍ଗା, ନର୍ଲା,ମଦନପୁର ରାମପୁର, ଲାଞ୍ଜିଗଡ, ଥୁଆମୂଳ ରାମପୁର, କର୍ଲାମୁଣ୍ଡା ଆଦି ସ୍ଥାନରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳିତ ହୋଇଥିବା ଖବର ମିଳିଛି।

**ଜୁନାଗଡ଼, (ଭାସ୍କର ନ୍ୟୁଜ୍) :** ସକାଳ ୬ଘଣ୍ଟାରୁ ଜୁନାଗଡ଼ ସହର ସମେତ ପାଖ ଆଖ ଅଞ୍ଚଳରେ ଏହି ବନ୍ଦକୁ ଜୋରଦାର କରାଯାଇଥିଲା। ସହରର ପ୍ରାୟ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମ୍ପୂର୍ଣ୍ଣ ଭାବରେ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ କଂଗ୍ରେସ କାର୍ଯ୍ୟକର୍ତ୍ତା ତଥା ମିଳିତ ଆଠଟି ବାମପନ୍ଥୀ ଦଳ ଶୋଭାଯାତ୍ରା କରିବା ସହ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥଲେ। ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ଯାନ ବାହାନ ଚଳାଚଳ ସମ୍ପୂର୍ଣ ଠପ ହୋଇଯାଇଥିଲା। ଏହି ବନ୍ଦ ଡାକରାରେ କଂଗ୍ରେସରୁ ରାଜ୍ୟ ସଂପାଦକ ଚିତ୍ତ ରଞ୍ଜନ ନିଆଲ, କଂଗ୍ରେସର ବରିଷ୍ଠ ନେତା ତୁଳେଶ୍ୱର ନାଏକ, ବ୍ଲକ ସଭାପତି ପରମେଶ୍ୱର ମଟେଲ, ଟାଉନ ସଭାପତି ଅମିତ ଅଗ୍ରୱାଲ, ବରିଷ୍ଠ ନେତା ପ୍ରଭାତ ଦାଶ, ସିପିଆଇ ନେତା ଦାମ ବେହେରା, ସିପିଆଇରୁ ରାଜାରାମ ଡୋଙ୍ଗରି, ଅକ୍ଷୟ କୁମାର ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ ।

**କେସିଙ୍ଗା, (ଭାସ୍କର ନ୍ୟୁଜ୍) :** କଳାହାଣ୍ଡି ଜିଲ୍ଲା କେସିଙ୍ଗା କଂଗ୍ରେସ ଟାଉନ ସଭାପତି ସୁଭାଷ ଚନ୍ଦ୍ର ଜୈନଙ୍କ ନେତୃତ୍ୱରେ ଗୁରୁବାର କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କେସିଙ୍ଗା ସହରରେ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ରାଜ୍ୟ ସରକାରଙ୍କ ଆପାରଗତା ଓ ଉଦାସୀନତାର ପ୍ରତିବାଦରେ କେସିଙ୍ଗା ଟାଉନ କଂଗ୍ରେସ ପକ୍ଷରୁ କେସିଙ୍ଗା ସହରର ସମସ୍ତ ଦୋକାନ ବଜର ବନ୍ଦ ରହିଥିଲା। କେସିଙ୍ଗା ଅଞ୍ଚଳର ବହୁ ଅନୁଷ୍ଠାନ, ବିଭିନ୍ନ ରାଜନୈତିକ ଦଳ, ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଉଛି। ସହରର ବ୍ଲକ, ଏନଲଏସି, ତହସିଲ ଅଫିସ ସ୍କୁଲ, କଲେଜ ବନ୍ଦ ରହିବା ସମେତ ସମସ୍ତ ବସ, ଟ୍ରକ, ଦୋକାନ ବଜାର, ବ୍ୟବସାୟିକ ବ୍ୟାଙ୍କ, ବନ୍ଦ ରହିଥିବାର ଦେଖିବାକୁ ମିଳିଛି। ଯାନବାହାନ ବନ୍ଦ ରହିବା ଯୋଗୁ ଯାତ୍ରୀ ମାନେ ଅସୁବିଧା ସମ୍ମୁଖୀନ ହେଉ ଥିବାର ଦେଖିବାକୁ ମିଳିଛି। ଏହି ବନ୍ଦ ଡାକରାରେ ପୂର୍ବତନ ନଗର ପାଳ ରାମକୁମାର ଜୈନ, ରାମଜୀ ମାଛ ଖଣ୍ଡିଆ, ପୂର୍ବତନ କଂଗ୍ରେସ ନଗର ସଭାପତି। ଦୟାସାଗର ସାହା, ମହେନ୍ଦ୍ର ନାୟକ, ରାମଲାଲ ସୁନାନି, ବିଜୟ ଦୀପ, ଜ୍ୟୋଷ୍ନାମୟୀ ବଗର୍ତ୍ତି, ଜଗଦୀଶ ଜୈନ, ହରିପ୍ରସାଦ ତାଣ୍ଡି, ରାମଚନ୍ଦ୍ର ସାହା,ଗୁରୁ ବଗର୍ତ୍ତି, ରଜନୀକାନ୍ତ ପୋଢ଼ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ଆଇଆଇସି ପ୍ରଦ୍ୟୁମ୍ନ କୁମାର ମହାପାତ୍ର ଓ ତାଙ୍କ ପୋଲିସ ଦଳ ଉପସ୍ଥିତ ରହି ପ୍ରତ୍ୟେକ ଛକ ଜାଗା ମାନଙ୍କରେ ପଇଁତରା ମାରୁଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣାସ୍ଥଳରେ ଉତ୍ତେଜନା

କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡ଼ା ଗ୍ରାମ ନିକଟରେ ଦୁର୍ଘଟଣା। ବେପରୁଆ ଟ୍ରାକ୍ଟର ଚାଳକର ଅସାବଧାନତା ଯୋଗୁଁ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଫଳରେ ଡାଲାରେ ଥିବା ସେଣ୍ଟ୍ରିଂ ପାଇଁ ଯାଉଥିବା ସାମଗ୍ରୀ ବାଇକ ଚାଳକ ଉପରେ ପଡ଼ିଥିଲା। ବାଇକ ଚାଳକ ଜଣକ ଚାପି ହୋଇଯିବାରୁ ଗୁରୁତର ଆହତ ହୋଇଥିଲେ। ଯୁବକ ଜଣକ ସ୍ଥାନୀୟ ଛିଲିପାମାଲ ଗାଁର ୧୮ ବର୍ଷୀୟ ସୁନିଲ କୁମାର ଖର୍ସେଲ ବୋଲି ଜଣାପଡ଼ିଛି। ଅନ୍ୟ ଜଣେ ନାବାଳକ ମଧ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଗ୍ରାମର ବଳରାମ ଗହୀର, ବିକାଶ ପୁଞ୍ଜି ଓ ଲକ୍ଷ୍ମଣ ଗହୀର ଗୁରୁତରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଯୁବକଙ୍କ ଅବସ୍ଥା ଜଟିଳ ହେବାରୁ ଜିଲ୍ଲା ମୁଖ୍ୟାଳୟ ମେଡିକାଲକୁ ନେଉଥିବା ବାଟରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା।

## ଜମିବାଡି ବିବାଦରୁ ହତ୍ୟା: ଦୁଇ ଭାଇ କୋର୍ଟଚାଲାଣ

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ମହାଲିଙ୍ଗ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଭାଇକୁ ଭାଇ ହତ୍ୟା କରିବା ଘଟଣାରେ ଦୁଇ ଜଣ ଭାଇଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି ପୋଲିସ। ସୂଚନାମତେ ଗତ ମଙ୍ଗଳବାର ଦିନ ମହାଲିଙ୍ଗ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଏକ ହତ୍ୟାକାଣ୍ଡ ଘଟିଥିଲା। ଏହି ଗ୍ରାମର ଗୋକୁଳ କେତକୀ(୪୫) ନିଜ ଚାଷ ଜମିରେ ଚାଷ କାର୍ଯ୍ୟ କରୁଥିବା ବେଳେ ଉକ୍ତ ତିନି ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହି ଗଣ୍ଡଗୋଳ ଏତେ ଉଗ୍ରରୂପ ନେଇଥିଲା ଯେ ନିଜ ବଡ଼ ଭାଇ ଗୋକୁଳ କେତକୀଙ୍କୁ ହତ୍ୟା କରିବା ପାଇଁ ପଛେଇନଥିଲେ ଦୁଇ ଭାଇ। ନିଜ ଚାଷ ଜମିରେ ହିଁ ନିଜ ଭାଇକୁ ଏକ ଟାଙ୍ଗିଆ ସାହାଯ୍ୟରେ ହତ୍ୟା କରିଥିବା ନେଇ ଅଭିଯୁକ୍ତ ଚିତ୍ରସେନ କେତକୀ (୩୭) ଓ ମାୟା କେତକୀ (୪୫) ପୁଲିସ ସମ୍ମୁଖରେ ଦୋଷ ସ୍ୱୀକାର କରିଛନ୍ତି। ଏନେଇ କେଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇ ଦୁଇ ଭାଇ ଚିତ୍ରସେନ ଓ ମାୟାକୁ ପୋଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଥାନାଧିକାରୀ ମୁକୁନ୍ଦ ନାୟକ ସୂଚନା ଦେଇଛନ୍ତି ।

## କାଙ୍କେରୀ ଡିଗ୍ରୀ କଲେଜରେ ବନ ମହୋତ୍ସବ ପାଳିତ




ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ବ୍ଲକ କାଂକେରି ଡିଗ୍ରୀ କଲେଜ ପରିସରରେ ଅଧ୍ୟକ୍ଷ ଗୁପ୍ତେଶ୍ୱର ମେହେରଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ତଥା ଏକ ସଚେତନତାମୂଳକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ କମିଟି ସଭାପତି ଶ୍ରୀ ଦିଗସନ ମଙ୍ଗରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବାସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଅଭିମନ୍ୟୁ ନାଏକ, ପୂର୍ଣ୍ଣଚନ୍ଦ୍ର କୁମାର, ଦେବେନ୍ଦ୍ର ସୁନାନୀ, ଧର୍ମୁ ନାଏକ, କମଳାକାନ୍ତ ଧଙ୍ଗଡ଼ାମାଝୀ, ସ୍ୱିଟି ଧର, କିରାଣୀ ଗୋବର୍ଦ୍ଧନ ନାଏକ, ସ୍ୱେଚ୍ଛାସେବୀ ମହେଶ୍ୱର ସୁନାନୀ, ଖେଳ ଶିକ୍ଷକ ସୁରେଶ ନାଏକ, ଡିଇଓ ମିତ୍ରମଣି ଟୋଲଟିଆ, ଏକତା ପାଢ଼ୀ, ଲବ ନାଏକ, ଜଗନ୍ନାଥ ନାଏକ, ବିବେକ ସା ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିବା ସହ ସାହାଯ୍ୟ ସହଯୋଗ କରିଥିଲେ।

## ଜୁନାଗଡ଼ ସିଟିଜେନ ଫୋରମର ସାଧାରଣ ବୈଠକ

# ବିଭିନ୍ନ ସମସ୍ୟାକୁ ନେଇ ବିଧାୟକଙ୍କୁ ଦାବିପତ୍ର




ଜୁନାଗଡ଼, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ଆର୍ଏମ୍ସି ସଭାଗୃହରେ ସିଟିଜେନ ଫୋରମର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଟିଜେନ ଫୋରମର ସଭାପତି ତଥା ବରିଷ୍ଠ ଓକିଲ ଅଶୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜୁନାଗଡ଼ ସହରର ଅନେକ ମାନ୍ୟ ଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବି, ସମାଜସେବୀ, ସାମ୍ବାଦିକ ଏବଂ ସିଟିଜେନ ଫୋରମ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ଜୁନାଗଡ଼ ସହରର ବିଭିନ୍ନ ସମସ୍ୟା ଓ ତାର ନିରାକରଣ ନିମନ୍ତେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗ ଦେଇ କିଭଳି ଭାବରେ ଜୁନାଗଡ଼ ସହରର ବିକାଶକୁ ଆଗକୁ ନିଆଯାଇ ପାରିବ ତାରି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ସଙ୍ଘର ସଭାପତି ଈଶ୍ୱର ପୁଝାରୀ, ଜୁନାଗଡ଼ ଏନ୍ଏସି ଚେୟାରମ୍ୟାନ ହିମାଦ୍ରୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଜୁନାଗଡ଼ ସିଟିଜେନ ଫୋରମ ତରଫରୁ ପ୍ରମୁଖ ଦାବି ଗୁଡିକ ଯଥା ଜୁନାଗଡ଼ ସହରର ଡ୍ରେନ ସମସ୍ୟା ପାର୍କିଂ ସମସ୍ୟା, ଟ୍ରାଫିକ ସମସ୍ୟା, ପୋଷ୍ଟ ଅଫିସ ନିକଟରେ ପାର୍କିଂ ବ୍ୟବସ୍ଥା, ଟାଉନ ହଲର ଉନ୍ନତି କରଣ ଏଭଳି ଅନେକ ସମସ୍ୟାକୁ କିଭଳି ଦୂର କରାଯାଇ ପାରିବ ତାଉପରେ ବିଧାୟକଙ୍କୁ ଅବଗତ କରାଯାଇଥିଲା ଓ ଏକ ଦାବୀ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୧୯୭୫ରେ ଜରୁରି କାଳୀନ ପରିସ୍ଥିତିରେ ୬ ମାସରୁ ଊର୍ଦ୍ଧ୍ୱ ଧରି ଜେଲ ଦଣ୍ଡଭୋଗୀ ଥିବା ଲୋକତନ୍ତ୍ର ସେନାନୀ ବେଦ ପ୍ରକାଶ ଗୋଏଲ, ଟ୍ରାଫିକ କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ଜୁନାଗଡ଼ ପୋଲିସ ହୋମଗାର୍ଡ ରାଜା ନାଏକ ଏବଂ ୫୦ ବର୍ଷ ଧରି ପେପର ହକର ଭାବେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ କରୁଥିବା ୭୨ ବର୍ଷୀୟ ଉପେନ୍ଦ୍ର କୁଣ୍ଡୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସିଟିଜେନ ଫୋରମର ସମ୍ପାଦକ ବିଜୟ କୁମାର ବେହେରା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ସନ୍ତୋଷ କୁମାର ସିଂହଦେଓ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ସହାୟତା କରିଥିଲେ ସିଟିଜେନ ଫୋରମର ବରିଷ୍ଠ ସଦସ୍ୟ ତଥା ମିଡ଼ିଆ ପ୍ରଭାରୀ ଯୁଗଳ ନାୟକ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ ମଳୟ ମୁଣ୍ଡ।

## ମୃତ ଚାଷୀଙ୍କ ପରିବାରକୁ ଭେଟିଲା ପଣ୍ଡରା ମାଳି ସେବାସଂଘ



କୋକସରା, (ଭାସ୍କର ନ୍ୟୁଜ୍) : ଚାଷ ଜମିରେ ପାଣି ମଡାଇବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗତ ୧୦ ତାରିଖ ଦିନ ମୃତ୍ୟୁବରଣ କରିଥିବା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମର ଚାଷୀ ଧନୁର୍ଯ୍ୟ ମଶ୍ରା ଓ କଛାରପଡାର ଚାଷୀ ଅନିରୁଦ୍ଧ ନାଏକଙ୍କ ପରିବାର ଲୋକଙ୍କୁ ବୁଧବାର କଳାହାଣ୍ଡି ଜିଲ୍ଲା ପାଣ୍ଡରା ମାଳି ସେବା ସଂଘର ଏକ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି। ଏବଂ ମୃତ୍ୟୁବରଣ କରିଥିବା ଉଭୟ ଚାଷୀଙ୍କ ପରିବାର ବର୍ଗଙ୍କୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ରଖିବାକୁ ସମବେଦନା ଜଣାଇବା ସହ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି। ଏବଂ ଉଭୟ ମୃତକଙ୍କ ପରିବାର ବର୍ଗଙ୍କୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ପାଣ୍ଡରା ମାଳି ସେବା ସଂଘ କଳାହାଣ୍ଡି ଜିଲ୍ଲା ସଭାପତି ଈଶ୍ୱର ପୁଝାରୀ, କୁଳପତି ପ୍ରକାଶ ଚନ୍ଦ୍ର ନାଏକ, ପୁର୍ବତନ ଯୁବ ବାହିନୀ ସଭାପତି ତଥା ଆଇନ ପରାମର୍ଶଦାତା ଦୁର୍ଗା ପ୍ରସାଦ ନାଏକ, ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ, ଯୁବ ବାହିନୀ ସମ୍ପାଦକ ଲୋକେଶ ନାଏକ, ଧର୍ମଗଡ଼ ନଗର ଯୁବ ବାହିନୀ ସଭାପତି ସ୍ୱୋମ୍ୟ ରଞ୍ଜନ ନାଏକ, କୋକସରା ବ୍ଲକ ସଭାପତି ବିତ୍ତୁ ନାଏକ, ରତନ ନାଏକ, ଧନଞ୍ଜୟ ମାଝୀ, ଧର୍ମାନନ୍ଦ ନାଏକ, ଚୌଧୁରୀ ନାଏକ, ସେତୁ ରାମ ଭକ୍ତ, ଶ୍ରିକାନ୍ତ ନାଏକ, ସୁବାସ ବୋଡକିଆ, ପରମାନନ୍ଦ ନାଏକ, କବିରାମ ଲିମଗୋଛିଆ ପ୍ରମୁଖ ଉପସ୍ଥିତ ରହିଥିଲେ।


# ବିଶ୍ୱାସ ପରମ୍ପରା: ଗାଁ ଗାଁରେ ରୋଗ ବହେଲେନ ଯାତ୍ରା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଦେବା ଦେବୀଙ୍କ ବିଭିନ୍ନ ଯାତ୍ରା ମଧ୍ୟରୁ ରୋଗ ବହେଲେନ ଯାତ୍ରା ଅନ୍ୟତମ। ଏହା ସ୍ୱତନ୍ତ୍ର ରହିଥିବା ବେଳେ ବହୁ ପୁରାତନରୁ ସାଧାରଣ ଭାବେ ବିଶ୍ୱାସ କରାଯାଏ। ପରମ୍ପରାର ଏକ ଅଂଶ ବିଶେଷ ଭାବେ ଏହି ଯାତ୍ରାକୁ ବିବେଚିତ କରାଯାଏ। ବହେଲେନ ଯାତ୍ରା ଶ୍ରାବଣ ମାସ କୃଷ୍ଣପକ୍ଷ ରେ କରିବା ବ୍ୟବସ୍ଥା ଥିଲେ ହିଁ ବେଳେ ବେଳେ ଶୁକ୍ଳପକ୍ଷରେ ମଧ୍ୟ ହୋଇଥାଏ। ଏହା ଏକ ପ୍ରକାର କୃଷିଭିତ୍ତିକ ଯାତ୍ରା ଓ ବିଶ୍ୱାସ ଆସ୍ଥାର ଯାତ୍ରା ହୋଇଥିବା ଲୋକଙ୍କ ମଧ୍ୟରେ ମତ ପ୍ରକାଶ ପାଏ। ତେବେ ତାର ସଠିକ ପ୍ରମାଣିତ ତଥ୍ୟ ନ ଥିଲେ ହିଁ ବିଭିନ୍ନ ଲୋକଙ୍କ ବିଭିନ୍ନ ମତ ଅନୁଯାୟୀ– ଗାଁରେ ଲାଗି ରହିଥିବା ବିଭିନ୍ନ ପ୍ରକାର ରୋଗ ଦୁର୍ଭିପାକ, କଳା ନଜର ସାଙ୍ଗକୁ ଚାଷ ଜମିରେ ରୋଗପୋକ ନ ଲାଗିବା ମୂଳ ଉଦେଶ୍ୟ ଥିବା କୁହାଯାଏ। ଗାଁର ଠାକୁରାଣୀ ମନ୍ଦିର ଅଥବା ଗାଁ ଦେବତାଙ୍କ ପୀଠରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇ। ଏକ ଡୋଲି ନିର୍ମାଣ କରି ଦେବୀଙ୍କୁ ଆହ୍ୱାନ କରାଯାଏ। ବିଶ୍ୱାସ ଅଛି ଦେବୀ ସେହି ଡୋଲିରେ ଗାଁର ରୋଗ, ମହାମାରୀ, ପର ଦୃଷ୍ଟି କଳା ନଜରକୁ ନେଇ ଯାଇଥାନ୍ତି। ଦୁଇ ଜଣ ସେ ଡୋଲି କୁ ସବାର କରିବା ସହ ଗାଁ ରାସ୍ତା ପରିକ୍ରମା କରିଥାନ୍ତି। ଗାଁ ଲୋକେ ପରିକ୍ରମା ଡୋଲିରେ କିଏ ଦଉଡି ପକାଏ ତ କିଏ ଚାଉଳ, କିଏ ପତ୍ର ତ ପୁଣି କିଏ ନଡ଼ିଆ ଆଦି ପକାଇ ଥାଆନ୍ତି। ସବୁଠି ବଡ଼ ଆଶ୍ଚର୍ଯ୍ୟ ବିଷୟ ସେ ଡୋଲି ଯିବା ସମୟରେ ତା ଆଗକୁ ଯିବା ମନା ରୁହେ। କାଳେ ଡୋଲି ସବାର ରେ ଯାଉଥିବା ରୋଗ ପୋକ ଅବା ଦେବିଙ୍କ ପ୍ରକୋପ ଭୟରେ ବାରଣ କରାଯାଏ। ଶେଷରେ ଗାଁ ମୁଣ୍ଡ ବା ସୀମାନ୍ତରେ ଦେବୀଙ୍କ ପୀଠରେ ଡୋଲାକୁ ସ୍ଥାପନ କରାଯାଏ। ସେଠାରେ ପୂଜାର୍ଚ୍ଚନା କରାଯିବା ସମେତ କୁକୁଡ଼ା ମେଣ୍ଢା ଆଦି ବଳି ଦିଆ ଯାଏ। ଏହି ମାଂସ ମହିଳାଙ୍କୁ ସମ୍ପୂର୍ଣ୍ଣ ବାରଣ ରହିଛି। ଏପରି ସ୍ତ୍ରୀ ରତୁଶ୍ରାବ ହୋଇଥିଲେ ସେହି ପୁରୁଷ ବି ଖାଏବା ମନା ରୁହେ। ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡା ଗ୍ରାମରେ ଶୁକ୍ରବାର ଦିନ ରୋଗ ବହେଲେନ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି।ଗାଁ ଲୋକଙ୍କ ମିଳିତ ରେ ଗାଁ ଠାକୁରାଣୀ ମନ୍ଦିର ପୁଝାରି ପୂଜାର୍ଚ୍ଚନା କରିବା ସହ ଡୋଲି ବାହାରି ଥିଲା। ସିମାନ୍ତ ଗାଁ ସନ୍ଧି ସାଗବାହେଲି ଠାରେ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ହୋଇ ଯାଇଛି। ଦେବୀଙ୍କ କୃପାରେ ଗାଁରେ କୌଣସି ପ୍ରକାର ମହାମାରୀ ଦୁର୍ଭିପାକ ଅଥବା ରୋଗପୋକ ନ ଲାଗିବା ବିଶ୍ୱାସ ଥିବା ଗାଁ ଜୟରାମ ଦୁରିଆ, ବୈଠବ ନାଏକ, ପୁଝାରି ଚକ୍ରଧର ମାଝୀ, ରୁପା ମାଝୀ ମକରନ୍ଦ ଝାଙ୍କର, ଜୟପାଳ ଦୁର୍ଗା, ମୁନ୍ନୀ ମାଝୀ ହୀରାଧର ମାଝୀ ପ୍ରମୁଖ ପ୍ରକାଶ କରନ୍ତି।

## ରାଶିଫଳ


**ଶନିବାର, ୧୯ ଜୁଲାଇ ୨୦୨୫**



**ମେଷ:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। କାର୍ଯ୍ୟ ସହିତ କଠିନ ପରିଶ୍ରମ ପରେ ଭଲ ଫଳାଫଳ ହାସଲ ହେବ।




**ବୃଷ:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ।




**ମିଥୁନ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ।



**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।




**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ।




**କନ୍ୟା:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।




**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ। ଜୀବନ ସାଥୀ ଆପଣଙ୍କ ଜୀବନରେ ଲାଭ ପାଇଁ ବାଟ ଖୋଲିବ।



**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ।



**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।



**ମକର:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ। ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ। ତୁମେ ତୁମର ପ୍ରିୟଙ୍କ ସହିତ ବହୁତ କଥାବାର୍ତ୍ତା କରିବ।



**ମୀନ:** ଖର୍ଚ୍ଚ ବୃଦ୍ଧି ପାଇବ। ଆୟ ସ୍ୱାଭାବିକ ହେବ। ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯